ISSN-0971-8400

# ଯୋଜନା

ଏପ୍ରିଲ୍ ୨୦୧୮ | ବିକାଶମୂଳକ ମାସିକ ପତ୍ରିକା | ୨୨ ଟଙ୍କା

## ଉତ୍ତର-ପୂର୍ବ

**ଉତ୍ତରପୂର୍ବାଞ୍ଚଳର ସମାବେଶୀ ବିକାଶ: ସମସ୍ୟା ଓ ସମାଧାନ**
ସି.କେ. ଦାସ

**ଉତ୍ତରପୂର୍ବାଞ୍ଚଳର ଅର୍ଥନୈତିକ ପରିଦୃଶ୍ୟ**
ମଂଜୁଳା ୱାଧୱା

**ଉତ୍ତର-ପୂର୍ବାଞ୍ଚଳର କୃଷି ଅଭିବୃଦ୍ଧି: ବାଉଁଶ ମିଶନ ଆର୍ଥିକ ସମୃଦ୍ଧିର ଚାବି**
ନିରେନ୍ଦ୍ର ଦେବ

### ବିଶେଷ ପ୍ରବନ୍ଧ

**ଉତ୍ତର-ପୂର୍ବାଞ୍ଚଳରେ ଶାସନଗତ ସମସ୍ୟା**
ନରେଶଚନ୍ଦ୍ର ସକ୍ସେନା

### ଫୋକସ୍

**ଉତ୍ତର ପୂର୍ବ ରାଜ୍ୟ ସମୂହରେ ଦକ୍ଷତା ବିକାଶ**
ଡକ୍ଟ ସଞ୍ଜୀବ ଗର୍ଗ

### ଭିନ୍ନ କଥା

**ଭାରତର ଅଭିବୃଦ୍ଧିରେ ଯାନ୍ତ୍ରିକ ବୌଦ୍ଧିକତା**
ଅଭିକ୍ ସରକାର



# ଜାତୀୟ ପୁଷ୍ଟି ଅଭିଯାନ ଏବଂ ବେଟି ବଚାଓ ବେଟି ପଢ଼ାଓ ଯୋଜନାର ସର୍ବଭାରତୀୟ ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ଉଦ୍‌ଘାଟିତ କଲେ ପ୍ରଧାନମନ୍ତ୍ରୀ




ଆନ୍ତର୍ଜାତିକ ମହିଳା ଦିବସ ଉପଲକ୍ଷେ ଜାତୀୟ ପୁଷ୍ଟି ଅଭିଯାନ ଏବଂ 'ବେଟି ବଚାଓ ବେଟି ପଢ଼ାଓ' ଯୋଜନାର ସର୍ବଭାରତୀୟ ସମ୍ପ୍ରସାରଣ କାର୍ଯ୍ୟକ୍ରମକୁ ପ୍ରଧାନମନ୍ତ୍ରୀ ଶୁଭାରମ୍ଭ କରିଛନ୍ତି । ରାଜସ୍ଥାନର ଝୁନ୍‌ଝୁନ୍‌ଠାରେ ଗତ ମାର୍ଚ୍ଚ ୮ ତାରିଖ ଦିନ ପ୍ରଧାନମନ୍ତ୍ରୀ ଏହି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି । 'ବେଟି ବଚାଓ ବେଟି ପଢ଼ାଓ' ସର୍ବଭାରତୀୟ ସମ୍ପ୍ରସାରଣ



କାର୍ଯ୍ୟକ୍ରମ ଅଧିନରେ ଦେଶର ସମସ୍ତ ୬୪୦ଟି ଯାକ ଜିଲ୍ଲାକୁ ସାମିଲ୍ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଏହି ଅବସରରେ ଉତ୍ତମ ଗୋଷ୍ଠୀ ସହଭାଗିତା ଏବଂ କନ୍ୟା ସନ୍ତାନମାନଙ୍କ ସଶକ୍ତିକରଣ କ୍ଷେତ୍ରରେ ଉତ୍ତମ ପ୍ରଦର୍ଶନ କରିଥିବା ୧୦ଟି ଜିଲ୍ଲାକୁ ମଧ୍ୟ ପ୍ରଧାନମନ୍ତ୍ରୀ ପୁରସ୍କୃତ କରିଥିଲେ ।

ପୁଅମାନଙ୍କ ଶିକ୍ଷା ଭଳି ବାଳିକାମାନଙ୍କୁ ମଧ୍ୟ ଗୁଣାତ୍ମକ ଶିକ୍ଷା ପ୍ରଦାନ କରାଯିବା ଉପରେ ପ୍ରଧାନମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ । କନ୍ୟା ସନ୍ତାନମାନେ କୌଣସି ବୋଝ ନୁହଁନ୍ତି କହିବା ସହିତ ସେ କହିଥିଲେ ଯେ ଆମ ଦେଶ ପାଇଁ ଆମର କନ୍ୟା ସନ୍ତାନମାନେ ବିଭିନ୍ନ କ୍ଷେତ୍ରରେ ଦକ୍ଷତା ପ୍ରଦର୍ଶନ କରି ସମ୍ମାନ ଆଣୁଛନ୍ତି । 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମର ତୃତୀୟ ବାର୍ଷିକୀ ଉପଲକ୍ଷେ ପ୍ରଧାନମନ୍ତ୍ରୀ ବିଭିନ୍ନ ଜିଲ୍ଲାରେ ଏହି କାର୍ଯ୍ୟକ୍ରମର ସୁପରିଚାଳନା ସମ୍ପର୍କିତ ଫଟୋ ସମ୍ବଳିତ ଏକ ପୁସ୍ତକକୁ ବିମୋଚନ କରିଥିଲେ ।

ଏହି ଅବସରରେ ୨୦୧୫ ଜାନୁଆରୀ ମାସରେ 'ବେଟି ବଚାଓ ବେଟି ପଢ଼ାଓ' ଅଭିଯାନର ଶୁଭାରମ୍ଭ ହେବା ପରେ ରାଜସ୍ଥାନରେ ଜନ୍ମ ନେଇଥିବା ପ୍ରାୟ ୨୦୦ ଜଣ କନ୍ୟା ସନ୍ତାନଙ୍କ ସହିତ ପ୍ରଧାନମନ୍ତ୍ରୀ ବାର୍ତ୍ତାଳପ କରିଥିଲେ ।

ହେଲ୍‌ଥ ମ୍ୟାନେଜ୍‌ମେଣ୍ଟ ଇନ୍‌ଫର୍ମେସନ୍ ବ୍ୟବସ୍ଥା ଜରିଆରେ ମିଳିଥିବା ତଥ୍ୟ ଅନୁଯାୟୀ ବର୍ତ୍ତମାନ ଦେଶରେ ଲିଙ୍ଗ ଅନୁପାତରେ ଉନ୍ନତି ଦେଖାଦେଇଛି । ବିଭିନ୍ନ ରାଜ୍ୟ ଏବଂ ଜିଲ୍ଲାଗୁଡ଼ିକର ସକ୍ରିୟ ସହଭାଗିତା ଯୋଗୁଁ ଏହି କାର୍ଯ୍ୟକ୍ରମ ଉତ୍ତମ ଫଳ ପ୍ରଦାନ କରିପାରିଛି ବୋଲି ସୂଚନା ମିଳିଛି । ମିଳିଥିବା ତଥ୍ୟନୁଯାୟୀ ୨୦୧୪-୧୫ ମସିହାରେ ଜନ୍ମ ସମୟରେ ଲିଙ୍ଗ ଅନୁପାତ ୯୧୮ ଥିବାବେଳେ ୨୦୧୬-୧୭ ମସିହାରେ ଏହା ୯୨୬କୁ ବୃଦ୍ଧି ପାଇଛି । ଏଭଳି ସଫଳତାରେ ଅନୁପ୍ରେରିତ ହୋଇ ଏହି କାର୍ଯ୍ୟକ୍ରମଟିକୁ ଏକ ସର୍ବଭାରତୀୟ କାର୍ଯ୍ୟକ୍ରମ ଭାବେ ଲାଗୁ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି । ୨୦୧୭-୧୮ ମସିହାରେ 'ବେଟି ବଚାଓ ବେଟି ପଢ଼ାଓ' କାର୍ଯ୍ୟକ୍ରମ ପାଇଁ ଆବଣ୍ଟିତ ରାଶିକୁ ବୃଦ୍ଧି କରାଯାଇ ୨୦୧୯-୨୦ ମସିହା ପାଇଁ ୧୧୩୨.୫ କୋଟି ଟଙ୍କା କରାଯାଇଛି ।

ଏପ୍ରିଲ୍ ୨୦୧୮

# ଯୋଜନା

ଯୁଗ୍ମନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା
ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଚ୍ଛଲ
ସଂପାଦକ ଓ ଉପନିର୍ଦ୍ଦେଶକ : ଡକ୍ଟର ଗିରିଶ ଚନ୍ଦ୍ର ଦାଶ

ପଞ୍ଚବିଂଶ ବର୍ଷ / ସପ୍ତମ ସଂଖ୍ୟା

## ଏ ସଂଖ୍ୟାରେ...


| ବିଷୟ / ଲେଖକ | ପୃଷ୍ଠା |
|---|---|
| ● ସମ୍ପାଦକୀୟ | ୦୪ |
| ● ଉତ୍ତରପୂର୍ବାଞ୍ଚଳର ସମାବେଶୀ ବିକାଶ : ସମସ୍ୟା ଓ ସମାଧାନ | |
| *ସି.କେ. ଦାସ* | ୫ |
| ● ଉତ୍ତରପୂର୍ବାଞ୍ଚଳର ଅର୍ଥନୈତିକ ପରିଦୃଶ୍ୟ | |
| *ମଂଜୁଳା ୱାଧୱା* | ୯ |
| ● ଉତ୍ତର-ପୂର୍ବାଞ୍ଚଳର କୃଷି ଅଭିବୃଦ୍ଧି : ବାଉଁଶ ମିଶନ ଆର୍ଥିକ ସମୃଦ୍ଧିର ଚାବି | |
| *ନିରେନ୍ଦ୍ର ଦେବ* | ୧୬ |
| ● ଭିନ୍ନକଥା : ଭାରତର ଅଭିବୃଦ୍ଧିରେ ଯାନ୍ତ୍ରିକ ବୌଦ୍ଧିକତା | |
| *ଅଭିକ୍ ସରକାର* | ୩୦ |
| ● ନୂଆଭାରତ ଓ ନୂଆ ରେଳବାଇ: ବଜେଟ ଏବଂ ଦୂରଦୃଷ୍ଟି | |
| *ଡ. ଶଶିକଳା ପୁଷ୍ପା, ଡଃ ବି. ରାମସ୍ୱାମୀ* | ୩୩ |
| ● ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହ: ସାମାଜିକ ସାଂସ୍କୃତିକ ନିସଙ୍ଗତାର ଅସଲ କାହାଣୀ | |
| *ଡକ୍ଟର ସରୋଜ କୁମାର ରଥ, ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ* | ୩୯ |
| ● ମୁଖ୍ୟଧାରାରେ ଉତ୍ତର-ପୂର୍ବାଞ୍ଚଳ | |
| *ଏସ୍.କେ. ଚିରୁ* | ୪୬ |
| ● ଶିକ୍ଷା ପାଇଁ ବଜେଟ୍ ଆବଣ୍ଟନ | |
| *ଶୈଳେନ୍ଦର ଶର୍ମା, ଡକ୍ଟର ଶଶିରଞ୍ଜନ ଝା* | ୫୦ |
| ● ଆପଣ ଜାଣନ୍ତି କି ? | ୫୨ |
| ● ସାମ୍ପ୍ରତିକୀ | ୫୪ |

**ଫୋକସ୍**
ଉତ୍ତର ପୂର୍ବ ରାଜ୍ୟ ସମୂହରେ ଦକ୍ଷତା ବିକାଶ
ଇବୁ ସଞ୍ଜୀବ ଗର୍ଗ: ୨୬

**ବିଶେଷ ପ୍ରବନ୍ଧ**
ଉତ୍ତର-ପୂର୍ବାଞ୍ଚଳରେ ଶାସନଗତ ସମସ୍ୟା
ନରେଶଚନ୍ଦ୍ର ସକ୍ସେନା: ୨୦



*Editor*
**YOJANA (ODIA)**
C/O : Public Relations Officer
CRPF, New Delhi

Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@gmail.com
Ph. : 011-26100207


ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।

ସମ୍ପାଦକୀୟ

# ଉତ୍ତର-ପୂର୍ବାଞ୍ଚଳର ପୁନଃ ସଶକ୍ତିକରଣ

ଉତ୍ତର-ପୂର୍ବାଞ୍ଚଳ କଥା ଭାବିଲେ କାଜିରଙ୍ଗାର ଗଣ୍ଡାର, ମେଘାଳୟର ମେଘମାଳା, ବାଉଁଶ ତିଆରି ବିଭିନ୍ନ ଜିନିଷ ଏବଂ ଅତି ସୁନ୍ଦର ହାତକରଘା ବସ୍ତ୍ର, ଜଙ୍ଗଲି ଫୁଲ ଏବଂ ଚା' ବଗିଚା କଥା ମନକୁ ଆସେ। ଏହାସହିତ ଆମେ ବିଦ୍ୟାଳୟ ଓ ମହାବିଦ୍ୟାଳୟରେ ପଢୁଥିବାବେଳେ ଉତ୍ତର-ପୂର୍ବାଞ୍ଚଳର ଆମ ସାଙ୍ଗମାନଙ୍କ କଥା ମଧ୍ୟ ମନକୁ ଆସିଥାଏ, ଯେଉଁମାନଙ୍କ ସହିତ ଆମେ ମିଳାମିଶା କରୁଥିଲୁ।

କିନ୍ତୁ ଉତ୍ତର-ପୂର୍ବାଞ୍ଚଳ କହିଲେ କେବଳ ମନଲୋଭା ପର୍ଯ୍ୟଟନ କେନ୍ଦ୍ର, ଅତି ସୁନ୍ଦର ହାତ ତିଆରି ବସ୍ତ୍ର କିମ୍ବା ହାତ ତିଆରି ବିଭିନ୍ନ ଜିନିଷ ଓ ବନ୍ଧୁ ଭାବାପନ୍ନ ବ୍ୟକ୍ତି ନୁହେଁ। ଏହି ଅଞ୍ଚଳର ସ୍ୱତନ୍ତ୍ର ପରିଚୟ ରହିଛି। ଏହାର ଭୌଗୋଳିକ ଅବସ୍ଥିତି ଯୋଗୁଁ ଏହା ଦେଶର ଅନ୍ୟାନ୍ୟ ଅଞ୍ଚଳ ଠାରୁ ଭିନ୍ନ ଭାବେ ପ୍ରତୀୟମାନ ହୁଏ। ଉତ୍ତର-ପୂର୍ବାଞ୍ଚଳର 'ସାତ ଭଉଣୀ' ଏବଂ ସିକିମ୍ ମିଶି ଏକ ସ୍ୱତନ୍ତ୍ର ସଂସ୍କୃତି ଏବଂ ପରିଚୟକୁ ଜନ୍ମ ଦେଇଛନ୍ତି। ଆସାମ, ମେଘାଳୟ, ତ୍ରିପୁରା, ମିଜୋରାମ, ନାଗାଲାଣ୍ଡ, ଅରୁଣାଚଳ ପ୍ରଦେଶ, ମଣିପୁର ଓ ସିକିମ୍ ଏ ସମସ୍ତଙ୍କୁ ମିଶାଇ ଗୋଟିଏ ଅଞ୍ଚଳ ଭାବେ ବିବେଚନା କରାଯାଏ। ଏପରିକି ବଜେଟ୍ ଆବଣ୍ଟନ ଓ ଭିତ୍ତିଭୂମି ସୁବିଧା ସୁଯୋଗ କ୍ଷେତ୍ରରେ ମଧ୍ୟ ଏହି ୮ଟିଯାକ ରାଜ୍ୟକୁ ଗୋଟିଏ ଅଞ୍ଚଳ ବୋଲି ବିବେଚନା କରାଯାଏ। ଏହି ଦୃଷ୍ଟିରୁ ଏହି ଅଞ୍ଚଳ ଦେଶର ଅନ୍ୟାନ୍ୟ ଅଞ୍ଚଳ ଠାରୁ ଭିନ୍ନ ଏବଂ ସ୍ୱତନ୍ତ୍ର ବୋଲି ମନେହୁଏ।

ଏହାର ଭୌଗୋଳିକ ଅବସ୍ଥିତି ଏବଂ ଦେଶର ଅନ୍ୟ ଅଞ୍ଚଳଠାରୁ ଭିନ୍ନ ବୋଲି ଭାବିବା ମନୋଭାବ ଯୋଗୁଁ ଏହି ଅଞ୍ଚଳରେ ଅନଗ୍ରସରତା ଏପର୍ଯ୍ୟନ୍ତ ରହିଛି ଏବଂ ବିଭିନ୍ନ କ୍ଷେତ୍ରରେ ବିକାଶ ମଧ୍ୟ ଆଖିଦୃଶିଆ ହୋଇପାରିନାହିଁ। ସ୍ୱଳ୍ପ କୃଷି ଉତ୍ପାଦକତା, ସ୍ୱଳ୍ପ କୃଷି ଋଣ, ଔଦ୍ୟୋଗିକ ଖାଲିପଣ, ଭିତ୍ତିଭୂମି ଅଭାବ- ଏସବୁ ଜିନିଷଗୁଡ଼ିକ ସମ୍ପୃକ୍ତ ଅଞ୍ଚଳର ଆର୍ଥିକ ଅନ୍ତର୍ଭୁକ୍ତିକରଣ ପଥରେ ଅନ୍ତରାୟ ସୃଷ୍ଟି କରିଛି। ତେବେ ଏହି ଅଞ୍ଚଳର ବିକାଶ ପାଇଁ ବିଭିନ୍ନ ସମୟରେ ସରକାର ବହୁବିଦ୍ଧ ପଦକ୍ଷେପ ନେଇ ଆସୁଛନ୍ତି। ବର୍ତ୍ତମାନର ସରକାର ମଧ୍ୟ 'ଆକ୍ଟ ଇଷ୍ଟ' ନୀତି ଜରିଆରେ ଉତ୍ତର-ପୂର୍ବାଞ୍ଚଳର ବିକାଶ ପାଇଁ ବିଭିନ୍ନ ସମ୍ଭାବନା ସୃଷ୍ଟି କରିଛନ୍ତି। ମେଘାଳୟର ମେଣ୍ଡି ପଥରଠାରୁ ଆସାମର ଗୌହାଟି ପର୍ଯ୍ୟନ୍ତ ପ୍ରଥମ ରେଳ ଚଳାଚଳ ବ୍ୟବସ୍ଥା, ଓଏନ୍‌ଜିସି ତ୍ରିପୁରା କମ୍ପାନି ଲିମିଟେଡ୍ ପାୱାରପ୍ଲାଣ୍ଟ୍ ପ୍ରକଳ୍ପର ତୃତୀୟ ୟୁନିଟ୍‌ର ଲୋକାର୍ପଣ, ଆସାମସ୍ଥିତ ଭାରତର ଦୀର୍ଘତମ ୯.୧୫ କିଲୋମିଟର ବିଶିଷ୍ଟ ଢୋଲା-ସାଦିଆ ନଦୀବନ୍ଧ, ଗୌହାଟି ଠାରେ ଆଇଆଇଆଇଟି ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ ଆଦି କାର୍ଯ୍ୟ ଯୋଗୁଁ ଉତ୍ତର ପୂର୍ବାଞ୍ଚଳର ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ସମ୍ପୃକ୍ତ ଅଞ୍ଚଳ ପାଇଁ ବଜେଟ୍ ଆବଣ୍ଟନକୁ ମଧ୍ୟ ବୃଦ୍ଧି କରାଯାଇ ୪୮ ହଜାର କୋଟି ଟଙ୍କା ଖର୍ଚ୍ଚ କରିବାର ଲକ୍ଷ୍ୟ ରଖାଯାଇଛି।

ଉତ୍ତର-ପୂର୍ବାଞ୍ଚଳର ମୁଖ୍ୟ ପେଷା ହେଉଛି କୃଷି। ତେବେ ସ୍ୱଳ୍ପ କୃଷି ଉତ୍ପାଦକତା ଏବଂ ଝୁମ୍ ଚାଷ ଭଳି ପାରମ୍ପରିକ ଚାଷ ପଦ୍ଧତି ଯୋଗୁଁ ସମ୍ପୃକ୍ତ ଅଞ୍ଚଳରେ ଜୀବନଧାରଣ ପାଇଁ ଏକ ସମସ୍ୟା ସୃଷ୍ଟି ହୋଇଛି। ଏହି ପରିସ୍ଥିତିରୁ ମୁକୁଳିବା ପାଇଁ ସରକାର ୧୨୯୦ କୋଟି ଟଙ୍କା ବିନିଯୋଗରେ ସେଠାରେ ଏକ ଜାତୀୟ ବାଉଁଶ ଅଭିଯାନ ଆରମ୍ଭ କରିଛନ୍ତି। ଏହାଦ୍ୱାରା ବାଉଁଶର ସର୍ବାଙ୍ଗୀଣ ବିକାଶ ସାଧିତ ହୋଇପାରିବ।

ଏହି ଅଞ୍ଚଳର ଅନ୍ୟଏକ ସମସ୍ୟା ହେଲା ଯୋଗାଯୋଗ। ଏଠାରେ ରେଳ ଏବଂ ସଡ଼କ ଯାତାୟତ ବ୍ୟବସ୍ଥା ସେତେ ଭଲ ନୁହଁ। ତା' ସହିତ ଆକାଶ ମାର୍ଗରେ ଯାତାୟତ ବ୍ୟବସ୍ଥା ମଧ୍ୟ ନଗଣ୍ୟ କହିଲେ ଚଳେ। ଏସବୁ ଦୃଷ୍ଟିରୁ ସାମଗ୍ରୀ ଓ ସେବା ପରିବହନ କ୍ଷେତ୍ରରେ ଅସୁବିଧା ଦେଖା ଦେଇଥାଏ। ତେବେ ବର୍ତ୍ତମାନ ସରକାର ୨୦୧୪-୨୦୧୯ ମଧ୍ୟରେ ଯୋଗାଯୋଗ ବ୍ୟବସ୍ଥାର ସୁଦୃଢ଼ୀକରଣ ପାଇଁ ପ୍ରାୟ ୨ ଲକ୍ଷ କୋଟି ଟଙ୍କା ଆବଣ୍ଟନ କରିଛନ୍ତି। ଏହା ସହିତ ଭିତ୍ତିଭୂମିର ବିକାଶ ପାଇଁ ୫୮୮୬ କୋଟି ଟଙ୍କା ମଧ୍ୟ ଆବଣ୍ଟନ କରିଛନ୍ତି। ଏତଦ୍‌ବ୍ୟତୀତ ଉତ୍ତର-ପୂର୍ବାଞ୍ଚଳରେ ୫୦ଟି ବିମାନବନ୍ଦରର ପୁନରୁଦ୍ଧାର ପାଇଁ ୧୦୧୪ କୋଟି ଟଙ୍କାର ବ୍ୟବସ୍ଥା ମଧ୍ୟ କରିଛନ୍ତି। ଏହି କାରଣ ଯୋଗୁଁ ଉତ୍ତର-ପୂର୍ବାଞ୍ଚଳ ସମେତ ପଡ଼ୋଶୀ ମିଆଁମାର, ଭୂଟାନ ଏବଂ ବାଂଲାଦେଶ ସହିତ ମଧ୍ୟ ଏ ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥା ସୁଦୃଢ଼ ହୋଇପାରିବ। ସେହିପରି ସୌରଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ୨୩୪ କୋଟି ଟଙ୍କା ସମେତ ଉତ୍ତର-ପୂର୍ବାଞ୍ଚଳରେ ଅନ୍ୟାନ୍ୟ ଶକ୍ତି ପ୍ରକଳ୍ପ ସ୍ଥାପନ ପାଇଁ ୧୨୯୨ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି।

ଶିକ୍ଷା ଏବଂ ଦକ୍ଷତା ବୃଦ୍ଧି ସୁଯୋଗର ଅଭାବ ଯୋଗୁଁ ଉତ୍ତର ପୂର୍ବାଞ୍ଚଳର ଯୁବପିଢ଼ି ଦେଶର ଅନ୍ୟତ୍ର ଯାଇ ସେମାନଙ୍କ ଉଦ୍ଦେଶ୍ୟ ସାଧିତ କରୁଛନ୍ତି। ସେହିପରି ଏଠାରେ ନିଯୁକ୍ତି ସୁଯୋଗର ଅଭାବ ଯୋଗୁଁ ମଧ୍ୟ ସେଠାକାର ଯୁବପିଢ଼ି ଦେଶର ଅନ୍ୟତ୍ର ଜୀବିକା ସନ୍ଧାନ କରିବା ପାଇଁ ବାଧ୍ୟ ହେଉଛନ୍ତି। ତେବେ ନିଯୁକ୍ତି ସୃଷ୍ଟି ଅଭିଯାନ, ଆସାମର ଆସାମ ରାଜ୍ୟ ଜୀବିକା ମିଶନ ଏବଂ ମେଘାଳୟ ରାଜ୍ୟ ଦକ୍ଷତା ବୃଦ୍ଧି ସଂସ୍ଥା ଭଳି ଅନୁଷ୍ଠାନଗୁଡ଼ିକର ପ୍ରତିଷ୍ଠା ହେବା ଯୋଗୁଁ ଉତ୍ତର-ପୂର୍ବାଞ୍ଚଳର ଯୁବପିଢ଼ିଙ୍କ ପାଇଁ ନୂତନ ସମ୍ଭାବନା ସୃଷ୍ଟି ହୋଇପାରିଛି। ଏଭଳି ବିଭିନ୍ନ ପଦକ୍ଷେପ ଯୋଗୁଁ ସମ୍ପୃକ୍ତ ଅଞ୍ଚଳର ଯୁବପିଢ଼ିଙ୍କୁ ସେହିଠାରେ ମଧ୍ୟ ନିଯୁକ୍ତି ସୁଯୋଗ ମିଳିପାରିବ। ଏହାଦ୍ୱାରା ସେମାନଙ୍କୁ ଦେଶାନ୍ତର ଗମନ ପାଇଁ ବାଧ୍ୟ ହେବାକୁ ପଡ଼ିବ ନାହିଁ।

ଉତ୍ତର-ପୂର୍ବାଞ୍ଚଳର ମହିଳାମାନଙ୍କ ସାମାଜିକ ଅବସ୍ଥା ସେତେ ଭଲନୁହଁ। ସେଠାରେ କୌଣସି ଆର୍ଥିକ ବିଷୟରେ ମହିଳାମାନଙ୍କ ନିଷ୍ପତ୍ତିକୁ ହତୋତ୍ସାହିତ କରାଯାଇଥାଏ। ତେବେ ସମ୍ପୃକ୍ତ ଅଞ୍ଚଳରେ ସ୍ୱୟଂସହାୟକ ଗୋଷ୍ଠୀଗୁଡ଼ିକୁ ସୃଷ୍ଟି କରାଯାଇ ମହିଳା ସଶକ୍ତିକରଣ ପାଇଁ ପ୍ରୟାସ ଚାଲିଛି। ସେଠାରେ ପାହାଡ଼ିଆ ଅଞ୍ଚଳ ପାଇଁ ଉତ୍ତର-ପୂର୍ବାଞ୍ଚଳ ଗୋଷ୍ଠୀ ସମ୍ବଳ ପରିଚାଳନା ପ୍ରକଳ୍ପ ଏବଂ ପ୍ରାକୃତିକ ସମ୍ବଳ ପରିଚାଳନା ଦଳ ଭଳି ପଦକ୍ଷେପ ଜରିଆରେ ଲିଙ୍ଗଗତ ସଶକ୍ତିକରଣ ପାଇଁ ପ୍ରୟାସ ଜାରିରହିଛି।

ଉତ୍ତର-ପୂର୍ବାଞ୍ଚଳ ସମାଜର ବିଭିନ୍ନ ବର୍ଗଙ୍କ ବିକାଶ ପାଇଁ ନିଆଯାଉଥିବା ଏଭଳି ନୂତନ ପଦକ୍ଷେପ ଯୋଗୁଁ ସମ୍ପୃକ୍ତ ଅଞ୍ଚଳ ଦେଶର ବିକାଶ ପ୍ରକ୍ରିୟାରେ ଓତଃପ୍ରୋତ ଭାବେ ସାମିଲ୍ ହୋଇପାରିବ ବୋଲି ଆଶା କରାଯାଏ। ଏହାଦ୍ୱାରା ଉତ୍ତର-ପୂର୍ବାଞ୍ଚଳର ଜନସାଧାରଣଙ୍କୁ ବିକାଶ ଦୃଷ୍ଟିରୁ ହେଉ ବା ସାଂସ୍କୃତିକ ଦୃଷ୍ଟିରୁ ହେଉ, ଦେଶର ଅନ୍ୟ ଅଞ୍ଚଳ ଠାରୁ ଭିନ୍ନ ବୋଲି ଆଉ ବିବେଚନା କରାଯାଇପାରିବ ନାହିଁ।

# ଉତ୍ତରପୂର୍ବାଞ୍ଚଳର ସମାବେଶୀ ବିକାଶ : ସମସ୍ୟା ଓ ସମାଧାନ

● ସି.କେ. ଦାସ

ଭାରତର ଉତ୍ତରପୂର୍ବାଞ୍ଚଳ ଅରୁଣାଚଳପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲାଣ୍ଡ, ସିକ୍କିମ ଓ ତ୍ରିପୁରା ଆଦି ଆଠଟି ରାଜ୍ୟକୁ ନେଇ ଗଠିତ। ଏହାର ମୋଟ ଭୌଗୋଳିକ ଅଞ୍ଚଳ ୨୬୨୧୭୯ ବର୍ଗ କିଲୋମିଟର। ଏହି ସମଗ୍ର ଅଞ୍ଚଳଟି ଆୟତନରେ ରାଜସ୍ଥାନ, ମଧ୍ୟପ୍ରଦେଶ ଓ ମହାରାଷ୍ଟ୍ର ଭଳି ବଡ଼ ବଡ଼ ରାଜ୍ୟଠାରୁ ମଧ୍ୟ ଛୋଟ। ସମଗ୍ର ଉତ୍ତରପୂର୍ବାଞ୍ଚଳ ଭାରତୀୟ ମୂଳ ଭୂଖଣ୍ଡ ସହ ଏକ ଅଣଓସାରିଆ ଭୂମି ପଥ ଦ୍ୱାରା ସମ୍ପୃକ୍ତ ଯାହାକୁ 'ଚିକେନ୍ ନେକ୍' ବୋଲି କୁହାଯାଏ। ଏହି ସଂଯୋଗ ପଥ ପଶ୍ଚିମବଙ୍ଗର ସିଲିଗୁଡ଼ି ନିକଟରେ ଅବସ୍ଥିତ। ଭାରତର ଉତ୍ତରପୂର୍ବାଞ୍ଚଳ ପାଞ୍ଚଟି ଦେଶ ଦ୍ୱାରା ପରିବେଷ୍ଟିତ। ଏସବୁ ଦେଶ ହେଲେ ବାଂଲାଦେଶ, ଭୁଟାନ, ଚୀନ, ନେପାଳ ଓ ମ୍ୟାଁମାର। ଉତ୍ତରପୂର୍ବାଞ୍ଚଳର ମାତ୍ର ୩୦ ରୁ ୩୫ ଶତାଂଶ ଅଞ୍ଚଳ ସମତଳ ଏବଂ ଏହା ମୁଖ୍ୟତଃ ବାରକ, ବ୍ରହ୍ମପୁତ୍ର ଓ ଇମ୍ଫାଲ ଉପତ୍ୟକାରେ ରହିଛି। ଅବଶିଷ୍ଟ ଅଞ୍ଚଳ ପାହାଡ଼ିଆ। ଉତ୍ତରପୂର୍ବାଞ୍ଚଳର ତିନିଚତୁର୍ଥାଂଶ ଏଯାବତ ଭୂ-ରାଜସ୍ୱ ସର୍ବେକ୍ଷଣ ବା କାଡାଷ୍ଟ୍ରାଲ ସର୍ଭେର ଅନ୍ତର୍ଭୁକ୍ତ ହୋଇପାରିନାହିଁ। ସର୍ଭେ ହୋଇପାରି ନ ଥିବା ବ୍ୟାପକ ଅଞ୍ଚଳର ଉପଯୁକ୍ତ ଏବଂ ପ୍ରମାଣସିଦ୍ଧ ଭୂମି ରେକର୍ଡ ନ ଥିବାରୁ ଜମିର ବ୍ୟକ୍ତିଗତ ମାଲିକାନା ସଂକ୍ରାନ୍ତ ତଥ୍ୟ ମିଳେ ନାହିଁ।

ଉତ୍ତର ପୂର୍ବର ଇଲାକା ଅନୁପାତରେ ଏହା ଜନସଂଖ୍ୟା ଗତ ଶତାବ୍ଦୀରୁ ଅସ୍ୱାଭାବିକ ଭାବେ ବୃଦ୍ଧି ପାଉଛି। ୧୯୦୧ରେ ଭାରତର ଜନସଂଖ୍ୟା ୨୯ କୋଟିରୁ ଅଧିକ ଥିବାବେଳେ ସମଗ୍ର ଉତ୍ତରପୂର୍ବାଞ୍ଚଳର ଲୋକସଂଖ୍ୟା ଥିଲା ପ୍ରାୟ ୪୪ ଲକ୍ଷ। ୨୦୧୧ରେ ଏହି ଅଞ୍ଚଳର ଜନସଂଖ୍ୟା ୪୫୦ ଲକ୍ଷରେ ପହଞ୍ଚିଥିଲା। ଅପରପକ୍ଷରେ ୧୯୦୧ରେ ଭାରତର ଜନସଂଖ୍ୟାରେ ୧୫୬ କୋଟି ବୃଦ୍ଧି ଘଟିଥିଲା ଯେଉଁଥିରେ ଭାରତର ୧୨୧ କୋଟି, ପାକିସ୍ତାନର ୧୮କୋଟି ଓ ବାଂଲାଦେଶର ୧୬କୋଟି ଲୋକସଂଖ୍ୟା ଅନ୍ତର୍ଭୁକ୍ତ। ଏଥିରୁ ଜଣାପଡୁଛି ଯେ ୧୯ରୁ ୨୦୧୧ ମଧ୍ୟରେ ଭାରତର ଜନସଂଖ୍ୟା ୫.୪ ଗୁଣ ବଢ଼ିଥିବାବେଳେ ସେହି ସମୟ ମଧ୍ୟରେ ଉତ୍ତରପୂର୍ବାଞ୍ଚଳର ଲୋକସଂଖ୍ୟା ଦଶଗୁଣରୁ ଅଧିକ ବଢ଼ିଛି। ଆଖପାଖ ଦେଶରୁ ନିରବଚ୍ଛିନ୍ନ ଭାବେ ଲୋକେ ଏହି ଅଞ୍ଚଳକୁ ପଳାଇ ଆସି ବସବାସ କରୁଥିବାରୁ ଉତ୍ତରପୂର୍ବାଞ୍ଚଳର ଲୋକସଂଖ୍ୟା ମାତ୍ରାଧିକ ଭାବେ ବୃଦ୍ଧି ପାଉଛି। ଏହା ଫଳରେ ଏହି ଅଞ୍ଚଳରେ ହାରାହାରି ଜମି ମାଲିକାନା ଆକାର ମୁଣ୍ଡପିଛା ମାତ୍ର ଏକ ହେକ୍ଟର।

ଉତ୍ତରପୂର୍ବାଞ୍ଚଳରେ ସବୁଠୁ ଅଧିକ ବୃଷ୍ଟିପାତ ହୋଇଥାଏ ଏବଂ ବ୍ରହ୍ମପୁତ୍ର ଏହି ଇଲାକାର ସର୍ବବୃହତ୍ ନଦୀ। ବ୍ରହ୍ମପୁତ୍ର ବ୍ୟତୀତ ଏହାର ସତୁରୀରୁ ଅଧିକ ଉପନଦୀ ଏହି ଅଞ୍ଚଳରେ ପ୍ରବାହିତ। ଏହି ଅଞ୍ଚଳରେ ବାର୍ଷିକ ବୃଷ୍ଟିପାତ ପରିମାଣ ୨୫୦୦ ମିଲିମିଟର। ବ୍ରହ୍ମପୁତ୍ର ନଦୀର ଆକାର ତୁଳନାରେ ଏହା ଅତି ଅଣଓସାରିଆ। ଅତ୍ୟଧିକ ବୃଷ୍ଟିପାତ, ବୃହଦାକାର ନଦୀ ଉପତ୍ୟକା (ବ୍ରହ୍ମପୁତ୍ର ଓ ବାରକ) ଏବଂ ଅଣଓସାରିଆ ଅଧିତ୍ୟକା (ଭ୍ୟାଲି) ଯୋଗୁଁ ନିୟମିତ ଭାବେ ଏହି ଅଞ୍ଚଳରେ ବନ୍ୟା ବିପ୍ଳାତ ସୃଷ୍ଟି ହୁଏ। ଏହାଛଡ଼ା ମୃତ୍ତିକା କ୍ଷୟ, ମାଟି ଅତଡ଼ା ଖସିବା ଓ ବାଲିଚର ସୃଷ୍ଟି ହେବା ଭଳି ଘଟଣା ଏହି ଇଲାକାରେ ନିୟମିତ ବିପର୍ଯ୍ୟୟ ଆଣିଥାଏ। ବାଲିଚର ଯୋଗୁଁ ନଦୀ କୂଳର ମୂଲ୍ୟବାନ ଜମି ପ୍ରତିବର୍ଷ ନଷ୍ଟ



ହେବାରୁ ଚାଷ ଜମିର ପରିମାଣ ହ୍ରାସ ପାଏ। ଫଳରେ ଲୋକଙ୍କ ଚାଷଜମିର ପରିମାଣ ନିୟମିତ ଭାବେ କମୁଛି।

କୁହାଯାଏ ଯେ ୧୯୫୦ରେ ଘଟିଥିବା ଏକ ପ୍ରଳୟଙ୍କରୀ ଭୂମିକମ୍ପ ଫଳରେ ଆସାମ ଭୂମିରୂପରେ ଏକ ବଡ଼ଧରଣର ପରିବର୍ତ୍ତନ ଘଟିଥିଲା। ରିକ୍ଟର ସ୍କେଲରେ ୮.୫ ତୀବ୍ରତା ବିଶିଷ୍ଟ ଏହି ଭୂମିକମ୍ପ ପରେ ଆସାମରେ ବନ୍ୟା ବିପ୍ଲାତ ଓ ମାଟି ଅତଡ଼ା ଧସିବା ଘଟଣା ବଢ଼ିଛି। ଏପର୍ଯ୍ୟନ୍ତ ବନ୍ୟା ଓ ଭୂସ୍ଖଳନ ଯୋଗୁଁ ପାଞ୍ଚରୁ ଛ ହଜାର ବର୍ଗ କିଲୋମିଟର ଜମି ଓ ଅନେକ ଗାଁ ନଷ୍ଟ ହୋଇଛି। ମୁଖ୍ୟତଃ ନଈ କୂଳ ଖାଇବା ଯୋଗୁଁ ଅଧିକରୁ ଅଧିକ ଚାଷ ଜମି ନଷ୍ଟ ହୋଇଛି। ଏହା ଫଳରେ ରାଜ୍ୟର ଲକ୍ଷ ଲକ୍ଷ ଲୋକ ବାସହୀନ ଓ ଭୂମିହୀନ ହୋଇଛନ୍ତି। ଏହି କ୍ଷତିଗ୍ରସ୍ତ ଲୋକଙ୍କୁ କ୍ଷତିପୂରଣ ପ୍ରଦାନ ଓ ଥଇଥାନ ପାଇଁ ପ୍ରତିକାରର ଆବଶ୍ୟକତା ରହିଛି। ସେଥିପାଇଁ ମୃତ୍ତିକା କ୍ଷୟକୁ ପ୍ରାକୃତିକ ବିପର୍ଯ୍ୟୟର ଅନ୍ତର୍ଭୁକ୍ତ କରି ବିପନ୍ନ ଲୋକଙ୍କୁ ତୁରନ୍ତ କ୍ଷତିପୂରଣ ପ୍ରଦାନ କରାଯିବା ଉଚିତ।

ପ୍ରାକୃତିକ ଓ ମନୁଷ୍ୟକୃତ (ବାହାର ଲୋକଙ୍କ ଆଗମନ) ସମସ୍ୟା ସତ୍ତ୍ୱେ ଉତ୍ତରପୂର୍ବାଞ୍ଚଳର ଅର୍ଥନୈତିକ ସ୍ଥିତି ଦେଶ ବିଭାଜନ ସମୟରେ ଦେଶର ଅବଶିଷ୍ଟ ଅଞ୍ଚଳସହ ପ୍ରାୟ ସମାନ ଥିଲା। ମାତ୍ର ୧୯୪୭ ପରଠାରୁ କେତେକ ଐତିହାସିକ ଘଟଣା ଉତ୍ତରପୂର୍ବାଞ୍ଚଳର ସ୍ଥିତିରେ ନାଟକୀୟ ପରିବର୍ତ୍ତନ ଆଣିଲା। ଏହା ଫଳରେ ବିଭିନ୍ନ କ୍ଷେତ୍ରରେ ବିକାଶ ପ୍ରକ୍ରିୟା ବ୍ୟାହତ ହେଲା। ଏହି ଘଟଣାଗୁଡ଼ିକ ହେଲା :-

୧) ଦେଶ ବିଭାଜନ : ଦେଶ ବିଭାଜନ ପରେ ଉତ୍ତରପୂର୍ବାଞ୍ଚଳକୁ ସଂଯୋଗ କରୁଥିବା ଦେଶର ମୂଳ ଭୂଖଣ୍ଡର ସମସ୍ତ ପ୍ରମୁଖ ସଡ଼କ, ରେଳ ଓ ନଦୀପଥ ହଠାତ୍ ବିଚ୍ଛିନ୍ନ ହୋଇଗଲା।

୨) ୧୯୬୨ର ଚୀନ ଆକ୍ରମଣ : ଚୀନ ସୈନ୍ୟ ଯେତେବେଳେ ଅରୁଣାଚଳ ପ୍ରଦେଶରେ (ସେତେବେଳେ ନେଫା ନାମରେ ପରିଚିତ) ଅନୁପ୍ରବେଶ କରି ଆପଣାଛାଏଁ ଫେରିଗଲେ ସେତେବେଳେ ଘରୋଇ ନିବେଶକଙ୍କ ମନରେ ଛନକା ପଶିଲା। ଫଳରେ ଏହି ଅଞ୍ଚଳରେ ବଡ଼ଧରଣର ପୁଞ୍ଜିନିବେଶ ଓ ଉଦ୍ୟୋଗ ସ୍ଥାପନ ପାଇଁ ଶିଳ୍ପପତି, ପୁଞ୍ଜିପତି ଅନାଗ୍ରହୀ ହେଲେ।



୩) ୧୯୭୧ର ବାଂଲାଦେଶ ମୁକ୍ତି ଯୁଦ୍ଧ : ଏହି ଯୁଦ୍ଧ ସମୟରେ କୋଟି କୋଟି ବାଂଲାଦେଶୀ ଶରଣାର୍ଥୀ ଭାବେ ଉତ୍ତରପୂର୍ବାଞ୍ଚଳକୁ ପଶି ଆସିଲେ। ଯଦିଓ ଅଧିକାଂଶ ଶରଣାର୍ଥୀ ଯୁଦ୍ଧ ପରେ ବାଂଲାଦେଶକୁ ଫେରିଗଲେ, ତଥାପି ସେ ଦେଶର ସୀମାନ୍ତବର୍ତ୍ତୀ ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ଅନେକ ସ୍ଥାୟୀ ଭାବେ ରହିଗଲେ। ଫଳରେ ସେସବୁ ରାଜ୍ୟର ଜନସଂଖାରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଘଟିଲା। ସତୁରୀ ଦଶକର ଶେଷରୁ ଗତ ଶତାବ୍ଦୀର ଅନ୍ତିମ ଭାଗ ପର୍ଯ୍ୟନ୍ତ ଆସାମ, ମେଘାଳୟ, ତ୍ରିପୁରା ଓ ମଣିପୁରରେ ସନ୍ତ୍ରାସବାଦ ସମସ୍ୟା ଲାଗିରହିଥିଲା। ଏବେକାର ନାଗାଲାଣ୍ଡ ଓ ମିଜୋରାମରେ ଗତ ଶତାବ୍ଦୀର ପଚାଶ ଓ ଷାଠିଏ ଦଶକରେ ସନ୍ତ୍ରାଶବାଦୀ ସମସ୍ୟା ସୃଷ୍ଟି ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ବିଭିନ୍ନ ପ୍ରକାର ପଦକ୍ଷେପ ତଥା କାର୍ଯ୍ୟାନୁଷ୍ଠାନ ଫଳରେ ଏବେ ଅବଶ୍ୟ ଉତ୍ତରପୂର୍ବାଞ୍ଚଳରେ ସନ୍ତ୍ରାଶବାଦ ଆଉ ଏକ ବଡ଼ ସମସ୍ୟା ହୋଇ ରହିନାହିଁ।

ଗତ ଚାରିଦଶନ୍ଧି ମଧ୍ୟରେ ଏହି ଅଞ୍ଚଳରେ ଅନୁପ୍ରବେଶ କରିଥିବା ହଜାରହଜାର ଲୋକ ଯେଉଁମାନେ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଛନ୍ତି ସେମାନେ ଆଉ ନିଜ ଦେଶକୁ ଫେରିବା ଅବସ୍ଥାରେ ନାହାନ୍ତି। ସେମାନଙ୍କର ଉପଯୁକ୍ତ ଥଇଥାନ ଏବେ ଉତ୍ତରପୂର୍ବାଞ୍ଚଳ ରାଜ୍ୟମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ।

ଉତ୍ତରପୂର୍ବାଞ୍ଚଳର ମୂଳ ଅଧିବାସୀଙ୍କ ସଂଖ୍ୟା ତିନିକୋଟିରୁ କମ୍ ହେବ। ଏହି ମୂଳ ଅଧିବାସୀମାନେ ଶତାଧିକ ଜାତି ଓ ଜନଜାତି ଗୋଷ୍ଠୀର। ସେଥିମଧ୍ୟରୁ କେତେକ ଜନଜାତି ଗୋଷ୍ଠୀର ମୋଟ୍ ଲୋକସଂଖ୍ୟା ୨୦ହଜାରରୁ ବି କମ୍। ଏସବୁ କ୍ଷୁଦ୍ର ଗୋଷ୍ଠୀର ଜନଜାତି ଲୋକେ ବିଭିନ୍ନ ଭାବେ ଉପେକ୍ଷିତ ଓ ଅବହେଳିତ।

ପୂର୍ବୋକ୍ତ ପ୍ରାକୃତିକ ଓ ଐତିହାସିକ ଆହ୍ୱାନ ସହିତ ଉତ୍ତରପୂର୍ବାଞ୍ଚଳରେ ଆଉ ଯେଉଁ ସମସ୍ୟାବଳୀ ରହିଛି ସେଗୁଡ଼ିକ ନିମ୍ନରେ

ପ୍ରଦାନ କରାଗଲା।

୧) ସ୍ୱଳ୍ପ କୃଷି ଉତ୍ପାଦକତା (ହେକ୍ଟର ପିଛା ଧାନ ଉତ୍ପାଦନ ପ୍ରାୟ ୨୦୦୦ କିଲୋଗ୍ରାମ) ସୂଚନାଯୋଗ୍ୟ ଯେ ଧାନ ଏହି ଅଞ୍ଚଳର ପ୍ରଧାନ ଫସଲ।

୨) ଫସଲ ସଘନତା ହାର ସ୍ୱଳ୍ପ (ପ୍ରାୟ ୧.୫)

୩) ଚାଷ ଜମିକୁ ଜଳସେଚନ ସୁବିଧା ଅତି କମ୍।

୪) ଫସଲରେ ରାସାୟନିକ ସାର ପ୍ରୟୋଗ ଅନୁପାତ ଅତି ସ୍ୱଳ୍ପ।

୫) ବ୍ୟାଙ୍କ ଋଣ ଯୋଗାଣ ହାର ଅତିକମ୍। ଉତ୍ତରପୂର୍ବାଞ୍ଚଳରେ ବ୍ୟାଙ୍କ ସମୂହଙ୍କ ଋଣ-ଜମା ହାର ୫୦ ଶତାଂଶରୁ କମ୍।

୬) ଚାଷୀଙ୍କୁ ପ୍ରାମାଣିକ ବିହନ ଓ ଉତ୍ତମ ମାନର ଚାଷ ଉପକରଣ ଏହି ଅଞ୍ଚଳରେ ଆବଶ୍ୟକ ପରିମାଣରେ ମିଳେନାହିଁ। ଏହା ଚାଷୀଙ୍କ ପାଇଁ ଏକ ବଡ଼ ସମସ୍ୟା।

୭) ଏହି ଅଞ୍ଚଳରେ ଗୋଦାମ, ପଣ୍ୟାଗାର ଓ ଶୀତଳଭଣ୍ଡାର ସୁବିଧା ପର୍ଯ୍ୟାପ୍ତ ନୁହେଁ।

୮) ଆଧୁନିକ କୃଷିବଜାର ବା ମଣ୍ଡିର ସୁବିଧା ଏହି ଅଞ୍ଚଳରେ ବିଶେଷ ନାହିଁ। ଅଳ୍ପ କେତେକେ ସ୍ଥାନକୁ ଛାଡ଼ିଦେଲେ ଅନ୍ୟତ୍ର ଏହା ପ୍ରାୟ ଦେଖାଯାଏନା।

୯) ଜାତୀୟ ହାର ଅନୁପାତରେ ଏହି ଅଞ୍ଚଳରେ ବିଦ୍ୟୁତ୍ ଶକ୍ତି ବ୍ୟବହାର ଅତିକମ୍।

୧୦) ଜଳସେଚନ ପାଇଁ ବିଦ୍ୟୁତ୍ ଉପଯୋଗ ଅତ୍ୟନ୍ତ ସ୍ୱଳ୍ପ।

୧୧) ଏହି ଅଞ୍ଚଳରେ ଶିଳ୍ପସଂସ୍ଥା ପାଇଁ ଦରକାର ପଡୁଥିବା ଲୁହା, ବକ୍‌ସାଇଟ୍, ତମ୍ବା, ଜିଙ୍କ୍, ଟିନ୍, ସିସା, ଅଭ୍ର, ସଲଫର ଓ ନିକେଲ ଆଦି ଧାତୁପଥରର ଅଭାବ ରହିଛି।

୧୨) ଉତ୍ତମମାନର କୋଇଲା ଏହି ଅଞ୍ଚଳରେ ବିଶେଷ ମିଳେ ନାହିଁ। ଯେଉଁ କୋଇଲା ମିଳେ ସେଥିରେ ସଲଫର ପରିମାଣ ଅଧିକ। ତେଣୁ ଏହା ଶିଳ୍ପ ସଂସ୍ଥାରେ ବ୍ୟବହାର ପାଇଁ ଅନୁପଯୁକ୍ତ।

୧୩) ପଲିଟେକନିକ୍, ଇଂଜିନିୟରିଂ, ମେଡିକାଲ ଓ ନର୍ସିଂ ଶିକ୍ଷା ପାଇଁ ଏହି ଅଞ୍ଚଳରେ ଉଚ୍ଚତର ଶିକ୍ଷାନୁଷ୍ଠାନର ଅଭାବ ଅଧିକ।

୧୪) ଶିକ୍ଷକ ତାଲିମ ପ୍ରତିଷ୍ଠାନର ଅଭାବ ସମଗ୍ର ଉତ୍ତରପୂର୍ବାଞ୍ଚଳର ଏକ ପ୍ରମୁଖ ସମସ୍ୟା। ଏହା ଉପରେ ଅଗ୍ରାଧିକାର ଭିତ୍ତିରେ କାର୍ଯ୍ୟ କରିବାର ଆବଶ୍ୟକତା ରହିଛି। ଏହା ସାଧାରଣ ଶିକ୍ଷାର ବିକାଶରେ ଏକ ପ୍ରମୁଖ ଅନ୍ତରାୟ ସୃଷ୍ଟି କରିଛି। ଏହି ଅଞ୍ଚଳର ସ୍କୁଲଗୁଡ଼ିକର ଗଣିତ ଓ ବିଜ୍ଞାନ ଶିକ୍ଷାର ଉନ୍ନତି ପ୍ରତି ଦୃଷ୍ଟି ଦିଆଯିବା ଆବଶ୍ୟକ।



୧୫) ଚାରିଟି ତୈଳ ବିଶୋଧନାଗାର ଓ ଦୁଇଟି ପେଟ୍ରୋକେମିକାଲ କମ୍ପ୍ଲେକ୍ସ ବ୍ୟତୀତ ସମଗ୍ର ଉତ୍ତରପୂର୍ବାଞ୍ଚଳରେ ଅନ୍ୟ କିଛି ବୃହତ୍ ଶିଳ୍ପୋଦ୍ୟୋଗ ନାହିଁ।

ଏକଥା ଅବଶ୍ୟ ସତ ଯେ ଆସାମ ଓ ଅନ୍ୟାନ୍ୟ ଉତ୍ତର ପୂର୍ବାଞ୍ଚଳରେ ରେଳପଥ, ଚା ବଗିଚା, ତେଲ ଓ ଚାଉଳ କଳ ଆଦିର ପ୍ରସାର ଗତ ଶତାବ୍ଦୀର ଆରମ୍ଭରୁ ହୋଇଛି। ଗତ କେଇ ଦଶନ୍ଧିରେ ଏହି ଅଞ୍ଚଳରେ ଟେଲିସଂଯୋଗ, ସଡ଼କ, ରେଳ ଓ ବିମାନ ସେବା କ୍ଷେତ୍ରରେ ଉଲ୍ଲେଖନୀୟ ପ୍ରଗତି ଘଟିଛି। ଏବେ ସେହି ଅଞ୍ଚଳରେ ଅନେକ ବିଶ୍ୱବିଦ୍ୟାଳୟ, ମେଡିକାଲ କଲେଜ, ଇଂଜିନିୟରିଂ କଲେଜ ପ୍ରତିଷ୍ଠା ହୋଇ କୋଡ଼ିଏ ବର୍ଷ ଧରି ସେବା ଯୋଗାଇ ଦିଆଯାଉଛି। ଏବେ ଉତ୍ତରପୂର୍ବାଞ୍ଚଳରେ ଗୋଟିଏ ଆଇଆଇଟି ଓ ଗୋଟିଏ ଆଇଆଇଏମ୍ କାର୍ଯ୍ୟ କରୁଛି। ଉତ୍ତରପୂର୍ବାଞ୍ଚଳର ହାରାହାରି ମୁଣ୍ଡପିଛା ବାର୍ଷିକ ଆୟ ଜାତୀୟ ହାରର ପ୍ରାୟ ୭୦ ଶତାଂଶ। ସାକ୍ଷରତା ହାର ୭୪.୪୮ଶତାଂଶ ଯାହା ଜାତୀୟ ହାର (୭୪.୦୪) ସହ ପ୍ରାୟ ସମାନ।

ଉପରୋକ୍ତ କାରଣସମୂହ ପାଇଁ ଉତ୍ତରପୂର୍ବାଞ୍ଚଳ ସ୍ୱାଧୀନତାର ସାତ ଦଶକ ପରେ ମଧ୍ୟ ଅପେକ୍ଷାକୃତ ପଛୁଆ। ବୃହତ୍ ଶିଳ୍ପର ଅଭାବରେ ଏହି ଅଞ୍ଚଳର ଭବିଷ୍ୟତ ଆର୍ଥିକ ଅଭିବୃଦ୍ଧି ତଳେ ଦିଆଯାଇଥିବା ଅନ୍ୟାନ୍ୟ କ୍ଷେତ୍ରର ବିକାଶ ଉପରେ ନିର୍ଭରଶୀଳ।

୧) କୃଷି, ଉଦ୍ୟାନକୃଷି ଓ ଫୁଲ ଚାଷ

୨) ଗୋପାଳନ

୩) ଛେଳି ପାଳନ

୪) ଘୁଷୁରୀ ପାଳନ

୫) କୁକୁଡ଼ା ପାଳନ

୬) ବତକ ପାଳନ

୭) ମତ୍ସ୍ୟଚାଷ

୮) ମାଂସ ଓ ଖାଦ୍ୟ ପ୍ରକ୍ରିୟାକରଣ

୯) ପର୍ଯ୍ୟଟନ

୧୦) ରେଶମ ଚାଷ, ସୂତାକଟା, ହସ୍ତତନ୍ତ ଓ ବୟନ କ୍ଷେତ୍ରର ବିକାଶ ତଥା ଉନ୍ନତ ଡିଜାଇନର ପୋଷାକ ପ୍ରସ୍ତୁତି

୧୧) ଜୈବିକ ଚା, ଜୈବିକ ଖାଦ୍ୟ, ଛତୁ ଓ ମହୁ ଉତ୍ପାଦନ

୧୨) ପ୍ଲାଷ୍ଟିକ ସାମଗ୍ରୀର ଉତ୍ପାଦନ ଏବଂ ଡିବ୍ରୁଗଡ଼ସ୍ଥିତ ବ୍ରହ୍ମପୁତ୍ର ପଲିମର ଶିଳ୍ପରୁ ଉତ୍ପାଦିତ ପଲିଥିନରୁ ବିଭିନ୍ନ ସାମଗ୍ରୀ ନିର୍ମାଣ।

୧୩) ବାଉଁଶ, ବେତ, ଟୋଟ, କୁଣ୍ଡା ଓ ଔଷଧୀୟ ଗୁଳ୍ମଭିତ୍ତିକ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ସଂସ୍ଥା ଅଧିକରୁ ଅଧିକ ସ୍ଥାପନ।

୧୪) ସ୍ଥାନୀୟ ଭାବେ ଉତ୍ପାଦିତ ଅଦା ଓ ହଳଦୀର ପ୍ରକ୍ରିୟାକରଣ ଓ ପ୍ୟାକେଜିଂ ତଥା ବ୍ୟବସାୟ।

୧୫) ଏହି ଅଞ୍ଚଳର ନଦୀନାଳରୁ ମିଳୁଥିବା ପ୍ରଚୁର ପାଣିକୁ ବ୍ୟବହାର କରି ଶକ୍ତି କେନ୍ଦ୍ର ସ୍ଥାପନ ଓ ଜଳସେଚନ ବ୍ୟବସ୍ଥାର ଉନ୍ନତି।

୧୬) ପୋଷାକ, ଔଷଧ, କାଗଜ, ଚିନି ଭଳି ଶିଳ୍ପ ପ୍ରତିଷ୍ଠା। ଏ ଅଞ୍ଚଳରେ ଉତ୍ପାଦିତ ହେଉଥିବା ଆଖୁ, ଡାଲି, ତୈଳବୀଜ ଆଦିକୁ ବ୍ୟବହାର କରି କ୍ଷୁଦ୍ରଶିଳ୍ପ ସଂସ୍ଥା ପ୍ରତିଷ୍ଠା।

୧୭) ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ପରିମାଣର ପଲିଟେକ୍‌ନିକ୍, ନର୍ସିଂ, ପାରାମେଡିକ୍ସ, ଫାର୍ମାସୀ ପ୍ରତିଷ୍ଠାନ ଖୋଲିବା ସହ ଟ୍ରାନ୍ସଫର୍ମର, ଟେଲିଭିଜନ, ଶୀତତାପ ଯନ୍ତ୍ର, କମ୍ପ୍ୟୁଟର, ଓ୍ୱାଶିଂମେସିନ, ମୋଟର ଗାଡ଼ି ମରାମତି ଶିକ୍ଷା ଓ ତାଲିମ କେନ୍ଦ୍ର ଅଧିକ ସଂଖ୍ୟାରେ ସ୍ଥାପନର ଆବଶ୍ୟକତା ରହିଛି।

ଉତ୍ତରପୂର୍ବାଞ୍ଚଳ ସାଂସ୍କୃତିକ ଦୃଷ୍ଟିରୁ ଅତ୍ୟନ୍ତ ସମୃଦ୍ଧ। ଏ ଅଞ୍ଚଳର ଯୁବକଯୁବତୀମାନେ ସଂଗୀତ, ଚିତ୍ରକଳା ଓ ନୃତ୍ୟ ଆଦିରେ ଅତ୍ୟନ୍ତ ପ୍ରତିଭାବାନ୍। ଏହାର ପ୍ରସାର ଓ ଉନ୍ନତି ପାଇଁ ଏହି ଅଞ୍ଚଳରେ ଅଧିକସଂଖ୍ୟକ ସଂଗୀତ, ନୃତ୍ୟ ପ୍ରତିଷ୍ଠାନ / ସ୍କୁଲମାନ ଖୋଲିବାର ଆବଶ୍ୟକତା ରହିଛି। ଏହା ଫଳରେ ଅଧିକ ସଂଖ୍ୟକ ଯୁବକଯୁବତୀ ନିଯୁକ୍ତି ସୁବିଧା ପାଇପାରିବେ।

ଉପରୋକ୍ତ କ୍ଷେତ୍ର ସମୂହରେ ଯଦି ବଡ଼ଧରଣର ପୁଂଜି ନିବେଶ ହୁଏ ଏବଂ ସେହି ଅଞ୍ଚଳରେ ସଘନ ଚାଷ ପ୍ରଣାଳୀ ଯଦି ୨ ରୁ ୨.୫ଅନୁପାତକୁ ବଢ଼େ ତେବେ ନିଯୁକ୍ତି ସୁଯୋଗ ସୁବିଧା ଯଥେଷ୍ଟ ସୃଷ୍ଟି ହେବ। ଏହି ଅଞ୍ଚଳରେ ବ୍ୟାଙ୍କସମୂହଙ୍କ ଜମା ଓ ଋଣ ଅନୁପାତକୁ ମଧ ବଢ଼ାଇବାର ଆବଶ୍ୟକତା ରହିଛି। ଏହା ବ୍ୟତୀତ ଉତ୍ତରପୂର୍ବାଞ୍ଚଳକୁ ଟେଲିଯୋଗାଯୋଗର ସୁବିଧା ବୃଦ୍ଧି ବିଶେଷ ଗୁରୁତ୍ୱ ରଖେ। ଏହାଦ୍ୱାରା ସେଠାକାର ଲୋକଙ୍କୁ ଆର୍ଥିକ ଓ ଡିଜିଟାଲ ବ୍ୟବସ୍ଥାରେ ସମାବେଶୀ କରିହେବ।

ଏବେ କେନ୍ଦ୍ର ସରକାର ଏହି ଅଞ୍ଚଳର ସାମଗ୍ରିକ ଓ ସମାବେଶୀ ବିକାଶ ପାଇଁ ବିଭିନ୍ନ ପ୍ରଶଂସାଯୋଗ୍ୟ ପଦକ୍ଷେପମାନ ଗ୍ରହଣ କରିଛନ୍ତି। କେନ୍ଦ୍ର ସରକାରଙ୍କ ପ୍ରାଚ୍ୟନୀତି (ଆକ୍ଟ ଇଷ୍ଟ ପଲିସି)ର ରୂପାୟନ ଏହି ଅଞ୍ଚଳର ଜନତାଙ୍କ ମଧ୍ୟରେ ଆଶା ଓ ବିଶ୍ୱାସ ସୃଷ୍ଟି କରିଛି। ଉତ୍ତରପୂର୍ବାଞ୍ଚଳକୁ ଦକ୍ଷିଣପୂର୍ବ ଏସୀୟ ରାଷ୍ଟ୍ର ବାଂଲାଦେଶ, ନେପାଳ ଓ ଭୁଟାନକୁ ପ୍ରବେଶଦ୍ୱାରରେ ପରିଣତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ଯଥାର୍ଥ। ଏହାଦ୍ୱାରା ଏହି ଅଞ୍ଚଳର ଅର୍ଥନୈତିକ ପ୍ରଗତି ଓ ସମୃଦ୍ଧି ପ୍ରକ୍ରିୟା ତ୍ୱରାନ୍ୱିତ ହେବ। ପୂର୍ବୋକ୍ତ ଦେଶଗୁଡ଼ିକ ଉତ୍ତରପୂର୍ବ ସହିତ ରେଳ, ସଡ଼କ, ଜଳପଥ ଓ ବିମାନ ପଥଦ୍ୱାରା ସଂଯୁକ୍ତ ହେଲେ ମଣିଷ, ସାମଗ୍ରୀ, ପ୍ରଯୁକ୍ତି ବିଦ୍ୟା ଓ ନୂଆ ବିଚାରର ପ୍ରବାହ ବଢ଼ିବ। ପଡ଼ୋଶୀ ରାଷ୍ଟ୍ରର ପର୍ଯ୍ୟଟକମାନଙ୍କ ପାଇଁ ଉତ୍ତରପୂର୍ବାଞ୍ଚଳର ଧାର୍ମିକ, ଚିକିତ୍ସା, ଜୈବମଣ୍ଡଳ, ପର୍ଯ୍ୟଟନ ଓ ଆତିଥ୍ୟ କ୍ଷେତ୍ରକୁ ବିକଶିତ କରିବାକୁ ପଡ଼ିବ।

ବିକାଶର ଫଳର ସମବଣ୍ଟନ ପାଇଁ ଉତ୍ତରପୂର୍ବାଞ୍ଚଳର କ୍ଷୁଦ୍ର ଆଦିମ ଅଧିବାସୀ ଗୋଷ୍ଠୀଗୁଡ଼ିକ ନିମନ୍ତେ ସ୍ୱତନ୍ତ୍ର ପଦକ୍ଷେପ ନେବାକୁ ହେବ। ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏହି ଅଞ୍ଚଳର ୧୧ଟି ପ୍ରାଚୀନ ଜନଜାତି ଗୋଷ୍ଠୀର ଭାଷା ବିଲୁପ୍ତ ହେବାକୁ ବସିଲାଣି। ଏସବୁ ଭାଷା ୧୦ହଜାରରୁ କମ୍ ଲୋକ କହିଥାନ୍ତି। ଅବହେଳିତ ଆଦିମ ଅଧିବାସୀ ବିକାଶର ଧାରାରୁ ଯେପରି ବାଦ ନ ପଡ଼ନ୍ତି ସେଥିପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପଡ଼ିବ।

ଉତ୍ତରପୂର୍ବାଞ୍ଚଳର ପ୍ରଦୂଷଣମୁକ୍ତ ପରିବେଶରେ ବସବାସ କରୁଥିବା ଯୁବସମାଜ ଇଂରାଜୀ କହିବାରେ ବେଶ୍ ପାରଙ୍ଗମ। ସେହି ଅଞ୍ଚଳରେ ଇଲେକ୍‌ଟ୍ରୋନିକ୍ସ ଶିଳ୍ପ ଓ ବିପିଓ ସ୍ଥାପନରେ ସେମାନେ ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ।

ଏହି ଅଞ୍ଚଳର ଉତ୍କଟ ବେକାରୀ ସମସ୍ୟାର ସମାଧାନ ପାଇଁ ସରକାର ରେଳବାଇ, ଜାତୀୟକରଣ ବ୍ୟାଙ୍କ, କେନ୍ଦ୍ରୀୟ ଅର୍ଦ୍ଧସାମରିକ ବାହିନୀ, ଆସାମ ରାଇଫଲ୍ସ, ଏୟାର ଲାଇନ୍ସ, ତୈଳ ବିଶୋଧନାଗାର ଓ ଅନ୍ୟାନ୍ୟ ବୃହତ୍ କେନ୍ଦ୍ରୀୟ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ଉତ୍ତରପୂର୍ବାଞ୍ଚଳ ଲୋକଙ୍କ ପାଇଁ ସ୍ୱତନ୍ତ୍ର ନିଯୁକ୍ତି ବ୍ୟବସ୍ଥା କରିବା ଆବଶ୍ୟକ। ଶେଷରେ ଉତ୍ତରପୂର୍ବାଞ୍ଚଳ ଲୋକଙ୍କୁ ଶିଳ୍ପୋଦ୍ୟୋଗ, କୃଷି ଓ ବ୍ୟବସାୟ ଆଦି କ୍ଷେତ୍ରରେ ପ୍ରୋତ୍ସାହିତ କରିବା ପାଇଁ ପ୍ରଥମ ପଦକ୍ଷେପ ହେଲା ସେଠାରେ ଭୂସଂସ୍କାର ବ୍ୟବସ୍ଥା କାର୍ଯ୍ୟକାରୀ କରିବା। ସେଥିପାଇଁ କାଡାଷ୍ଟ୍ରାଲ (ଭୂ-ରାଜସ୍ୱ) ସର୍ଭେ କରି ଅଣଜଙ୍ଗଲ ଓ ଅଣସର୍ଭେ ଅଞ୍ଚଳର ଜମିରେକର୍ଡ ପ୍ରସ୍ତୁତ କରିବା ଜରୁରୀ। ଲୋକେ ଜମିର ମାଲିକାନା ପାଇଲେ ନିଜର ଧନ୍ଦା କରିବାକୁ ସୁଯୋଗ ପାଇବେ।

ଲେଖକ ଉତ୍ତରପୂର୍ବାଞ୍ଚଳ ପରିଷଦର ସଦସ୍ୟ।

# ଉତ୍ତରପୂର୍ବାଞ୍ଚଳର ଅର୍ଥନୈତିକ ପରିଦୃଶ୍ୟ

● ମଂଜୁଳା ୱାଧୱା

'ଉତ୍ତରପୂର୍ବାଞ୍ଚଳର ସାତ ଭଉଣୀ' ସହିତ ସିକ୍କିମ - ଏହି ଆଠଟି ପ୍ରଦେଶ ସେମାନଙ୍କର ସାମାଜିକ, ସାଂସ୍କୃତିକ, ରାଜନୈତିକ, ଭୌଗୋଳିକ ଓ ଐତିହାସିକ ବିଶେଷତ୍ୱ ଦୃଷ୍ଟିରୁ ଆମ ଦେଶରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ଏହି ଆଠଟିଯାକ ରାଜ୍ୟ ସ୍ୱତନ୍ତ୍ର ଏବଂ ପରସ୍ପର ଭୌଗୋଳିକ ଦୃଷ୍ଟିରୁ ଗୋଟିଏ ଅଞ୍ଚଳର ଅନ୍ତର୍ଗତ । ଏହି ଆଠଟି ରାଜ୍ୟ ମଧ୍ୟରୁ ତ୍ରିପୁରା ଓ ମିଜୋରାମ ଦେଶର ସବୁଠୁ ଅଧିକ ଶିକ୍ଷିତ ପ୍ରଦେଶ । ଆସାମର ଚା ଶିଳ୍ପ ଚୀନ୍ ପରେ ବିଶ୍ୱର ଦ୍ୱିତୀୟ ସର୍ବାଧିକ ବ୍ୟାବସାୟିକ ଚା ଉତ୍ପାଦନକାରୀ ଉଦ୍ୟୋଗ । ଆସାମର ଦିଗବୋଇଠାରେ ଥିବା ତୈଳଖଣି ଏସିଆର ପ୍ରଥମ ।

'ଇଣ୍ଡିୟା ବ୍ରାଣ୍ଡ ରିସର୍ଚ୍ଚ' ସଂସ୍ଥାର ତଥ୍ୟାବଳୀ ଦେଖିଲେ ଉତ୍ତରପୂର୍ବାଞ୍ଚଳର ଅଭିବୃଦ୍ଧି ସମ୍ପର୍କରେ ଏକ ଉଜ୍ଜ୍ୱଳ ଚିତ୍ର ମିଳେ । ଏହି ତଥ୍ୟ ଅନୁସାରେ ମେଘାଳୟର ଅଭିବୃଦ୍ଧି ହାର ୯.୭ ଶତାଂଶ । ଏହି ହାର ଦେଶର ଦ୍ରୁତ ଅଭିବୃଦ୍ଧିଶାଳୀ ବଡ଼ ରାଜ୍ୟ ମଧ୍ୟପ୍ରଦେଶ (୯.୫%)ଠାରୁ ଅଧିକ । ସେହିଭଳି ଅରୁଣାଚଳପ୍ରଦେଶର ଅଭିବୃଦ୍ଧି ହାର ଗୁଜରାଟଠାରୁ ବେଶୀ । ସମଗ୍ର ଉତ୍ତରପୂର୍ବାଞ୍ଚଳରେ ବିପିଏଲ୍ ତାଲିକାଭୁକ୍ତ ଲୋକଙ୍କ ସଂଖ୍ୟା ୧୨.୮ ନିୟୁତ । ଏହି ସଂଖ୍ୟା ଏକା କର୍ଣ୍ଣାଟକ ଭଳି ଏକ ବଡ଼ ରାଜ୍ୟର ବିପିଏଲ କାର୍ଡଧାରୀଙ୍କ ସଂଖ୍ୟା (୧୨.୯ ନିୟୁତ)ଠାରୁ କମ୍ । ଅନ୍ୟ ପକ୍ଷରେ ବ୍ୟତିକ୍ରମ ଓ ବିରୋଧାଭାସ ହେଲା ତ୍ରିପୁରାରେ ବେକାରଙ୍କ ହାର ଭାରତରେ ସର୍ବାଧିକ । ସେଠାରେ ସହରାଞ୍ଚଳ ବେକାରଙ୍କ ହାର ୨୫.୨ ଶତାଂଶ । ଏହା ପଛକୁ ଦ୍ୱିତୀୟ ସର୍ବାଧିକ ବେକାରୀ ହାର ନାଗାଲାଣ୍ଡରେ । ସେଠାରେ ୨୩.୮% ଲୋକ ବେକାର । ଏହି ତଥ୍ୟ ୨୦୧୧-୧୨ର । ଉତ୍ତରପୂର୍ବାଞ୍ଚଳର ଆଠଟିଯାକ ରାଜ୍ୟର ଶିଳ୍ପୋଦ୍ୟୋଗ କ୍ଷେତ୍ରର ଅଂଶ ବଢ଼ିଥିବାବେଳେ ସେଠାରେ କୃଷି ଓ ତତ୍‌ସଂଲଗ୍ନ କାର୍ଯ୍ୟର ଭାଗ କମିଛି । ସମଗ୍ର ଉତ୍ତରପୂର୍ବାଞ୍ଚଳର ସହରାଞ୍ଚଳରେ ବେକାରୀ ହାର ଗ୍ରାମାଞ୍ଚଳଠାରୁ ଅଧିକ ଯାହା ଜାତୀୟ ବେକାରୀସ୍ଥିତି ସହ ପ୍ରାୟ ଏକା ପ୍ରକାରର । ଏହି ଅଞ୍ଚଳରେ ଦାରିଦ୍ର୍ୟ ଅସମ । ମଣିପୁର ଦରିଦ୍ରତମ ହୋଇଥିବାବେଳେ ସିକ୍କିମ୍ ସବୁଠୁ ଧନୀ ।

ଉପନିବେଶବାଦୀ ଶାସନକାଳରୁ ଏହି ଅଞ୍ଚଳ ସମଅର୍ଥନୈତିକ ଅଭିବୃଦ୍ଧି ହାର ହାସଲରେ ବେଶ୍ ଉପରେ ଥିଲା । ବ୍ରିଟିଶଶାସକଙ୍କ ପାଇଁ ଉତ୍ତରପୂର୍ବାଞ୍ଚଳ ଥିଲା କୋଇଲା, ପ୍ରାକୃତିକ ତୈଳ, ଜଙ୍ଗଲ ସମ୍ପଦ ଓ ଚା'ର ଏକ ଗନ୍ତାଘର । ଏସବୁ ସମ୍ପଦକୁ ବ୍ରିଟିଶ ସରକାର ଏହି ଅଞ୍ଚଳରୁ ବିପୁଳ ପରିମାଣରେ ଉତ୍ତୋଳନ କରି ପ୍ରଶୋଧନ ଓ ପ୍ରକ୍ରିୟାକରଣ ପାଇଁ ଦେଶର ଅନ୍ୟାନ୍ୟ ଭାଗକୁ ପଠାଉଥିଲେ । ସଂପୃକ୍ତ ଖଣିଜ ଓ ବନ୍ୟସମ୍ପଦକୁ ସେଠାରେ ପ୍ରଶୋଧିତ ଓ ପ୍ରକ୍ରିୟାକୃତ କରିବାକୁ ବ୍ରିଟିଶ ସରକାର ଆଗ୍ରହ ପ୍ରକାଶ ନ'କରିବାରୁ ଉତ୍ତରପୂର୍ବାଞ୍ଚଳର ଶିଳ୍ପାୟନ ପ୍ରକ୍ରିୟା ବ୍ୟାହତ ହୋଇଥିଲା । ଫଳରେ ସେଠାକାର ଲୋକ ଏହାର ଲାଭ ପାଇବାରୁ ବଂଚିତ ହୋଇଥିଲେ । ଏହି ଅଞ୍ଚଳରେ ଯୋଗାଯୋଗ ଓ ପରିବହନ ବ୍ୟବସ୍ଥାର ଉନ୍ନତି ପ୍ରତି ମଧ୍ୟ ବ୍ରିଟିଶ ଶାସକ ଯଥୋଚିତ ଧ୍ୟାନ ଦେଇ ନ ଥିଲେ । ଭାରତର ବିଭାଜନ ପରେ ଦୀର୍ଘ କାଳ ପର୍ଯ୍ୟନ୍ତ ବାଂଲାଦେଶ (ପୂର୍ବ ପାକିସ୍ତାନ) ସହିତ ଭାରତର ବାଣିଜ୍ୟ କାରବାର ବନ୍ଦ ରହିଥିଲା । ଏହା ଫଳରେ ଏହି ଅଞ୍ଚଳର ଆର୍ଥିକ ପ୍ରଗତି ଓ ଅଭିବୃଦ୍ଧି ଦକ୍ଷତା କ୍ଷତିଗ୍ରସ୍ତ ହେଲା । ଏହାଯୋଗୁଁ ଉତ୍ତରପୂର୍ବାଞ୍ଚଳ ଓ ଅବଶିଷ୍ଟ ଭାରତ ମଧ୍ୟରେ ଆର୍ଥିକ କ୍ଷେତ୍ରରେ ପାର୍ଥକ୍ୟ ଓ ବ୍ୟବଧାନ ବୃଦ୍ଧି ପାଇଲା । ମାନବବିକାଶ ସୂଚକାଙ୍କ (ଉଭୟ ପୁରୁଷ ଓ ମହିଳା)ରେ ଉତ୍ତରପୂର୍ବାଞ୍ଚଳର ପ୍ରଦର୍ଶନ ସର୍ବଭାରତୀୟ ହାର ଅନୁସାରେ ବେଶ୍ ଭଲ । ଏହି ଉତ୍ତମ ପ୍ରଦର୍ଶନ ସତ୍ତ୍ୱେ ଅର୍ଥନୈତିକ ଅଭିବୃଦ୍ଧି କ୍ଷେତ୍ରରେ ଏହା ଯଥେଷ୍ଟ ଅଗ୍ରଗତି କରିପାରି ନ ଥିଲା । ନିମ୍ନରେ ପ୍ରଦତ୍ତ ଟେବୁଲରେ ବିଭିନ୍ନ ରାଜ୍ୟଙ୍କ ମୋଟ୍ ଘରୋଇ ଉତ୍ପାଦନ (ଜିଏସ୍‌ଡିପି) ପିସିଆଇ ଓ ଅଭିବୃଦ୍ଧି ହାର ପ୍ରଦାନ କରାଯାଇଛି । ସେଥିରୁ ଏକ ତୁଳନାତ୍ମକ ଚିତ୍ର ମିଳିପାରିବ ।



| କ୍ରମିକ | ରାଜ୍ୟ | ଲୋକସଂଖ୍ୟା ୨୦୧୧ | ଜିଏସ୍‌ଡିପି, ପିସିଆଇ ଓ ୨୦୧୬-୧୭ ଅଭିବୃଦ୍ଧି ହାର | | | | |
|---|---|---|---|---|---|---|---|
| | | | ଜିଏସ୍‌ଡିପି | | ମୁଣ୍ଡପିଛା ଆୟ ଏନ୍‌ଏସ୍‌ଡିପି (ଟ) | | ଅଭିବୃଦ୍ଧି ହାର ଜିଏସ୍‌ଡିପିର ୨୦୧୧-୧୨ରେ ମୂଲ୍ୟ |
| | | | ଟଙ୍କା ବର୍ତ୍ତମାନର ମୂଲ୍ୟରେ | କୋଟିରେ ତୁଳନାତ୍ମକଭାବେ ୨୦୧୧-୧୨ ମୂଲ୍ୟରେ | ବର୍ତ୍ତମାନ ମୂଲ୍ୟରେ | ତୁଳନାତ୍ମକ ଭାବେ ୨୦୧୧-୧୨ ମୂଲ୍ୟରେ | |
| ୧ | ୨ | ୩ | ୪ | ୫ | ୬ | ୭ | ୮ |
| ୧ | ଆନ୍ଧ୍ରପ୍ରଦେଶ | ୮୪,୫୮୦,୭୭୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨ | ଅରୁଣାଚଳ ପ୍ରଦେଶ | ୧,୩୮୩,୭୨୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୩ | ଆସାମ | ୩୧,୨୦୫,୫୭୬ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୪ | ବିହାର | ୧୦୪,୦୯୯,୪୫୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୫ | ଛତିଶଗଡ଼ | ୨୫,୫୪୫,୧୯୮ | ୨୯୦୧୪୦ | ୨୨୩୯୩୨ | ୯୧୭୭୨ | ୭୧୨୧୪ | ଉପଲବ୍ଧ ନୁହେଁ |
| ୬ | ଗୋଆ | ୧,୪୫୮,୫୪୫ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୭ | ଗୁଜରାଟ | ୬୦,୪୩୯,୬୯୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୮ | ହରିୟାଣା | ୨୫,୩୫୧,୪୬୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୯ | ହିମାଚଳପ୍ରଦେଶ | ୬,୮୬୪,୬୦୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୦ | ଜାମ୍ମୁ ଓ କଶ୍ମୀର | ୧୨,୫୪୧,୩୦୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୧ | ଝାଡ଼ଖଣ୍ଡ | ୩୨,୯୮୮,୧୩୪ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୨ | କର୍ଣ୍ଣାଟକ | ୬୧,୦୯୫,୨୯୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୩ | କେରଳ | ୩୩,୪୦୬,୦୬୧ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୪ | ମଧ୍ୟପ୍ରଦେଶ | ୭୨,୬୨୬,୮୦୯ | ୬୪୦୪୮୪ | ୪୬୫୨୧୨ | ୭୨୫୯୯ | ୫୧୮୫୨ | ୧୨.୨୧ |
| ୧୫ | ମହାରାଷ୍ଟ୍ର | ୧୧୨,୩୭୪,୩୩୩ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୬ | ମଣିପୁର | ୨,୫୭୦,୩୯୦ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |

| | | | | | | | |
|---|---|---|---|---|---|---|---|
| ୧୭ | ମେଘାଳୟ | ୨,୯୬୬,୮୮୯ | ୨୯୫୬୭ | ୨୪୦୦୫ | ୭୯୩୩୨ | ୬୩୬୭୮ | ୬.୬୫ |
| ୧୮ | ମିଜୋରାମ | ୧,୦୯୭,୨୦୬ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୧୯ | ନାଗାଲାଣ୍ଡ | ୧,୯୭୮,୫୦୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୦ | ଓଡ଼ିଶା | ୪୧,୯୭୪,୨୧୮ | ୩୭୮୯୯୧ | ୩୧୪୩୬୪ | ୭୫୨୨୩ | ୬୧୬୭୮ | ୭.୯୪ |
| ୨୧ | ପଞ୍ଜାବ | ୨୭,୭୪୩,୩୩୮ | ୪୨୭୮୭୦ | ୩୪୮୪୮୭ | ୧୨୮୮୨୧ | ୧୦୩୭୨୬ | ୫.୯୩ |
| ୨୨ | ରାଜସ୍ଥାନ | ୬୮,୫୪୮,୪୩୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୩ | ସିକ୍କିମ୍ | ୬୧୦,୫୭୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୪ | ତାମିଲନାଡୁ | ୭୨,୧୪୭,୦୩୦ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୫ | ତେଲଙ୍ଗାନା | | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୬ | ତ୍ରିପୁରା | ୩,୬୭୩,୯୧୭ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୭ | ଉତରପ୍ରଦେଶ | ୧୯୯,୮୧୨,୩୪୧ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୮ | ଉତରାଖଣ୍ଡ | ୧୦,୦୮୬,୨୯୨ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୨୯ | ପଶ୍ଚିମବଙ୍ଗ | ୯୧,୨୭୬,୧୧୫ | | | | | |
| ୩୦ | ଆଣ୍ଡାମାନ ଓ ନିକୋବର | ୩୮୦,୫୮୧ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୩୧ | ଚଣ୍ଡିଗଡ଼ | ୧,୦୫୫,୪୫୦ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ | ଉପଲବ୍ଧ ନୁହେଁ |
| ୩୨ | ଦିଲ୍ଲୀ | ୧୬,୭୮୭,୯୪୧ | ୬୨୨୩୮୫ | ୪୯୮୨୧୭ | ୩୦୩୦୭୩ | ୨୪୦୩୧୮ | ୮.୨୬ |
| ୩୩ | ପୁଡୁଚେରୀ | ୧,୨୪୭,୯୫୩ | ୨୯୫୫୭ | ୨୩୬୫୬ | ୧୯୦୩୮୪ | ୧୫୦୩୬୯ | ୭.୪୯ |
| ୩୪ | ସମଗ୍ର ଭାରତ | ୧,୨୧୦,୫୬୯,୫୭୩ | ୧୫୧୮୩୭୦୯ | ୧୨୧୮୯୮୫୪ | ୧୦୩୨୧୯ | ୮୨୨୬୯ | ୭.୧ |

ତଥ୍ୟ ଉସ : ୧) ଅର୍ଥନୈତିକ ଓ ପରିସଂଖ୍ୟାନ ପ୍ରତିଷ୍ଠାନ, ପଞ୍ଜାବ

୨) କେନ୍ଦ୍ରୀୟ ପରିସଂଖ୍ୟାନ ପ୍ରତିଷ୍ଠାନ, ନୂଆଦିଲ୍ଲୀ

ଉତ୍ତରପୂର୍ବାଞ୍ଚଳ ମନ୍ଥର ପ୍ରଗତିର କାରଣ ପ୍ରଦାନ କରାଗଲା।

**ଭୌଗୋଳିକ କାରଣ:**

ଉତ୍ତର ପୂର୍ବାଞ୍ଚଳର ୭୦ଭାଗ ଇଲାକା ପାହାଡ଼ ପର୍ବତରେ ପୂର୍ଣ୍ଣ ଓ ସେଠାରେ ୩୦ଭାଗ ଲୋକ ବସବାସ କରନ୍ତି। ଅପରପକ୍ଷରେ ଅବଶିଷ୍ଟ ୩୦ଭାଗ ସମତଳ ଅଞ୍ଚଳରେ ୭୦ଭାଗ ଲୋକ ରହନ୍ତି। ପ୍ରତିକୂଳ ଭୌଗୋଳିକସ୍ଥିତି ଓ ଅନୁନ୍ନତ ପରିବହନ ସଂଯୋଗ ବ୍ୟବସ୍ଥା ଯୋଗୁଁ ଏହା ଅବଶିଷ୍ଟ ଭାରତ ସହ ଯୋଗାଯୋଗ ଦୃଷ୍ଟିରୁ ସୁଗମ ନୁହେଁ। ପ୍ରତିବର୍ଷ ବର୍ଷା ଓ ବନ୍ୟା ଯୋଗୁଁ/ ଆସାମର ବ୍ରହ୍ମପୁତ୍ର ଏବଂ ବରାକ ଉପତ୍ୟକାରେ ବ୍ୟାପକ କ୍ଷୟକ୍ଷତି ଘଟେ ଏବଂ ଭୂସ୍ଖଳନ ଯୋଗୁଁ ନାହିଁ ନ ଥିବା ଅବସ୍ଥା ଉପୁଜେ। ଏହାଦ୍ୱାରା କେବଳ ଆସାମ ଚାପଗ୍ରସ୍ତ ହୁଏନାହିଁ, ସମଗ୍ର ଉତ୍ତରପୂର୍ବାଞ୍ଚଳର ଅର୍ଥନୀତି ଉପରେ ମଧ୍ୟ ଏହାର ପ୍ରଭାବ ପଡ଼େ।

**ଭିତ୍ତିଭୂମି ଜନିତ କାରଣ:**

ସଡ଼କ, ଜଳପଥ, ରେଳପଥ, ଉର୍ଜାକେନ୍ଦ୍ର, ଶିକ୍ଷାନୁଷ୍ଠାନ, ସ୍ୱାସ୍ଥ୍ୟସେବା ପ୍ରତିଷ୍ଠାନ ଆଦି ଗୋଟିଏ ଅଞ୍ଚଳର ବିକାଶର ମୌଳିକ ଭିତ୍ତିଭୂମି ଯୋଗାଏ। ଏହା ମଧ୍ୟ ମାନବସମ୍ବଳ ବିକାଶରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରେ। ପରିତାପର ବିଷୟ ସମଗ୍ର ଉତ୍ତରପୂର୍ବାଞ୍ଚଳ ମୌଳିକ ସୁବିଧା ସୁଯୋଗ ଓ ଭିତ୍ତିଭୂମି କ୍ଷେତ୍ରରେ ଅନଗ୍ରସର। ଦେଶର ମୋଟ ଜାତୀୟସ୍ତରର ସଡ଼କର ମାତ୍ର ୬ଭାଗ ଏହି ଅଞ୍ଚଳରେ ରହିଛି। ଏହି ଇଲାକାର ଜାତୀୟ ରାଜପଥ ଅନୁପାତ ସମଗ୍ର ଦେଶର ମାତ୍ର ୧୩ ଭାଗ। ଆବଶ୍ୟକ ରକ୍ଷଣାବେକ୍ଷଣ ଅଭାବରୁ ଏସବୁ ସଡ଼କ ଓ ଜାତୀୟ ରାଜପଥର ମାନ ଅତି ଖରାପ। ସଡ଼କ ସଂଖ୍ୟା ଓ ସ୍ଥିତି ଖରାପ ଥିବାରୁ ସେସବୁ ସର୍ବଦା ଭିଡ଼ ରହେ। ବିଦ୍ୟୁତ୍ ଅଭାବ ବାରମ୍ବାର ଦେଖାଯାଏ। ପାନୀୟଜଳ ଏହି ଅଞ୍ଚଳର ଆଉ ଏକ ବଡ଼ ସମସ୍ୟା। ଏସବୁ ସମସ୍ୟା ଯୋଗୁଁ ଏହି ଅଞ୍ଚଳର ଭିତ୍ତିଭୂମି ବିକାଶ ବିଘ୍ନିତ।

**ଶିଳ୍ପ ଅଭିବୃଦ୍ଧିରେ ଅସୁବିଧା:**

ସ୍ୱାଧୀନତା ହାସଲ ସମୟରେ ଆସାମରେ ଅନେକ କ୍ଷୁଦ୍ରକ୍ଷୁଦ୍ର ତଥା ଗୁରୁତ୍ୱପୂର୍ଣ୍ଣ ଶିଳ୍ପୋଦ୍ୟୋଗ ମୁଖ୍ୟତଃ ଉପନିବେଶବାଦୀ ପୁଂଜିପତିଙ୍କ ଦ୍ୱାରା ସ୍ଥାପନ ହୋଇ ଉତ୍ତମ ଫଳାଫଳ ପ୍ରଦର୍ଶନ କରୁଥିଲା। ଏଥିରେ ବାଗବଗିଚା, ଚା, ଚାଷ, କୋଇଲା ଓ ତୈଳ ଉତ୍ତୋଳନ, ତୈଳବିଶୋଧନାଗାର, ପ୍ଲାଏଉଡ୍ ପ୍ରସ୍ତୁତି ଓ ଜଙ୍ଗଲଜାତ ଦ୍ରବ୍ୟ ଭିତ୍ତିକ ଉଦ୍ୟୋଗମାନ ଥିଲା। ସ୍ୱାଧୀନତା ପରେ, ଦେଶବିଭାଜନ କାରଣରୁ ଆସାମର ଔଦ୍ୟୋଗିକ କ୍ଷେତ୍ର ଗୁରୁତର ଭାବେ କ୍ଷତିଗ୍ରସ୍ତ ହେଲା। ଏହି ଅଞ୍ଚଳର ବ୍ୟବସାୟୀମାନେ ଅବଶିଷ୍ଟ ଭାରତ ସହ ଏକ ପ୍ରକାର ବିଚ୍ଛିନ୍ନ ହୋଇଗଲେ। ବାଣିଜ୍ୟ ବ୍ୟବସାୟ ପଥ ବନ୍ଦ ହୋଇଗଲା। ଫଳରେ ଏହି ଅଞ୍ଚଳ ପୁଂଜିପତି ଓ ଉଦ୍ୟୋଗପତିଙ୍କ ଲାଭଜନକ ନିବେଶସ୍ଥଳୀ ତାଲିକାରୁ ବାଦ ପଡ଼ିଲା। ଏଥିଯୋଗୁଁ ଏ ଅଞ୍ଚଳର ଅର୍ଥନୈତିକ ପ୍ରଗତି ଓ ଅଭିବୃଦ୍ଧି ବ୍ୟାହତ ହେବା ସହ ଦେଶର ମୂଳ ଭୂଖଣ୍ଡ ସହ ଏହାର ଅର୍ଥନୈତିକ ସମ୍ମିଶ୍ରଣ ବାଧାପ୍ରାପ୍ତ ହେଲା। ଏହି ଅଞ୍ଚଳର ଔଦ୍ୟୋଗିକ ବିକାଶର ମୁଖ୍ୟ ଉତ୍ସଥିଲା ଏଠାକାର ପ୍ରଚୁର ପ୍ରାକୃତିକ ସଂପଦ। ଉଦାହରଣ ସ୍ୱରୂପ ଏଠାକାର ପ୍ରଚୁର ଜଳସମ୍ପଦ ଜାତୀୟ ଜଳ ବିଦ୍ୟୁତ୍ ଶକ୍ତି ନିଗମ ପାଇଁ ସୁଯୋଗ ସୃଷ୍ଟି କରିଥିବାବେଳେ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ୍ ବା 'ଗେଲ୍' ତଥା ତୈଳ ଓ ପ୍ରାକୃତିକ ଗ୍ୟାସ ନିଗମ (ଓଏନ୍‌ଜିସି) ପାଇଁ ତୈଳ ଉତ୍ତୋଳନ ଓ ବିଶୋଧନ ନିମନ୍ତେ ଏଠାରେ ପ୍ରଚୁର ସୁଯୋଗ ଥିଲା। ୧୯୯୫ରେ ସୁପ୍ରିମ କୋର୍ଟଙ୍କ ନିର୍ଦ୍ଦେଶରେ ଗଛକଟା ଉପରେ ନିଷେଧାଦେଶ ଜାରି ଏବଂ ଜଙ୍ଗଲଜାତ ଦ୍ରବ୍ୟର ସଂଗ୍ରହ ଓ ଉପଯୋଗ କ୍ଷେତ୍ରରେ ସରକାରୀ କଟକଣା ଯୋଗୁଁ ତା'ଉପରେ ନିର୍ଭରଶୀଳ ଶିଳ୍ପସଂସ୍ଥା ଉଧେଇ ପାରିଲେ ନାହିଁ। ଏହା ବ୍ୟତୀତ ଶିଳ୍ପାୟନ ପାଇଁ ସ୍ଥାନୀୟ ପୁଂଜିର ଅଭାବ, ପରିବହନ ଓ ବିପଣନ ଜନିତ ସମସ୍ୟା ଏହି ଅଞ୍ଚଳର ଔଦ୍ୟୋଗିକ କ୍ଷେତ୍ରର ବିକାଶ ଓ ଅର୍ଥନୈତିକ ଅଭିବୃଦ୍ଧିକୁ ଏକ ପ୍ରକାର ପଙ୍ଗୁ କରିଦେଲା। ଚା ଶିଳ୍ପ ଭାରତର ଏକ ପୁରୁଣା ଉଦ୍ୟୋଗ। ବିଂଶ ଶତାବ୍ଦୀର ପ୍ରାରମ୍ଭରେ ଏହା ଆରମ୍ଭ ହୋଇଥିଲା। ଚା ଚାଷ ଓ ବ୍ୟବସାୟ ପାଇଁ ଆସାମରେ ମୂଳରୁ ପ୍ରଚୁର ସମ୍ଭାବନା ଓ ସାମର୍ଥ୍ୟ ଥିଲା। ତେବେ ଏବେ ଏଠାରେ, ବିଶେଷ କରି ଆସାମରେ ଚା ଶିଳ୍ପର ଏକ ପ୍ରମୁଖ ସମସ୍ୟା ହେଉଛି ଶ୍ରମିକ ସମସ୍ୟା। ପ୍ରମୁଖ ଅହମିୟା ଲୋକ ଓ ଚା ଶ୍ରମିକଙ୍କ ମଧ୍ୟରେ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ, ସ୍ୱାସ୍ଥ୍ୟ ପ୍ରସଙ୍ଗ ଓ ଆଉ କିଛି କଥାକୁ ନେଇ ବିବାଦ ଚାଲିଛି।

**କୃଷି:**

ନିଜର ଖାଦ୍ୟ ଆବଶ୍ୟକତା ପୂରଣ ପାଇଁ ଉତ୍ତରପୂର୍ବାଞ୍ଚଳରେ ଲୋକମାନେ ଚାଷବାସ ଉପରେ ମୁଖ୍ୟତଃ ନିର୍ଭରଶୀଳ। ଏହାସତ୍ତ୍ୱେ ଏହି ଅଞ୍ଚଳରେ କୃଷି ଅଭିବୃଦ୍ଧି ହାର ଅସମ। ବିଭିନ୍ନ ପ୍ରକାରର ଚାଷ ଓ ଫସଲ ଉତ୍ପାଦନ ହାର ଏଠାକାର ବିଭିନ୍ନ ରାଜ୍ୟ ମଧ୍ୟରେ ଭିନ୍ନଭିନ୍ନ। ଧାନ ଏଠାକାର ପ୍ରମୁଖ ଖରିଫ ଫସଲ। ରବି ଋତୁରେ ଏଠାରେ ଗହମ, ଆଳୁ, ଆଖୁ, ବିଭିନ୍ନ ପ୍ରକାର ଡାଲି ଓ ତୈଳବୀଜ ଆଦି ଚାଷ କରାଯାଏ। ଉତ୍ତରପୂର୍ବାଞ୍ଚଳରେ ଦେଶର ମୋଟ ଖାଦ୍ୟଶସ୍ୟର ମାତ୍ର ୧.୫ ଭାଗ ଉତ୍ପାଦିତ ହୁଏ। ଏହା ଉପରେ ଏହି ଅଞ୍ଚଳର ୭୦ଭାଗ ଲୋକ ନିର୍ଭର କରନ୍ତି। ଦେଶର ଅନ୍ୟ ଭାଗ ତୁଳନାରେ ଉତ୍ତରପୂର୍ବାଞ୍ଚଳରେ କୃଷି ଅଭିବୃଦ୍ଧି ହାର ମନ୍ଥର। ସବୁଜ ବିପ୍ଳବର ଲାଭ ଏ ଅଞ୍ଚଳର ଚାଷୀ ଏଯାଏ ପାଇପାରିନାହାନ୍ତି ଏବଂ ଏହା ଦେଶର ଉତ୍ତର-ପଶ୍ଚିମାଞ୍ଚଳରେ ସୀମିତ ରହିଛି। ମୋଟାମୋଟି ଏହି ଅଞ୍ଚଳରେ କୃଷି ଉତ୍ପାଦନ ସ୍ଥିତି ପାରମ୍ପରିକ ଓ କୃଷି ଉତ୍ପାଦନ ହାର ସର୍ବନିମ୍ନ। ଏହି ଅଞ୍ଚଳରେ ଅନେକ ସ୍ଥାନରେ ଜଳସେଚନ ସୁବିଧା ଆଦୌ ନାହିଁ କହିଲେ ଚଳେ। ଚାଷ ଜମିରେ ସାର ପ୍ରୟୋଗ ଅନୁପାତ ଅତି କମ୍। ଉତ୍ତରପୂର୍ବାଞ୍ଚଳରେ ପୋଡୁ ଚାଷ ଏକ ସାଧାରଣ ଘଟଣା। ପ୍ରାୟ ୧୦୭ ନିୟୁତ ହେକ୍ଟର ଜମିରେ ପୋଡୁ ଚାଷ ହୁଏ। ଏହା ଫଳରେ ପାହାଡ଼ିଆ ଅଞ୍ଚଳରେ ଜଙ୍ଗଲ ପୋଡ଼ି ଯୋଗୁଁ ମୃତ୍ତିକା କ୍ଷୟ ଘଟିଥାଏ ଏବଂ ମାଟିର ଉର୍ବରତା ହ୍ରାସ ପାଏ।

**ପ୍ରାକୃତିକ ସମ୍ବଳ ଭିତ୍ତି:**

ଉତ୍ତରପୂର୍ବାଞ୍ଚଳ ପ୍ରାକୃତିକ ସମ୍ପଦର ଏକ ଗନ୍ତାଘର।

ଏଠାରେ ଉର୍ବର ମୃତ୍ତିକା, ପାଣି, ନାନା ପ୍ରକାର ଉଦ୍ଭିଦ ଓ ବୃକ୍ଷରାଜି ଏବଂ ତରଳ ଅଙ୍ଗାର (ହାଇଡ୍ରୋକାରବନ୍) ପ୍ରଚୁର ପରିମାଣରେ ମିଳିବା ସତ୍ତ୍ୱେ ଏହି ଅଞ୍ଚଳ ଅନୁନ୍ନତ। ଏହାର କାରଣ ହେଲା ଏସବୁ ପ୍ରାକୃତିକ ସମ୍ପଦର ଅବିଚାରିତ ଉତ୍ତୋଳନ ଓ ଦୁରୁପଯୋଗ ହେଉଛି। ଏସବୁ ପ୍ରାକୃତିକ ସମ୍ପଦ କ୍ରମଶଃ ନିଃଶେଷ ହେଉଥିବାବେଳେ ଯେଉଁ ଢଙ୍ଗରେ ସଂପୃକ୍ତ ଅଞ୍ଚଳର ବିକାଶ ଓ ଅଭିବୃଦ୍ଧି ହେବା କଥା ତାହା ହୋଇପାରୁନାହିଁ। କୋଇଲା ଖଣି ଖନନକାରୀ, ସାର ଶିଳ୍ପ, କାଗଜ ଶିଳ୍ପ, ସିମେଣ୍ଟ ଶିଳ୍ପ ଓ ଆତଙ୍କବାଦୀ ଗୋଷ୍ଠୀ ଏହି ସବୁ ସମ୍ପଦର ଦୁରୁପଯୋଗ ତଥା ଅପଚୟ ଅଧିକ କରୁଛନ୍ତି।

**ପରିବହନ ଓ ଯୋଗାଯୋଗ:**

ଉତ୍ତରପୂର୍ବାଞ୍ଚଳର ପରିବହନ ଓ ଯୋଗାଯୋଗ ଦୃଶ୍ୟପଟ ସନ୍ତୋଷଜନକ ନୁହେଁ। ଏହି ଅଞ୍ଚଳରେ ସଡ଼କ ବିକାଶ କାର୍ଯ୍ୟ ଅତ୍ୟନ୍ତ ମନ୍ଥର। ଏଥିପାଇଁ ବିଭିନ୍ନ ଭୌଗୋଳିକ ଓ ସାମାଜିକ-ଆର୍ଥିକ କାରଣ ଦାୟୀ। ପଞ୍ଚବାର୍ଷିକ ଯୋଜନା କାଳରେ ଏହି ଅଞ୍ଚଳର ପରିବହନ ବ୍ୟବସ୍ଥାର ଉନ୍ନତି ପାଇଁ ପ୍ରଦାନ କରାଯାଇଥିବା ଅର୍ଥ ଯଥେଷ୍ଟ ନ ଥିଲା। ପର୍ଯ୍ୟାପ୍ତ ପରିବହନ ଓ ଯୋଗାଯୋଗ ବ୍ୟବସ୍ଥାର ଅଭାବ ଏଠାକାର ବିକାଶ ପ୍ରକ୍ରିୟାକୁ ପଙ୍ଗୁ କରିଛି। ଦେଶ ବିଭାଜନ ପରେ ଏହି ଅଞ୍ଚଳ କେବଳ ଆର୍ଥିକ ଦୃଷ୍ଟିରୁ କ୍ଷତିଗ୍ରସ୍ତ ହୋଇନାହିଁ; ଏଠାକାର ଲୋକେ ଏକପ୍ରକାର ବିଚ୍ଛିନ୍ନ ଓ ନିଃସଙ୍ଗ ହୋଇଯାଇଛନ୍ତି। ପରିବହନର ସୁବିଧା ଅଭାବ ଯୋଗୁଁ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ଏଠାରେ ବହୁତ ବଢ଼ିଛି ଏବଂ ଲୋକେ ସେଥିପାଇଁ ଅସୁବିଧା ଭୋଗୁଛନ୍ତି। ଏ ଅଞ୍ଚଳରେ ଥିବା ମୋଟ ରେଳପଥ ଦେଶର ସମୁଦାୟ ରେଳପଥର ମାତ୍ର ୪ ଭାଗ। ନୂଆ ବଙ୍ଗାଇଗାଁର ପୂର୍ବକୁ ଥିବା ସବୁ ରେଳପଥ ଅଣଓସାରିଆ। ଅଣଓସାରିଆ ରେଳପଥ ଯୋଗୁଁ ଏ ଅଞ୍ଚଳର ଅର୍ଥନୈତିକ ବିକାଶ ପ୍ରକ୍ରିୟା ମଧ୍ୟ ପ୍ରଭାବିତ ହେଉଛି। ସିମେଣ୍ଟ, ଇସ୍ପାତ, ଖାଦ୍ୟଶସ୍ୟ, ଲୁଣ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ସାମଗ୍ରୀ ପରିବହନରେ ଗୁରୁତର ଅସୁବିଧା ଦେଖାଦେଉଛି।

ଉତ୍ତରପୂର୍ବାଞ୍ଚଳର ଆଉ ଏକ ସାମ୍ପ୍ରତିକ ବିରାଟ ସମସ୍ୟା ହେଲା ବିଶ୍ୱାୟନ (ଗ୍ଲୋବାଲାଇଜେସନ) ପ୍ରକ୍ରିୟା। ଭାରତର ପଶ୍ଚିମାଭିମୁଖୀ ନୀତିରେ ସରକାର ଏକ ବଡ଼ଧରଣର ପରିବର୍ତ୍ତନ ଆଣି ପୂର୍ବାଭିମୁଖୀ ହୋଇଛନ୍ତି। ଏହି ପୂର୍ବାଭିମୁଖୀ ନୀତିରେ ଉତ୍ତରପୂର୍ବାଞ୍ଚଳ ପ୍ରମୁଖ ଗୁରୁତ୍ୱ ପାଇଛି। ଉତ୍ତରପୂର୍ବାଞ୍ଚଳକୁ ଭାରତସରକାର ଦକ୍ଷିଣପୂର୍ବ ଏସିଆର ପ୍ରବେଶଦ୍ୱାରା କରିବାକୁ ନିଷ୍ପତ୍ତି ନେଇଛନ୍ତି। ତେବେ ପଶ୍ଚିମାଭିମୁଖୀ ନୀତିଦ୍ୱାରା ଭାରତର ଅନ୍ୟ ଅଞ୍ଚଳପ୍ରତି ଆକୃଷ୍ଟ ବିଦେଶୀ ଉଦ୍ୟୋଗପତି, ପୁଂଜିପତି କେତେଦୂର ଉତ୍ତରପୂର୍ବାଞ୍ଚଳକୁ ମୁହାଁଇବେ ଓ ଏଠାରେ ବିଶ୍ୱାୟନର ସୁଫଳମିଳିବ ତାହା କହିବା କଷ୍ଟ।

**ସାମାଜିକ ଅସଂଗତି:**

ଏହି ଅଞ୍ଚଳର ସାମାଜିକ ଅସଂଗତି ଓ ବିବିଧତା ମଧ୍ୟ ଏକ ଉଦ୍‌ବେଗର ବିଷୟ। ସୀମିତ ଉତ୍ପାଦନକାରୀ ଶକ୍ତି ଓ ଗୋଷ୍ଠୀ ଥିବା ଏକ ସମାଜ ତାହାର ସଦସ୍ୟମାନଙ୍କୁ ଦକ୍ଷତା ଦୃଷ୍ଟିରୁ ଦରିଦ୍ର କରେ। ଦକ୍ଷତା-ଦରିଦ୍ର ସମାଜ ମଧ୍ୟ ସାଂସ୍କୃତିକ ପୁଂଜି ନିର୍ମାଣରେ ଦୁର୍ବଳ। ସେହି ସମାଜର ଜୀବନଧାରଣର ମାନ ଯଦି ଏହାର ଉତ୍ପାଦନକାରୀ ଶକ୍ତିଙ୍କ ସାମର୍ଥ୍ୟଠାରୁ ଅଧିକ ହୁଏ ତେବେ ସେହି ସମାଜର ଆର୍ଥିକ ସ୍ଥିତି ନୈତିକ ଅଧୋପତନର ସମ୍ମୁଖୀନ ହେବା ସହ ଚରିତ୍ର ହରାଇବସେ।

ଉତ୍ତରପୂର୍ବାଞ୍ଚଳରେ ଶିକ୍ଷାବ୍ୟବସ୍ଥା ଦୟନୀୟ ଭାବେ ବିଫଳ ହୋଇଛି। ସ୍ୱଚ୍ଛଳବର୍ଗର ଲୋକେ ସେମାନଙ୍କ ପିଲାଙ୍କୁ ବଡ଼ବଡ଼ ସହରକୁ ପଠାଇ ସେଠାରେ ପାଠପଢ଼ାର ବନ୍ଦୋବସ୍ତ କରନ୍ତି। ଏହା ଫଳରେ ସ୍ଥାନୀୟ ସମାଜ ଶକ୍ତ ଅର୍ଥନୀତିକ ଆଘାତ ପାଏ। ଏହି ପ୍ରତିଭା ପଳାୟନ ଉତ୍ତରପୂର୍ବାଞ୍ଚଳର ନୀତିଗତ ପକ୍ଷାଘାତ ଅବସ୍ଥା ପାଇଁ ଦାୟୀ। ଏହାର ସମାଧାନ ଲୋଡ଼ା।

ଏଠାକାର ଆଉ ଏକ ଉଦ୍‌ବେଗଜନକ ସମସ୍ୟା ହେଲା ନିଶା ଔଷଧ ସେବନ। ସାଧାରଣ ଆକାଳନ ଅନୁସାରେ ଉତ୍ତରପୂର୍ବାଞ୍ଚଳର ୩୦ ଶତାଂଶରୁ ଅଧିକ ଯୁବକ ନିଶା ଔଷଧ ସେବନ କରନ୍ତି। ଏହା ସହିତ ଏଠାରେ ଏଚ୍‌ଆଇଭି / ଏଡ୍ସ ଆଉ ଏକ ବଡ଼ ସମସ୍ୟା। ମଣିପୁର, ନାଗାଲାଣ୍ଡ ଓ ମିଜୋରାମରେ ଏଚ୍‌ଆଇଭି / ଏଡ୍ସ ଯେଉଁ ହାରରେ ବଢୁଛି ତାହା ଅତ୍ୟନ୍ତ ଉଦ୍‌ବେଗଜନକ।

ଏହି ଅଞ୍ଚଳର ବିକାଶ ପାଇଁ ଏକୀକୃତ ନଜର ଓ ପ୍ରୟାସ ନିମନ୍ତେ ୧୯୭୧ରେ ଭାରତ ସରକାର ଉତ୍ତରପୂର୍ବାଞ୍ଚଳ ପରିଷଦ ଗଠନ କରିଥିଲେ। ଏହି ଅଞ୍ଚଳର ଆଠଟି ଯାକ ରାଜ୍ୟ ଏହି ପରିଷଦର ସଦସ୍ୟ, ମେଘାଳୟର ରାଜଧାନୀ ଶିଲଂରେ ଏହାର ସଦର କାର୍ଯ୍ୟାଳୟ ଅବସ୍ଥିତି। ଭାରତ ସରକାରଙ୍କ ଉତ୍ତରପୂର୍ବାଞ୍ଚଳ ମନ୍ତ୍ରଣାଳୟ ଅଧୀନରେ ଏହା କାର୍ଯ୍ୟ ସମ୍ପାଦନ କରୁଛି। ପ୍ରାରମ୍ଭିକ ଭାବେ ଏହି ପରିଷଦ କେବଳ ପରାମର୍ଶଦାତା ଭୂମିକା ନିର୍ବାହ କରୁଥିଲା। ୨୦୦୨ ପରଠାରୁ ଏହାର କାର୍ଯ୍ୟ ପରିସର ଓ ଦାୟିତ୍ୱ ବୃଦ୍ଧି ପାଇଛି ଓ ଏହା ଆଞ୍ଚଳିକ ଯୋଜନା ଆୟୋଗ ଭଳି କାର୍ଯ୍ୟ କରୁଛି। ଯେଉଁ ବିଷୟ ସହିତ ଉତ୍ତରପୂର୍ବାଞ୍ଚଳର ପ୍ରାୟ ସବୁ ରାଜ୍ୟର ସ୍ୱାର୍ଥଜଡ଼ିତ ସେସବୁ ପ୍ରସଙ୍ଗ ଏହି ପରିଷଦରେ ଆଲୋଚନା ହେବା ସହ ନିଷ୍ପତ୍ତି ଗ୍ରହଣ କରାଯାଇଥାଏ। ଏ ଅଞ୍ଚଳର ସାଧାରଣ ସାମାଜିକ-ଅର୍ଥନୈତିକ ବିକାଶର ଖସଡ଼ା ପ୍ରସ୍ତୁତ କରିବା ସହ ତାହାର କାର୍ଯ୍ୟକାରିତା ଏବଂ ଆନ୍ତଃରାଜ୍ୟ ବିବାଦର ଅବସାନ ପାଇଁ ଏହି ପରିଷଦ କାର୍ଯ୍ୟ କରେ।

ଉତ୍ତରପୂର୍ବାଞ୍ଚଳ ବିକାଶ ଅର୍ଥନିଗମ ଲିମିଟେଡ୍ (ଏନ୍‌ଇଡିଏଫ୍‌ସିଏଲ୍) ଏକ ପବ୍ଲିକ୍ ଲିମିଟେଡ୍ କମ୍ପାନୀ। ଏହା ସଂପୃକ୍ତ ଅଞ୍ଚଳର କ୍ଷୁଦ୍ର, ଅତିକ୍ଷୁଦ୍ର, ମଧ୍ୟମ ଏବଂ ବୃହତ୍ ଉଦ୍ୟୋଗ ସବୁକୁ ସହାୟତା ଯୋଗାଇଥାଏ। ଏହାଛଡ଼ା ଉତ୍ତରପୂର୍ବାଞ୍ଚଳ ମନ୍ତ୍ରଣାଳୟ ଅଧୀନରେ ଥିବା ଆଞ୍ଚଳିକ କୃଷି ବିପଣନ ନିଗମ ଲିମିଟେଡ୍ (ନେରାମାକ୍) ସିକ୍କିମ୍ ଖଣି ନିଗମ, ଉତ୍ତରପୂର୍ବାଞ୍ଚଳ ହସ୍ତଶିଳ୍ପ ବିକାଶ ନିଗମ ପ୍ରମୁଖ ଏହି ଅଞ୍ଚଳର ଔଦ୍ୟୋଗିକ ବିକାଶ ପ୍ରକ୍ରିୟାକୁ ସହାୟତା ଯୋଗାଉଛନ୍ତି।

**ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ:**

ଏହି ମନ୍ତ୍ରଣାଳୟ ୨୦୦୧ ସେପ୍ଟେମ୍ବରରେ ପ୍ରତିଷ୍ଠା

ହୋଇଥିଲା । ଏହି ଆଠଟି ରାଜ୍ୟର ସାମାଜିକ-ଆର୍ଥିକ ବିକାଶ ପାଇଁ ନୋଡାଲ ବିଭାଗ ଭାବେ ଏହା କାର୍ଯ୍ୟକରୁଛି । ଏହା ବିଭିନ୍ନ ମନ୍ତ୍ରଣାଳୟ, କେନ୍ଦ୍ରୀୟ ବିଭାଗ ଏବଂ ଉତ୍ତରପୂର୍ବାଞ୍ଚଳର ସଂପୃକ୍ତ ରାଜ୍ୟ ସରକାରଙ୍କ ସହ ସମନ୍ୱୟ ଓ ଯୋଗସୂତ୍ର ରକ୍ଷା କରିବା ସହିତ ସୁବିଧା ପ୍ରଦାନକାରୀ ସଂସ୍ଥାର ଦାୟିତ୍ୱ ନିର୍ବାହ କରେ । ମୌଳିକ ଦିଗ୍‌ଦର୍ଶନ ଓ ସହାୟତା ପ୍ରଦାନ ସହ ଏହା ସାମାଜିକ-ଆର୍ଥିକ ବିକାଶ କାର୍ଯ୍ୟକ୍ରମରେ କୌଣସି ଯାଗାରେ କିଛି ଅସୁବିଧା ସୃଷ୍ଟିହେଲେ ତାହାକୁ ଦୂର କରିଥାଏ । ଏହି ଅଞ୍ଚଳରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ସହ ଘରୋଇ ପୁଂଜି ନିବେଶ ତଥା ଶିଳ୍ପାୟନକୁ ପ୍ରୋତ୍ସାହିତ କରିବାରେ ଏହା କାର୍ଯ୍ୟ କରେ । ଏହା ମଧ୍ୟ ସେହିଅଞ୍ଚଳର ଶକ୍ତି, ପରିବହନ, ଯୋଗାଯୋଗ ଓ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରର ଅଗ୍ରାଧିକାର ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମକୁ ବାଛେ ।

ଏହି ଅଞ୍ଚଳର ଶକ୍ତି କ୍ଷେତ୍ରର ବିକାଶ ପାଇଁ ଉତ୍ତରପୂର୍ବାଞ୍ଚଳ ପରିଷଦ (ଏନ୍‌ଇସି)ର ଗୁରୁତ୍ୱ ଅନସ୍ୱୀକାର୍ଯ୍ୟ । ଏଥିପାଇଁ ଏହା ମୌଳିକ ଭିତ୍ତିଭୂମି ବିକାଶ କରେ । ଏହି ଅଞ୍ଚଳରେ ଅଧିକରୁ ଅଧିକ ଜଳବିଦ୍ୟୁତ୍ ଓ ଗ୍ୟାସ୍‌ଭିତ୍ତିକ ଶକ୍ତିକେନ୍ଦ୍ର ସ୍ଥାପନ ହେବା ପରେ ବିଜୁଳି ଉତ୍ପାଦନ ପରିମାଣ ଉଲ୍ଲେଖନୀୟ ଭାବେ ବଢ଼ିଛି । ପରିଷଦ ମଧ୍ୟ ଅଞ୍ଚଳର ଶକ୍ତି ପରିବହନ ବ୍ୟବସ୍ଥାକୁ ସୁସଂହତ କରିବା ପାଇଁ ଆଞ୍ଚଳିକ ଓ ଜାତୀୟ ଗ୍ରୀଡ୍ ସହ ସଂଯୁକ୍ତ ହୋଇଛି । ଉତ୍ତରପୂର୍ବାଞ୍ଚଳରେ ସଡ଼କ ଓ ଜଳପଥର ବିକାଶ ପ୍ରକ୍ରିୟା ବେଶ୍ ପୁରୁଣା । ଏନ୍‌ଇସି ଏହି କାର୍ଯ୍ୟ ସମ୍ପାଦନ କରିଆସୁଛି । ଏହାଛଡ଼ା ପରିଷଦ ଏହି ଅଞ୍ଚଳରେ କୃଷି, ଜଳସେଚନ ଓ ତତ୍‌ସଂଲଗ୍ନ କ୍ଷେତ୍ରର ବିକାଶ ପାଇଁ ବିଭିନ୍ନ କାର୍ଯ୍ୟ ହାତକୁ ନେଇଛି । ଉତ୍ତମମାନର ବିହନ ପର୍ଯ୍ୟାପ୍ତ ପରିମାଣରେ ଚାଷୀଙ୍କୁ ଯୋଗାଣ, ସାର, କୀଟନାଶକ ଓ ଅନ୍ୟାନ୍ୟ ଉନ୍ନତ କୃଷି ଉପକରଣ ମିଳିବାରେ ଯେପରି ଅସୁବିଧା ନ'ହୁଏ ସେଥିପାଇଁ ପରିଷଦ ନାନାବିଧ କାର୍ଯ୍ୟକ୍ରମ ହାତକୁ ନେଇଛି ।

ପରିଷଦ ଏହି ଅଞ୍ଚଳର ସ୍ୱାସ୍ଥ୍ୟସେବା ଓ ମାନବସମ୍ବଳ ବିକାଶରେ ମଧ୍ୟ ଭାଗୀଦାର ହେଉଛି । ବିଭିନ୍ନ ଅନଗ୍ରସର ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ସ୍ଥାନ ସଂରକ୍ଷଣର ବ୍ୟବସ୍ଥା କରାଯାଇଛି । ପରିଷଦ ସାମାଜିକ ଆର୍ଥିକ ବିକାଶ କ୍ଷେତ୍ରରେ ନାନାବିଧ ସର୍ଭେ ଓ ଅନୁଧ୍ୟାନ ନିୟମିତ ଭାବେ କରି ପ୍ରତିକାର ବ୍ୟବସ୍ଥା ପାଇଁ ସୁପାରିଶ କରୁଛି । ଏସବୁ ଅନୁଧ୍ୟାନ ଏହି ଅଞ୍ଚଳର ସମ୍ବଳଉତ୍ସ ଓ ସମସ୍ୟାବଳୀ ସମ୍ପର୍କରେ ଏକ ସାଧାରଣ ଜ୍ଞାନ ଭିତ୍ତି ଯୋଗାଉଛି । ପରିଷଦର ଉଦ୍ୟମକ୍ରମେ ଉତ୍ତରପୂର୍ବାଞ୍ଚଳରେ ପ୍ରଥମ ପିଢ଼ିର ଉଦ୍ୟୋଗୀ ସୃଷ୍ଟି ହୋଇପାରିଛନ୍ତି ଏବଂ ବିଭିନ୍ନ ସ୍ଥାନରେ କ୍ଷୁଦ୍ର କ୍ଷୁଦ୍ର ଉଦ୍ୟୋଗମାନ ପ୍ରତିଷ୍ଠା ହୋଇଛି । ବଜାର ବ୍ୟବସାୟ ସୁବିଧାସୁଯୋଗ ବଢ଼ାଇବା ପାଇଁ ପରିଷଦ ପକ୍ଷରୁ ନେରାମାକ୍ ଢାଞ୍ଚାରେ ମାର୍କେଟିଂ ସଂସ୍ଥା ତିଆରି କରାଯାଇଛି । ଏହା ସେମିନାର, ପ୍ରଦର୍ଶନୀ, ଆଲୋଚନାଚକ୍ର, ବ୍ୟବସାୟୀଙ୍କ ବୈଠକ ଆଦିର ବ୍ୟବସ୍ଥା କରୁଛି । ପରିଷଦ ମଧ୍ୟ ଏ ଅଞ୍ଚଳରେ ସିଲ୍‌କ ଚାଷର ପ୍ରସାର ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିଛି । ଏରି ଓ ମୁଗା ପୋକ ପାଳନ ସହିତ ବିଭିନ୍ନ ହସ୍ତତନ୍ତ ସାମଗ୍ରୀ ଉତ୍ପାଦନକୁ ଏହା ପ୍ରୋତ୍ସାହିତ କରୁଛି । ଏହା ମଧ୍ୟ ଉତ୍ତରପୂର୍ବାଞ୍ଚଳର ପରିବେଶର ସୁରକ୍ଷା ଓ ବିକାଶ ଦିଗରେ କାର୍ଯ୍ୟ ଅବ୍ୟାହତ ରଖିଛି । ପୋଡୁଚାଷ କରୁଥିବା ପ୍ରାୟ ୧୭୦୦ ପରିବାରକୁ ପରିଷଦ ଏଥିରୁ ନିବୃତ୍ତ କରି ପାରମ୍ପରିକ କୃଷି ବ୍ୟବସ୍ଥା ମାଧ୍ୟମରେ ଥଇଥାନ କରିଛି । ଏହା ଫଳରେ ପ୍ରାୟ ୩୪୦୦ ହେକ୍ଟର ଜଙ୍ଗଲ ଜମି ପୋଡୁଚାଷରୁ ସୁରକ୍ଷିତ ହୋଇପାରିଛି । ପରିଷଦ କୃଷି କ୍ଷେତ୍ରରେ ହାତକୁ ନେଇଥିବା କାର୍ଯ୍ୟକ୍ରମଗୁଡ଼ିକ ମଧ୍ୟରେ ଜଳବିଭାଜିକା ବିକାଶ, ବିକଳ୍ପ କୃଷି ପଦ୍ଧତି ଅବଲମ୍ବନ ଓ ବେପାର ଆଦି ଅନ୍ୟତମ ।

**ସାଂପ୍ରତିକ କେନ୍ଦ୍ର ସରକାରଙ୍କ ପ୍ରୟାସ:**
ଉତ୍ତରପୂର୍ବାଞ୍ଚଳର ବିକାଶକୁ ଅଗ୍ରାଧିକାର ଦେଇ ବର୍ତ୍ତମାନର କେନ୍ଦ୍ରସରକାର ୨୦୧୭ ଡିସେମ୍ବରରେ ଉତ୍ତରପୂର୍ବ ସ୍ୱତନ୍ତ୍ର ଭିତ୍ତିଭୂମି ବିକାଶ ଯୋଜନାକୁ ଅନୁମୋଦନ କରିଥିଲେ । ଭୌତିକ ଓ ସାମାଜିକ ଏଭଳି ଦୁଇଟି ବୃହତ୍ତର ବର୍ଗରେ ଭିତ୍ତିଭୂମିର ବିକାଶ ଜନିତ ଅଭାବ ପୂରଣ କରିବାକୁ ଏଥିରେ ଲକ୍ଷ୍ୟ ରଖାଯାଇଥିଲା । ଭୌତିକ ଭିତ୍ତିଭୂମି କ୍ଷେତ୍ରରେ ରହିଛି ଜଳଯୋଗଣ, ଶକ୍ତି, ସଂଯୋଗ ବ୍ୟବସ୍ଥା ଏବଂ ପର୍ଯ୍ୟଟନ ଭଳି କ୍ଷେତ୍ରର ବିକାଶ । ସାମାଜିକ ଭିତ୍ତିଭୂମି ବିକାଶ କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ଓ ଶିକ୍ଷା ଆଦି ଅନ୍ତର୍ଭୁକ୍ତ । ଏହି କାର୍ଯ୍ୟକ୍ରମର ବିଶେଷତ୍ୱ ହେଲା ଏଥିପାଇଁ କେନ୍ଦ୍ର ସରକାର ଶତପ୍ରତିଶତ ଅର୍ଥ ଯୋଗାଇ ଦେଉଛନ୍ତି । ଆସନ୍ତା ତିନି ବର୍ଷ ମଧ୍ୟରେ କେନ୍ଦ୍ର ସରକାର ଏହି ଯୋଜନାରେ ଉତ୍ତରପୂର୍ବାଞ୍ଚଳର ଆଠଟି ରାଜ୍ୟକୁ ୫୩୦୦କୋଟି ଟଙ୍କା ଯୋଗାଇଦେବେ । ଏହା ସହିତ କେନ୍ଦ୍ରୀୟ ସହାୟତାରେ ମିଜୋରାମରେ କାର୍ଯ୍ୟକାରୀ ହେଉଥିବା ଟୁଇରିଆଲ ବୃହତ୍ ଜଳବିଦ୍ୟୁତ୍ ଯୋଜନା ମଧ୍ୟ ଖୁବ୍‌ଶୀଘ୍ର କାର୍ଯ୍ୟକ୍ଷମ ହେବାକୁ ଯାଉଛି । ଏହି ପ୍ରକଳ୍ପରୁ ବାର୍ଷିକ ୨୫୧ ନିୟୁତ ୟୁନିଟ୍ ବିଜୁଳି ଶକ୍ତି ଉତ୍ପାଦିତ ହେବ । ଏହାଦ୍ୱାରା ସେହି ରାଜ୍ୟର ସାମାଜିକ ଆର୍ଥିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ । ଏହାଛଡ଼ା ସିକ୍କିମ୍, ତ୍ରିପୁରା ପରେ ମିଜୋରାମ ଉତ୍ତରପୂର୍ବାଞ୍ଚଳର ତୃତୀୟ ଶକ୍ତି ବଳକା ରାଜ୍ୟର ମାନ୍ୟତା ପାଇବ । ସମ୍ବଳ ଅଭାବ ସତ୍ତ୍ୱେ କେନ୍ଦ୍ର ସରକାର ଉତ୍ତରପୂର୍ବାଞ୍ଚଳର ଯେଉଁସବୁ ପ୍ରକଳ୍ପ କାର୍ଯ୍ୟକାରୀ କରୁଛନ୍ତି ସେଥିରେ ୯୦ଭାଗ ଅର୍ଥ ବହନ କରୁଥିବାବେଳେ ସଂପୃକ୍ତ ରାଜ୍ୟଗୁଡ଼ିକ ମାତ୍ର ୧୦ପ୍ରତିଶତ ଅର୍ଥ ଦେବାକୁ ପଡୁଛି । ଏଥିରୁ ସେହି ଅଞ୍ଚଳର ବିକାଶ ପ୍ରତି ସରକାରଙ୍କ ଦୃଷ୍ଟିକୋଣ ସ୍ପଷ୍ଟ ଅନୁମିତ । ଉତ୍ତରପୂର୍ବାଞ୍ଚଳ ପାଇଁ କେନ୍ଦ୍ର ୩୨ହଜାର କୋଟି ଟଙ୍କା ବ୍ୟୟରେ ୩୮୦୦କିଲୋମିଟର ଜାତୀୟ ରାଜପଥ ନିର୍ମାଣ ପ୍ରସ୍ତାବକୁ ଅନୁମୋଦନ କରିଥିବାବେଳେ ଗତ ତିନିବର୍ଷ ମଧ୍ୟରେ ସେଥିରୁ ୧୨୦୦ କି.ମି. ତିଆରି ସରିଲାଣି ।

ଉତ୍ତରପୂର୍ବାଞ୍ଚଳର ସବୁ ପ୍ରାଦେଶିକ ରାଜଧାନୀକୁ ରେଳ ସଂଯୋଗ କରିବା

ଉଦ୍ଦେଶ୍ୟରେ କେନ୍ଦ୍ରସରକାର ୬୦ହଜାର କୋଟି ଟଙ୍କା ଖର୍ଚ୍ଚ କରିବେ। ଏହାକୁ ସ୍ୱତନ୍ତ୍ର ତ୍ୱରାନ୍ୱିତ ସଡ଼କ ବିକାଶ କର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ କରାଯାଇଛି। ସେହିଭଳି ଆସନ୍ତା ଦୁଇ ତିନି ବର୍ଷ ମଧ୍ୟରେ ଭାରତମାଳା କାର୍ଯ୍ୟକ୍ରମରେ ଏହି ଅଞ୍ଚଳରେ ୩୦ହଜାର କୋଟି ଟଙ୍କା ବ୍ୟୟରେ ବିଭିନ୍ନ ହାଇୱେ ଓ ସଡ଼କ ନିର୍ମାଣ କରାଯିବ। କେନ୍ଦ୍ରର 'ଆକ୍ଟ ଇଷ୍ଟ' ନୀତିରେ ଏହି ଅଞ୍ଚଳର ବିକାଶ ପାଇଁ ଯେଉଁସବୁ ପ୍ରକଳ୍ପ ରହିଛି ସେଥିମଧ୍ୟରେ କାଲାଦାନ ମଲ୍ଟି ମୋଡାଲ୍ ଟ୍ରାଂଜିଟ୍ ଟ୍ରାନ୍ସପୋର୍ଟ ପ୍ରୋଜେକ୍ଟ, ରିହ-ଟେଡିମ୍ ସଡ଼କ ପ୍ରକଳ୍ପ ଏବଂ ସୀମାନ୍ତ ହାଟ ପ୍ରକଳ୍ପ ଆଦି ଅନ୍ୟତମ। ଗତ ଦୁଇ ବର୍ଷ ମଧ୍ୟରେ ମିଜୋରାମର ଦୁଇଟି ପର୍ଯ୍ୟଟନ ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୯୪ କୋଟି ଟଙ୍କା ମଂଜୁର କରିଛନ୍ତି। ସେଥିମଧ୍ୟରୁ ୧୧୫ କୋଟି ଯଙ୍କା ଯୋଗାଇ ଦିଆଗଲାଣି।

ବାଉଁଶ ଉତ୍ତରପୂର୍ବାଞ୍ଚଳ ଲୋକଙ୍କ ଜୀବନ ଜୀବିକା ସହ ବିଶେଷ ଭାବେ ଜଡ଼ିତ। ଏହାକୁ ଦୃଷ୍ଟିରେ ରଖି ଏହାର ବ୍ୟାବସାୟିକ ଉପଯୋଗ ଉପରେ ଥିବା କଟକଣାକୁ କେନ୍ଦ୍ରସରକାର କୋହଳ କରିଛନ୍ତି। ଏବେ ବାଉଁଶ ଚାଷ, ଉତ୍ପାଦନ, ପରିବହନ ଓ ବିକ୍ରିବଟା ପାଇଁ ଆଉ ପରମିଟ୍‌ର ଆବଶ୍ୟକତା ପଡ଼ିବ ନାହିଁ। ଏହାଦ୍ୱାରା ଏହି ଅଞ୍ଚଳର ଲକ୍ଷଲକ୍ଷ ଚାଷୀ ଉପକୃତ ହେବେ ଏବଂ ୨୦୨୨ ସୁଦ୍ଧା ସେମାନଙ୍କର ଆୟ ଦ୍ୱିଗୁଣିତ ହୋଇପାରିବ।

୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ସରକାର ଏହି ଅଞ୍ଚଳର ଉଡ଼ାଣ କ୍ଷେତ୍ରର ବିକାଶ ପାଇଁ ୧୦୧୪.୦୯ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ଏହା ଗତ ବଜେଟ ବ୍ୟୟ ବରାଦ ଠାରୁ ପାଞ୍ଚଗୁଣ ଅଧିକ। ଏଥିରେ ଏହି ଅଞ୍ଚଳର ୫୦ଟି ବିମାନବନ୍ଦରର ପୁନରୁଦ୍ଧାର କାର୍ଯ୍ୟକ୍ରମ ରହିଛି। ସେଥିମଧ୍ୟରେ ସାମରିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସିକ୍କିମ୍‌ର ପେକିୟଙ୍ଗ, ଅରୁଣାଚଳପ୍ରଦେଶର ତେଜୁ ଅନ୍ତର୍ଭୁକ୍ତ। ଏହି ଦୁଇ ସାମରିକ ବିମାନବନ୍ଦରରେ ପ୍ରଥମ ଥର ପାଇଁ ବେସାମରିକ ଲୋକଙ୍କ ନିମନ୍ତେ ଉଡ଼ାଣ ସେବାର ବ୍ୟବସ୍ଥା କରାଯିବ।

ଆଶା କରାଯାଏ ଯେ ସରକାରଙ୍କର ଏସବୁ ପ୍ରୟାସ ଫଳରେ ଏହି ଅଞ୍ଚଳର ଅର୍ଥନୈତିକ ସଂଯୋଗ ବ୍ୟବସ୍ଥାରେ ଉଲ୍ଲେଖନୀୟ ଉନ୍ନତି ଆସିବ ଏବଂ ଏହାଦ୍ୱାରା ଆର୍ଥିକ ବିକାଶ, ଅଭିବୃଦ୍ଧି ତ୍ୱରାନ୍ୱିତ ହେବ। ଏହି ଅଞ୍ଚଳର ଉଚ୍ଚ ସାକ୍ଷରତା ହାର, ନୈସର୍ଗିକ ଶୋଭାରାଜି ଏବଂ ଭଲ ଇଂରାଜୀ କହୁଥିବା ଲୋକଶକ୍ତି ଉତ୍ତରପୂର୍ବକୁ ଏକ ଯଥାର୍ଥ ତଥା ଆଦର୍ଶ ପର୍ଯ୍ୟଟନ ଲକ୍ଷ୍ୟସ୍ଥଳିରେ ପରିଣତ କରିପାରିବ।

**ଭବିଷ୍ୟତ ପନ୍ଥା:**

ଏହି ଅଞ୍ଚଳର ପୂର୍ଣ୍ଣାଙ୍ଗ ବିକାଶ ପାଇଁ ଏକ ଛ'ସୂତ୍ରୀ ରଣକୌଶଳ ପ୍ରସ୍ତାବ ବିଚାରଯୋଗ୍ୟ। ସେସବୁ ହେଲା -

- ଅଧିକ ସ୍ୱୟଂଶାସନ ଦ୍ୱାରା ଲୋକଙ୍କୁ ସଶକ୍ତ କରିବା ଓ ତୃଣମୂଳ ସ୍ତରରୁ ଯୋଜନା ପ୍ରସ୍ତୁତ କରି ସହଯୋଗ ଭିତ୍ତିକ ବିକାଶରେ ସମାବେଶୀ ପ୍ରଗତିକୁ ପ୍ରୋତ୍ସାହିତ କରିବା।
- କୃଷି ଓ ତତ୍‌ସଂଲଗ୍ନ କ୍ଷେତ୍ରର ଉତ୍ପାଦନ ବୃଦ୍ଧି ପୂର୍ବକ ଗ୍ରାମାଞ୍ଚଳରେ ବିକାଶମୂଳକ ସୁଯୋଗ ସୁବିଧାସୃଷ୍ଟି କରିବା ଏବଂ ଏଥିପାଇଁ ପଶୁପାଳନ, ଫୁଲଚାଷ, ଉଦ୍ୟାନକୃଷି, ମତ୍ସ୍ୟଚାଷ ଏବଂ ଅଣ କୃଷିଭିତ୍ତିକ ଧନ୍ଦା ଦ୍ୱାରା ନିଯୁକ୍ତି ସୁଯୋଗ ଯୋଗାଇଦେବା।
- କୃଷିଜାତ ଦ୍ରବ୍ୟ ପ୍ରକ୍ରିୟାକରଣ, ଜଳବିଦ୍ୟୁତ୍ ଶକ୍ତି ଉତ୍ପାଦନ ଆଦି ଯେଉଁସବୁ କ୍ଷେତ୍ର ନିମନ୍ତେ ଏଠାରେ ଅପେକ୍ଷାକୃତ ସୁବିଧା ସୁଯୋଗ ଅଧିକ ତାହାକୁ ଅଧିକ ପ୍ରୋତ୍ସାହିତ କରିବା।
- ଉଭୟ ସରକାରୀ ଓ ବେସରକାରୀ ସ୍ତରରେ ବିଭିନ୍ନ କାର୍ଯ୍ୟକ୍ରମ ହାତକୁ ନେଇ ଲୋକଙ୍କ ଦକ୍ଷତା ବିକାଶ କରାଇବା ଏବଂ ସେମାନଙ୍କୁ ଅନୁଷ୍ଠାନ ନିର୍ମାଣ ବୃଦ୍ଧିରେ ଦକ୍ଷ କରାଇବା।
- ଏ ଅଞ୍ଚଳରେ ଏକ ଅନୁକୂଳ ନିବେଶ ପରିବେଶ ସୃଷ୍ଟି କରିବା ସହ ଘରୋଇ ଉଦ୍ୟୋଗକୁ ଅଧିକରୁ ଅଧିକ ପୁଞ୍ଜି ନିବେଶ ପାଇଁ ଆକର୍ଷିତ କରିବା ଓ ଏଥିରେ ଭିତ୍ତିଭୂମି ବିକାଶକୁ ଅଗ୍ରାଧିକାର ଦେବା।
- ଏହି ଲକ୍ଷ୍ୟ ହାସଲ ପାଇଁ ଉଭୟ ସରକାରୀ ଓ ଘରୋଇ ଉଦ୍ୟୋଗର ସମ୍ବଳକୁ ଯଥାସାଧ୍ୟ ଉପଯୋଗ କରିବା।

୨୦୧୮ ଫେବୃଆରୀ ତିନି ତାରିଖରେ ଗୁଆହାଟି ଠାରେ ବିଶ୍ୱ ନିବେଶକ ସମ୍ମିଳନୀ ଆୟୋଜିତ ହୋଇଥିଲା। ଏଥିରୁ ଏ ଅଞ୍ଚଳର ବିକାଶ ପାଇଁ ଏନ୍‌ଡିଏ ସରକାରଙ୍କ ଆଗ୍ରହ ଓ ପ୍ରତିବଦ୍ଧତାର ପ୍ରମାଣ ମିଳେ। ଏହି ସମ୍ମିଳନୀରେ ଉତ୍ତରପୂର୍ବାଞ୍ଚଳର ନିବେଶ ସୁଯୋଗ ଓ ଦକ୍ଷତା ଅବଶ୍ୟ ପ୍ରଦର୍ଶିତ ହୋଇଛି। ଦକ୍ଷିଣ ଓ ଦକ୍ଷିଣ ପୂର୍ବ ଏସିଆକୁ ଏହା ଏକ ପ୍ରବେଶ ଦ୍ୱାର ସଦୃଶ ହୋଇଥିବାରୁ ଏଠାରେ ମାନୁଫାକଚରିଙ୍ଗ, ସେବା, ଶକ୍ତି, କୃଷି, ଖାଦ୍ୟ ପ୍ରକ୍ରିୟାକରଣ, ଆଇଟି, ପରିବହନ, ପେଟ୍ରୋକେମିକାଲ୍ସ, ଫାର୍ମାସ୍ୟୁଟିକାଲ, ବୟନ ସାମଗ୍ରୀ, ହସ୍ତଶିଳ୍ପ ଓ ପର୍ଯ୍ୟଟନ ଉଦ୍ୟୋଗର ବିକାଶ ପାଇଁ ପ୍ରଚୁର ସମ୍ଭାବନା ରହିଛି।

ଉପସଂହାରରେ ଏହା କହିବା ଯଥାର୍ଥ ଯେ ଅଭିନବତା, ପ୍ରୟାସ, ବିଚାର ଓ ରୂପାୟନ ଏହି ଚାରିଟି କଥା ଠିକ୍‌ଠାକ୍ ଚାଲିଲେ ଲକ୍ଷ୍ୟ ହାସଲ ଅବସ୍ୟମ୍ଭାବୀ। ସମାବେଶୀ ବିକାଶ ଜରିଆରେ ସମାବେଶୀ ଅଭିବୃଦ୍ଧିର ଆବଶ୍ୟକତା ରହିଛି। ଏଥିରେ ସୁଶାସନ, ପୁରୁଣାକାଳିଆ ପ୍ରତିବନ୍ଧକ ସୃଷ୍ଟିକାରୀ ଆଇନର ଅବସାନ, ମୌଳିକ ଆବଶ୍ୟକତା ଓ ସେବା ଯୋଗାଣ ପାଇଁ ସ୍ଥାନୀୟ ଲୋକଙ୍କୁ ସଶକ୍ତ, ଦକ୍ଷ କରିବା ଏକାନ୍ତ ଅପରିହାର୍ଯ୍ୟ। ଏଥିପାଇଁ ସବୁ ସଂପୃକ୍ତ ସବୁ ପକ୍ଷ ମିଳିମିଶି ଏକ ପୂର୍ଣ୍ଣାଙ୍ଗ ବାସ୍ତବବାଦୀ ଯୋଜନା ପ୍ରସ୍ତୁତ କରି ତାହାକୁ କାର୍ଯ୍ୟକାରୀ କଲେ ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହର ସାମଗ୍ରିକ ବିକାଶ ସମ୍ଭବ ହେବ।

ଚଣ୍ଡିଗଡ଼ସ୍ଥିତ ନାବାର୍ଡର ଆଞ୍ଚଳିକ କାର୍ଯ୍ୟାଳୟରେ ଲେଖିକା ଜଣେ ସହକାରୀ ପ୍ରବନ୍ଧକ ଭାବେ କାର୍ଯ୍ୟରତ।

# ଉତ୍ତର-ପୂର୍ବାଞ୍ଚଳର କୃଷି ଅଭିବୃଦ୍ଧି : ବାଉଁଶ ମିଶନ ଆର୍ଥିକ ସମୃଦ୍ଧିର ଚାବି

● ନିରେନ୍ଦ୍ର ଦେବ

ଉତ୍ତରପୂର୍ବାଞ୍ଚଳର କୌଣସି କାହାଣୀ ଏହାର ଅନ୍ତର୍ନିହିତ ସ୍ଥିତିସ୍ଥାପକ ଶକ୍ତିର ଉଲ୍ଲେଖ ବିନା ସମାପ୍ତ ହେବ ନାହିଁ। ଏହି ସ୍ଥିତିସ୍ଥାପକ ଶକ୍ତି ମଧ୍ୟରୁ ଗୋଟିଏ ହେଉଛି ସେ ଅଞ୍ଚଳର କୃଷି ପରିଚାଳନା ଓ ପାରମ୍ପରିକ କୃଷି ବ୍ୟବସ୍ଥା। ଚାଷବାସ ଉତ୍ତରପୂର୍ବାଞ୍ଚଳର ମୁଖ୍ୟ ଜୀବିକା ଏହା ନିଃସନ୍ଦେହରେ କୁହାଯାଇପାରେ। ପାହାଡ଼ ହେଉ ଅଥବା ଉପତ୍ୟକା ସବୁଠି ଲୋକେ ଚାଷ ଉପରେ ନିର୍ଭରଶୀଳ। ଏହି ଅଞ୍ଚଳର କୃଷିର ବିଶେଷତ୍ୱ ହେଲା ଲୋକେ ସ୍ଥାନୀୟ ପରିବେଶ ଓ ପରିସ୍ଥିତିକୁ ବିଚାରକୁ ନେଇ ପାରମ୍ପରିକ ରୀତିରେ ଚାଷବାସ କରିଥାନ୍ତି। ସ୍ଥାନୀୟ ଅଧିବାସୀ ନିଜସ୍ୱ ଜ୍ଞାନ କୌଶଳ ବ୍ୟବହାର କରି ଧାନ, ବିଭିନ୍ନ ଅଣଧାନ ଶସ୍ୟ ଓ ଅନ୍ୟାନ୍ୟ ଫସଲ ଚାଷ କରନ୍ତି। ଉତ୍ତରପୂର୍ବାଞ୍ଚଳର ସାତ ଭଉଣୀ ନାମରେ ପରିଚିତ ସାତଟି ଯାକ ରାଜ୍ୟରେ ଲୋକେ ଚାଷବାସ କଲାବେଳେ ପରିବେଶ ଭାରସାମ୍ୟ ରକ୍ଷା ପ୍ରତି ଧ୍ୟାନ ଦେଇଥାନ୍ତି।

ଉତ୍ତରପୂର୍ବାଞ୍ଚଳର ସ୍ଥାନୀୟ ବାସିନ୍ଦା, ବିଶେଷତଃ ଆଦିବାସୀମାନେ ଚାଷକାମରେ ପାରମ୍ପରିକ ଜ୍ଞାନ ସହିତ କୃଷି ବିବିଧତା କୌଶଳ ଅବଲମ୍ବନ କରନ୍ତି। ଏହି ଅଞ୍ଚଳରେ ଚାଷୀ ମୁଖ୍ୟତଃ ପୋଡୁଚାଷ ପ୍ରଣାଳୀ ଆପଣାଇଥାନ୍ତି। ଏହି ଚାଷ ପଦ୍ଧତିରେ ଲୋକେ ପାହାଡ଼ର ବୁଦୁବୁଦୁକିଆ ଜଙ୍ଗଲ ଥିବା ସ୍ଥାନରେ ନିଆଁ ଲଗାଇ ସେସ୍ଥାନକୁ ପୋଡ଼ି ସଫା କରନ୍ତି ଓ ସେଥିରେ ଚାଷ କରିଥାନ୍ତି। ତେବେ ଯେତିକି ଦରକାର ସେତିକି ସ୍ଥାନରେ ଲୋକେ ପୋଡୁଚାଷ କରି ଅନ୍ୟ ଜଙ୍ଗଲାଞ୍ଚଳକୁ ସୁରକ୍ଷିତ ରଖିଥାନ୍ତି।

ଏହି ଅଞ୍ଚଳର ଲୋକଙ୍କର ଆଉ ଏକ ବିଶେଷତ୍ୱ ହେଲା ସେମାନେ ଖାଦ୍ୟ ପାଇଁ ପ୍ରମୁଖ ଫସଲ ସହିତ ଲଘୁ ଫସଲ ମଧ୍ୟ ଚାଷ କରିଥାନ୍ତି। ତିରୋଟ ସମୟରେ ଏହା ସେମାନଙ୍କର ଖାଦ୍ୟ ଆବଶ୍ୟକତା ପୂରଣ କରିଥାଏ। ଧାନ ସହିତ ମକା, ବାଜରା ଓ ମାଣ୍ଡିଆ ଭଳି ମୋଟା ଓ ଲଘୁ ଶସ୍ୟ ମଧ୍ୟ ସେମାନେ ଉତ୍ପାଦିତ କରିଥାନ୍ତି ଏବଂ ଜଳାଭାବକୁ ଦୃଷ୍ଟିରେ ରଖି ଫସଲ ବାଛିଥାନ୍ତି। ବର୍ଷା ଋତୁ ଆରମ୍ଭ ପୂର୍ବରୁ ପୋଡୁଚାଷ ଆରମ୍ଭ ହୁଏ ଓ ବୁଣା ବୁଣି ପାଇଁ ଜମି ପ୍ରସ୍ତୁତ କରି ରଖାଯାଏ।

ପୋଡୁଚାଷ ବ୍ୟତୀତ ଏହି ଅଞ୍ଚଳର ଚାଷୀ ପାହାଡ଼ର ଉପତ୍ୟକା, ପାଦଦେଶ ଓ ଢାଲୁ ଇଲାକାରେ ଫସଲ ଚାଷ କରିଥାନ୍ତି। ଏହା ଟେରାସ କଲଟିଭେସନ୍ (ଛାତ ଚାଷ) ନାମରେ ପରିଚିତ। ଏହି ଅଞ୍ଚଳରେ ସମତଳ ଭୂମିର ଅଭାବ ଓ ଅଧିକାଂଶ ଅଞ୍ଚଳ ପାହାଡ଼ ପର୍ବତରେ ପରିପୂର୍ଣ୍ଣ। ତେଣୁ ପାହାଡ଼ର ଢାଲୁ ଇଲାକା ଓ ପାଦ ଦେଶ ଯେଉଁଠି ବର୍ଷା ପାଣି ଜମି ରହିବା ସମ୍ଭବ ନୁହେଁ ସେଠାରେ ଲୋକେ ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ ପାଣିରେ ଉତ୍ପୁରୁଥିବା ଫସଲ ଚାଷ କରନ୍ତି। ସେଥିପାଇଁ ପାହାଡ଼ର ଢାଲୁ ଅଞ୍ଚଳକୁ କାଟି ଛୋଟଛୋଟ କିଆରି ତିଆରି କରି ଚାଷ କରିଥାନ୍ତି। ଏବେ ଉତ୍ତରପୂର୍ବାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜମି ଉପରେ ଚାପ ବଢୁଛି। ଫଳରେ ଅଧିକରୁ ଅଧିକ ଲୋକ ପୋଡୁଚାଷ ଉପରେ ନିର୍ଭର କରୁଥିବାରୁ ଜଙ୍ଗଲ ଅବକ୍ଷୟ ସହିତ ମୃତ୍ତିକା କ୍ଷୟ ବୃଦ୍ଧି ପାଇ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି।

**ନୂଆ ଉପାୟ:** ଜମିର ଅଭାବ ଓ ଜଳସେଚନର ଅସୁବିଧା ଭଳି ପରିସ୍ଥିତିରେ ନୂଆ ଉପାୟ ବାହାର କରି ଚାଷବାସ କରିବା ନିଶ୍ଚିତ ଏକ ଗୁରୁତ୍ୱପୂର୍ଣ୍ଣ କଥା। ଏଥିପାଇଁ ବେଞ୍ଚ ଟେରାସ ଜଳସେଚନ ବ୍ୟବସ୍ଥା ବିଶେଷ ଉପଯୋଗୀ ହୋଇପାରିବ। ଏହି ପଦ୍ଧତିରେ ପାହାଡ଼ର ଢାଲୁ



ତଥା ଅବତଳ ପୃଷ୍ଠର ନିମ୍ନ ଭାଗରେ ବଡ଼ ବଡ଼ ପଥର ଓ ଅଖା ବସ୍ତା ମାନ ଧାଡ଼ିକିଧାଡ଼ି କରି ସଜାଇ ରଖାଯାଏ। ବର୍ଷା ହେଲେ ପାହାଡ଼ର ଉପରିଭାଗରୁ ଧୋଇ ହୋଇ ଆସୁଥିବା ମୃତ୍ତିକା ଏହାଦ୍ୱାରା ଅଟକି ରହେ ଏବଂ ମୃତ୍ତିକା କ୍ଷୟକୁ ରୋକିହୁଏ। ସେହିଭଳି ଛୋଟଛୋଟ ପାହାଡ଼ିଆ ନାଳ ଓ ଝରଣାର ପଥକୁ ଅବରୁଦ୍ଧ କରି କ୍ଷୁଦ୍ର ଜଳଭଣ୍ଡାର ତିଆରି ପୂର୍ବକ ତାହାର ପାଣିକୁ ଚାଷବାସ ପାଇଁ ତଳମୁଣ୍ଡରେ ବ୍ୟବହାର କରାଯାଇପାରିବ। ଏହି ପଦ୍ଧତିରେ ଧାନ ଭଳି କେତେକ ଫସଲ ସଫଳତାର ସହ ଚାଷ କରାଯାଇ ପାରୁଥିବା ପରୀକ୍ଷା ନିରୀକ୍ଷାରୁ ଜଣାପଡ଼ିଛି।

କୃଷି ଓ ସେଚ ବିଶେଷଜ୍ଞଙ୍କ କହିବା ଅନୁସାରେ ବେଞ୍ଚ ଟେରାସ ସେଚ ବ୍ୟବସ୍ଥାରେ ଢାଲୁ ପାହାଡ଼ିଆ ଭୂମିରୁ ଧୋଇ ହୋଇ ଆସୁଥିବା ମୃତ୍ତିକା ଧାନ ଚାଷ ପାଇଁ ବେଶ୍ ଅନୁକୂଳ। ଏହି ମାଟି ଅତ୍ୟନ୍ତ ଉର୍ବର। ସେହିଭଳି ଢାଲୁ ଜମିର ଉପରମୁଣ୍ଡରେ ମକା, ବିନ୍, ଆଳୁ ଆଦି ଚାଷ କରିବା ସହ ଫଳ ଚାଷ ମଧ୍ୟ ଲାଭଜନକ। ସ୍ଥାନୀୟ ବିଶେଷଜ୍ଞଙ୍କ ମତରେ ଏହି କୃଷି ପଦ୍ଧତିରେ ବିଭିନ୍ନ ଖାଦ୍ୟଶସ୍ୟ, ଫସଲ, ତନ୍ତୁଜାତୀୟ ବୃକ୍ଷ ଓ ଔଷଧୀୟ ବୃକ୍ଷଲତା ଚାଷ ହୋଇପାରୁଛି। ଏବେ ସେହି ଅଞ୍ଚଳରେ ଅଧିକରୁ ଅଧିକ ଜମିରେ ପନିପରିବା, ଫଳ, ଫୁଲ, ବିଭିନ୍ନ ପ୍ରକାର ମୂଲ୍ୟବାନ ଗଛ ଆଦି ବ୍ୟାବସାୟିକ ଭାବେ ଚାଷ କରିବା ଆରମ୍ଭ ହୋଇଛି। ପାରମ୍ପରିକ ପଦ୍ଧତିଲବ୍ଧ ଜ୍ଞାନକୌଶଳର ସାମାନ୍ୟ ବିକାଶ କରି ଶସ୍ତାରେ ଏହି ଅଞ୍ଚଳରେ ଚାଷ ବାସ ସହ ବନୀକରଣ ଓ ବଗିଚା ସୃଷ୍ଟି କରାଯାଇପାରୁଛି। ଏହାଦ୍ୱାରା ସ୍ଥାନୀୟ ଲୋକେ ବିଶେଷ ଲାଭବାନ ହେଉଛନ୍ତି।

**ବାଉଁଶ ଉପରେ ଅଧିକ ନିର୍ଭରଶୀଳ:**

ଉତ୍ତରପୂର୍ବାଞ୍ଚଳର ପ୍ରାକୃତିକ ପରିବେଶରେ ଥିବା ବୃକ୍ଷରାଜି ମଧ୍ୟରେ ବାଉଁଶ ଅଗ୍ରପ୍ରାଧାନ୍ୟ ଲାଭ କରିଛି। ଏହି ଅଞ୍ଚଳରେ ପ୍ରଚୁର ପରିମାଣରେ ମିଳୁଥିବା ଉତ୍କୃଷ୍ଟ କିସମର ବାଉଁଶ ଲୋକଙ୍କ ଜୀବନ ଓ ଜୀବିକା ସହ ଓତପ୍ରୋତ ଭାବେ ଜଡ଼ିତ ହୋଇଯାଇଛି। ପାହାଡ଼ ହେଉ କିମ୍ବା ଉପତ୍ୟକା ବା ସମତଳ ଭୂମି ସବୁଠି ଲୋକେ ଘର ତିଆରି ଠାରୁ ଆରମ୍ଭ କରି ନାନାଦି ଦୈନନ୍ଦିନ ବ୍ୟବହାରରେ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ବାଉଁଶର ସହାୟତା ନେଇଥାନ୍ତି। ବାଉଁଶ ସେହି ଅଞ୍ଚଳର ଅର୍ଥନୀତି ଓ ସଂସ୍କୃତିର ଏକ ଅଂଶ ପାଲଟି ଯାଇଛି। ଆଧୁନିକ ସମାଜର ସାମାଜିକ ଅର୍ଥନୈତିକ ବିକାଶରେ ବାଉଁଶର ଭୂମିକା ଅନସ୍ୱୀକାର୍ଯ୍ୟ ବୋଲି ଯଦି କୁହାଯାଏ ତାହା ଅବଶ୍ୟ ଭୁଲ ହେବନାହିଁ। ବାଉଁଶ ଫସଲ ପରିବେଶ ଅନୁକୂଳ। ସେ ଅଞ୍ଚଳର ଗ୍ରାମ୍ୟ ଅର୍ଥନୀତି, ଶିଳ୍ପାୟନ ଓ ଆର୍ଥିକ ଅଭିବୃଦ୍ଧିକୁ ସ୍ଥିର ନିରନ୍ତର କରିବାରେ ବାଉଁଶ ସମ୍ପଦର ପର୍ଯ୍ୟାପ୍ତ ସାମର୍ଥ୍ୟ ରହିଛି।



ପୋଡୁଚାଷ ବ୍ୟତୀତ ଏହି ଅଞ୍ଚଳର ଚାଷୀ ପାହାଡ଼ର ଉପତ୍ୟକା, ପାଦଦେଶ ଓ ଢାଲୁ ଇଲାକାରେ ଫସଲ ଚାଷ କରିଥାନ୍ତି। ଏହା ଟେରାସ କଲଟିଭେସନ୍ (ଛାତ ଚାଷ) ନାମରେ ପରିଚିତ। ଏହି ଅଞ୍ଚଳରେ ସମତଳ ଭୂମିର ଅଭାବ ଓ ଅଧିକାଂଶ ଅଞ୍ଚଳ ପାହାଡ଼ ପର୍ବତରେ ପରିପୂର୍ଣ୍ଣ। ତେଣୁ ପାହାଡ଼ର ଢାଲୁ ଇଲାକା ଓ ପାଦ ଦେଶ ଯେଉଁଠି ବର୍ଷା ପାଣି ଜମି ରହିବା ସମ୍ଭବ ନୁହେଁ ସେଠାରେ ଲୋକେ ପରିବେଶ ଓ ପରିସ୍ଥିତିକୁ ଦୃଷ୍ଟିରେ ରଖି କମ୍ ପାଣିରେ ଉତ୍ପୁରୁଥିବା ଫସଲ ଚାଷ କରନ୍ତି। ସେଥିପାଇଁ ପାହାଡ଼ର ଢାଲୁ ଅଞ୍ଚଳକୁ କାଟି ଛୋଟଛୋଟ କିଆରି ତିଆରି କରି ଚାଷ କରିଥାନ୍ତି। ଏବେ ଉତ୍ତରପୂର୍ବାଞ୍ଚଳରେ ଜନସଂଖ୍ୟା ବୃଦ୍ଧି ଯୋଗୁଁ ଜମି ଉପରେ ଚାପ ବଢୁଛି। ଫଳରେ ଅଧିକରୁ ଅଧିକ ଲୋକ ପୋଡୁଚାଷ ଉପରେ ନିର୍ଭର କରୁଥିବାରୁ ଜଙ୍ଗଲ ଅବକ୍ଷୟ ସହିତ ମୃତ୍ତିକା କ୍ଷୟ ବୃଦ୍ଧି ପାଇ ପରିବେଶ ପ୍ରତି ବିପଦ ସୃଷ୍ଟି ହୋଇଛି।

**ସବୁଜ ସୁନା:**

୨୦୧୮-୧୯ ବଜେଟରେ ବାଉଁଶକୁ ଯଥାର୍ଥରେ 'ସବୁଜ ସୁନା' କୁହାଯାଇଛି। ବାଉଁଶ ତୃଣ ପ୍ରଜାତିର ଗଛ ହୋଇଥିଲେ ହେଁ ପ୍ରାୟ ଏକ ଶହ ବର୍ଷ ଧରି ଭାରତରେ ବୃକ୍ଷର ମାନ୍ୟତା ପାଇ ଆସିଛି। ଗଛର ମାନ୍ୟତା ପାଇଥିବାରୁ



ଉତ୍ତରପୂର୍ବାଞ୍ଚଳରେ ବାଉଁଶ କଟା ଓ ତାହାର ବ୍ୟାବସାୟିକ ଉପଯୋଗ ଉପରେ କଟକଣା ଥିଲା। ଭାରତର ମୋଟ ବାଉଁଶ ସମ୍ପଦ ମଧ୍ୟରୁ ୬୮ ଭାଗ କେବଳ ଉତ୍ତରପୂର୍ବାଞ୍ଚଳରେ ଉପଲବ୍ଧ। ସେ ଅଞ୍ଚଳରେ ଏହା ପ୍ରାକୃତିକ ଉପାୟରେ ସୃଷ୍ଟି ହେବା ସହ ବଂଶ ବିସ୍ତାର କରିଥାଏ। ବିଶ୍ୱର ମୋଟ ବାଉଁଶ ସମ୍ପଦ ମଧ୍ୟରୁ ୩୦ଭାଗ ଭାରତରେ ରହିଛି। ଏହା ସତ୍ତ୍ୱେ ବିଶ୍ୱ ବଜାରକୁ ଭାରତର ବାଉଁଶ ଜାତ ସାମଗ୍ରୀର ଅବଦାନ ମାତ୍ର ଚାରି ଶତାଂଶ। ଏହାର କାରଣ ହେଲା ଆଇନଗତ କଟକଣା ଓ ସ୍ୱଳ୍ପ ଉପଯୋଗ। ଏହାକୁ ବିଚାରକୁ ନେଇ କେନ୍ଦ୍ର ସରକାର ବାଉଁଶକୁ କେବଳ ଘାସ ବା ତୃଣ ଶ୍ରେଣୀର ମାନ୍ୟତା ଦେଇନାହାନ୍ତି; ଏହାର ବ୍ୟାବସାୟିକ ଉପଯୋଗ ବୃଦ୍ଧି କରିବାକୁ ବାଉଁଶ ମିଶନ ଆରମ୍ଭ କରିଛନ୍ତି।

ବାଉଁଶ ମିଶନ କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରାୟୋଜିତ ଏକ ଯୋଜନା। କେନ୍ଦ୍ର ସେଥିପାଇଁ ଶତପ୍ରତିଶତ ଅର୍ଥ ଯୋଗାଇ ଦେଉଛି। ରାଜ୍ୟ ସରକାରଙ୍କ ସହଯୋଗ ଓ ସମନ୍ୱୟରେ ଏହି ମିଶନରେ କେନ୍ଦ୍ର ସରକାର ବାଉଁଶ ଭିତ୍ତିକ ହସ୍ତଶିଳ୍ପ ସ୍ଥାପନ ଓ ତାହାର ପ୍ରସାର, ଏହି କ୍ଷେତ୍ରରେ ଅଧିକରୁ ଅଧିକ ନିଯୁକ୍ତି ଓ ରୋଜଗାର ସୃଷ୍ଟି କରିବାକୁ ଚାହାନ୍ତି। ଏହି ଯୋଜନାରେ ଉଭୟ କୁଶଳୀ ଓ ଅଣକୁଶଳୀ ତଥା ବିଶେଷ କରି ବେକାରମାନେ ଅଧିକ ଉପକୃତ ହୋଇପାରିବେ। ଉତ୍ତରପୂର୍ବାଞ୍ଚଳରେ ପାରମ୍ପରିକ ଓ ସ୍ଥାନୀୟ ବାଉଁଶ ଚାଷୀମାନେ ପୁରୁଷ ପୁରୁଷ ଧରି ଗ୍ରାମ ଓ ସହରାଞ୍ଚଳର ଆବଶ୍ୟକତା ପୂରଣ କରିବାକୁ ନାନାଦି ସାମଗ୍ରୀ ପ୍ରସ୍ତୁତ କରିଆସୁଛନ୍ତି। ନୂଆ ବ୍ୟବସ୍ଥାରେ ଏବେ ଅଣ ଚାଷ ଜମିରେ ଲୋକେ ବ୍ୟାବସାୟିକ ଭିତ୍ତିରେ ବାଉଁଶ ଚାଷ କରିପାରିବେ ଏବଂ ପ୍ରତିବର୍ଷ ନିଜର ବ୍ୟବହାର ତଥା ବିକ୍ରିବଟା ପାଇଁ ଏହାକୁ କାଟିପାରିବେ।

ବ୍ୟାବସାୟିକ ବ୍ୟବହାର ବାହାରେ ଉତ୍ତର ପୂର୍ବାଞ୍ଚଳରେ ବାଉଁଶ କରଡ଼ି (ଗଜା) ଏକ ପୁଷ୍ଟିକର ଖାଦ୍ୟ ଭାବେ ଚାହିଦା ଓ ଆକର୍ଷଣ ରହିଛି। ଏହାର ମଧ୍ୟ କେତେକ ଔଷଧୀୟ ଗୁଣ ଅଛି। ମିଜୋରାମ, ତ୍ରିପୁରା ଓ ନାଗାଲାଣ୍ଡର ଉପଜାତି ବର୍ଗର ଲେକେ ଅଧିକରୁ ଅଧିକ ବାଉଁଶ ଚାଷ କରନ୍ତି। ଜମିର ମୃତ୍ତିକା ସଂରକ୍ଷଣ ଦକ୍ଷତା ବୃଦ୍ଧି, ମାଟିର ମାନ ଓ ବତର ବୃଦ୍ଧି, ଖାଦ୍ୟ ନିରାପତ୍ତା ଓ ଆର୍ଥିକ ଲାଭ ପାଇଁ ଲୋକେ ବାଉଁଶ ଚାଷ ଅଧିକ କରିଥାନ୍ତି।

୨୦୧୭ ନଭେମ୍ବର ମାସରେ କେନ୍ଦ୍ର ସରକାର ବାଉଁଶକୁ ବୃକ୍ଷ ତାଲିକାରୁ ବାଦ ଦେଇଥିଲେ। ଏହା ଫଳରେ ବାଉଁଶ ଚାଷ, କଟେଇ, ବିକ୍ରିବଟା, ପ୍ରକ୍ରିୟାକରଣ ଆଦି କ୍ଷେତ୍ରରେ ଥିବା କଟକଣା ଓ ଆଇନକାନୁନର ଅବସାନ ଘଟିଲା। ଶିଳ୍ପ ଓ ବ୍ୟବସାୟରେ ବାଉଁଶର ପର୍ଯ୍ୟାପ୍ତ ବ୍ୟବହାର ପାଇଁ ବାଟ ଖୋଲିଗଲା। ଇତିମଧ୍ୟରେ ମଣିପୁର ଓ ଅରୁଣାଚଳ ପ୍ରଦେଶ ସରକାର ଆସାମର ନୁମାଲିଗଡ଼ ତୈଳ ବିଶୋଧନାଗାରର ନିର୍ମାଣାଧୀନ ଜୈବ ବିଶୋଧନାଗାରକୁ ବାଉଁଶ ଯୋଗାଇଦେବାକୁ ରାଜି ହୋଇଛନ୍ତି। ବାଉଁଶର ଆର୍ଥିକ ଉପଯୋଗ ପ୍ରକ୍ରିୟା ଏଥିସହିତ ଉତ୍ତରପୂର୍ବାଞ୍ଚଳରେ ଆରମ୍ଭ ହୋଇଛି।

କେବଳ ସେତିକି ନୁହେଁ ବାଉଁଶ ଉଦ୍ୟୋଗ କିପରି ସମ୍ପୃକ୍ତ ଜନତାଙ୍କ ପାଇଁ ଏକ ସ୍ଥାୟୀ ରୋଜଗାର ଉତ୍ସ ହୋଇପାରିବ ସେଥିପାଇଁ ସରକାର ନାନାବିଧ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି। ଏହାଦ୍ୱାରା ବିଭିନ୍ନ ରାଜ୍ୟରେ ବାଉଁଶ ବଗିଚା ମାଲିକାନାରେ ଥିବା ବିଭିନ୍ନ ଆଦିବାସୀ ସଂପ୍ରଦାୟ ଓ ଗୋଷ୍ଠୀ ଉପକୃତ ହେବେ।

୨୦୧୮-୧୯ ବଜେଟରେ କେନ୍ଦ୍ର ଅର୍ଥମନ୍ତ୍ରୀ ଅରୁଣ ଜେଟଲୀ ଜାତୀୟ ବାଉଁଶ ମିଶନର ପୁନର୍ବିନ୍ୟାସ ପାଇଁ ୧୨୯୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି। ଏହା ପଛରେ ଏକ ପୂର୍ଣ୍ଣାଙ୍ଗ ଦୃଷ୍ଟିଭଙ୍ଗୀ ରହିଛି।

ଏକ ସରକାରୀ ଆକଳନ ଅନୁସାରେ ତ୍ରିପୁରା ଭଳି ରାଜ୍ୟରେ ବାଉଁଶ ଉଦ୍ୟୋଗକୁ ଏକ ବୃହତ୍ ଜୀବନଜୀବିକା କାର୍ଯ୍ୟକ୍ରମ ଭାବେ ବିକଶିତ କରାଯାଇପାରିବ। ଏହାଦ୍ୱାରା ଅତିକମ୍‌ରେ ୨୦ ହଜାର ବାଉଁଶ ଚାଷୀଙ୍କୁ ଏକ ମର୍ଯ୍ୟାଦାପୂର୍ଣ୍ଣ ନିଯୁକ୍ତି ଓ ରୋଜଗାର ସୁଯୋଗ ଯୋଗାଇ ଦେଇହେବ।

ବାଉଁଶରୁ ବିଭିନ୍ନ ପ୍ରକାର ସାମଗ୍ରୀ ତିଆରି କରାଯାଇପାରିବ ଯାହାର ଭଲ ବଜାର ଚାହିଦା ରହିଛି। ସେଥି ମଧ୍ୟରୁ ଫୁଲକୁଣ୍ଡ, ଝୁଡ଼ି, ଅଗରବତିର କାଠି, ମୋବାଇଲ କଭର, ଦାନ୍ତଖୁଣ୍ଟା, ପେନ୍‌ଷ୍ଟାଣ୍ଡ, ନାନା ଘରକରଣା ସାମଗ୍ରୀ ଓ ଆସବାବପତ୍ର,

ଅଳଙ୍କାର, ଫଟୋ ଫ୍ରେମ୍, ଚାବିରିଙ୍ଗ, ହ୍ୟାଙ୍ଗର, ଆଶଟ୍ରେ, ଶିଡି, ପାଣିବୋତଲ କଭର, ଝାଡୁ ଅନ୍ୟତମ। ଏହାଛଡ଼ା ବାଉଁଶର ଉପଜାତ ସାମଗ୍ରୀରୁ ତିଆରି ଆଚାର ଓ ଭିନେଗାର ଆଦିର ଚାହିଦା ଭଲ।

ସ୍ଥାନୀୟ କାରିଗର ସେମାନଙ୍କର ପାରମ୍ପରିକ ଦକ୍ଷତାର ବିନିଯୋଗ କରି ସୁନ୍ଦର ସୁନ୍ଦର ବାଉଁଶ ଟୋପି ତିଆରି କରନ୍ତି। ଏଥିରେ ବେତ ଓ କିଛି ଜଙ୍ଗଲୀ ପତ୍ର ବ୍ୟବହାର କରାଯାଏ। ଏସବୁ ଟୋପିର ଚାହିଦା ବିଦେଶରେ ଭଲ ଥିଲେ ମଧ୍ୟ ସେହି ବଜାରର ସୁଯୋଗ ସୁବିଧା ନିଆଯାଇପାରୁନାହିଁ। ଏଥିରେ ଘରୋଇ ଉଦ୍ୟୋଗ ବିଷେତଃ କର୍ପୋରେଟ ଜଗତକୁ ସଂପୃକ୍ତ କରାଗଲେ ଉତ୍ତରପୂର୍ବାଞ୍ଚଳ ପାଇଁ ଲାଭଦାୟକ ପ୍ରମାଣିତ ହେବ।

ମଜାକଥା ହେଲା ବାଉଁଶ ତିଆରି ଡୋଲି ଚାଷୀଙ୍କର ବେଶ୍ ପସନ୍ଦ ଏବଂ ଏହାକୁ ସେମାନେ ଶସ୍ୟ ଭଣ୍ଡାରଣ ପାଇଁ ବ୍ୟବହାର କରିଥାନ୍ତି। ବାଉଁଶ ଡୋଲି ବିଭିନ୍ନ ଆକାର ଓ ପ୍ରକାରର। ଘୂମାକୃତ ବାଉଁଶ ଡୋଲି ଭିତରେ ମାଟି ଲେପ ଦିଆଯାଇଥାଏ ଏହାର ଉପର ଅଂଶରେ ଏକ ନାତିଦୀର୍ଘ ଗୋଲିଆ ମୁହଁ। ତଳ ପଟରେ ଏକ ଛୋଟ ନିଷ୍କାସନ ପଥ ଥାଏ। ଚାଷୀ ଏହି ବାଉଁଶ ଡୋଲି ବା ବାଉଁଶିଆରେ ଧାନକୁ ବିହନ କିମ୍ବା ଭବିଷ୍ୟତ ବ୍ୟବହାର ପାଇଁ ସାଇତି ରଖନ୍ତି। ମେଘାଳୟରେ ଏଭଳି ବାଉଁଶ ଡୋଲି ସ୍ୱତନ୍ତ୍ର ଭାବେ ନିର୍ମିତ ଏବଂ ଏହାକୁ 'ଠିଆର' କୁହାଯାଏ। ଏଥିରେ ବତା, ଛଣ ଆଦି ବ୍ୟବହୃତ ହୋଇଥାଏ। ସେହିଭଳି ମେଘାଳୟର ଖାସି ଆଦିବାସୀମାନେ କାଠର ଏକ ପ୍ରକାର ଡୋଲି ତିଆରି କରନ୍ତି ଯାହା ଧାନ ବା ଶସ୍ୟ ସାଇତି ରଖିବାରେ ବିଶେଷ ବ୍ୟବହୃତ ହୁଏ। ଏହି ଡୋଲିର ଭିତର ପାଖରେ ଦୁଇଟି ବାଉଁଶ ତିଆରି ଥାକ ଥାଏ ଓ ଏହାର ଭିତପଟରେ ଗୋବର, କାଦୁଅ ପ୍ରଲେପ ଦିଆଯାଇଥାଏ।

ସେହିଭଳି ଉତ୍ତରପୂର୍ବାଞ୍ଚଳର କେତେକ ଅଞ୍ଚଳରେ ମକାକୁ ଲୋକେ ଭଣ୍ଡିରୁ ନ'ଛଡ଼ାଇ ସେମିତି ଗୋଟା ସାଇତି ରଖନ୍ତି। ଏଥିପାଇଁ ଏକ ପ୍ରକାର ଗମ୍ବୁଜାକାର ବାଉଁଶ ତିଆରି ଡୋଲି ବଜାରରେ ମିଳେ। ଏହାର ବିଶେଷତ୍ୱ ହେଲା ମକା ଦାନାଥିବା ଭଣ୍ଡିକୁ ଉପରୁ ତଳକୁ ଝୁଲାଇ ରଖିହେବ ଏବଂ ଏହାକୁ ମୂଷା ଖାଇପାରିବେ ନାହିଁ।

**ଶେଷ କଥା:**

ଚୂଡ଼ାନ୍ତ ବିଶ୍ଳେଷଣ ହେଲା ଉତ୍ତରପୂର୍ବାଞ୍ଚଳର କୃଷି କାର୍ଯ୍ୟକ୍ରମ ମୁଖ୍ୟତଃ ଜୈବିକ। ୨୦୧୬ ଜାନୁଆରୀ ୧୮ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସିକ୍କିମ୍‌କୁ ଭାରତର ଜୈବିକ ରାଜ୍ୟ ଭାବେ ଘୋଷଣା କରିଥିଲେ। ପରବର୍ତ୍ତୀ ସମୟରେ କେନ୍ଦ୍ରୀୟ ଯୋଜନାରେ ଏକ ଜୈବିକ ମିଶନ କାର୍ଯ୍ୟକ୍ରମ ଉତ୍ତରପୂର୍ବାଞ୍ଚଳ ରାଜ୍ୟଙ୍କ ପାଇଁ ଘୋଷଣା କରାଗଲା। ଏହାର ମୁଖ୍ୟ ଉଦ୍ଦେଶ୍ୟ ଥିଲା ସମ୍ପୃକ୍ତ ଅଞ୍ଚଳରେ ଜୈବିକ କୃଷିକୁ ପ୍ରୋତ୍ସାହିତ କରିବା ଓ ଏ ସଂକ୍ରାନ୍ତ ଭ୍ୟାଲୁ ଚେନ୍ ବା ମୂଲ୍ୟ ଶୃଙ୍ଖଳାକୁ ସାହାଯ୍ୟ ସହଯୋଗ ଯୋଗାଇବା। ୨୦୧୫ରୁ ୧୮ ପର୍ଯ୍ୟନ୍ତ ଏବାବଦରେ ୪୦୦କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଥିଲା। ଭାରତ ସରକାର ମଧ୍ୟ ପରମ୍ପରାଗତ କୃଷି ବିକାଶ ଯୋଜନା ନାମରେ ଏକ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ଦେଶରେ ଜୈବିକ କୃଷିର ପ୍ରସାର ପାଇଁ ଏହି ଯୋଜନା ଉଦ୍ଦିଷ୍ଟ।

## ଜାତୀୟ ବାଉଁଶ ମିଶନର ରଣକୌଶଳ

- ବାଉଁଶ ଉତ୍ପାଦନକାରୀଙ୍କ ନିକଟକୁ ସବିଶେଷ ଜ୍ଞାନକୌଶଳ ପହଞ୍ଚାଇବାକୁ ଉଦ୍ୟମ କରାଯାଉଛି। ବିଭିନ୍ନ ପ୍ରକାର ସାର ଓ ରସାୟନ ବ୍ୟବହାର କରି ଭିନ୍ନ ଭିନ୍ନ କିସମର ବାଉଁଶ ଚାଷ କିପରି କରାଯାଇପାରିବ ସେ ବିଷୟରେ ପ୍ରଦର୍ଶନୀ ମାଧ୍ୟମରେ ଚାଷୀଙ୍କୁ ଶିକ୍ଷା ଦିଆଯାଉଛି।
- ବାଉଁଶ ଟେକ୍‌ନୋଲୋଜି ପାର୍କ ପ୍ରତିଷ୍ଠା ପାଇଁ ପ୍ରୋତ୍ସାହନ
- ବାଉଁଶର ଉଭୟ ପାଇକାରୀ ଓ ଖୁଚୁରା ବିକ୍ରୟ କେନ୍ଦ୍ର ସୃଷ୍ଟି ପାଇଁ ସହାୟତା
- ଗ୍ରାମାଞ୍ଚଳରେ ପ୍ରତିଷ୍ଠା ହେବ ବାଉଁଶ ହାଟ
- କଟାଯିବା ପରେ ବାଉଁଶକୁ ସାଇତି ରଖିବା ସମ୍ପର୍କରେ ଦିଗ୍‌ଦର୍ଶନ ପ୍ରଦାନ
- ଅଗରବତି ତିଆରିରେ ବାଉଁଶ କାଠିର ବ୍ୟବହାର ପାଇଁ କଏଦୀମାନଙ୍କୁ ତାଲିମ ପ୍ରଦାନ। ଆଇଜଲ କେନ୍ଦ୍ରୀୟ ଜେଲ୍‌ରେ ଏଥିପାଇଁ ଏକ ପ୍ରକଳ୍ପ ଆରମ୍ଭ ହୋଇଛି।
- କ୍ଲଷ୍ଟର ବା ପୁଞ୍ଜ ଭିତ୍ତିରେ ବାଉଁଶ ଉତ୍ପାଦନକାରୀଙ୍କ ପାଇଁ ଜୀବିକା ଉପାର୍ଜନ କେନ୍ଦ୍ର ପ୍ରତିଷ୍ଠା କରିବାକୁ ଯୋଜନା
- ତୃଣମୂଳ ସ୍ତରରେ ବାଉଁଶ ଉତ୍ପାଦନକାରୀ ଏବଂ ସେମାନଙ୍କର ବିଭିନ୍ନ ସଙ୍ଗଠନକୁ ସାମିଲ କରି ଏକ ଆନୁଷ୍ଠାନିକ ଢାଞ୍ଚା ନିର୍ମାଣର ପ୍ରୟାସ। ଏଥିରେ ସେମାନଙ୍କୁ ମାଲିକାନ ଓ ପରିଚାଳନା ଦାୟିତ୍ୱ ପ୍ରଦାନ କରିବାକୁ ସରକାରଙ୍କ ବିଚାର।
- ଉତ୍ତରପୂର୍ବାଞ୍ଚଳରେ ବାଉଁଶଭିତ୍ତିକ ଶିଳ୍ପ କେନ୍ଦ୍ରମାନ ପ୍ରତିଷ୍ଠା ସହ ସେଠାରେ ବାଉଁଶ ହବ୍ ପ୍ରତିଷ୍ଠା କରିବାର ଯୋଜନା ଓ ଆବଶ୍ୟକ ବଜାର ସଂଯୋଗ ପ୍ରୟାସ।
- ବାଉଁଶ ଉଦ୍ୟୋଗକୁ ଏକ ପ୍ରମୁଖ ତଥା ସ୍ଥାୟୀ ନିରନ୍ତର ଜୀବିକାର୍ଜନର ମାଧ୍ୟମରେ ପରିଣତ କରିବା ସହ ଅଧିକ ନିଯୁକ୍ତି ସୃଷ୍ଟି ନିମନ୍ତେ ଉଭୟ ଦୀର୍ଘ ଓ ସ୍ୱଳ୍ପ ମିଆଦି କାର୍ଯ୍ୟକ୍ରମ ପ୍ରସ୍ତୁତି।

**ଲେଖକ ୟୁଏନ୍‌ଆଇ ସମ୍ବାଦ ସରବରାହ ସଂସ୍ଥାର ଜଣେ ସ୍ୱତନ୍ତ୍ର ପ୍ରତିନିଧି ତଥା ଉତ୍ତରପୂର୍ବାଞ୍ଚଳ ଅର୍ଥନୀତିର ଜଣେ ବିଶେଷଜ୍ଞ।**

**ବିଶେଷ ପ୍ରବନ୍ଧ**

# ଉତ୍ତର-ପୂର୍ବାଞ୍ଚଳରେ ଶାସନଗତ ସମସ୍ୟା

● ନରେଶଚନ୍ଦ୍ର ସକ୍‌ସେନା

ଉତ୍ତର ପୂର୍ବାଞ୍ଚଳ ଭାରତର ଏକ ଅନଗ୍ରସର ଅଞ୍ଚଳ। ସେଠାରେ ମୁଣ୍ଡପିଛା ଆୟ କମ୍ ଥିବାବେଳେ ଘରୋଇ ପୁଞ୍ଜିନିବେଶର ଅଭାବ ଓ ପୁଞ୍ଜିନିର୍ମାଣ ପରିମାଣ ସ୍ୱଳ୍ପ। ଏହି ଅଞ୍ଚଳ ଭୌଗୋଳିକ ଦୃଷ୍ଟିରୁ ମୂଳ ଭୂଖଣ୍ଡରୁ ଏକପ୍ରକାର ବିଚ୍ଛିନ୍ନ ହୋଇଥିବାରୁ ଆବଶ୍ୟକ ଭିତ୍ତିଭୂମିର ଅଭାବ ରହିଛି। ତେଣୁ ସେଠାକାର ପ୍ରାକୃତିକ ସମ୍ବଳର ଯଥାର୍ଥ ଉପଯୋଗ ହୋଇପାରୁନାହିଁ। ଉତ୍ତରପୂର୍ବାଞ୍ଚଳରେ ପ୍ରଚୁର ଜଙ୍ଗଲ, ଖଣିଜ ଓ ଜଳ ସମ୍ପଦ ରହିଛି। ମୁଖ୍ୟତଃ ପାହାଡ଼ ପର୍ବତ ପରିପୂର୍ଣ୍ଣ ଏହି ଇଲାକାରେ ନିଜସ୍ୱ ଟିକସ ଆୟ ଓ ଆଭ୍ୟନ୍ତରୀଣ ସମ୍ବଳ ସଂଗ୍ରହ ଅତି ସ୍ୱଳ୍ପ ଥିବାରୁ ଏହା କେନ୍ଦ୍ର ଉପରେ ସମ୍ପୂର୍ଣ୍ଣ ନିର୍ଭରଶୀଳ। ସେହି ଅଞ୍ଚଳର ସ୍ଥାନୀୟ ଧନିକବର୍ଗ ଉଦ୍ୟୋଗ ସ୍ଥାପନରୁ ଦୂରେଇ ରହି ଭୂସମ୍ପତ୍ତି ଅର୍ଜନ ଉପରେ ଅଧିକ ଗୁରୁତ୍ୱ ଦେଇଥାନ୍ତି। ସେମାନଙ୍କ ମତରେ ଶିଳ୍ପୋଦ୍ୟୋଗରେ ପଇସା ଖଟାଇବା ଏକ ବିପଜ୍ଜନକ ପ୍ରୟାସ। ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଭୌଗୋଳିକ ସ୍ଥିତି, ଏହାର ଗିରିଶୃଙ୍ଗ ଓ ଜଟିଳ ଉପତ୍ୟକା ତଥା ଭିତ୍ତିଭୂମିର ଅଭାବ ଶିଳ୍ପ ଅଭିବୃଦ୍ଧିରେ ବାଧକ ସାବ୍ୟସ୍ତ ହୋଇଛି।

ସିକ୍କିମ, ତ୍ରିପୁରା ଓ ମିଜୋରାମର କେତେକ ଅଞ୍ଚଳକୁ ଛାଡ଼ିଦେଲେ ଅନ୍ୟାନ୍ୟ ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସେମାନଙ୍କ ଆର୍ଥିକ ଅଭିବୃଦ୍ଧିରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିନାହାନ୍ତି। ଏହା ତଳେ ଦିଆଯାଇଥିବା ଟେବୁଲ-୧ରୁ ଜଣାପଡ଼େ। ୧୯୭୦ ଦଶକ ପର୍ଯ୍ୟନ୍ତ ଆସାମ ଭାରତର ଅପେକ୍ଷାକୃତ ଏକ ସମୃଦ୍ଧ ରାଜ୍ୟ ଭାବେ ପରିଗଣିତ ହେଉଥିଲା। ଏହାପରେ ଦୀର୍ଘ ଚାରି ଦଶନ୍ଧି କାଳ ଆସାମର ଅର୍ଥନୈତିକ ପ୍ରଦର୍ଶନ ଭଲ ହୋଇନାହିଁ। ସବୁ ସୂଚକାଙ୍କରେ ଏହା ନିମ୍ନଗାମୀ ହୋଇଛି। ସମଗ୍ର ଉତ୍ତରପୂର୍ବାଞ୍ଚଳ ଜନସଂଖ୍ୟାର ୭୦ଭାଗ ଲୋକ ଆସାମରେ ବସବାସ କରନ୍ତି। ବିକାଶ ସୂଚକାଙ୍କରେ ଏବେ ଏହା ସବୁ କ୍ଷେତ୍ରରେ ଏକ ପଛୁଆ ରାଜ୍ୟ ଭାବେ ପରିଗଣିତ। ଏହାର ପ୍ରଭାବ ସମୀପବର୍ତ୍ତୀ ଅନ୍ୟାନ୍ୟ ରାଜ୍ୟ ଉପରେ ମଧ୍ୟ ପଡ଼ିଛି।

**ଟେବୁଲ -୧ ଉତ୍ତରପୂର୍ବାଞ୍ଚଳ ରାଜ୍ୟଙ୍କ ମୁଣ୍ଡପିଛା ଏନ୍‌ଏସ୍‌ଡିପି : ୨୦୦୪-୦୫ ସ୍ଥିର ମୂଲ୍ୟ ହିସାବରେ**

| | ୨୦୦୫-୦୬ | ୨୦୧୫-୧୬ | ବାର୍ଷିକ ଅଭିବୃଦ୍ଧି ହାର (୨୦୦୫-୧୬) |
|---|---|---|---|
| ଅରୁଣାଚଳ ପ୍ରଦେଶ | ୨୬୮୭୦ | ୩୯୧୦୭ | ୩.୮୨ |
| ଆସାମ | ୧୭୦୫୦ | ୨୬୪୧୩ | ୪.୪୭ |
| ମଣିପୁର | ୧୯୪୭୯ | ୨୬୩୦୧ | ୩.୦୫ |
| ମେଘାଳୟ | ୨୫୬୪୨ | ୩୮୬୦୧ | ୪.୧୮ |
| ମିଜୋରାମ | ୨୫୮୨୬ | ୪୪୭୭୩ | ୫.୬୬ |
| ନାଗାଲାଣ୍ଡ | ୩୩୦୭୨ | ୫୦୩୨୭ | ୪.୨୯ |
| ସିକ୍କିମ୍ | ୨୯୦୦୮ | ୯୨୩୨୮ | ୧୨.୨୭ |
| ତ୍ରିପୁରା | ୨୫୬୮୮ | ୫୫୩୨୨ | ୭.୯୭ |
| ଭାରତ | ୨୮୬୩୯ | ୫୨୮୩୩ | ୬.୩୨ |

ଉତ୍ତରପୂର୍ବାଞ୍ଚଳର ସାମଗ୍ରିକ ବିକାଶ ପାଇଁ କେନ୍ଦ୍ର ସରକାର ଅଧିକ ଦୃଷ୍ଟି ଦେବା ଉଚିତ ମନେ ହେଲେ ହେଁ, ସଂପୃକ୍ତ ରାଜ୍ୟ ସମୂହର ସରକାରମାନେ ମଧ୍ୟ ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ସବୁମନ୍ତେ ଉଦ୍ୟମ କରିବାର ଆବଶ୍ୟକତା ରହିଛି । ସମାବେଶୀ ବିକାଶ ପାଇଁ ଏସବୁ ରାଜ୍ୟଗୁଡ଼ିକୁ ଅର୍ଥନୈତିକ ଅଭିବୃଦ୍ଧି, ଦାରିଦ୍ର୍ୟ ଦୂରୀକରଣ, ସାମାଜିକ ସୂଚକାଙ୍କରେ ଉନ୍ନତି ଓ ଅସମତା ଦୂର ପାଇଁ କାମ କରିବାକୁ ହେବ । ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ସମୟରେ ଏହି ଅଞ୍ଚଳର ପରିବେଶ ଯେପରି କ୍ଷତିଗ୍ରସ୍ତ ନ'ହୁଏ ସେଥିପ୍ରତି ମଧ୍ୟ ନଜର ରଖିବାକୁ ପଡ଼ିବ ।

ବିକାଶର ବୃହତ୍ତର ନୀତିଗୁଡ଼ିକୁ କାର୍ଯ୍ୟକାରୀ କରିବା ପାଇଁ ଉତ୍ତମ ଶାସନ ଓ ଏକ ଉତ୍ତରଦାୟୀ ପ୍ରଶାସନର ବିଶେଷ ଆବଶ୍ୟକତା ରହିଛି । ତା'ନହେଲେ ସବୁ ସୁନ୍ଦର ଯୋଜନାମାନ କେବଳ କାଗଜପତ୍ରରେ ସୀମିତ ହୋଇ ରହିବ ଅଥବା ରୂପାୟନ ସ୍ତରରେ ବିଫଳ ହେବ । ଦୁର୍ଭାଗ୍ୟର ବିଷୟ ହେଲା ଉତ୍ତରପୂର୍ବାଞ୍ଚଳ ରାଜ୍ୟ ସମୂହଙ୍କ ଶାସନ ବ୍ୟବସ୍ଥା ଦୁର୍ବଳ । ଉଭୟ ପ୍ରାଦେଶିକ ଓ ଜିଲ୍ଲାସ୍ତରରେ ଏହା କାର୍ଯ୍ୟକ୍ରମ ବା ଯୋଜନା ରୂପାୟନରେ ବିଫଳ । ଅର୍ଥ ଖର୍ଚ୍ଚ କରି ନ'ପାରିବା, ତଦାରଖର ଅଭାବ ଓ ଦୁର୍ବଳ ରୂପାୟନ ଯୋଗୁଁ ବିକାଶ ପ୍ରକ୍ରିୟା ବ୍ୟାହତ ହେଉଛି । ଏସବୁ କାରଣରୁ ଏହି ରାଜ୍ୟ ସମୂହଙ୍କ ସାମାଜିକ ସୂଚକାଙ୍କରେ ଉନ୍ନତି ଆସିପାରୁନାହିଁ ।


**ପାଣ୍ଠି ବିନିଯୋଗ:**

ଏହା ପ୍ରାୟ ସମସ୍ତେ ଜାଣନ୍ତି ଯେ ସମସ୍ତ ଅଣମୁକ୍ତ (ନନ୍ ଏକଜେମ୍ପଟ୍) କେନ୍ଦ୍ରୀୟ ମନ୍ତ୍ରଣାଳୟ ନିଜର ମୋଟ ବଜେଟର ୧୦ ଶତାଂଶ ଉତ୍ତରପୂର୍ବାଞ୍ଚଳ ପାଇଁ ବ୍ୟୟ ବରାଦ କରିବାକୁ ବାଧ୍ୟ । ସେହି ଅର୍ଥରୁ ଯାହା ଖର୍ଚ୍ଚ ହୋଇନ'ପାରେ ତାହା କେନ୍ଦ୍ରର 'ନନ୍ ଲ୍ୟାପ୍‌ସେବୁଲ ରିସୋର୍ସ ପୁଲ' ବା ଏନ୍‌ଏଲ୍‌ସିପିଆର୍‌କୁ ଫେରିଆସେ । ଉତ୍ତରପୂର୍ବାଞ୍ଚଳରେ କାମ କରିବାର ଋତୁ ଅପେକ୍ଷାକୃତ ଛୋଟ । ତେଣୁ ବିଭିନ୍ନ ପ୍ରକଳ୍ପ କାମ ଧାର୍ଯ୍ୟ ସମୟରେ ସରେ ନାହିଁ । ଦ୍ୱିତୀୟତଃ ସେ ଅଞ୍ଚଳରେ ସରକାରଙ୍କର ପାଣ୍ଠି ବିନିଯୋଗ ଦକ୍ଷତା ମଧ୍ୟ ଦୁର୍ବଳ । ତୃତୀୟତଃ ବିଭିନ୍ନ ପ୍ରକଳ୍ପ ପାଇଁ ଉପଯୁକ୍ତ ସମୟରେ ଅର୍ଥ ମିଳିବାରେ ଅସୁବିଧା ହୁଏ । ତେଣୁ ତାହା କାମରେ ଲାଗିପାରେନାହିଁ ।

ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ (ଡୋନର୍)ର ୱେବସାଇଟ୍ ଅନୁସାରେ ୨୦୦୦ ରୁ ୨୦୧୦ ମଧ୍ୟରେ ଏନ୍‌ଏଲ୍‌ସିପିଆର୍‌ରେ ମୋଟ୍ ଜମା ହୋଇ ରହିଥିବା ଅର୍ଥର ପରିମାଣ ୧୭,୨୧୩ କୋଟି । ଅର୍ଥାତ୍ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ମଧ୍ୟରୁ ଏହି ପରିମାଣ ଖର୍ଚ୍ଚ ନ'ହୋଇ ଫେରିଆସିଛି । ଅପରପକ୍ଷରେ ୨୦୧୧ ପର୍ଯ୍ୟନ୍ତ କେନ୍ଦ୍ରରୁ ଏହି ଅଞ୍ଚଳର ବିକାଶ ପାଇଁ ୮୭୯୬କୋଟି ଟଙ୍କା ଯୋଗାଇ ଦିଆଯାଇଛି । ଏହି ଅର୍ଥ ସମ୍ପୃକ୍ତ ରାଜ୍ୟ ପାଇବାକୁ ଥିବା ମୋଟ୍ ପାଣ୍ଠିର ୫୦ ଭାଗ । ସମ୍ପୃକ୍ତ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି ଏବଂ କେନ୍ଦ୍ରକୁ ଉତ୍ତମ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଦେବାରେ ବିଫଳ ହେଉଛନ୍ତି । ଭଲ ପ୍ରକଳ୍ପ ପ୍ରସ୍ତାବ ଆସିଲେ ଅର୍ଥର ଅଭାବ ପଡ଼ିବ ନାହିଁ । 'ନରେଗା'ରେ ଉତ୍ତରପୂର୍ବାଞ୍ଚଳର ଦୁଇ ଅତି ଗରିବ ରାଜ୍ୟ ଆସାମ ଓ ମଣିପୁର ୨୦୧୬-୧୭ ବର୍ଷରେ ଯଥାକ୍ରମେ ୧୬୩୦ ଓ ୪୯୫୩ ଟଙ୍କା ଗ୍ରାମାଞ୍ଚଳ ଦରିଦ୍ରଙ୍କ ମୁଣ୍ଡପିଛା ଖର୍ଚ୍ଚ କରିଛନ୍ତି । ସେହି ସମୟରେ କେରଳରେ ଏହି ବ୍ୟୟ ପରିମାଣ ଥିଲା ୧୫୬୫୭ ଓ ଅବିଭକ୍ତ ଆନ୍ଧ୍ରପ୍ରଦେଶରେ ୧୧୯୪୨ଟଙ୍କା ।

ଉତ୍ତରପୂର୍ବାଞ୍ଚଳରେ ଏସୀୟ ଉନ୍ନୟନ ବ୍ୟାଙ୍କ, ବିଶ୍ୱବ୍ୟାଙ୍କ ଭଳି ବାହ୍ୟ ସଂଗଠନ ଓ ସଂସ୍ଥାର ସହାୟତାରେ ପରିଚାଳିତ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଭଲ ନୁହେଁ । ଏଥିରେ ବିଭିନ୍ନ ଔପଚାରିକତା ପ୍ରତିବନ୍ଧକ ସୃଷ୍ଟି କରିଥାଏ । ଫଳରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲେ । ରେଳବାଇ ପ୍ରକଳ୍ପଗୁଡ଼ିକର ସ୍ଥିତି ମଧ୍ୟ ସେ ଅଞ୍ଚଳରେ ପ୍ରାୟ ସେୟା । ସମ୍ପୃକ୍ତ ରାଜ୍ୟମାନେ ଜମି ହସ୍ତାନ୍ତର କରିବା କିମ୍ବା ଜଙ୍ଗଲ ଜମିର ବ୍ୟବହାର ନିମନ୍ତେ ଅନୁମତି ଦେବାରେ ବିଫଳ ହେଉଛନ୍ତି । ୨୦୧୫ ଜୁଲାଇ ୨୨ରେ ଲୋକସଭାରେ ଏକ ପ୍ରଶ୍ନର ଉତ୍ତରରେ (ପ୍ରଶ୍ନ ନଂ-୨୮୭) 'ଡୋନର୍' ମନ୍ତ୍ରଣାଳୟ ପକ୍ଷରୁ ସ୍ୱୀକାର କରାଯାଇଥିଲା ଯେ ଉତ୍ତରପୂର୍ବାଞ୍ଚଳରେ ପ୍ରକଳ୍ପ କାର୍ଯ୍ୟକାରିତାରେ ବିଳମ୍ବ ପାଇଁ ଏକାଧିକ କାରଣ ଦାୟୀ । ସେଇ କାରଣଗୁଡ଼ିକ ମଧ୍ୟରେ ପ୍ରକଳ୍ପ ଅନୁମୋଦନ ପରେ ଅର୍ଥ ଯୋଗାଣରେ ବିଳମ୍ବ, ନିର୍ଦ୍ଧାରିତ ସମୟରେ ବିନିଯୋଗ ପ୍ରମାଣପତ୍ର ରାଜ୍ୟ ସରକାରଙ୍କ ଦ୍ୱାରା ଦାଖଲ ନ'ହେବା, ଜଙ୍ଗଲ ଜମି ସଂକ୍ରାନ୍ତ ଅନୁମତି ଓ ଜମି ଅଧିଗ୍ରହଣରେ ବିଳମ୍ବ, ଆଇନଶୃଙ୍ଖଳା ପରିସ୍ଥିତି, ମାତ୍ରାଧିକ ବୃଷ୍ଟିପାତ ଯୋଗୁଁ କାମ କରିବା ପାଇଁ କମ୍ ସମୟ ମିଳିବା ଆଦି ଅନ୍ୟତମ ।

ସିଏଜି ରିପୋର୍ଟ ଅନୁସାରେ (୨୦୧୫) ମଣିପୁରରେ ପରିମଳ କାର୍ଯ୍ୟକ୍ରମରେ ସମଗ୍ର ଯୋଜନା ପ୍ରକ୍ରିୟାର ଅଭାବ ରହିଥିଲା । ଗ୍ରାମ୍ୟ ହିତାଧିକାରୀଙ୍କ ଆବଶ୍ୟକତା ଓ ପସନ୍ଦ ଅପସନ୍ଦ ଆଦିକୁ ଆଦୌ ବିଚାରକୁ ନିଆଯାଇ ନ ଥିଲା । ଏହି କାର୍ଯ୍ୟକ୍ରମରେ ବିଶ୍ୱସ୍ତ ମୌଳିକ ତଥ୍ୟାବଳୀ ନ ଥିଲା କିମ୍ବା ପ୍ରକଳ୍ପ କାର୍ଯ୍ୟକାରିତା ଯୋଜନା (ପିଆଇପି) ପ୍ରସ୍ତୁତିରେ ଲୋକ / ଗୋଷ୍ଠୀଙ୍କ ସମ୍ପୃକ୍ତି ଓ ମତାମତ ସଂଗ୍ରହ କରାଯାଇ ନ ଥିଲା । ଆର୍ଥିକ ପରିଚାଳନା ଅତ୍ୟନ୍ତ ଦୁର୍ବଳ ଥିବାରୁ ପାଣ୍ଠି ଯୋଗାଣ ବିଳମ୍ବିତ ହୋଇଥିଲା । ଏହି ଯୋଜନାରେ ରାଜ୍ୟର ଅଂଶବାବଦ ପାଣ୍ଠି ଯୋଗାଣରେ ବିଳମ୍ବ, ଏବାବଦ ବିପୁଳ ବାକିଆ, ଯୋଜନା ବାବଦ ପାଣ୍ଠିର ଅନୈତିକ ଖର୍ଚ୍ଚ ଓ ଅପଚୟ ବିଷୟରେ ସିଏଜି ଉଲ୍ଲେଖ କରିଥିଲେ । ମୋଟାମୋଟି ବିନା ନୀତି ନିୟମ, ଆକଳନ, ହିତାଧିକାରୀ ଚିହ୍ନଟ ଓ ରକ୍ଷଣାବେକ୍ଷଣରେ ଶୌଚାଳୟ ନିର୍ମାଣ ଯୋଜନା କାର୍ଯ୍ୟକାରୀ ହୋଇଥିଲା ବୋଲି ସିଏଜି ରିପୋର୍ଟରେ କୁହାଯାଇଛି ।




**ଉନ୍ନତ ତଦାରଖ ଓ ମୂଲ୍ୟାୟନ ବ୍ୟବସ୍ଥା:** କୌଣସି ଏକ ଯୋଜନାର କାର୍ଯ୍ୟକାରୀତା କ୍ଷେତ୍ରରେ ଏହାର ତଦାରଖ, ପର୍ଯ୍ୟବେକ୍ଷଣ ଓ ମୂଲ୍ୟାୟନ ସାଧାରଣତଃ ଅଗ୍ରାଧିକାର ପାଇଥାଏ। ଏହା ମନିଟରିଂ ଓ ଇଭାଲୁଏସନ୍ ନାମରେ ପରିଚିତ। ଏହା ଯେତେ ଭଲ ଓ ବ୍ୟବସ୍ଥିତ ହୁଏ ପ୍ରକଳ୍ପ ନିର୍ମାଣ ସେତେ ସଫଳ ହୋଇଥାଏ। ଏବେ ଅଧିକାରୀମାନେ ପ୍ରାୟ ସବୁସ୍ତରରେ ସୂଚନା ସଂଗ୍ରହ ଓ ଉପସ୍ଥାପନ ପାଇଁ ବେଶ୍ କିଛି ସମୟ ଖର୍ଚ୍ଚ କରୁଛନ୍ତି। ତେବେ ସେମାନେ ସେହି ତଥ୍ୟାବଳୀକୁ ଅନୁଶୀଳନ କରି ପ୍ରକଳ୍ପ ନିର୍ମାଣ କ୍ଷେତ୍ରରେ ସଂଶୋଧନ ଓ ପ୍ରତିକାର ବ୍ୟବସ୍ଥା କରିବା ପରିବର୍ତ୍ତେ ତାହାକୁ କେବଳ ଉପରିସ୍ଥ ଅଧିକାରୀଙ୍କ ନିକଟକୁ ପଠାଇ ଦେଉଛନ୍ତି। ବିଧାନସଭାରେ ପଚରାଯାଉଥିବା ପ୍ରଶ୍ନର ଉତ୍ତର ଦେବାରେ ଏହି ତଥ୍ୟ ମୁଖ୍ୟତଃ ସୀମିତ ହୋଇ ରହୁଛି। ଆହୁରି ମଧ୍ୟ ଯେଉଁ ତଥ୍ୟ ସଂଗୃହୀତ ହୁଏ ତାହା ଠିକ୍ କି ଭୁଲ୍ ତାହାର ମଧ୍ୟ ନିୟମିତ ତନଖି କରାଯାଏ ନାହିଁ। ଏ କ୍ଷେତ୍ରରେ ବିଭାଗୀୟ ବିଫଳତା ଓ ଉତ୍ତରଦାୟିତ୍ୱର ଅଭାବ ଅଧିକ।

ଏକ ଉଦାହରଣରୁ ବାସ୍ତବସ୍ଥିତି ଜାଣି ହେବ। ରାଜ୍ୟ ସରକାରଙ୍କ ତଥ୍ୟ ଅନୁସାରେ ଉତ୍ତରପୂର୍ବାଞ୍ଚଳରେ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ଏକ ଶତାଂଶରୁ କମ୍। ମାତ୍ର ୟୁନିସେଫ୍‌ର ୨୦୧୪ ଅନୁଧ୍ୟାନ ଅନୁସାରେ ଏହି ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ସଂଖ୍ୟା ବହୁ ଅଧିକ। ମଣିପୁରରେ ଏହା ୩.୫ ଶତାଂଶ ହୋଇଥିବାବେଳେ ମେଘାଳୟ ଓ ତ୍ରିପୁରାରେ ପ୍ରାୟ ୧୬ ଶତାଂଶ।

**ଟେବୁଲ -୨ : ଉତ୍ତର ପୂର୍ବାଞ୍ଚଳ ରାଜ୍ୟରେ ଅତିଶୟ ପୁଷ୍ଟିହୀନ ଶିଶୁଙ୍କ ଶତାଂଶ : ସରକାରୀ ତଥ୍ୟ (ମାର୍ଚ୍ଚ ୨୦୧୪) ବନାମ ୟୁନିସେଫ୍ ତଥ୍ୟ**

| | ସରକାରୀ ତଥ୍ୟ ଅନୁସାରେ | ୟୁନିସେଫ୍ ତଥ୍ୟ ଅନୁସାରେ |
|---|---|---|
| ଅରୁଣାଚଳପ୍ରଦେଶ | ୦.୦୦ | ୧୩.୩୦ |
| ଆସାମ | ୦.୮୬ | ୭.୦୦ |
| ମଣିପୁର | ୦.୦୨ | ୩.୫୦ |
| ମେଘାଳୟ | ୦.୧୪ | ୧୬.୦୦ |
| ମିଜୋରାମ | ୦.୩୧ | ୬.୨୦ |
| ନାଗାଲାଣ୍ଡ | ୦.୨୦ | ୭.୯୦ |
| ସିକ୍କିମ୍ | ୦.୦୭ | ୬.୫୦ |
| ତ୍ରିପୁରା | ୦.୨୫ | ୧୬.୮୦ |
| ଭାରତ | ୧.୬୧ | ୯.୪୦ |

ଟେବୁଲ ୨ରେ ପ୍ରଦତ୍ତ ଦୁଇ ପ୍ରକାର ତଥ୍ୟରେ ଯେଉଁ ବ୍ୟାପକ ପାର୍ଥକ୍ୟ ରହିଛି ତାହାର ସତ୍ୟାସତ୍ୟ ନିରୂପଣ କରିବାର ଜରୁରୀ ଆବଶ୍ୟକତା ରହିଛି। ମୌଳିକ ସ୍ତରରୁ ସଂଗୃହୀତ ତଥ୍ୟାବଳୀ ଯେପରି ବିଶ୍ୱସନୀୟ, ନିର୍ଭୁଲ ହୁଏ ସେଥିପ୍ରତି ଯତ୍ନବାନ ହେବାକୁ ପଡ଼ିବ। ଯାହା ଜଣାପଡୁଛି ରାଜ୍ୟ ସରକାରମାନେ ଯେଉଁ ତଥ୍ୟ ଜିଲ୍ଲାସ୍ତରରୁ ସଂଗ୍ରହ କରୁଛନ୍ତି ତାହା ମୁଖ୍ୟତଃ ଅତିରଞ୍ଜିତ, ବଢ଼ାଚଢ଼ା ଓ ଅବାସ୍ତବ ସ୍ଥାପିତ ହେଉଛି। ଏହା ଯୋଗୁଁ ତଦାରଖ କାର୍ଯ୍ୟ ବିଫଳ ହେବା ସହ ଉତ୍ତରଦାୟିତ୍ୱକୁ ନିରର୍ଥକ ପ୍ରମାଣ କରୁଛି। ତେଣୁ ମନିଟରିଂ ଓ ଇଭାଲ୍ୟୁଏସନ୍ ବ୍ୟବସ୍ଥାର ଉନ୍ନତି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ।

**ଇ-ଗଭର୍ଣ୍ଣାନ୍ସକୁ ପ୍ରୋତ୍ସାହନ ଆବଶ୍ୟକ:**

ଇ-ପ୍ରଶାସନ ବା ଇ-ଗଭର୍ଣ୍ଣାନ୍ସ ହେଉଛି ଶାସନକୁ ଅଧିକ ସଫଳ, ଉତ୍ତରଦାୟୀ ଓ ପହଞ୍ଚଯୋଗ୍ୟ କରିବା ପାଇଁ ସୂଚନା ଓ ଯୋଗାଯୋଗ ପ୍ରଯୁକ୍ତିର ବ୍ୟବହାର କରିବା ବ୍ୟବସ୍ଥା। ଶାସନରେ ସ୍ୱଚ୍ଛତା ଆଣିବା, ଦୂରତ୍ୱର ଅବସାନ ଘଟାଇ ଲୋକଙ୍କୁ ରାଜନୈତିକ ପ୍ରକ୍ରିୟାରେ ସଫଳ ଭାବେ ସାମିଲ କରିବା ଏବଂ ସେମାନଙ୍କ ଜୀବନଧାରାରେ ଉନ୍ନତି ଆଣିବା ଇ-ପ୍ରଶାସନର ମୌଳିକ ଲକ୍ଷ୍ୟ। ଲୋକଙ୍କୁ ସଶକ୍ତ କରିବା ସହ ସେମାନଙ୍କୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ଯୋଗାଣରେ ଇ-ପ୍ରଶାସନ ବିଶେଷ ସହାୟକ ହୋଇଥାଏ। ତେବେ ଅଧିକାଂଶ ନାଗରିକ ଏଯାଏ ଏହାର ଲାଭ ସମ୍ପର୍କରେ ଅବଗତ ନୁହଁନ୍ତି।

୨୦୧୪ରେ ବିଶ୍ୱବ୍ୟାଙ୍କର ଏକ ରିପୋର୍ଟରେ କୁହାଯାଇଥିଲା ଯେ ଆସାମରେ ପୂର୍ଣ୍ଣାଙ୍ଗ ସୂଚନା, ଯୋଗାଯୋଗ ପ୍ରଯୁକ୍ତି (ଆଇସିଟି) ବ୍ୟବସ୍ଥାର ଅଭାବ ରହିଛି ଏବଂ ସେବା ପ୍ରଦାନ ପାଇଁ ସାଧାରଣ ଢାଞ୍ଚା ନାହିଁ। ତେଣୁ ଏକ ପୂର୍ଣ୍ଣାଙ୍ଗ ଆଇସିଟି ବ୍ୟବସ୍ଥା ପ୍ରସ୍ତୁତ କରି ଲୋକଙ୍କୁ ଦକ୍ଷ ସେବା ଯୋଗାଣ ସହ ଶାସନକୁ ପାରଦର୍ଶୀ କରିବା ଏବଂ ସରକାରୀ ଉତ୍ତରଦାୟିତ୍ୱ ବଢ଼ାଇବା ପାଇଁ ରିପୋର୍ଟରେ ସୁପାରିସ କରାଯାଇଥିଲା।

୨୦୧୭ରେ ନାଗାଲାଣ୍ଡରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନର ଦଶମ ସମୀକ୍ଷା ବେଳେ ଜଣାପଡ଼ିଲା ଯେ ସେ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରର ଆଇଟି ଭିତ୍ତିଭୂମି ଅତି ଦୁର୍ବଳ। ଯାହା ଫଳରେ ରାଜ୍ୟରେ ଟେଲିମେଡିସିନ୍ ବା ଏମ୍-ହେଲ୍‌ଥ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିଭଳି ଆବଶ୍ୟକ ଆଇଟି ବ୍ୟବସ୍ଥା ନ ଥିବାରୁ ନାଗାଲାଣ୍ଡର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ରେଜିଷ୍ଟର ପ୍ରସ୍ତୁତି ସମ୍ଭବ ହୋଇପାରିନାହିଁ। ରାଜ୍ୟର ଇନ୍‌ଭେନ୍‌ଟ୍ରି ମ୍ୟାନେଜମେଣ୍ଟ (ବସ୍ତୁସୂଚୀ ପରିଚାଳନା) କମ୍ପ୍ୟୁଟରୀକୃତ ହୋଇ ନାହିଁ ଏବଂ ସରକାରୀ ହିତାଧିକାରୀଙ୍କୁ ଠାବ କରିବା ଦୁରୂହ ବ୍ୟାପାର ହୋଇଛି। ସେହି ରାଜ୍ୟର ଅଗମ୍ୟ ପାର୍ବତ୍ୟାଞ୍ଚଳ, ଫୋନ୍ ଓ ଇଣ୍ଟରନେଟ୍ ସେବାର ଦୁର୍ବଳ ସ୍ଥିତି ଏ କ୍ଷେତ୍ରରେ ଅନ୍ତରାୟ ସାଜିଛି। ତ୍ରିପୁରାରେ ଆକାଉଣ୍ଟ (ହିସାବ) ବ୍ୟବସ୍ଥା ଆବଶ୍ୟକମତେ କମ୍ପ୍ୟୁଟରୀକୃତ ହୋଇ ନ ଥିବାରୁ ଢଲାଇ ଜିଲ୍ଲାରେ ଆଶାକର୍ମୀମାନେ ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପ୍ରାପ୍ୟ ପାଇ ନାହାନ୍ତି।

ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ (ଡୋନର୍)ର ୱେବସାଇଟ୍ ଅନୁସାରେ ୨୦୦୦ ରୁ ୨୦୧୦ ମଧ୍ୟରେ ଏନ୍‌ଏଲ୍‌ସିପିଆର୍‌ରେ ମୋଟ୍ ଜମା ହୋଇ ରହିଥିବା ଅର୍ଥର ପରିମାଣ ୧୭,୨୧୩ କୋଟି। ଅର୍ଥାତ୍ ସମ୍ପୃକ୍ତ ଅଞ୍ଚଳର ବିକାଶ ପାଇଁ ମଞ୍ଜୁର ହୋଇଥିବା ଅର୍ଥ ମଧ୍ୟରୁ ଏହି ପରିମାଣ ଖର୍ଚ୍ଚ ନ'ହୋଇ ଫେରିଆସିଛି। ଅପରପକ୍ଷରେ ୨୦୧୧ ପର୍ଯ୍ୟନ୍ତ କେନ୍ଦ୍ରରୁ ଏହି ଅଞ୍ଚଳର ବିକାଶ ପାଇଁ ୮୭୯୬କୋଟି ଟଙ୍କା ଯୋଗାଇ ଦିଆଯାଇଛି। ଏହି ଅର୍ଥ ସମ୍ପୃକ୍ତ ରାଜ୍ୟ ପାଇବାକୁ ଥିବା ମୋଟ୍ ପାଣ୍ଠିର ୫୦ ଭାଗ। ସମ୍ପୃକ୍ତ ରାଜ୍ୟ ସରକାର ଅର୍ଥ ଖର୍ଚ୍ଚ କରିପାରୁନାହାନ୍ତି ଏବଂ କେନ୍ଦ୍ରକୁ ଉତ୍ତମ ପ୍ରକଳ୍ପ ସମ୍ପର୍କରେ ପ୍ରସ୍ତାବ ଦେବାରେ ବିଫଳ ହେଉଛନ୍ତି। ଭଲ ପ୍ରକଳ୍ପ ପ୍ରସ୍ତାବ ଆସିଲେ ଅର୍ଥର ଅଭାବ ପଡ଼ିବ ନାହିଁ। 'ନରେଗା'ରେ ଉତ୍ତରପୂର୍ବାଞ୍ଚଳର ଦୁଇ ଅତି ଗରିବ ରାଜ୍ୟ ଆସାମ ଓ ମଣିପୁର ୨୦୧୬-୧୭ ବର୍ଷରେ ଯଥାକ୍ରମେ ୧୬୩୦ ଓ ୪୯୫୩ ଟଙ୍କା ଗ୍ରାମାଞ୍ଚଳ ଦରିଦ୍ରଙ୍କ ମୁଣ୍ଡପିଛା ଖର୍ଚ୍ଚ କରିଛନ୍ତି।



ଏଠାରେ ଉଲ୍ଲେଖଯୋଗ୍ୟ ଯେ ଆଇଟି ବ୍ୟବସ୍ଥାର ପ୍ରସାର ଓ ଉନ୍ନତ କମ୍ପ୍ୟୁଟର ସେବାର ଉପଯୋଗ ଫଳରେ ଦେଶର ଅନେକ ରାଜ୍ୟ ସରକାରୀ ବଣ୍ଟନ ବ୍ୟବସ୍ଥାରେ ଉଲ୍ଲେଖନୀୟ ସଫଳତା ଅର୍ଜନ କରିଛନ୍ତି। ୨୦୧୫ରେ ଆସାମ, ବିହାର, ଛତିଶଗଡ଼, କର୍ଣ୍ଣାଟକ, ଉତ୍ତରପ୍ରଦେଶ ଓ ପଶ୍ଚିମବଙ୍ଗର ସାଧାରଣ ବଣ୍ଟନ ବ୍ୟବସ୍ଥାର ସୁଗମତା ଓ ସଫଳତା ସମ୍ପର୍କରେ ସମ୍ପୃକ୍ତ ମନ୍ତ୍ରଣାଳୟ ପକ୍ଷରୁ ଏକ ଅନୁଧ୍ୟାନ କରାଯାଇଥିଲା। ସେହି ମୂଲ୍ୟାୟନରୁ ଯେଉଁ ତଥ୍ୟ ମିଳିଲା ତାହା ନିମ୍ନରେ ପ୍ରଦାନ କରାଯାଇଛି।

- ହିତାଧିକାରୀ ବାଛିବା ପରେ ଛତିଶଗଡ଼ରେ ସବୁଠୁ କମ୍ ପରିବାର -୨ ଶତାଂଶ - ବାଦ ପଡ଼ିଥିବା ବେଳେ ଆସାମରେ ଏହା ସର୍ବାଧିକ ୭୧ ଶତାଂଶ ଥିଲା।

- ଛତିଶଗଡ଼ରେ ବ୍ୟବସ୍ଥାଗତ ତ୍ରୁଟି ଓ ଛିଦ୍ର ଦେଇ ପଡ଼ି ସାମଗ୍ରୀର ଅପଚୟ ସର୍ବନିମ୍ନ ଥିବାବେଳେ ଦ୍ୱିତୀୟ ରହିଛି ବିହାର। ଅପରପକ୍ଷରେ ଆସାମ, ଉତ୍ତରପ୍ରଦଶ ଓ ପଶ୍ଚିମବଙ୍ଗରେ ଏହି ଅପଚୟ ଓ ଚୋରି ସର୍ବାଧିକ।

- ଆସାମରେ ବିପିଏଲ କାର୍ଡ ପାଇବା ପାଇଁ ଲୋକଙ୍କୁ ତିନି ହଜାର ଟଙ୍କା ପର୍ଯ୍ୟନ୍ତ ଦେବାକୁ ପଡ଼ିଥିବାବେଳେ ଛତିଶଗଡ଼ରେ ଏଥିପାଇଁ ନାମକୁ ମାତ୍ର ଖର୍ଚ୍ଚ ଲୋକଙ୍କୁ ପଡ଼ିଛି।

- କାଚାର ଓ ବୋଙ୍ଗାଇଗାଓଁରେ କାର୍ଡଧାରୀ କେବେ ସେମାନଙ୍କର ପୂରା ପଡି ସାମଗ୍ରୀ ପାଆନ୍ତି ନାହିଁ। ସମ୍ପୃକ୍ତ ଡିଲର ପ୍ରତି କାର୍ଡ ପିଛା ୩ ରୁ ୪ କେଜି ଚାଉଳ / ଗହମ କାଟିରଖନ୍ତି। ଏହି ସାମଗ୍ରୀ ପରିବହନ ପାଇଁ ଡିଲରମାନଙ୍କୁ ବହୁ ଅଧିକ ଖର୍ଚ୍ଚ ପଡ଼ିଥାଏ ଏବଂ ସେ ଅର୍ଥ ସରକାର ବହନ କରୁ ନ ଥିବାରୁ ଡିଲର ପଡି ସାମଗ୍ରୀ ବାଧ୍ୟ ହୋଇ କାଟନ୍ତି ବୋଲି ସ୍ୱୀକାର କରନ୍ତି।

**ଅନାବଶ୍ୟକ ଅମଲାତନ୍ତ୍ର:**

ଉପରେ କେତେକ ଶାସନଗତ ଦୁର୍ବଳତା ଓ ତ୍ରୁଟି ସମ୍ପର୍କରେ ଯାହା ଉଲ୍ଲେଖ କରାଯାଇଛି ତାହା ଅଧିକାଂଶ ରାଜ୍ୟରେ ଏକା ପ୍ରାୟ। ତେବେ ଉତ୍ତରପୂର୍ବାଞ୍ଚଳରେ ଦୁଇଟି ନିର୍ଦ୍ଦିଷ୍ଟ ଅସୁବିଧା ରହିଛି। ସେଥିରୁ ପ୍ରଥମଟି ହେଲା ଉତ୍ତର-ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକର ଅଣଯୋଜନା ଖର୍ଚ୍ଚ ବହୁ ଅଧିକ। ତାହାର କାରଣ ହେଲା ସେଠାକାର ପ୍ରଶାସନରେ ତୃତୀୟ ଓ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ସଂଖ୍ୟା ବହୁତ ବେଶୀ। କିରାଣି, ପିଅନଙ୍କ ଭଳି କର୍ମଚାରୀଙ୍କ ଆବଶ୍ୟକତା ଏବେ ଆଉ ନ ଥିଲେ ମଧ୍ୟ ଏହି କର୍ମଚାରୀଙ୍କ ବେତନ ଓ ଅନ୍ୟାନ୍ୟ ଦେୟ ବାବଦରେ ସଂପୃକ୍ତ ରାଜ୍ୟ ସରକାରଗୁଡ଼ିକ ବିପୁଳ ଅର୍ଥ ଖର୍ଚ୍ଚ କରୁଛନ୍ତି। କେନ୍ଦ୍ର ସରକାର ସେହି ରାଜ୍ୟମାନଙ୍କୁ ଉଦାର ଭାବେ ଅର୍ଥ ଦେଉଥିଲେ ମଧ୍ୟ ଅଣଯୋଜନା ଖର୍ଚ୍ଚ ବୃଦ୍ଧି ଯୋଗୁଁ ସେମାନେ ଅର୍ଥାଭାବର ସମ୍ମୁଖୀନ ହେଉଛନ୍ତି। ଉଦାହରଣ ସ୍ୱରୂପ ଆସାମର ମୁଣ୍ଡପିଛା ଯୋଜନା ବ୍ୟୟବରାଦ ୨୦୧୪-୧୫ରେ ୫୭୭୫ ଟଙ୍କା ଥିବାବେଳେ ଏକାଭଳି ଛତିଶଗଡ଼ର ଗରିବ ଲୋକଙ୍କ ମୁଣ୍ଡପିଛା ଯୋଜନା ବ୍ୟୟ ବରାଦ ଥିଲା ୧୨,୮୦୭ ଟଙ୍କା। ଏହାର କାରଣ ହେଲା ଆସାମ ସରକାରଙ୍କ କର୍ମଚାରୀ ବେତନ ବୋଝ ବହୁ ଅଧିକ। ଏହି ଦୁଇ ରାଜ୍ୟର ଏକ ତୁଳନାତ୍ମକ ଚିତ୍ର ଟେବୁଲ ୩ ରେ ଦିଆଯାଇଛି।

ଉତ୍ତର ପୂର୍ବାଞ୍ଚଳର ରାଜ୍ୟ ସମୂହର ଲୋକ ପ୍ରଶାସନରେ ଥିବା କର୍ମଚାରୀମାନଙ୍କ ମଧ୍ୟରୁ ଅଧିକାଂଶ କାମ କରନ୍ତି ନାହିଁ। ବେତନ ଓ ସରକାରୀ ସୁବିଧା ନେଇ କର୍ମଚାରୀ ଫାଙ୍କି ବୁଲିବା ଯୋଗୁଁ ପ୍ରଶାସନିକ ଦକ୍ଷତା ଦୁର୍ବଳ। କର୍ମଚାରୀଙ୍କ ସଂଖ୍ୟା ଆବଶ୍ୟକତାଠାରୁ ବହୁ ଅଧିକ। ଅନାବଶ୍ୟକ ଓ ଦକ୍ଷତାହୀନ କର୍ମଚାରୀଙ୍କ ସଂଖ୍ୟା ଅଧିକ ଥିବାରୁ ଶାସନ ଏକ ପ୍ରକାର ଅଚଳ। ସରକାର ବିପୁଳ ବେତନ ବୋଝ ମୁଣ୍ଡାଉଥିବାବେଳେ ସେବା ଯୋଗାଣରେ ବିଫଳ। ପିଅନ, ଚପରାସି, ଡ୍ରାଇଭରଙ୍କ ଭଳି ଅନାବଶ୍ୟକ କର୍ମଚାରୀଙ୍କ ସଂଖ୍ୟା ବହୁ ଅଧିକ ଥିବାବେଳେ ନର୍ସ, ଶିକ୍ଷକ, ଡାକ୍ତର, ବିଚାରପତି, ଏପରିକି

**ଟେବୁଲ-୩ : ଆସାମ ବନାମ ଛତିଶଗଡ଼**

| | ଆସାମ | ଛତିଶଗଡ଼ |
|---|---|---|
| ଇଲାକା (୦୦୦ବର୍ଗ କମିରେ) | ୧୩୫ | ୭୮.୪ |
| ଲୋକସଂଖ୍ୟା (କୋଟିରେ) | ୩.୧୨ | ୨.୫୫ |
| ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଲୋକଙ୍କ ଅଂଶ (୨୦୧୧-୧୨) | ୩୨% | ୪୦% |
| ଅର୍ଥ କମିଶନଙ୍କ ଅନୁଦାନ (୨୦୧୫-୧୬) କୋଟିରେ | ୧୭୪୦୧ | ୧୩,୪୯୦ |
| ୨୦୧୪-୧୫ରେ ଯୋଜନା ବ୍ୟୟ ବରାଦ କୋଟିରେ | ୧୮,୦୦୦ | ୩୨୭୧୦ |
| ମୁଣ୍ଡପିଛା ଯୋଜନା ବ୍ୟୟ ବରାଦ (୨୦୧୪-୧୫) | ୫୭୭୫ | ୧୨,୮୦୭ |
| ସରକାରୀ କର୍ମଚାରୀଙ୍କ ସଂଖ୍ୟା (୦୦୦ରେ) | ୩୧୬ | ୧୨୨ |

> ୨୦୧୭ରେ ନାଗାଲାଣ୍ଡରେ କାର୍ଯ୍ୟକାରୀ ହେଉଥିବା ଜାତୀୟ ସ୍ୱାସ୍ଥ୍ୟ ମିଶନର ଦଶମ ସମୀକ୍ଷା ବେଳେ ଜଣାପଡ଼ିଲା ଯେ ସେ ରାଜ୍ୟର ସ୍ୱାସ୍ଥ୍ୟ କ୍ଷେତ୍ରର ଆଇଟି ଭିତ୍ତିଭୂମି ଅତି ଦୁର୍ବଳ। ଯାହା ଫଳରେ ରାଜ୍ୟରେ ଟେଲିମେଡିସିନ୍ ବା ଏମ୍-ହେଲ୍ଥ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ହୋଇପାରି ନ ଥିଲା। ସେହିଭଳି ଆବଶ୍ୟକ ଆଇଟି ବ୍ୟବସ୍ଥା ନ ଥିବାରୁ ନାଗାଲାଣ୍ଡର ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ସଂକ୍ରାନ୍ତ ରେଜିଷ୍ଟର ପ୍ରସ୍ତୁତି ସମ୍ଭବ ହୋଇପାରିନାହିଁ। ରାଜ୍ୟର ଇନ୍‌ଭେନ୍‌ଟ୍ରି ମ୍ୟାନେଜମେଣ୍ଟ (ବସ୍ତୁସୂଚୀ ପରିଚାଳନା) କମ୍ପ୍ୟୁଟରୀକୃତ ହୋଇ ନାହିଁ ଏବଂ ସରକାରୀ ହିତାଧିକାରୀଙ୍କୁ ଠାବ କରିବା ଦୁରୂହ ବ୍ୟାପାର ହୋଇଛି। ସେହି ରାଜ୍ୟର ଅଗମ୍ୟ ପାର୍ବତ୍ୟାଞ୍ଚଳ, ଫୋନ୍ ଓ ଇଣ୍ଟରନେଟ୍ ସେବାର ଦୁର୍ବଳ ସ୍ଥିତି ଏ କ୍ଷେତ୍ରରେ ଅନ୍ତରାୟ ସାଜିଛି। ତ୍ରିପୁରାରେ ଆକାଉଣ୍ଟ (ହିସାବ) ବ୍ୟବସ୍ଥା ଆବଶ୍ୟକମତେ କମ୍ପ୍ୟୁଟରୀକୃତ ହୋଇ ନ ଥିବାରୁ ଢଲାଇ ଜିଲ୍ଲାରେ ଆଶାକର୍ମୀମାନେ ଏକ ବର୍ଷରୁ ଊର୍ଦ୍ଧ୍ୱ କାଳ ଧରି ପ୍ରାପ୍ୟ ପାଇ ନାହାନ୍ତି।

ପୁଲିସ କର୍ମଚାରୀଙ୍କ ସଂଖ୍ୟା ଆନୁପାତିକ ଭାବେ ବହୁ କମ୍। ଏହା ଫଳରେ ସାମାଜିକ କ୍ଷେତ୍ର ବିଶେଷ ପ୍ରଭାବିତ। ଭାରସାମ୍ୟହୀନ ପ୍ରଶାସନିକ ଢାଞ୍ଚା, ବିଭିନ୍ନ ବିଭାଗରେ ଚଷୁକୁଟା କାମ କରିବାକୁ ଅଧିକ କର୍ମଚାରୀ, ମାନବସମ୍ବଳର ଦୁର୍ବଳ ପରିଚାଳନା, ଦକ୍ଷ କର୍ମଚାରୀଙ୍କୁ ପ୍ରୋତ୍ସାହନରେ ଅଭାବ ଆଦି କାରଣରୁ ପ୍ରଶାସନିକ ଦକ୍ଷତା ଦୁର୍ବଳ ହୋଇ ମୌଳିକ ସରକାରୀ କାର୍ଯ୍ୟ ସମ୍ପାଦନ କରିବାକୁ ଅକ୍ଷମ।

ଉତ୍ତରପୂର୍ବାଞ୍ଚଳର ଅନ୍ୟ ବିଚିତ୍ର ସମସ୍ୟାଟି ହେଲା 'ବନ୍ଦ'ପାଳନ ସଂସ୍କୃତି। ଆସାମ, ମଣିପୁର ଓ ନାଗାଲାଣ୍ଡରେ କଥା କଥାକେ ରାଜ୍ୟବ୍ୟାପୀ ବନ୍ଦ ପାଳନ କରାଯାଏ ଓ ସାଧାରଣ ଜୀବନଯାତ୍ରାକୁ ଅଚଳ କରାଯାଏ। ବ୍ୟକ୍ତିଗତ ଅଧିକାର ନାମରେ ଲୋକେ, ସରକାରୀ କର୍ମଚାରୀ ନିଜର ମୌଳିକ ଦାୟିତ୍ୱକୁ ଭୁଲିଯାଆନ୍ତି। ଏଭଳି ଅସାମ୍ବିଧାନିକ କାର୍ଯ୍ୟ ଯୋଗୁଁ ପ୍ରଶାସନ ଓ ସରକାରୀ କାର୍ଯ୍ୟ ଗୁରୁତର ଭାବେ ପ୍ରଭାବିତ ହୋଇଥାଏ। ସ୍ଥାନୀୟ ପ୍ରଶାସନ ଦୀର୍ଘ କାଳ ପର୍ଯ୍ୟନ୍ତ ଅଚଳ ରହେ। ପରିବହନ ବ୍ୟବସ୍ଥା ବନ୍ଦ ହୋଇ ଅତ୍ୟାବଶ୍ୟକ ସାମଗ୍ରୀର ଘୋର ଅଭାବ ଦେଖାଦିଏ ଓ ଲୋକେ ନାହିଁ ନଥିବା ଅସୁବିଧା ଭୋଗ କରନ୍ତି। ଏହି ତିନିରାଜ୍ୟରେ ଚାଲିଥିବା ଏହି ନକାରାତ୍ମକ ବନ୍ଦ ସଂସ୍କୃତି ବିରୋଧରେ ନାଗରିକମାନେ ସ୍ୱର ଉତ୍ତୋଳନ କରି ଏହାର ଅବସାନ ଘଟାଇବାର ସମୟ ଆସିଛି।

ଆହୁରିମଧ୍ୟ ବିଭିନ୍ନ ସଶସ୍ତ୍ର ବିଦ୍ରୋହୀ ଗୋଷ୍ଠୀ ନିଜର ଇଚ୍ଛାମତେ ବନ୍ଦ ଡାକରା ଦେଇ ଶାସନ ଓ ସାଧାରଣ ଜୀବନଯାତ୍ରାକୁ ଉତ୍ତରପୂର୍ବାଞ୍ଚଳରେ ଅଚଳ କରନ୍ତି। ଏହାର ଅବସାନ ଘଟାଇ ନିଜ ନିଜ ରାଜ୍ୟର ଜନସାଧାରଣଙ୍କୁ ଶାନ୍ତି ଓ ସମୃଦ୍ଧିର ସହ ବଞ୍ଚିବାର ସୁଯୋଗ ଦେବା ସଂପୃକ୍ତ ରାଜ୍ୟସରକାରଙ୍କ ଦାୟିତ୍ୱ।

**ଉପସଂହାର:**

ଦେଶର ବିଭିନ୍ନ ଅଞ୍ଚଳର ଅଭିବୃଦ୍ଧି ହାର ମଧ୍ୟରେ ବ୍ୟାପକ ପାର୍ଥକ୍ୟ ରହିଛି। ସେଥିରେ ଉତ୍ତରପୂର୍ବାଞ୍ଚଳର ଅଭିବୃଦ୍ଧି ହାର ବହୁତ ତଳେ। ତେଣୁ ତାହାକୁ ବଢ଼ାଇବାକୁ ହେଲେ ସେହି ଅଞ୍ଚଳର ଶାସନ ଓ ସେବା ଯୋଗାଣ ବ୍ୟବସ୍ଥାରେ ବଡ଼ଧରଣର ଉନ୍ନତି ଆଣିବାକୁ ପଡ଼ିବ। ଏହା ହେଲେ ସେ ଅଞ୍ଚଳକୁ ଆର୍ଥିକ ସମ୍ବଳର ପ୍ରବାହ ବୃଦ୍ଧି ପାଇବ। ତେବେ ସେହି ଅଞ୍ଚଳ ପାଇଁ ପାଣ୍ଠି ଯୋଗାଣ ଓ ପୁଞ୍ଜି ପ୍ରବାହ ଆଉ ଏକ ସମସ୍ୟା ହୋଇନାହିଁ। ଅସଲ ସମସ୍ୟା ହେଲା ମିଳୁଥିବା ପୁଞ୍ଜିର ସୁବିନିଯୋଗ କରିବାକୁ ବ୍ୟକ୍ତି ଓ ଅନୁଷ୍ଠାନ ସମୂହଙ୍କ ଦକ୍ଷତା ବୃଦ୍ଧି କରିବା। ଏଥିପାଇଁ ସେହି ଅଞ୍ଚଳକୁ ବୈଷୟିକ ସହାୟତା ଅଧିକରୁ ଅଧିକ ଯୋଗାଇବାକୁ ହେବ। ଶାସନର ସ୍ତର ଓ ଦକ୍ଷତାକୁ ବଢ଼ାଇବାକୁ ପଡ଼ିବ। ଅନୁଷ୍ଠାନ ନିର୍ମାଣରେ ସରକାରଙ୍କ ବିଭିନ୍ନ ବିଭାଗ ଓ ସଂସ୍ଥାକୁ ସୁଦୃଢ଼ କରିବା ପ୍ରଥମ ଆବଶ୍ୟକତା। ନାଗରିକ ସମାଜ ଓ ସରକାରଙ୍କ ମଧ୍ୟରେ ଉତ୍ତମ ଅଂଶୀଦାର ଭାବ ତିଆରି କରିବାକୁ ପଡ଼ିବ। ସବୁଠୁ ଅଧିକ ଗୁରୁତ୍ୱପୂର୍ଣ୍ଣ ହେଲା ସ୍ଥାନୀୟ ସ୍ୱୟଂଶାସିତ ସଂସ୍ଥାକୁ ମଜବୁତ କରିବାକୁ ହେବ। ଏହି କ୍ଷେତ୍ରରେ ଭାରତ ସରକାର ଅଧିକ ମନୋନିବେଶ କରିବା ଉଚିତ।

ଦୃଢ଼ ଲକ୍ଷ୍ୟ ନିର୍ଦ୍ଧାରଣ, ସ୍ପଷ୍ଟ ଫଳାଫଳ ଓ ସମନ୍ୱିତ ଯୋଜନା ଦ୍ୱାରା ଉତ୍ତରପୂର୍ବାଞ୍ଚଳକୁ ପୁନର୍ଜୀବିତ କରିହେବ। ଏହା ଆତ୍ମନିର୍ଭରଶୀଳ ହେବା ସହ ଜାତୀୟ ରାଜକୋଷକୁ ଯଥାର୍ଥ ଅବଦାନ ଦେଇପାରିବ। ଏଥିପାଇଁ ପ୍ରଥମ ଆବଶ୍ୟକତା ଉତ୍ତମ ଶାସନ, ଶାସନରେ ସାଧୁତା, ନିଷ୍ଠା, ସ୍ୱଚ୍ଛତା ଓ ଅଙ୍ଗୀକାର। ଏହା ନୈତିକତା ଓ ଶାସନବ୍ୟବସ୍ଥାର କଥା। ଦକ୍ଷତା ବିକାଶ ଓ ଅନୁଷ୍ଠାନ ନିର୍ମାଣ ପାଇଁ ତଳସ୍ତରରୁ ତଦାରଖ ବ୍ୟବସ୍ଥାକୁ ସୁଦୃଢ଼ କରି ଦୁର୍ନୀତି ହଟାଇବାକୁ ପଡ଼ିବ।

ଲେଖିକା ନୀତି ଆୟୋଗରେ ଜଣେ ଅର୍ଥନୀତିଜ୍ଞ ଭାବେ କାର୍ଯ୍ୟରତ।

ଫୋକସ୍

# ଉତ୍ତର ପୂର୍ବ ରାଜ୍ୟ ସମୂହରେ ଦକ୍ଷତା ବିକାଶ

● ଇବୁ ସଞ୍ଜୀବ ଗର୍ଗ

ଏକବିଂଶ ଶତାବ୍ଦୀର ଅର୍ଥନୈତିକ ଶୃଙ୍ଖଳା ଏକ ରାଷ୍ଟ୍ରର ନୂତନ ଅର୍ଥନୈତିକ ବୁଝାମଣା ଏବଂ ଅର୍ଥନୈତିକ ପୁଞ୍ଜି ଓ ଶକ୍ତିର ସଂଜ୍ଞା ନିରୂପଣ କରିବାର ପଥ ଉନ୍ମୁକ୍ତ କରିଛି । ଏହି ଅର୍ଥନୈତିକ ଶକ୍ତିର ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଏକ ରାଷ୍ଟ୍ରର 'ଜନସଂଖ୍ୟା ଲାଭାଂଶ' । ରାଷ୍ଟ୍ରର ଜନସଂଖ୍ୟା ଲାଭାଂଶର ସଂଜ୍ଞା ହେଉଛି ରାଷ୍ଟ୍ରର ଅଭିବୃଦ୍ଧିର ଶକ୍ତି ବା ସାମର୍ଥ୍ୟ ଯାହା ଏହାର ମୋଟ ଜନସଂଖ୍ୟା ତୁଳନାରେ କାର୍ଯ୍ୟକ୍ଷମ ଜନସଂଖ୍ୟା (୧୫- ୬୪ ବର୍ଷ)ର ଦ୍ରୁତ ଅଭିବୃଦ୍ଧି ଯୋଗୁଁ ଘଟିଥାଏ । ବିଗତ ଦୁଇ ଦଶନ୍ଧି ଧରି ଅନ୍ୟ ଦେଶ/ ରାଷ୍ଟ୍ରମାନେ କାର୍ଯ୍ୟକ୍ଷମ ଜନସଂଖ୍ୟାର ଅବନତିକୁ ପ୍ରତ୍ୟକ୍ଷ କରିଥିବା ବେଳେ ଭାରତରେ ଏହା ବୃଦ୍ଧି ପାଇବାରେ ଲାଗିଛି । ସାରା ବିଶ୍ୱର ଅର୍ଥନୀତିଜ୍ଞମାନେ ଏହାକୁ ଭାରତର ଜନସଂଖ୍ୟା ଲାଭାଂଶ ବୋଲି ଆଖ୍ୟା ଦେଇଛନ୍ତି ଏବଂ ଆଗାମୀ ଦଶନ୍ଧିରେ ଭାରତକୁ ପାଞ୍ଚ ଟ୍ରିଲିଅନ୍ ଡଲାର ଅର୍ଥନୀତି ହେବା ଦିଗରେ ଆଗେଇ ନେବା ପାଇଁ ଏହା ଏକ ପ୍ରମୁଖ ଉପାଦାନ ହେବ ବୋଲି କହୁଛନ୍ତି ।

ସମ୍ମୁଖରେ ଏହି ଲକ୍ଷ୍ୟ ରହି ଥିବାରୁ ଭାରତ ଏହାର କର୍ମକ୍ଷମ ଜନସଂଖ୍ୟାକୁ ତଦନୁଯାୟୀ ପ୍ରସ୍ତୁତ କରିବା ଅପରିହାର୍ଯ୍ୟ ହୋଇ ପଡ଼ିଛି ଯଦ୍ଦ୍ୱାରା ଏହା ଜନସଂଖ୍ୟା ଲାଭାଂଶର ପୂରା ଫାଇଦା ଉଠାଇ ପାରିବ । ଆଉ ଏଇ ପ୍ରସଙ୍ଗରେ ହିଁ ଦକ୍ଷତା ବିକାଶ ଭଳି ଏକ ଗୁରୁତ୍ୱପୂର୍ଣ୍ଣ ଅବବୋଧ ବା ଧାରଣାର କଥା ଉଠେ । ଭାରତ ସରକାର, ଜୁଲାଇ ୧୫, ୨୦୧୫ରେ ବିଜ୍ଞପ୍ତି ଜାରି କରାଯାଇଥିବା ଦକ୍ଷତା ବିକାଶ ଯୋଜନାଗୁଡ଼ିକର ସାଧାରଣ ନିୟମାବଳୀ ଅନୁସାରେ ଯେ କୌଣସି ସରକାରୀ ଯୋଜନା ଉଦ୍ଦେଶ୍ୟରେ, ଦକ୍ଷତା ବିକାଶର ସଂଜ୍ଞା ନିର୍ଦ୍ଧାରଣ କରିବାକୁ ଯାଇ କୁହନ୍ତି ଯେ ଏହା କୌଣସି ନିର୍ଦ୍ଦିଷ୍ଟ ଅଞ୍ଚଳଭିତ୍ତିକ ଚାହିଦା ମୁତାବକ ଦକ୍ଷତା ପ୍ରଶିକ୍ଷଣ କାର୍ଯ୍ୟକ୍ରମକୁ ବୁଝାଏ ଯାହା କର୍ମନିଯୁକ୍ତି ବା ଯେ କୌଣସି ଫଳାଫଳ ପ୍ରଦାନକାରୀ କାର୍ଯ୍ୟକଳାପ ଯାହା ଏକ ତୃତୀୟ ପକ୍ଷ ସଂସ୍ଥା ବା ଏଜେନ୍ସିଦ୍ୱାରା ଯଥାଯଥ ଭାବରେ ମୂଲ୍ୟାୟନ ହୋଇଥିବା ତଥା ପ୍ରମାଣପତ୍ର ପ୍ରଦାନ କରାଯାଇଥିବା ଜଣେ ଅଂଶଗ୍ରହଣକାରୀଙ୍କୁ ଏକ ଦକ୍ଷତା ହାସଲ କରିବାରେ ସକ୍ଷମ କରାଏ ଏବଂ ଯାହା ତାଙ୍କୁ (ଅଂଶଗ୍ରହଣକାରୀଙ୍କୁ) ତାଙ୍କର ମଜୁରି/ ଆତ୍ମନିଯୁକ୍ତି ପାଇବାରେ ସମର୍ଥ କରାଇ ଥାଏ ଯାହା ବର୍ଦ୍ଧିତ ଆୟ, ଏବଂ/ ବା ଉନ୍ନତ କାର୍ଯ୍ୟ କରିବାର ଅବସ୍ଥା ଯଥା ବର୍ତ୍ତମାନ ପର୍ଯ୍ୟନ୍ତ ଅଣଆନୁଷ୍ଠାନିକ ଦକ୍ଷତା ଥିବା ପରିବର୍ତ୍ତେ ଆନୁଷ୍ଠାନିକ ପ୍ରମାଣପତ୍ର ପାଇବାରେ ଏବଂ/ ବା ଅଣସଂଗଠିତରୁ ସଂଗଠିତ କ୍ଷେତ୍ରର ଚାକିରି ପାଇବାକୁ ଯିବାରେ କିମ୍ବା ଉଚ୍ଚଶିକ୍ଷା/ ପ୍ରଶିକ୍ଷଣ ପାଇବାରେ ସାହାଯ୍ୟ କରିଥାଏ । ଦକ୍ଷତା ବିକାଶ ହେଉଛି ଯେ କୌଣସି ବ୍ୟକ୍ତିଙ୍କୁ ଏକ ନିର୍ଦ୍ଦିଷ୍ଟ ଉଦ୍ୟୋଗ ବା କ୍ଷେତ୍ରରେ ପ୍ରଶିକ୍ଷଣ ପ୍ରଦାନ କରିବା ଯଦ୍ଦ୍ୱାରା ସେହି ବ୍ୟକ୍ତି (ପୁରୁଷ/ ନାରୀ) ଚାକିରି ବଜାରରେ ଏକ ମର୍ଯ୍ୟାଦାପୂର୍ଣ୍ଣ କର୍ମନିଯୁକ୍ତି ସହିତ ପ୍ରବେଶ କରୁଥିବେ ଯାହା ତାଙ୍କର ଜ୍ଞାନ ଓ ଦକ୍ଷତାର ସ୍ତରକୁ ଯଥାର୍ଥ ପ୍ରମାଣିତ କରୁଥିବ ।

ବିଗତ ଦଶବର୍ଷ ଭିତରେ ବିଭିନ୍ନ ସମୟର ସରକାର ଦକ୍ଷତା ବିକାଶକୁ ଅର୍ଥନୀତିକ ବିକାଶର ଏକ ମୌଳିକ ଉପାଦାନ ଭାବରେ ଗ୍ରହଣ କରି ଏହା ଉପରେ ପ୍ରାଥମିକତା ଦେଇ ଆସିଛନ୍ତି । ବର୍ତ୍ତମାନ ସମୟରେ ଏକ ପୂର୍ଣ୍ଣାଙ୍ଗ ଦକ୍ଷତା ବିକାଶ ଓ ଉଦ୍ୟୋଗ ମନ୍ତ୍ରଣାଳୟ ସମଗ୍ର ଦେଶରେ ଦକ୍ଷତା ବିକାଶର ଗତି ଏବଂ କାର୍ଯ୍ୟକାଳକୁ ନିୟନ୍ତ୍ରଣ କରୁଛି ଯେତେବେଳେ କି ସମାନ ଧରଣର ନୋଡାଲ ବା ଶୀର୍ଷ ସ୍ଥାନୀୟ ସଂଗଠନଗୁଡ଼ିକ ରାଜ୍ୟ ସ୍ତରରେ ମଧ୍ୟ ରାଜ୍ୟ ଦକ୍ଷତା ବିକାଶ ମିଶନ (ଏସ୍‌ଏସ୍‌ଡିଏମ୍)ଗୁଡ଼ିକ ରୂପରେ କାର୍ଯ୍ୟ କରୁଛନ୍ତି ।

ସମଗ୍ର ଦେଶରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମର ମୂଳଦୁଆ ସୁଦୃଢ଼ ହୋଇ ଚାଲିଥିବା ବେଳେ ଭାରତର ଉତ୍ତର ପୂର୍ବ ଅଞ୍ଚଳରେ ଏହାର ଅବସ୍ଥା ଦେଖା ଯିବାର ବାସ୍ତବରେ ଆବଶ୍ୟକତା ରହିଛି । ବିଗତ କେତେବର୍ଷ ମଧ୍ୟରେ ଦେଶର ଶାସନ ବ୍ୟବସ୍ଥାରେ ଉତ୍ତର ପୂର୍ବାଞ୍ଚଳ ଯଥେଷ୍ଟ ଗୁରୁତ୍ୱ ଲାଭ କରିଛି । ଆଜିକା ସମୟରେ ଉତ୍ତର ପୂର୍ବାଞ୍ଚଳ କେତେ ଗୁରୁତ୍ୱ ବହନ କରୁଛି, ତା'ର ଏକ ପ୍ରମାଣ ହେଉଛି ଉତ୍ତର ପୂର୍ବାଞ୍ଚଳକୁ 'ନୂଆ ଭାରତରେ ନୂଆ ଇଞ୍ଜିନ୍' ନାମରେ ନାମିତ କରାଯିବା । ଏହି ଅଞ୍ଚଳରେ ଦକ୍ଷତା ବିକାଶର ପ୍ରକ୍ଷେପଣ ଚକ୍ର ସମ୍ପୃକ୍ତ ଅଞ୍ଚଳ ପ୍ରତି ଏହି ନୂଆ କରି ପ୍ରଦାନ କରାଯାଇଥିବା ଗୁରୁତ୍ୱକୁ ଭୁଲ୍ ପ୍ରମାଣିତ କରେନାହିଁ ।

ଅରୁଣାଚଳ ପ୍ରଦେଶରେ ନିକଟରେ ସରକାର ନର୍ଥ୍ ଇଷ୍ଟର୍ଣ୍ଣ ଡେଭଲପ୍‌ମେଣ୍ଟ୍ ଫାଇନାନ୍ସ୍ କର୍ପୋରେସନ୍ ଲିମିଟେଡ୍ (ଏନ୍‌ଇଡିଏଫ୍‌ଆଇ) ସହିତ ମିଶି ଏକ ଅଧ୍ୟୟନ ପାଇଁ ପ୍ରସ୍ତୁତି କରୁଛନ୍ତି ଯାହା ରାଜ୍ୟରେ ଦକ୍ଷତା ବିକାଶର ଭିତ୍ତିଭୂମିକୁ ସୁଦୃଢ଼ କରିବା ନିମନ୍ତେ ମୂଳଦୁଆ ପ୍ରସ୍ତୁତ କରିବ । ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା (ପିଏମ୍‌କେଭିୱାଇ) ଅଧୀନରେ ୮୭,୦୦୦ ଯୁବକ ଯୁବତୀଙ୍କୁ ନିଶ୍ଚିତ ଚାକିରି/ କର୍ମନିଯୁକ୍ତି ପ୍ରଦାନ କରିବାକୁ ସରକାର ନିଜ ପାଇଁ ନିଜେ ଏକ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ରଖିଛନ୍ତି । ପୁନଶ୍ଚ, ୨୦୧୮-୨୦୧୯ରେ ୪ଗୋଟି ନୂଆ ଆଇଟିଆଇ ନିର୍ମାଣ କରାଯିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ବିଭାଗ (ଡିପାର୍ଟମେଣ୍ଟ୍ ଅଫ୍ ସ୍କିଲ ଡେଭଲପ୍‌ମେଣ୍ଟ୍ ଆଣ୍ଡ୍ ଏଣ୍ଟରପ୍ରେନ୍ୟୁୟରସିପ୍) ମଧ୍ୟ ସମଗ୍ର ରାଜ୍ୟରେ ସରକାରୀ- ଘରୋଇ- ଭାଗିଦାରୀ (ପିପିପି) ପଦ୍ଧତିରେ 'ଗ୍ରାମାଞ୍ଚଳ ଦକ୍ଷତା ବିକାଶ

ପ୍ରଶିକ୍ଷଣ କେନ୍ଦ୍ର' ପ୍ରତିଷ୍ଠା କରିବା ନିମନ୍ତେ ଘୋଷଣା କରି ସାରିଛି। ଏକ ସ୍ୱତନ୍ତ୍ର ଦକ୍ଷତା ବିକାଶ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ସମ୍ପ୍ରତି ବିକଶିତ/ ଗଠନ କରାଯାଉଥିବା ଅବସ୍ଥାରେ ରହିଥିବା ବେଳେ ପିଏମ୍‌କେଭିୱାଇ ଅଧୀନରେ ଦେଶର ପ୍ରଥମ 'ହୋମ୍ ଷ୍ଟେ ସ୍କିଲ ଡେଭଲପମେଣ୍ଟ ପ୍ରୋଗ୍ରାମ୍' (ନିଜ ଘରେ ରହି ଦକ୍ଷତା ବିକାଶ କାର୍ଯ୍ୟକ୍ରମର ଫାଇଦା ନେବାର ବ୍ୟବସ୍ଥା)ର ତାୱାଙ୍ଗଠାରେ ଶୁଭାରମ୍ଭ ହୋଇଯାଇଛି। ଆସାମରେ ଦକ୍ଷତା ବିକାଶ ଇଜିଏମ୍ (ଏମ୍ପ୍ଲୟମେଣ୍ଟ ଜେନେରେସନ୍ ମିଶନ୍) କାର୍ଯ୍ୟକ୍ରମ ତଥା ଆସାମ ଷ୍ଟେଟ୍ ଲାଇଭ୍‌ଲିହୁଡ୍ ମିଶନ (ଆସାମ ରାଜ୍ୟ ଆଜୀବିକା ମିଶନ) ଏବଂ ନ୍ୟାସନାଲ ଅର୍ବାନ୍ ଲାଇଭ୍‌ଲିହୁଡ୍ ମିଶନ (ଏନ୍‌ୟୁଏଲ୍‌ଏମ୍- ରାଷ୍ଟ୍ରୀୟ ସହରାଞ୍ଚଳ ଜୀବିକା ମିଶନ) ଜରିଆରେ ପ୍ରଦାନ କରାଯାଉଛି। ବିଗତ କିଛି ବର୍ଷ ଭିତରେ ଏହି ଯୋଜନାଗୁଡ଼ିକ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ୨୦୧୭ର ଶେଷ ଭାଗରେ ଘୋଷଣା କରାଗଲା ଯେ ରାଜ୍ୟର କର୍ମନିଯୁକ୍ତି କେନ୍ଦ୍ରଗୁଡ଼ିକ ଦକ୍ଷତା ବିକାଶ କେନ୍ଦ୍ରରେ ରୂପାନ୍ତରିତ କରାଯିବ। ଆସାମରେ ଦକ୍ଷତା ବିକାଶର ସଫଳ କାହାଣୀକୁ ନେତୃତ୍ୱ ଦେବା ପାଇଁ ନିକଟରେ ଆସାମରେ ଏକ ଦକ୍ଷତା ବିକାଶ ବିଭାଗ ମଧ୍ୟ ପ୍ରତିଷ୍ଠା ହୋଇଛି। ଆଗାମୀ କିଛିବର୍ଷ ଭିତରେ ୩ ଲକ୍ଷ ନୂଆ ପ୍ରବେଶକାରୀଙ୍କୁ ପ୍ରଶିକ୍ଷଣ ଦେବା ନିମନ୍ତେ ଆସାମ ସରକାର ନିଜ ପାଇଁ ଏକ ଉଚ୍ଚାକାଂକ୍ଷୀ ଲକ୍ଷ୍ୟ ଧାର୍ଯ୍ୟ କରିଛନ୍ତି। ସମଗ୍ର ଦେଶରେ ଆସାମ ହେଉଛି ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'କାରାଘୋର ପୋର କାରିଘର ଯୋଜନା' ଆରମ୍ଭ କରିବା କ୍ଷେତ୍ରରେ ଅନ୍ୟତମ ରାଜ୍ୟ ଯାହା ଜେଲ୍‌ରେ ଥିବା କଏଦୀମାନଙ୍କୁ ସେମାନଙ୍କର ସାମର୍ଥ୍ୟ ବୃଦ୍ଧି ନିମନ୍ତେ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରୁଛି ଯଦ୍ୱାରା ସେମାନେ ଯେତେବେଳେ ସମାଜର ମୁଖ୍ୟସ୍ରୋତକୁ ଫେରିବେ, ସେତେବେଳେ ସମାଜ ପ୍ରତି ଅର୍ଥପୂର୍ଣ୍ଣ ଅବଦାନ ରଖିବାରେ ସକ୍ଷମ ହେବେ। ପୁନଶ୍ଚ, ନିର୍ଦ୍ଦିଷ୍ଟ ଉଦ୍ୟୋଗଭିତ୍ତିକ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ସରକାର ସିସ୍‌କୋ ଏବଂ ଡାବର ଭଳି କମ୍ପାନୀମାନଙ୍କ ସହିତ ଦକ୍ଷତା ବିକାଶ ଦିଗରେ ଭାଗିଦାର/ ଅଂଶୀଦାର ହୋଇଛନ୍ତି ଯାହା ନିଃସନ୍ଦେହରେ ପ୍ରଭୂତ ଲାଭଦାୟକ ସାବ୍ୟସ୍ତ ହେବ।



ମଣିପୁର ଅନେକଗୁଡ଼ିଏ କମିଟି ସ୍ଥାପନ କରିଛି ଯେଉଁମାନେ ବିଭିନ୍ନ ପ୍ରକାରର ହିତାଧିକାରୀମାନଙ୍କ ସହିତ ସମ୍ପର୍କରେ ରହିଛନ୍ତି ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଆଗକୁ ନେବାପାଇଁ। ମଣିପୁର ସରକାର ନିକଟରେ ପ୍ରତି ପରିବାରର ଅନ୍ତତଃ ଜଣକୁ ଚାକିରି ଦେବାର ଲକ୍ଷ୍ୟ ରଖି ୧.୫ ଲକ୍ଷ ଚାକିରି ପ୍ରଦାନ କରିବାର କଥା ଘୋଷଣା କରିଛନ୍ତି। ରାଜ୍ୟର ୪୦ଟି କଲେଜରେ ଧନ୍ଦାମୂଳକ ଦକ୍ଷତା ପ୍ରଶିକ୍ଷଣ ପାଠ୍ୟକ୍ରମ ପ୍ରଚଳିତ ହୋଇ ସାରିଛି। ସରକାର ମଧ୍ୟ ଜନଜାତି ମହିଳା ଓ ଆତ୍ମସମର୍ପଣ କରିଥିବା ସନ୍ତ୍ରାସବାଦୀମାନଙ୍କୁ ଦକ୍ଷତା ବିକାଶ ପ୍ରଶିକ୍ଷଣ ପ୍ରଦାନ କରିବା ଦିଗରେ ବିଶେଷ ଧ୍ୟାନ ଦେଇଛନ୍ତି।

ମେଘାଳୟ ରାଜ୍ୟ ଦକ୍ଷତା ବିକାଶ ସୋସାଇଟି ପ୍ରଥମ ପର୍ଯ୍ୟାୟରେ ୭୭୦୦ ଯୁବକ ଯୁବତୀଙ୍କୁ ଦକ୍ଷତା ବିକାଶରେ ପ୍ରଶିକ୍ଷିତ କରି ସାରିଛନ୍ତି ଏବଂ ବିଭିନ୍ନ ଶିଳ୍ପ ଓ ଉଦ୍ୟୋଗମାନଙ୍କରେ ସେମାନଙ୍କର ନିଯୁକ୍ତି ପାଇବା ସମ୍ପର୍କରେ ମଧ୍ୟ ନିଶ୍ଚିତ ହୋଇ ସାରିଛନ୍ତି। ଡିଡିୟୁ- ଜିକେୱାଇ (ଦୀନ ଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଲ୍ୟ ଯୋଜନା) ଗ୍ରାମୀଣ ଯୁବକ ଯୁବତୀଙ୍କୁ ପ୍ରଶିକ୍ଷିତ କରିବା ସହିତ ସେମାନଙ୍କୁ ଚାକିରି ବଜାରକୁ ଆଣିବାର ଲକ୍ଷ୍ୟ ବହନ କରୁଛି। ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତରେ ଏହି ଯୋଜନା ଜରିଆରେ ପର୍ଯ୍ୟଟନ, ଅଟୋମୋବାଇଲ ମେକାନିକ ଏବଂ ହାଉସ୍‌କିପିଙ୍ଗ୍ ଭଳି କେତେକ କ୍ଷେତ୍ରକୁ ମିଶାଇ ମେଘାଳୟ ସରକାର ନିର୍ଦ୍ଦିଷ୍ଟ ଭାବରେ ଲକ୍ଷ୍ୟଭୁକ୍ତ କରି କାର୍ଯ୍ୟ କରିବା ପାଇଁ କେତେକ ମୌଳିକ କ୍ଷେତ୍ରକୁ ଚିହ୍ନଟ କରିଛନ୍ତି।

ଉଭୟ ମିଜୋରାମ ଏବଂ ନାଗାଲ୍ୟାଣ୍ଡ ସେମାନଙ୍କର ଦକ୍ଷତା ବିକାଶ ଯୋଜନା ଏବଂ ଲକ୍ଷ୍ୟକୁ ଦେଶର ବିଶାଳ ଦକ୍ଷତା ବିକାଶ ଲକ୍ଷ୍ୟର ପରିସର ଭିତରେ ସାମିଲ କରି ସାରିଛନ୍ତି। ରାଜ୍ୟରେ ଦକ୍ଷତା ବିକାଶ କାର୍ଯ୍ୟକ୍ରମକୁ ଅଧିକ ପ୍ରୋତ୍ସାହନ ପ୍ରଦାନ କରିବା ପାଇଁ ତ୍ରିପୁରା ଏକ ସ୍ୱତନ୍ତ୍ର ରାଜ୍ୟ ଦକ୍ଷତା ବିକାଶ ମିଶନ ପ୍ରତିଷ୍ଠା/ ସ୍ଥାପନ କରିଛି। ସିକ୍କିମ୍ ଜୀବିକା ବିଦ୍ୟାଳୟମାନ ଉଦ୍‌ଘାଟନ କରିଛି ଯେଉଁଠି ଯୁବ ପିଢ଼ିଙ୍କୁ କଳା ଓ ହସ୍ତଶିଳ୍ପ ସହିତ ବିଭିନ୍ନ ଉଦ୍ୟୋଗରେ ଦକ୍ଷତା ପ୍ରଦାନ କରାଯାଉଛି। ସିକ୍କିମ୍‌ରେ ଜୀବିକା ବିଦ୍ୟାଳୟଗୁଡ଼ିକ ନିରନ୍ତର ଭାବରେ ଉନ୍ନତ ପ୍ରଦର୍ଶନ କରି ଚାଲିଛନ୍ତି। ସେମାନେ ବସ୍ତୁତଃ ରାଜ୍ୟର କଳା ଓ ହସ୍ତଶିଳ୍ପ ଉଦ୍ୟୋଗକୁ ଏକ ନୂତନ ଜୀବନ ପ୍ରଦାନ କରିଛନ୍ତି। ଏକ୍ସୱାର୍କ ଜାପାନ ସେଣ୍ଟର୍ ଅଫ୍ ଏକ୍‌ସେଲେନ୍ସ ସିକ୍କିମ୍‌ରେ ଏହାର ପ୍ରଥମ ଦକ୍ଷତା ବିକାଶ କେନ୍ଦ୍ର ଖୋଲିଛି।

ଏହା ସ୍ପଷ୍ଟ ଯେ ଉତ୍ତର ପୂର୍ବରେ ଦକ୍ଷତା ବିକାଶ ବାସ୍ତବରେ ଦ୍ରୁତ ଗତି ଆହରଣ କରିବାରେ ସମର୍ଥ ହୋଇଛି, ତଥାପି ଏହା ଅନେକଗୁଡ଼ିଏ ଆହ୍ୱାନର ସମ୍ମୁଖୀନ ହେବାରୁ ଛାଡ଼ ପାଇନାହିଁ। ତେଣୁ ଦକ୍ଷତା

ବିକାଶ ମିଶନର ଲକ୍ଷ୍ୟକୁ ହାସଲ କରିବା ନିମନ୍ତେ ଏହି ବେଗକୁ ଅଧିକ ନିରନ୍ତରତା ପ୍ରଦାନ କରିବା ସହିତ ବଜାୟ ରଖିବା ପାଇଁ ନୂଆ ନୂଆ ପଦକ୍ଷେପଗୁଡ଼ିକ ଉଦ୍ଭାବନ ହେବାର ଜରୁରୀ ଆବଶ୍ୟକତା ରହିଛି। ପ୍ରଥମ ପଦକ୍ଷେପ ଭାବରେ ଯାହା ନିଆଯାଇପାରେ, ତାହା ହେଉଛି- ପ୍ରତ୍ୟେକ ରାଜ୍ୟର ବ୍ୟାପକ ଦକ୍ଷତା ନକ୍ସା/ ମାନଚିତ୍ର ପ୍ରସ୍ତୁତ କରିବା। ଦକ୍ଷତା ନକ୍ସା ପ୍ରସ୍ତୁତି ଏକ ନିର୍ଦ୍ଦିଷ୍ଟ ଅଞ୍ଚଳର ପାରମ୍ପରିକ ଜ୍ଞାନକୁ ପରିମାର୍ଜିତ କରିବାର ସାମର୍ଥ୍ୟ ରଖୁଥିବ ଏବଂ ଏହାକୁ ଏକ ଦକ୍ଷତାରେ ବିକଶିତ କରୁଥିବ ଯାହାକୁ କର୍ମନିଯୁକ୍ତିର ଏକ ଉତ୍ସ ଭାବରେ ପୁନଃପ୍ରସ୍ତୁତ କରାଯାଇ ପାରିବ। ଏଭଳି ଦକ୍ଷତା ନକ୍ସା ପ୍ରସ୍ତୁତି ଯାହା ଉପଯୋଗ ହେବାର ଆବଶ୍ୟକତା ଉପରେ ଧ୍ୟାନ କେନ୍ଦ୍ରିତ କରୁଥିବ, ସହରାଞ୍ଚଳକୁ ଦ୍ରୁତ ବେଗରେ କର୍ମ ସଂସ୍ଥାନ ଅନ୍ୱେଷଣରେ ଯିବା ପରିବର୍ତ୍ତେ ସ୍ଥାନୀୟ ଯୁବ ପିଢ଼ିଙ୍କ ଅର୍ଥପୂର୍ଣ୍ଣ କର୍ମନିଯୁକ୍ତିକୁ ନିଶ୍ଚିତ କରାଇବ।

ଆସାମ ସରକାର ଏଥିପାଇଁ ଏକ ମଡେଲ ବା ଢାଞ୍ଚା ପ୍ରସ୍ତୁତ କରି ସାରିଛନ୍ତି ଏବଂ ଏ ବାବଦରେ ଏକ ନକ୍ସା ତିଆରି କରିବାକୁ ଆରମ୍ଭ କରି ସାରିଛନ୍ତି। ଉଦାହରଣ ସ୍ୱରୂପ, ଆସାମର ବରପେଟା ଜିଲ୍ଲା ଯାହା ପାରମ୍ପରିକ ଭାବେ ସ୍ଥାନୀୟ ବାଣ ତିଆରି ଏବଂ କଂସା ପିତ୍ତଳର ହସ୍ତଶିଳ୍ପ ପାଇଁ ଖ୍ୟାତି ଅର୍ଜନ କରିଛି, ସେଠାରେ ଏହି କ୍ଷେତ୍ରରେ ଜ୍ଞାନ ପ୍ରଦାନ କରିବା ନିମନ୍ତେ ଆଇଟିଆଇ ଏବଂ ଅନ୍ୟାନ୍ୟ ଅନୁଷ୍ଠାନ ରହିଛି। ଏହିସବୁ ଅନୁଷ୍ଠାନଗୁଡ଼ିକର ପାଠ୍ୟକ୍ରମଗୁଡ଼ିକ ଉପରେ ପୁନର୍ବାର କାମ କରାଯାଇ ପାରିବ ଯେମିତିକି ପାରମ୍ପରିକ ପରିସର ମଧ୍ୟରେ ସୀମିତ ଜ୍ଞାନକୁ ବଜାୟ ରଖିବା ସଙ୍ଗେ ସଙ୍ଗେ ଏହାକୁ ଏମିତି ଭାବରେ ପୁନଃପ୍ରସ୍ତୁତ କରାଯିବ ଯଦ୍ୱାରା ପ୍ରଶିକ୍ଷିତ ଯୁବ ପିଢ଼ି ବଜାର କ୍ଷେତ୍ରକୁ ପ୍ରବେଶ କରିବା ନିମନ୍ତେ ପ୍ରସ୍ତୁତ ହୋଇ ପାରିବେ। ସଙ୍ଗେ ସଙ୍ଗେ କ୍ଲଷ୍ଟର ବା ଛୋଟ ଛୋଟ ଗୋଷ୍ଠୀ ରୂପରେ ଏମ୍ଏସ୍ଏମ୍ଇ ଶିଳ୍ପଗୁଡ଼ିକୁ ସେହି ଅଞ୍ଚଳମାନଙ୍କରେ ବିକଶିତ ହେବାକୁ ପ୍ରୋତ୍ସାହିତ କରାଯିବା ଉଚିତ। ଏହି ପାରିବେଶିକ ବ୍ୟବସ୍ଥା ଦକ୍ଷତା ବିକାଶ କାର୍ଯ୍ୟକ୍ରମ କର୍ମନିଯୁକ୍ତି ହାସଲ କରିବା ଭଳି ଏହାର ତାର୍କିକ ଲକ୍ଷ୍ୟରେ ପହଞ୍ଚିବାକୁ ନିଶ୍ଚିତ କରାଇବ। ସମାନ ଧରଣର ମଡେଲ ବା ଢାଞ୍ଚା ଏହାର ମାଟିପାତ୍ର ଏବଂ ଶୀତଳ ପଟି କାମ ପାଇଁ ପ୍ରସିଦ୍ଧ କାଚାର ଜିଲ୍ଲାରେ ବିକଶିତ କରାଯାଇ ପାରିବ। ଏହାର ବିଦ୍ୟମାନ/ ରହିଥିବା ଅଭିଜ୍ଞତା ତଥା ବିଶେଷ ଧରଣର ଦକ୍ଷତା ପାଇଁ ପ୍ରସିଦ୍ଧ ସୋନିତପୁର ଜିଲ୍ଲାକୁ ଏକ ପ୍ରଖ୍ୟାତ ଚାଉଳ ପ୍ରସ୍ତୁତକାରୀ କେନ୍ଦ୍ର ଭାବରେ ବିକଶିତ କରାଯାଇ ପାରିବ।

ଉତ୍ତର ପୂର୍ବର ଅନ୍ୟାନ୍ୟ ରାଜ୍ୟମାନେ ସେମାନଙ୍କ ରାଜ୍ୟରେ ରହିଥିବା ପ୍ରସିଦ୍ଧ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରିବାକୁ ନିଜ ନିଜର ଦକ୍ଷତା ନକ୍ସା ପ୍ରସ୍ତୁତିକରଣ କରି ପାରିବେ ଯେଉଁଥିରେ ସେମାନେ ପାରମ୍ପରିକ ଜ୍ଞାନର ପାରିବେଶିକ ବ୍ୟବସ୍ଥା କିମ୍ବା ଇତିହାସ ବା ଭୂଗୋଳର ସୁବିଧା ସୁଯୋଗର ସମର୍ଥନ ସହିତ ଏକ ପଦାଚିହ୍ନ ବିକାଶ କରି ପାରିବେ। ରବର ଶିଳ୍ପରେ ଶୀର୍ଷସ୍ଥାନ ଦଖଲ କରିବା ପାଇଁ ତ୍ରିପୁରା ଏହାର ନିଜର ପ୍ରଚୁର ସାମର୍ଥ୍ୟକୁ ନୂଆ ଢଙ୍ଗରେ ପ୍ରସ୍ତୁତ କରି ପାରିବ। ତ୍ରିପୁରାରେ ପ୍ରସ୍ତୁତ ହେଉଥିବା ରବରକୁ ମଧ୍ୟ ପଡ଼ୋଶୀ ଦେଶମାନଙ୍କୁ ରପ୍ତାନୀ କରାଯାଇ ପାରିବ। ବର୍ତ୍ତମାନ ଉତ୍ତର ପୂର୍ବକୁ ପୂର୍ବ ଏସିଆ ପଡ଼ୋଶୀମାନଙ୍କ ସହିତ ରେଳଦ୍ୱାରା ଯୋଡ଼ିବାର ଯୋଜନା କରାଯାଇଥିବା ବେଳେ ଏଭଳି ବ୍ୟବସାୟିକ ମଡେଲଗୁଡ଼ିକ ଅଧିକ ଦୃଷ୍ଟି ଆକର୍ଷଣକାରୀ ସାବ୍ୟସ୍ତ ହେଉଛି। ଏଣୁ ରବର ଶିଳ୍ପରେ ଶ୍ରମିକମାନଙ୍କୁ ପ୍ରଶିକ୍ଷିତ କରିବା ପାଇଁ ଏକ ବଳିଷ୍ଠ ଦକ୍ଷତା ବିକାଶ ପ୍ରକ୍ରିୟା ପ୍ରସ୍ତୁତ କରିବାର ଜରୁରୀ ଆବଶ୍ୟକତା ରହିଛି। ନାଗାଲ୍ୟାଣ୍ଡ୍ ମଧ୍ୟ ହର୍ଣ୍ଣବିଲ୍ ଫେଷ୍ଟିଭାଲ ଉପରେ କେନ୍ଦ୍ରିତ କରି ପର୍ଯ୍ୟଟନ ଉପରେ ଏହାର ଧ୍ୟାନ କେନ୍ଦ୍ରିତ କରି ପାରିବ ଯାହାକି ବର୍ତ୍ତମାନ ସମୟରେ ସାରା ଦେଶରେ ଲୋକପ୍ରିୟତା ଅର୍ଜନ କରି ପାରିଛି। ପର୍ଯ୍ୟଟନ କେବଳ ଏକ ଉପରଠାଉରିଆ ବ୍ୟାପାରରୁ ଏକ ଲକ୍ଷ୍ୟଭୁକ୍ତ ଅଞ୍ଚଳଭିତ୍ତିକ ମଡେଲ ହେବାର ଅଧିକ ଆବଶ୍ୟକତା ରହିଛି। ଉଦାହରଣ ସ୍ୱରୂପ, ମେଘାଳୟ ସୋହ୍‌ରା, ଡାକି ଏବଂ ଅନାବିଷ୍କୃତ ଜଇନ୍ତିଆ ପର୍ବତମାଳା ଭଳି ଅଳ୍ପ କେତେଗୋଟି ସ୍ଥାନକୁ ଖାଦ୍ୟ ଓ ପାନୀୟର ସମସ୍ତ ବ୍ୟବସ୍ଥା ସହିତ ଆତିଥ୍ୟ ପ୍ରଦାନ ଏବଂ ଏହାର ଆଖପାଖ ଅଞ୍ଚଳରେ ଦୁଃସାହସିକ କ୍ରୀଡ଼ା ସମ୍ପାଦନ କରିବା ପାଇଁ ଉତ୍କର୍ଷ କେନ୍ଦ୍ରଗୁଡ଼ିକ ଭାବରେ ବିକଶିତ କରାଇବା ଉପରେ ଗୁରୁତ୍ୱ ଦେଇପାରେ।

ଦକ୍ଷତା ବିକାଶକୁ ଅଧିକ ଅର୍ଥପୂର୍ଣ୍ଣ କରିବା ନିମନ୍ତେ ଦ୍ୱିତୀୟ ପଦକ୍ଷେପ ଭାବରେ ଯାହା ଏହାକୁ ଅଧିକ ପ୍ରୋତ୍ସାହନ ଯୋଗାଇବ, ତାହା ହେଉଛି, ନୂଆ ନୂଆ କ୍ଷେତ୍ର ଚିହ୍ନଟ କରି ଏସବୁକୁ ଆନ୍ତର୍ଜାତିକ ବଜାର ସହିତ ଯୋଡ଼ିବା ଯେଉଁଠି ଏହି କ୍ଷେତ୍ରଗୁଡ଼ିକର ପାରମ୍ପରିକ ଆଞ୍ଚଳିକ ଜ୍ଞାନକୁ ପଡ଼ୋଶୀ ଦେଶମାନଙ୍କରେ କେତେକ ଉତ୍ପାଦର ବଜାର ସୃଷ୍ଟି କରିବା ନିମନ୍ତେ ପରିମାର୍ଜିତ କରାଯାଇ ପାରିବ। ଏହି ମଡେଲ ବାଂଲାଦେଶରେ ପ୍ରାନ୍ ଫୁଡ୍‌ସ୍‌ଦ୍ୱାରା ଅନୁସରଣ କରାଯାଇଛି। ବାଂଲାଦେଶର ଖାଦ୍ୟ ପ୍ରକ୍ରିୟାକରଣ କମ୍ପାନୀ ଲିଚି ଜୁସ୍ ଭଳି ଉତ୍ପାଦ ପ୍ରଚଳନ କରି ଉତ୍ତର ପୂର୍ବରେ ନିଜ ପାଇଁ ଏକ ସ୍ୱତନ୍ତ୍ର ସ୍ଥାନ ତିଆରି କରି ପାରିଛି। ବିଗତ କେତେବର୍ଷ ମଧ୍ୟରେ ଉତ୍ତର ପୂର୍ବର ଅନେକଗୁଡ଼ିଏ ଅଞ୍ଚଳରେ କମ୍ପାନୀ ଦୃଢ଼ ଆସ୍ଥାନ ଜମେଇ ପାରିଛି। ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ଏହି ସୀମାପାର ବ୍ୟବସାୟର ମଧ୍ୟ ଫାଇଦା ନେଇ ପାରିବେ ଏବଂ ପଡ଼ୋଶୀ ରାଷ୍ଟ୍ରମାନେ କେଉଁ ଧରଣର ଉତ୍ପାଦ ଆବଶ୍ୟକ କରୁଛନ୍ତି, ସେହି ଧରଣର ଶିଳ୍ପ ଉପରେ ଦୃଷ୍ଟି ଦେଇ ପାରିବେ। ଉଦାହରଣ ସ୍ୱରୂପ, ଉତ୍ତର ପୂର୍ବର ଗାମୁଛା (ଟାୱେଲ) ଏବଂ ଶାଲ୍ ରୂପରେ ହସ୍ତଶିଳ୍ପର ସମୃଦ୍ଧ ପରମ୍ପରାକୁ ପଡ଼ୋଶୀ ଦେଶମାନଙ୍କରେ ସେଗୁଡ଼ିକ ପାଇଁ ବିକଳ୍ପ ବଜାର ସୃଷ୍ଟି କରିବା ନିମନ୍ତେ ବ୍ୟବହାର କରାଯାଇ ପାରିବ। ବାଂଲାଦେଶର ପ୍ରାନ୍ ଫୁଡ୍ ମଡେଲକୁ ଏକ ମାର୍ଗଦର୍ଶକ ଭାବରେ ସେହିସବୁ କ୍ଷେତ୍ର ଚିହ୍ନଟ କରିବା ନିମନ୍ତେ ନିଶ୍ଚିତ ଭାବରେ ବ୍ୟବହାର କରାଯିବା ଉଚିତ ଯେଉଁଥିରେ ଉତ୍ତର ପୂର୍ବ ରାଜ୍ୟମାନେ ନିଜକୁ ନିୟୋଜିତ କରି ପାରିବେ। ଉତ୍ତର ପୂର୍ବ ରାଜ୍ୟମାନେ ପୂର୍ବ ଏସିଆ ପଡ଼ୋଶୀମାନଙ୍କର ଅତି ନିକଟତର ହୋଇ ଥିବାର ସୁଯୋଗ ନେବା ଉଚିତ ଏବଂ ତାହାଦ୍ୱାରା ଅର୍ଥନୈତିକ ସମୃଦ୍ଧି ହାସଲ କରି ପାରିବେ।

ତୃତୀୟ ପଦକ୍ଷେପ ଭାବରେ ଯାହା ନିଆଯାଇ ପାରିବ, ତାହା ହେଉଛି ନ୍ୟାସନାଲ ସ୍କିଲ୍‌ସ୍



କ୍ୱାଲିଫିକେସନସ୍ ଫ୍ରେମ୍‌ୱାର୍କ୍ (ଏନ୍‌ଏସ୍‌କ୍ୟୁଏଫ୍- ଜାତୀୟ ଦକ୍ଷତା ଯୋଗ୍ୟତା ଢାଞ୍ଚା) ମାନକକୁ ଗ୍ରହଣ କରି ଫଳାଫଳ- ଭିତ୍ତିକ ଆଭିମୁଖ୍ୟ ଆପଣାଇବା। ଥରେ ଏହି ମଡେଲ ବା ଢାଞ୍ଚା ଗୃହୀତ ହୋଇଗଲେ, ଏହା ନିୟମିତ ଭାବରେ ପ୍ରତ୍ୟେକ ରାଜ୍ୟର ପ୍ରଗତିକୁ ଲକ୍ଷ୍ୟ କରିବାରେ ସକ୍ଷମ ହେବ ଏବଂ ଯଦି କୌଣସି ରାଜ୍ୟର କାର୍ଯ୍ୟକ୍ରମରେ କିଛି ତ୍ରୁଟି ରହିଥାଏ, ତା'ହେଲେ ନିୟମିତ କାର୍ଯ୍ୟକଳାପର ଏକ ଅଂଶ ଭାବରେ ଏହାର ନିରାକରଣ ବା ସମ୍ପୂର୍ଣ୍ଣ ବନ୍ଦ କରି ତ୍ରୁଟିଶୂନ୍ୟ କରାଯାଇ ପାରିବ।

ଅତ୍ୟଧିକ ଅନୁପସ୍ଥିତିର ହାରକୁ ରୋକିବା ପାଇଁ କମ୍ ବୟସରେ କର୍ମନିଯୁକ୍ତି ଆଶାୟୀମାନଙ୍କୁ ଏହାର ପରିସର ଭିତରକୁ ଆଣିବାର ଆବଶ୍ୟକତା ମଧ୍ୟ ରହିଛି। ଏ ଦିଗରେ ସ୍କୁଲ ଶିକ୍ଷାକୁ ଧନ୍ଦାମୂଳକ କରାଇବା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଉତ୍ତର ପୂର୍ବର ଯୁବ ପିଢ଼ିଙ୍କ ମଧ୍ୟରେ ଉଦ୍ୟୋଗୀ ମନୋବୃତ୍ତି ସନ୍ନିବେଶିତ କରିବା ପାଇଁ ସ୍କୁଲ ସ୍ତରରେ ପ୍ରେରଣାଦାୟୀ ଉଦ୍ୟୋଗୀମାନଙ୍କର ସଫଳ କାହାଣୀଗୁଡ଼ିକୁ ଶିକ୍ଷା ଦିଆଯିବା ଉଚିତ।

ଏହା ନିଶ୍ଚିତ ଭାବରେ ସ୍ମରଣ ରଖାଯିବା ଉଚିତ ଯେ ଦକ୍ଷତା ବିକାଶର କାର୍ଯ୍ୟ ବିଶାଳ ହୋଇଥିବା ବେଳେ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ସୀମିତ। ଦକ୍ଷତା ବିକାଶ ପାଇଁ ଏସବୁ ରାଜ୍ୟମାନେ ସମ୍ମୁଖୀନ ହେଉଥିବା ପ୍ରତିବନ୍ଧକଗୁଡ଼ିକୁ ପ୍ରଭାବଶାଳୀ ଭାବରେ ମୁକାବିଲା କରିବା ନିମନ୍ତେ ଉତ୍ତର ପୂର୍ବ ରାଜ୍ୟଗୁଡ଼ିକ ଅବ୍ୟବହୃତ ସରକାରୀ ଭିତ୍ତିଭୂମିର ଉପଯୋଗ କରିବା ଉପରେ ଅଧିକ ଧ୍ୟାନ ଦେବା ଉଚିତ। ଦକ୍ଷତା ବିକାଶ ଉପରେ ସଂଶୋଧିତ/ ପୁନଃ ସମୀକ୍ଷାକୃତ ଜାତୀୟ ନୀତି ବିଦ୍ୟମାନ ଭିତ୍ତିଭୂମିର ସର୍ବାଧିକ ବ୍ୟବହାର ନିମନ୍ତେ ଏହା ଉପରେ ଗୁରୁତ୍ୱ ଦେବାକୁ ମାର୍ଗଦର୍ଶନ ପ୍ରଦାନ କରେ। ସମ୍ପୃକ୍ତ ଅଞ୍ଚଳରେ ଘରୋଇ ପ୍ରଶିକ୍ଷଣ ପ୍ରଦାନକାରୀମାନଙ୍କର ଉପସ୍ଥିତି ମଧ୍ୟ ବୃଦ୍ଧି ପାଇବା ଉଚିତ, କଦାଚିତ୍ ସମ୍ପୃକ୍ତ ଅଞ୍ଚଳରେ ବିଦ୍ୟମାନ କମ୍ପାନୀମାନଙ୍କର ସିଏସ୍‌ଆର୍ (କର୍ପୋରେଟ୍ ସାମାଜିକ ଉତ୍ତରଦାୟିତ୍ୱ)କୁ ସେହି ନିର୍ଦ୍ଦିଷ୍ଟ କ୍ଷେତ୍ର ନିମନ୍ତେ ପ୍ରଶିକ୍ଷଣ ପ୍ରଦାନକାରୀ ଭାବରେ ଏହା ସହିତ ଯୋଡ଼ିବା ପାଇଁ ନୂଆ ଉପାୟ ମଧ୍ୟ ବାହାର କରାଯାଇପାରେ। କେବଳ ଆସାମକୁ ବାଦ୍ ଦେଲେ ପ୍ରଶିକ୍ଷକମାନଙ୍କ ପାଇଁ ଅନ୍ୟ କୌଣସି ରାଜ୍ୟରେ ପ୍ରଶିକ୍ଷଣ ଅନୁଷ୍ଠାନ ନାହିଁ ଏବଂ ତାହା ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ଦିଗ ଯାହା ଉପରେ ଅନ୍ୟାନ୍ୟ ରାଜ୍ୟମାନେ ଜରୁରୀକାଳୀନ ଭିତ୍ତିରେ ଧ୍ୟାନ କେନ୍ଦ୍ରିତ କରିବା ଉଚିତ। ବିଗତ ଅଳ୍ପ କିଛି ବର୍ଷ ମଧ୍ୟରେ ଦକ୍ଷତା ବିକାଶ ଏହିସବୁ ରାଜ୍ୟମାନଙ୍କର ଅଭୂତପୂର୍ବ ଅଭିବୃଦ୍ଧିକୁ ପ୍ରତ୍ୟକ୍ଷ କରିଛି। ଏହା ମଧ୍ୟ ଚାକିରି ପାଇବା ତଥା କର୍ମନିଯୁକ୍ତି ପାଇଁ ପଥ ପରିଷ୍କାର କରିଛି। ତଥାପି ଉତ୍ତର ପୂର୍ବ ରାଜ୍ୟମାନଙ୍କର ନୂତନ ଭାବେ ଆବିଷ୍କୃତ ଅର୍ଥନୈତିକ ଗୁରୁତ୍ୱ ଉପରେ ପ୍ରାଥମିକତା ପରିପ୍ରେକ୍ଷୀରେ ଏହି ଅଞ୍ଚଳରେ ଦକ୍ଷତା ବିକାଶକୁ ଆହୁରି ବଳିଷ୍ଠ କରାଇବାର ଆବଶ୍ୟକତା ରହିଛି। ଯେହେତୁ ଜାପାନ ଏବଂ କୋରିଆ ଭଳି ଏସୀୟ ସମାଜଗୁଡ଼ିକ ଅଧିକ ଦ୍ରୁତବେଗରେ ଅତ୍ୟାଧୁନିକତାକୁ ଆପଣାଉଛନ୍ତି, ତେଣୁ ଏହିସବୁ ଦେଶମାନଙ୍କରେ ଦକ୍ଷ ଶ୍ରମିକମାନଙ୍କ ଆବଶ୍ୟକତା ରହିବ। ଭାରତ ଏହି ଅଭାବକୁ ପୂରଣ କରିବାର ସାମର୍ଥ୍ୟ ବହନ କରୁଥିବା ବେଳେ ଏହାର ଉତ୍ତର ପୂର୍ବ ଅଞ୍ଚଳ ଏସବୁ ଦେଶମାନଙ୍କରେ ଉତ୍ପନ୍ନ ଶୂନ୍ୟସ୍ଥାନଗୁଡ଼ିକୁ ପୂରଣ କରିବା ନିମନ୍ତେ ସମ୍ପୂର୍ଣ୍ଣ ଅନୁକୂଳ ସ୍ଥିତିରେ ରହିଛି। ଉପରୋକ୍ତ ସମ୍ଭାବନା ପରିପ୍ରେକ୍ଷୀରେ ଦକ୍ଷତା ବିକାଶର ସ୍ଥିତି ଏବଂ ଉତ୍ତର ପୂର୍ବରେ ଦକ୍ଷ ଯୁବ ପିଢ଼ିର ଏହା ପରବର୍ତ୍ତୀ ନିଯୁକ୍ତିର ଭବିଷ୍ୟତ ସେତିକି ବେଳେ ଅତ୍ୟନ୍ତ ଉଜ୍ଜ୍ୱଳ ରହିଥିବା ଦେଖାଯାଏ, ଯଦି ଏହି ଗତିକୁ ବଜାୟ ରଖାଯାଏ ଏବଂ ନୂଆ ନୂଆ ଆହ୍ୱାନକୁ ମୁକାବିଲା କରିବା ପାଇଁ ନୂଆ ନୂଆ ନୀତିସବୁ ଠିକ୍ ଭାବରେ କାର୍ଯ୍ୟକାରୀ କରାଯାଏ।

ଲେଖକ ଆୟକର ବିଭାଗର ଜଣେ ଆସିଷ୍ଟାଣ୍ଟ କମିଶନର ଭାବରେ କାର୍ଯ୍ୟରତ।

ଭିନ୍ନ କଥା

# ଭାରତର ଅଭିବୃଦ୍ଧିରେ ଯାନ୍ତ୍ରିକ ବୌଦ୍ଧିକତା

● ଅଭିକ୍ ସରକାର

କୃତ୍ରିମ ଅଥବା ଯାନ୍ତ୍ରିକ ବୌଦ୍ଧିକତା (ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ)ର ସଂଜ୍ଞା ନିରୂପଣ କରିବାକୁ ଯାଇ ଏତିକି କୁହାଯାଇପାରେ ଯେ ମଣିଷର ମନ ସହ ସଂପୃକ୍ତ କାର୍ଯ୍ୟକୁ ମେସିନ୍ ଜରିଆରେ ସମ୍ପାଦନ କରିବାର ସାମର୍ଥ୍ୟ ହାସଲ। ମଣିଷ ମନ ସହ ସଂପୃକ୍ତ କାର୍ଯ୍ୟ ମଧ୍ୟରେ ବୋଧଗମ୍ୟତା, ଚିନ୍ତନଶୀଳତା, ଅଧ୍ୟୟନ ଓ ଭିନ୍ନ ପରିବେଶ ସହ ସମ୍ମୁଖୀନ ହେବା, ସମସ୍ୟା ସମାଧାନ, ଏପରିକି ସୃଜନାଶୀଳତାର ପରିପ୍ରକାଶ କରିବା। ଯାନ୍ତ୍ରିକ ବୌଦ୍ଧିକତା(ଏଆଇ)କୁ ନେଇ ବିଶ୍ୱବ୍ୟାପୀ ଏକାଧିକ ଅବଧାରଣା ରହିଛି। କେତେକଙ୍କ ମତରେ ଏହାଦ୍ୱାରା ଅଭିବୃଦ୍ଧି ଓ ଉତ୍ପାଦନକୁ ତ୍ୱରାନ୍ୱିତ କରିବା ସମ୍ଭବପର। ଅନ୍ୟ କେତେକ ଭାବନ୍ତି ଏହାଫଳରେ ହଜାର ହଜାର ସଂଖ୍ୟାରେ ନିଯୁକ୍ତି ସୁଯୋଗ ହ୍ରାସ ପାଇବ। ପ୍ରାଇସ୍‌ୱାଟରହାଉସ୍‌କୁପର୍ସ(ପିଡବ୍ଲ୍ୟୁସି) ଆକଳନ ଅନୁଯାୟୀ, ଆଜିର ଦ୍ରୁତ ପରିବର୍ତ୍ତନଶୀଳ ଅର୍ଥନୀତିରେ ଗ୍ଲୋବାଲ ଏଆଇ ବଜାର କ୍ଷେତ୍ରରେ ଅତିରିକ୍ତ ୧୫.୭ ଟ୍ରିଲିୟନ୍ ଡଲାରର ବ୍ୟାବସାୟିକ ସୁଯୋଗ ସୃଷ୍ଟି କରିବ। ଯାନ୍ତ୍ରିକ ବୌଦ୍ଧିକତା ଭଳି ଏହି ଜଟିଳ ପ୍ରସଙ୍ଗକୁ ସରଳ କରିବା, ଏ ସଂପର୍କରେ କିଛି ଅଧିକ ସୂଚନା ଓ ତଥ୍ୟ ପ୍ରଦାନ ସହ ଅନୁଶୀଳନ କରିବା ଏହି ପ୍ରବନ୍ଧର ଉଦ୍ଦେଶ୍ୟ। ଏଆଇ ଦ୍ୱାରା ଭାରତ କିଭଳି ଲାଭାନ୍ୱିତ ହୋଇ ଆଗକୁ ବଢିପାରିବ ଏବଂ ଏଥିଲାଗି ଚଳିତ କେନ୍ଦ୍ର ବଜେଟ୍‌ରେ କି ବ୍ୟବସ୍ଥା ରହିଛି ସେ ସଂପର୍କରେ ପ୍ରବନ୍ଧରେ କିଛି ତଥ୍ୟ ଉପସ୍ଥାପିତ କରାଯାଇଛି।

ଏଆଇର ମୂଳ ବ୍ୟୁତ୍ପତ୍ତି, ଆଭିମୁଖ୍ୟ ତଥା ଅନ୍ୟାନ୍ୟ ସହଯୋଗୀ କୌଶଳ ସଂପର୍କରେ ବୁଝିବାକୁ ହେଲେ ୨୦୦୯ରେ ନିର୍ମିତ ଲୋକପ୍ରିୟ ଚଳଚ୍ଚିତ୍ର 'ଥ୍ରୀ ଇଡିଅଟ୍‌ସ'ର କିଛି ଗୁରୁତ୍ୱପୂର୍ଣ୍ଣ ଦୃଶ୍ୟ ଉପରେ ଦୃଷ୍ଟି ପକାଇବା। ଥ୍ରୀ ଇଡିଅଟ୍‌ସର ଏକ ଦୃଶ୍ୟରେ ମୁଖ୍ୟ ଚରିତ୍ର ରାଞ୍ଚୋ (ଅମୀର ଖାନ୍‌ଙ୍କ ଦ୍ୱାରା ଅଭିନୀତ) ଜଣେ ଇଞ୍ଜିନିୟରିଂ ଛାତ୍ର। ସେ ଡାକ୍ତରୀ ତାଲିମ ନନେଇ ମଧ୍ୟ ଅସହ୍ୟ ଗର୍ଭ ଯନ୍ତ୍ରଣାରେ ଛଟପଟ ଜଣେ ଗର୍ଭବତୀଙ୍କ ସୁରକ୍ଷିତ ପ୍ରସବ କରାଇପାରିଥିଲା। ସାମାନ୍ୟ ଡାକ୍ତରୀ ସହାୟତାର ଏଭଳି ପରିସ୍ଥିତି ଗ୍ରାମାଞ୍ଚଳ, ବିଶେଷକରି ଆଦିବାସୀ ଇଲାକା ଓ ଦୁର୍ଗମ ଅଞ୍ଚଳରେ ଅତି ସାଧାରଣ ଘଟଣା। ଜ୍ଞାନକୌଶଳକୁ ଦୂରଦୂରାନ୍ତରରେ କିଭଳି ପ୍ରୟୋଗ କରାଯାଇପାରେ ଏହି ଚଳଚ୍ଚିତ୍ର ତା'ର ଏକ ନିଚ୍ଛକ ଉଦାହରଣ। ଗର୍ଭବତୀଙ୍କ ଭଉଣୀ ପିଆ(କରୀନା କପୁର) ଜଣେ ତାଲିମଧାରୀ ଡାକ୍ତରାଣୀ। ଦୂରରେ ରହିବି କିଭଳି ରାଞ୍ଚୋକୁ ଭିଡ଼ିଓ କଲ୍ ଜରିଆରେ ସହାୟତା କରି ନିଜ ଭଉଣୀର ସୁରକ୍ଷିତ ପ୍ରସବ ସହ ଏକ ସୁସ୍ଥ ଶିଶୁକୁ ଜନ୍ମଗ୍ରହଣ କରାଇବାରେ ସଫଳ ହୋଇଥିଲା ତାହା ଚଳଚ୍ଚିତ୍ରଟିରେ ପ୍ରଦର୍ଶିତ ହୋଇଛି।

ସଂପ୍ରତି ଗ୍ରାମାଞ୍ଚଳର ଦୁର୍ଗମ ତଥା ଅପହଞ୍ଚ ଇଲାକାରେ ଭାରତ ନେଟ୍ (ଗ୍ରାମାଞ୍ଚଳର ଦ୍ରୁତସ୍ପିଡ୍ ଇଣ୍ଟରନେଟ୍), ଆରଇସିଏଲ (ଗ୍ରାମୀଣ ବିଦ୍ୟୁତିକରଣ) ଏବଂ ଡିଜିଟାଲ ଇଣ୍ଡିଆ ଭଳି ଭାରତ ସରକାରଙ୍କ ଏକାଧିକ ଛାମୁଆ ଯୋଜନା ଜରିଆରେ ଟେଲିମେଡିସିନ୍ କ୍ଷେତ୍ରକୁ ମଧ୍ୟ ସୁବ୍ୟବସ୍ଥିତ କରାଯାଇପାରିବ। ଲୋକଙ୍କୁ ଦୁଆରମୁହଁରେ ଡାକ୍ତରୀ ସେବା ଓ ସୁବିଧା ଉପଲବ୍ଧ କରାଯାଇପାରିବ। ଚଳଚ୍ଚିତ୍ର ଥ୍ରୀ-ଇଡିଅଟ୍‌ସରେ ତାଲିମପ୍ରାପ୍ତ ଡାକ୍ତରାଣୀ ପିଆ ଯେଭଳି ପ୍ରସବ ସମୟରେ ରାଞ୍ଚୋକୁ ପୂର୍ଣ୍ଣ ସହାୟତା ଭିଡ଼ିଓ କଲ୍ ମାଧ୍ୟମରେ କରିଥିଲା ଅନୁରୂପ ଭାବେ ଗ୍ରାମାଞ୍ଚଳରେ ପ୍ରତ୍ୟେକ ନର୍ସ (ଡାକ୍ତର ଭୂମିକା ତୁଲାଇବା ଲାଗି)ଙ୍କ ପାଇଁ ଗୋଟିଏ ତାଲିମପ୍ରାପ୍ତ ଡାକ୍ତରଙ୍କ ପରାମର୍ଶ ଦୂରରେ ରହି ମଧ୍ୟ ଟେକ୍ନୋଲୋଜି ଜରିଆରେ ମିଳିପାରିଲେ ପ୍ରସବକାଳୀନ ଡାକ୍ତରୀ ସେବା ସହଜ ହୋଇପାରନ୍ତା। ବାସ୍ତବରେ ଭାରତର ପ୍ରତି ଗାଁରେ ଏଭଳି ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସହଜ କଥା ନୁହେଁ; ମାତ୍ର ଏଆଇ ବ୍ୟବସ୍ଥା ଜରିଆରେ ଏହା କରାଯାଇପାରିବ।

ରୋଗୀମାନେ ଏକାଧିକ ସାଧାରଣ ସମସ୍ୟା ଭୋଗିଥାନ୍ତି। ଏହାକୁ ଚିହ୍ନଟକରି ଚିକିତ୍ସା ସୁବିଧା ଯୋଗାଇବା ଲାଗି ନର୍ସଙ୍କୁ ଏଆଇ ଜରିଆରେ ତାଲିମ ଦିଆଯାଇପାରିବ। ଏକାଧିକ ପୁରୁଣା ତଥ୍ୟ ହାସଲ ସହ ଡାକ୍ତରଙ୍କ ଦ୍ୱାରା ଔଷଧ ପ୍ରଦାନ, ରୋଗ ଚିହ୍ନଟ ଓ ଲକ୍ଷଣ ଆଦି କୃତ୍ରିମ ବୌଦ୍ଧିକତା (ଏଆଇ) ଜରିଆରେ କରାଯାଇପାରିବ। ଡିଜିଟାଲ ଟେକ୍ନୋଲୋଜି ଏହାକୁ ସଫଳ କରିପାରିବ। ଜ୍ଞାନ ଆହରଣ ସହ ବୌଦ୍ଧିକ କାର୍ଯ୍ୟକଳାପ ବୃଦ୍ଧି କ୍ଷେତ୍ରରେ ଏହା ବିଶେଷ ଫଳପ୍ରଦ ହେବ। ସେବିକା (ନର୍ସ)ଙ୍କୁ ଗ୍ରାମୀଣ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡିକରେ ଅଧିକ ସଶକ୍ତୀକରଣ କରିବା ଲାଗି ଏଆଇ ଏକ ବଳିଷ୍ଠ ମାଧ୍ୟମ।

୧୯୫୦ ଦଶକର ମଧ୍ୟଭାଗରେ କଂପ୍ୟୁଟର ବିଜ୍ଞାନରେ ଏଆଇ ଏକ ଗବେଷଣାଭିତ୍ତିକ ବିଷୟ

ଥିଲା। ୧୯୫୮ରେ ଆର୍ଟିଫିସିଆଲ ନ୍ୟୁରାଲ ନେଟ୍‌ୱର୍କ (ଏଏନଏନ) ପାଇଁ ପରସେପ୍‌ଟ୍ରନ୍ ଆଲ୍‌ଗୋରିଦିମ୍ ଉଦ୍ଭାବନ ଉପରେ ହିଁ ଦଣ୍ଡାୟମାନ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ)। ୧୯୫୦ରେ ଆଲାନ୍ ଟର୍ଣ୍ଣିଙ୍ଗ୍‌ଙ୍କ ନିବନ୍ଧ 'କଂପ୍ୟୁଟିଙ୍ଗ୍ ମେସିନାରୀ ଆଣ୍ଡ ଇଣ୍ଟେଲିଜେନ୍ସ'ରେ ଏହା ଉଲ୍ଲେଖ କରାଯାଇଥିଲା ଯେ ଆଗକୁ ଏଭଳି ଯନ୍ତ୍ର ନିର୍ମାଣ କରାଯିବ ଯାହାକି ମାନବର ବୌଦ୍ଧିକତା ଓ ବ୍ୟବହାରକୁ ନକଲ କରିବ। ଏଭଳି ଯନ୍ତ୍ର ପ୍ରସ୍ତୁତ କରାଯିବ ଯାହାକି ତର୍କ, ବୌଦ୍ଧିକତା, ଭାଷଣ, ଚିନ୍ତନ, ବିଚାରଧାରା, ପାରସ୍ପରିକ ସହଭାଗିତା ଏବଂ ସ୍ୱୟଂକ୍ରିୟ ପ୍ରଭାବ ଭଳି ମାନବୀୟ ବୌଦ୍ଧିକତା ସହ ତୁଳନୀୟ ହେବ। ଏହାହିଁ ଗବେଷକଗଣଙ୍କ ଲକ୍ଷ୍ୟ। ଇଣ୍ଟେଲିଜେଣ୍ଟ ମେସିନ୍ (ବୁଦ୍ଧିମାନ ଯନ୍ତ୍ର) ପ୍ରସ୍ତୁତିର ଧାରା ପ୍ରାଥମିକ ଭାବେ ଗବେଷକଗଣ ଓ ବିଜ୍ଞାନଭିତ୍ତିକ ଚଳଚ୍ଚିତ୍ର ନିର୍ମାତାଙ୍କ ମୁଣ୍ଡରେ ପଶିଥିଲା। ୧୯୯୬-୯୭ରେ 'ଡିପ୍ ବ୍ଲ୍ୟୁ' ନାମକ ଏକ ଆଇବିଏମ କଂପ୍ୟୁଟର ଚେସ୍ ଖେଳରେ ଅପରାଜିତ ଚେସ୍ ତାରକା ଗ୍ୟାରୀ କାସ୍ପାରୋଭାଙ୍କୁ ପରାଜିତ କରିବାକୁ ସକ୍ଷମ ହୋଇଥିଲା।

ଏହାହିଁ ଏ ପ୍ରକାରର ଏକ ବଡ଼ ସଫଳତା ତଥା ଉପଲବ୍ଧି। ତେବେ 'ଡିପ୍ ବ୍ଲ୍ୟୁ' ମେସିନ୍ ଦ୍ୱାରା ହୋଇଥିବା କାର୍ଯ୍ୟ ବାସ୍ତବିକ୍ ଯୁକ୍ତିସଂଗତ ଥିଲେ ମଧ୍ୟ ଦୃଷ୍ଟି ଓ ଶ୍ରବଣ ଶକ୍ତି ଭଳି ଗଭୀର ମାନବୀୟ ଦକ୍ଷତାକୁ ଏହା ଉପଯୋଗ କରିନଥିଲା। ବୃହତ୍ ଡାଟା (ବିଗ୍ ଡାଟା) ଜରିଆରେ ଗତ କିଛି ଦଶନ୍ଧି ଧରି ଡିଜିଟାଲ ଟେକ୍ନୋଲୋଜିର ଅଭୂତପୂର୍ବ ରୂପାନ୍ତରଣ କୃତ୍ରିମ ବୌଦ୍ଧିକତାର ପ୍ରାସଙ୍ଗିକତାକୁ ଦୋହରାଇଛି। ୧୯୬୦-୭୦ ଦଶକରୁ ବିଶ୍ୱରେ ଯେଭଳି ଡିଜିଟାଇଜେସନ୍ ଦ୍ରୁତଗତିରେ ଆଗେଇ ଚାଲିଛି ତାହା ବ୍ୟାଙ୍କ ଓ ବୀମାଠାରୁ ଆରମ୍ଭ କରି ଖୁଚୁରା ବ୍ୟବସାୟ ପର୍ଯ୍ୟନ୍ତ ସବୁ ସ୍ଥାନରେ ମଣିଷର କାର୍ଯ୍ୟକୁ ସହଜ, ସରଳ ଓ ସୁଗମ କରିଛି। କାଗଜ ତଥା ନଥିକାମ ଠାରୁ ଇଲେକ୍‌ଟ୍ରୋନିକ୍ ଜରିଆରେ



କାରବାର କରିବା ସହଜସାଧ୍ୟ ହୋଇପାରିଛି। କଂପ୍ୟୁଟର ଜରିଆରେ ଅଳ୍ପଖର୍ଚ୍ଚରେ ବ୍ୟାପକ ତଥ୍ୟ ସଂରକ୍ଷଣ କରାଯାଇପାରୁଛି। 'ବିଗ୍ ଡାଟା' ନାଁରେ ପ୍ରଭୂତ ତଥ୍ୟ (ଡାଟା)କୁ ବିଶ୍ଳେଷଣ କରିବା ସମ୍ଭବପର ହୋଇପାରିଛି। କୃତ୍ରିମ ବୌଦ୍ଧିକତା କ୍ଷେତ୍ରକୁ ଏହି କଂପ୍ୟୁଟରୀକରଣ ସହ ତଥ୍ୟ ସଂରକ୍ଷଣ ଓ ସୁରକ୍ଷା ଏକ ନୂତନ ଜୀବନ ପ୍ରଦାନ କରିଛି। କେତେକ ଭାବୁଛନ୍ତି ଯେ ଆଲଗୋରିଦିମ୍‌ର ବିଶେଷ ଉଦ୍ଭାବନ ଫଳରେ କୃତ୍ରିମ ବୌଦ୍ଧକତା (ଏଆଇ)ର ଆତ୍ମପ୍ରକାଶ ଘଟିଛି। ଆଲ୍‌ଗୋରିଦମ୍‌ର ତତ୍ତ୍ୱାବଧାନରେ ଜ୍ଞାନର ଗଭୀରତା ଭିତରକୁ ଯାଇପାରୁଥିବା ବହୁସ୍ତରୀୟ କୃତ୍ରିମ ସ୍ନାୟବିକ ନେଟ୍‌ୱାର୍କର ତାତ୍ତ୍ୱିକ ମୂଳଦୁଆ ପଡ଼ିଥିଲା ୧୯୬୫ ମସିହାରେ। ସେତେବେଳେ ବୃହତ୍ କମ୍ପ୍ୟୁଟର ବ୍ୟବସ୍ଥା ଓ ଡାଟା ସଂକ୍ରାନ୍ତ ଗିଗାବାଇଟ୍ ଓ ଟେରାବାଇଟ୍ ନଥିବାରୁ ବୃହତ୍ ଏଆଇ ବ୍ୟବସ୍ଥା ବିକଶିତ ହୋଇପାରିନଥିଲା।

ମଣିଷର ଭାଷା, କଥାବାର୍ତ୍ତା, ବୁଝିବାଶୈଳୀ ଓ ଯଥାର୍ଥ ଉତ୍ତର ପ୍ରଦାନ ଉପରେ ବିଚାର କରିବା ଥିଲା କଂପ୍ୟୁଟର ପାଇଁ ଅତ୍ୟନ୍ତ ଜଟିଳ ବ୍ୟାପାର। ଆଇବିଏମର ପ୍ରଶ୍ନୋତ୍ତର ବ୍ୟବସ୍ଥା 'ୱାଟ୍‌ସନ୍' ୨୦୧୧ରେ ଦୁଇ ଜଣ ବଡ଼ 'ଜିଓପାର୍ଡି' ଖେଳାଳିଙ୍କୁ ପରାଜିତ କରିଥିଲା। 'ଜିଓପାର୍ଡି' ଥିଲା ଆମେରିକୀୟ ଟେଲିଭିଜନ୍‌ର ଖେଳଭିତ୍ତିକ ଏକ ଅନନ୍ୟ କାର୍ଯ୍ୟକ୍ରମ। ଯେଉଁଥିରେ ପ୍ରଥମେ ଉତ୍ତର ପ୍ରଦାନ କରାଯାଉଥିଲା ଏବଂ ପ୍ରତିଯୋଗୀଙ୍କୁ ଏହା ଉପରେ ପ୍ରଶ୍ନ ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଥିଲା। ଏଥିପାଇଁ ସେମାନଙ୍କୁ କିଛି ସୂଚନା ମଧ୍ୟ ପ୍ରଦାନ କରାଯାଉଥିଲା। ମଣିଷ କରୁଥିବା ଅନ୍ୟ ଏକ ଜଟିଳ କାର୍ଯ୍ୟ ହେଉଛି ପଦାର୍ଥକୁ ଦେଖି ଚିହ୍ନିବା ଓ ସେ ସଂପର୍କରେ ଜାଣିବା। ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟ ପକ୍ଷରୁ କରାଯାଇଥିବା ଏକ ଅନୁଶୀଳନରୁ ଜଣାପଡିଛି ଯେ, ପଦାର୍ଥଗୁଡ଼ିକର ଧ୍ୱନି ଚିହ୍ନଟ, ଛବି ଚିହ୍ନଟ ଭଳି ମାନୀୟ କାର୍ଯ୍ୟ କୃତ୍ରିମ ବୌଦ୍ଧିକତା ବା କମ୍ପ୍ୟୁଟର ଜରିଆରେ ମଧ୍ୟ ସଫଳ ହୋଇପାରୁଛି।

ଏବେ ସେହି ସ୍ୱାସ୍ଥ୍ୟସେବା ଉଦାହରଣ ଭାବେ ନିଆଯାଇ ବିଚାର କରାଯାଉ। ଭାରତରେ ପ୍ରତି ହଜାରେ ରୋଗୀଙ୍କ ଚିକିତ୍ସା ଲାଗି ରହିଛନ୍ତି ଜଣେରୁ ମଧ୍ୟ କମ୍ (୦.୭୨୫) ଡାକ୍ତର। ପ୍ରତି ହଜାରେ ରୋଗୀଙ୍କ ପାଇଁ ବିଶେଷଜ୍ଞ ଡାକ୍ତରଙ୍କ ଅନୁପାତ ଯଦି ଦେଖିବା ତାହେଲେ ସ୍ଥିତି ଅଧିକ ନୈରାଶ୍ୟଜନକ। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ନୂଆ ନୂଆ ଡାକ୍ତରଙ୍କ ପ୍ରବେଶ ଯଦିଓ ବଢୁଛି ତଦନୁଯାୟୀ ରୋଗୀ ସଂଖ୍ୟା ମଧ୍ୟ ବଢିବାରେ ଲାଗିଛି। ତେଣୁ ନିକଟ ଭବିଷ୍ୟତରେ ଏହି ଅନୁପାତରେ ବିଶେଷ କିଛି ଫରକ୍ ତଥା ପରିବର୍ତ୍ତନ ଦେଖିବା ସମ୍ଭାବନା କମ୍। ଏଭଳି ସ୍ଥିତିରେ ଗ୍ରାମାଞ୍ଚଳରେ ଥିବା ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡାକ୍ତରଙ୍କ ଅଭାବ ରହୁଥିବାବେଳେ ନର୍ସ (ସେବିକା)ଙ୍କ ଉପରେ ଅଧିକ ଦାୟିତ୍ୱ ରହୁଛି। ଦୁର୍ଗମ ଓ ଆଦିବାସୀ ଅଧ୍ୟୁସିତ ଅଞ୍ଚଳରେ ଏହି ସମସ୍ୟା ଅଧିକ ଉତ୍କଟ। ନର୍ସମାନଙ୍କଠାରୁ ଆରମ୍ଭ କରି ତାମିଲପ୍ରାପ୍ତ ମେଡିକାଲ କର୍ମଚାରୀ, ବିଶେଷକରି ରେଡିଓଲୋଜିଷ୍ଟ (ରଞ୍ଜନରଶ୍ମୀ ଡାକ୍ତର) ଓ ପାଥୋଲୋଜିଷ୍ଟ(ନିଦାନ ଡାକ୍ତର)ଙ୍କ ଭଳି କ୍ଲିନିକାଲ ବିଶେଷଜ୍ଞଙ୍କ ଅଭାବ ଅଧିକ ରହିଛି। କେଉଁ ରୋଗୀଠାରେ କି ଜୀବାଣୁ, ଭୂତାଣୁ ସଂକ୍ରମିତ ହୋଇଛି ଓ ଏହାର ନିଦାନ ସଂପର୍କରେ ଜାଣିବା ଲାଗି ଏମାନେ ଅଧିକ ସମୟ ଦେଇଥାନ୍ତି। ଏଭଳି ସ୍ଥିତିରେ ସେମାନଙ୍କ ଅଭାବବୋଧ ସ୍ୱାସ୍ଥ୍ୟ ଭଳି ମୌଳିକ ସେବାକୁ ଗୁରୁତର ପ୍ରଭାବିତ କରିଥାଏ। ତେବେ ଏଭଳି କ୍ଷେତ୍ରରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ବ୍ୟବସ୍ଥା ଜରିଆରେ ଏସବୁ କାର୍ଯ୍ୟ ସହଜ, ସରଳ ତଥା ଦୂରରେ ଥାଇ

ମଧ୍ୟ ସଂଷ୍ଥାଳିତ କରିହେଉଛି । ଏଆଇ ଜରିଆରେ ଡାକ୍ତରୀ କର୍ମଚାରୀଙ୍କୁ କ୍ଷେତ୍ରୀୟ ସ୍ତରରେ ତାଲିମ ଦେଇ ଦକ୍ଷତା ବଢ଼ାଇବା ସହ ଅଧିକ ସଶକ୍ତ କରାଯାଇପାରୁଛି । ଏଆଇ ଭଳି ବ୍ୟବସ୍ଥା ଦ୍ୱାରା ରେଡିଓଲୋଜିଷ୍ଟ ଓ ପାଥୋଲୋଜିଷ୍ଟଙ୍କୁ ସଂପୂର୍ଣ୍ଣ ଅନୁସନ୍ଧାନ ନକରି କିଭଳି ସହଜରେ ଓ ଅଳ୍ପ ସମୟରେ ଜୀବାଣୁ, ଭୂତାଣୁ ଓ ରୋଗ କାରକ ସଂପର୍କରେ ଜାଣିହେବ ସେ ସଂପର୍କରେ ସୂଚନା ତଥା ତଥ୍ୟ ପ୍ରଦାନ କରାଯାଇପାରିବ । ଏହାଫଳରେ ବିଶେଷଜ୍ଞଙ୍କୁ ଜଟିଳ ତଥା ଗୁରୁତର ରୋଗୀଙ୍କ ରୋଗ ଚିହ୍ନଟ, ନିଦାନ ଓ ଚିକିତ୍ସା ଲାଗି ଅଧିକ ସମୟ ମିଳିପାରିବ । ଏପରିକି କମ୍ ସମୟରେ ଏହାଦ୍ୱାରା ଅଧିକ ସ୍ୱାସ୍ଥ୍ୟସେବା ପ୍ରଦାନ କରାଯାଇପାରିବ । ଡାକ୍ତରୀ ସେବା କର୍ମଚାରୀଙ୍କ ସମୟକୁ ଅଧିକରୁ ଅଧିକ ଉପଯୋଗ କରିବା ମଧ୍ୟ ସମ୍ଭବପର ହୋଇପାରିବ ।

ଷ୍ଟାନ୍‌ଫୋର୍ଡ ବିଶ୍ୱବିଦ୍ୟାଳୟର ପ୍ରଫେସର ତଥା କୋର୍ସେରା ସହ ପ୍ରତିଷ୍ଠାତା ଆଣ୍ଡ୍ରି ଏନ୍‌ଜିଙ୍କ ମତରେ "ଏଆଇ ହେଉଛି ଏକ ନୂତନ ବିଦ୍ୟୁତ୍‌ଶକ୍ତି । ଯେଭଳି ୧୦୦ ବର୍ଷ ତଳେ ବିଜୁଳି ଉଦ୍ଭାବନ ସାମାଜିକ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବଦଳାଇଦେଇଥିଲା, ଅନୁରୂପ ଭାବେ ଏଆଇ ଆଗାମୀ ଦିନରେ ଏକ କ୍ରାନ୍ତିକାରୀ ପରିବର୍ତ୍ତନ ଆଣିବାରେ ସକ୍ଷମ ହେବ ।" ଭାରତୀୟ ପ୍ରେକ୍ଷାପଟରେ ଏହାର ପ୍ରୟୋଗ ଅସୀମିତ । ଅଦାଲତରେ ପଡ଼ିଥିବା ଲକ୍ଷ ଲକ୍ଷ ମାମଲାକୁ ହ୍ରାସ କରିବା ପାଇଁ ନ୍ୟାୟିକ ପ୍ରକ୍ରିୟାରେ ମଧ୍ୟ ଏଆଇର ସଦୁପଯୋଗ କରାଯାଇପାରିବ । ଉପଗ୍ରହ ଚିତ୍ର ଆଧାରରେ କୃଷି ଉତ୍ପାଦନର ଆଗୁଆ ଆକଳନ କରାଯାଇପାରିବ ।

ବ୍ୟାହତଧର୍ମୀ ଅନ୍ୟାନ୍ୟ ବୈଷୟିକ ଜ୍ଞାନକୌଶଳ ପରି ଏଆଇ ମଧ୍ୟ ଆଜିର ଜୀବନଯାପନ ଓ କାର୍ଯ୍ୟ ପ୍ରଣାଳୀରେ ଏକ ଉଦାହରଣୀୟ ପରିବର୍ତ୍ତନର ସୂତ୍ରପାତ କରିବ । ଭାରତରେ ଯେତେବେଳେ ବ୍ୟାଙ୍କ ଓ ଅନ୍ୟାନ୍ୟ ପ୍ରତିଷ୍ଠାନ ଗୁଡ଼ିକରେ ପ୍ରଥମେ କଂପ୍ୟୁଟରର ପ୍ରଚଳନ ତଥା ପ୍ରବେଶ ଘଟିଲା ସେତେବେଳେ ଏହାକୁ ଘୋର ବିରୋଧ କରାଯାଇଥିଲା । ମାତ୍ର ଆଜି କଂପ୍ୟୁଟରର ପ୍ରଚଳନ ଭାରତକୁ ସୂଚନା ପ୍ରଯୁକ୍ତି କ୍ଷେତ୍ରରେ ଏକ ବିଶ୍ୱନେତାର ମାନ୍ୟତା ଦେଇଛି । ବିଶ୍ୱର ପ୍ରମୁଖ ଆଇଟି କମ୍ପାନୀ ଗୁଡ଼ିକ ସହିତ ସମତାଳ ଦେଇ ଭାରତୀୟ ଆଇଟି ଫାର୍ମ ଗୁଡ଼ିକ କାର୍ଯ୍ୟ କରୁଛନ୍ତି । ଏହି କାରଣରୁ ବର୍ତ୍ତମାନ ସ୍ଥିତିରେ ଭାରତ ସର୍ବାଧିକ ସଫ୍ଟୱେର ରପ୍ତାନୀ କରୁଛି । ଯେତେବେଳେ କଂପ୍ୟୁଟର ପ୍ରଚଳନ କରାଯାଇଥିଲା, ସେତେବେଳେ ଭାରତରେ ସୂଚନା ପ୍ରଯୁକ୍ତି ଜ୍ଞାନକୌଶଳ ଥିବା ଦକ୍ଷ ବ୍ୟକ୍ତି ଭାରତରେ ନଥିଲେ । ହେଲେ ଆଜି ଭାରତ ବିଶ୍ୱକୁ ସର୍ବାଧିକ ଦକ୍ଷ ଓ ପ୍ରତିଭା ସଂପନ୍ନ ଆଇଟି ବୃତ୍ତିଧାରୀ ଯୋଗାଇବାରେ ସକ୍ଷମ ହୋଇପାରିଛି । ଅନୁରୂପ ଭାବେ ଆଜି ଏଆଇକୁ ଅନେକ ବିଭ୍ରାଟ ସୃଷ୍ଟିକାରୀ ତଥା ନିଯୁକ୍ତି ସୁଯୋଗ ଧ୍ୱଂସକାରୀ ବ୍ୟବସ୍ଥା ବୋଲି ଦର୍ଶାଇ ଏହାର ବିରୋଧ କରୁଛନ୍ତି । ମାତ୍ର ଏହାଦ୍ୱାରା ଯେ ନୂତନ ଦକ୍ଷତା ଥିବା ବୃତ୍ତିଧାରୀ ସୃଷ୍ଟି ହେଉଛନ୍ତି ତାହା ଦେଖିବାକୁ ପଡ଼ିବ । ପୁରୁଣା ଶ୍ରମଶକ୍ତିକୁ ପୁନର୍ବାର ଏହାଦ୍ୱାରା ଦକ୍ଷ କରାଯାଇପାରିବ । ସରକାର ଏଥିପ୍ରତି ଗୁରୁତ୍ୱଦେବା ଆରମ୍ଭ କରିଛନ୍ତି । ଉତ୍ପାଦନ ତଥା ନିର୍ମାଣକାରୀ ସଂସ୍ଥାରେ ଏଆଇର ପ୍ରଚଳନ ଯୋଗୁଁ ଅଧିକାଂଶ କାର୍ଯ୍ୟ ସ୍ୱୟଂକ୍ରିୟ ଭାବେ ମେସିନ୍ ଦ୍ୱାରା କରାଯାଉଛି । ତେବେ ଯେଉଁମାନେ ଏହାଦ୍ୱାରା ପ୍ରଭାବିତ ହୋଇଛନ୍ତି ସେମାନଙ୍କ ଶ୍ରମକୁଶଳତାକୁ ଅଧିକ ସମୟ ଉପଯୋଗୀ ତଥା ଦକ୍ଷ କରାଯାଇ ବ୍ୟାପକ ଉତ୍ପାଦନକ୍ଷମ କାର୍ଯ୍ୟରେ ବିନିଯୋଗ କରାଯାଉଛି ।

ଏଆଇ ଭଳି ଏକ ବୃହତ୍ ଡାଟା ଥିବା ବ୍ୟବସ୍ଥାକୁ ଆପଣେଇବା ଦ୍ୱାରା ସ୍ୱାସ୍ଥ୍ୟସେବା କେନ୍ଦ୍ର ଗୁଡ଼ିକରେ ସେବିକାମାନେ ସଶକ୍ତ ହୋଇଛନ୍ତି । ଏଥିସହ ପରିଚାଳନା କ୍ଷେତ୍ରରେ ଏକ ବୃହତ୍ ପରିବର୍ତ୍ତନ ବି ଆସିଛି । କୌଣସି ଜ୍ଞାନକୌଶଳକୁ ପ୍ରଚଳନ କରିବା ଦ୍ୱାରା ଏଥିରୁ କିଛି ଲାଭ ଓ କ୍ଷତି ହୋଇଥାଏ । ମାତ୍ର କ୍ଷତି ତୁଳନାରେ ଅନେକ ଗୁଣ ଲାଭ ହେବାକୁ ଥିବାରୁ ଏଭଳି ପରିବର୍ତ୍ତନ ଗ୍ରହଣୀୟ ହୋଇପଡେ । ଡିଜିଟାଲ ପ୍ଲାଟଫର୍ମକୁ ଧରି ସେବିକାମାନେ ନିଜକୁ ସଶକ୍ତ କରିବା ସହ ନୂତନ ଦକ୍ଷତା ବିକାଶକୁ ଗୁରୁତ୍ୱ ଦେଉଛନ୍ତି । ଉଦାହରଣ ସ୍ୱରୂପ ଜଣେ ସେବିକା ରୋଗୀସେବା କରିବାରେ ଉତ୍ତମ ତାଲିମ ହାସଲ କରିଥିଲେ ମଧ୍ୟ ଯଦି ଏହି ନୂତନ ଜ୍ଞାନକୌଶଳର ଉଚିତ୍ ପ୍ରୟୋଗ ଓ ପରିଚାଳନା କରିବାରେ ଅକ୍ଷମ ହୁଅନ୍ତି ତେବେ କଥା ସରିଲା । ଯେଉଁ ଡାକ୍ତର ବା ନର୍ସ ନିଜ କ୍ଷେତ୍ରରେ ବେଶ୍ ଦକ୍ଷ ସେମାନେ କୃତ୍ରିମ ବୌଦ୍ଧିକତା ଉପଯୋଗୀ କୌଶଳକୁ ହାସଲ କରି ରୋଗୀସେବାରେ ପ୍ରୟୋଗ କଲେ ବ୍ୟବସ୍ଥା ଅଧିକ ଦୃଢ଼ୀଭୂତ ହୋଇପାରିବ ।

କୃତ୍ରିମ ତଥା ଯାନ୍ତ୍ରିକ ବୌଦ୍ଧିକତା ହେଉଛି ଏଭଳି ଏକ ଜ୍ଞାନକୌଶଳ, ଯାହା ଆଗାମୀ କେତେକ ଦଶନ୍ଧିରେ ଭାରତର ଅଭିବୃଦ୍ଧିକୁ ସଂଷ୍ଥାଳନ କରିବ । ଏଆଇର ନୂତନ ପରିବେଶରେ ଏହି ଅଭିବୃଦ୍ଧି ମୁଖ୍ୟତଃ ବେସରକାରୀ କ୍ଷେତ୍ର ଦ୍ୱାରା ସମ୍ପାଦିତ ହେବ । ଏହି ବ୍ୟବସ୍ଥାର ଭିନ୍ନ ଭିନ୍ନ ଉପଯୋଗୀମାନଙ୍କ ମଧ୍ୟରେ ଏକ ଉତ୍ତମ ସମନ୍ୱୟ ସ୍ଥାପନ କରିବା ହେବ ସରକାରୀଙ୍କ ଏକ ପ୍ରମୁଖ ଦାୟିତ୍ୱ । ଏହାସହିତ ଏହି ନୂତନ କିନ୍ତୁ ବ୍ୟାହତଧର୍ମୀ ଜ୍ଞାନକୌଶଳ ଯୋଗୁଁ କେତେକ ପୁରୁଣା ନିଯୁକ୍ତି ସୁଯୋଗ ଅନାବଶ୍ୟକ ହୋଇପଡ଼ିବ । ତେଣୁ ଏହି ସ୍ଥାନରେ ଲୋକମାନଙ୍କର ପୁନଃକୌଶଳୀକରଣ ଅତ୍ୟନ୍ତ ଆବଶ୍ୟକ । କାରଣ ନୂଆ ଜ୍ଞାନକୌଶଳ ଦ୍ୱାରା ନୂତନ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ । ଏଆଇ ବିପ୍ଳବର ଲାଭ ଉଠାଇବା ପାଇଁ ପୂର୍ବରୁ ହିଁ ନୂତନ ନିଯୁକ୍ତି ଓ ଭୂମିକାଗୁଡ଼ିକର ଚିହ୍ନଟୀକରଣ କରି ଲୋକଙ୍କର ପୁନଃକୌଶଳୀକରଣ କରିବା ଜରୁରୀ ହେବ ।

ଲେଖକ ହେଉଛନ୍ତି ନୀତି ଆୟୋଗ ଡାଟା ଆନାଲିଟିକ୍ସ ସେଲ୍‌ର ଅଫିସର ଅନ୍ ସ୍ପେଶାଲ୍ ଡ୍ୟୁଟି ।

# ନୂଆଭାରତ ଓ ନୂଆ ରେଳବାଇ : ବଜେଟ ଏବଂ ଦୂରଦୃଷ୍ଟି

● ଡ. ଶଶିକଳା ପୁଷ୍ପା ● ଡଃ ବି. ରାମସ୍ୱାମୀ

ଭାରତୀୟ ରେଳବାଇ ଦେଶର ଏକ ୧୬୨ ବର୍ଷର ପୁରୁଣା ସମ୍ପତ୍ତି। ଏହା ଏସିଆର ଦ୍ୱିତୀୟ ସର୍ବବୃହତ୍ ଓ ବିଶ୍ୱର ଚତୁର୍ଥ ବୃହତ୍ତମ ରେଳ ବ୍ୟବସ୍ଥା। ଭାରତୀୟ ରେଳ ବ୍ୟବସ୍ଥାରେ ୭୧୧୨ଟି ଷ୍ଟେସନ ରହିଥିବାବେଳେ ଦୈନିକ ୧୯ହଜାର ଟ୍ରେନ୍ ଚଳାଚଳ କରେ। ଭୌଗୋଳିକ ସମ୍ପର୍କ, ନାଗରିକଙ୍କ ଗମନାଗମନ, ବ୍ୟାବସାୟିକ ସଂଯୋଗ ଆଦି ଯୋଗାଇ ଏହା ଦେଶର ସାମାଜିକ ଓ ଅର୍ଥନୈତିକ ବିକାଶ କ୍ଷେତ୍ରରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଥାଏ। ଏହା ମଧ୍ୟ ବିଶ୍ୱସ୍ତରୀୟ ସହାୟ-ସହକାର ବା ରସଦ ବ୍ୟବସ୍ଥା (ଲଜିଷ୍ଟିକ୍) ଏବଂ ଭିତ୍ତିଭୂମି ଯୋଗାଉଛି। ଭାରତୀୟ ରେଳବାଇ ଲୋକ ନିଯୁକ୍ତି କ୍ଷେତ୍ରରେ ବିଶ୍ୱରେ ପଞ୍ଚମ ସ୍ଥାନରେ ରହିଛି ଏବଂ ଏହାର କର୍ମଚାରୀ ସଂଖ୍ୟା ୧୩ଲକ୍ଷ।

ରେଳବାଇକୁ ଅଧିକ ଦକ୍ଷ କରିବାକୁ ରେଳମନ୍ତ୍ରଣାଳୟ ଏହାର ପୁନର୍ଗଠନ ପାଇଁ ଚେଷ୍ଟା କରୁଛି। ଏହାର ଡବାଗୁଡ଼ିକର ମାନରେ ଉନ୍ନତି ଆଣିବା ସହ ଟ୍ରେନ୍‌ରେ ୱାଇଫାଇ ବ୍ୟବସ୍ଥା କରାଯାଉଛି। ଏହା ଅତି ବିଳାସପୂର୍ଣ୍ଣ ତେଜସ୍ ଟ୍ରେନ୍ ସହିତ ସ୍ୱଳ୍ପ ଭଡ଼ା ବିଶିଷ୍ଟ ଆଧୁନିକ ଦୀନ ଦୟାଲୁ ଟ୍ରେନ୍ ମଧ୍ୟ ଚଳାଉଛି। ପ୍ରକଳ୍ପ ନିର୍ମାଣ କାର୍ଯ୍ୟକୁ ରେଳବାଇ ତ୍ୱରାନ୍ୱିତ କରୁଥିବା ବେଳେ ଅଧିକରୁ ଅଧିକ ସମ୍ବଳ ଯୋଗାଡ଼ ଚେଷ୍ଟାରେ ନୂଆନୂଆ ମାର୍ଗ ଅବଲମ୍ବନ କରୁଛି। ଏହାସବୁ ସତ୍ତ୍ୱେ ଭାରତୀୟ ରେଳବାଇ ନାନା ପ୍ରକାର ସମସ୍ୟାର ସମ୍ମୁଖୀନ।

୨୦୧୮-୧୯ବର୍ଷ ପାଇଁ ବ୍ୟୟବରାଦ :

୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ସରକାର ରେଳବାଇ ପାଇଁ ୧,୪୮,୫୨୮ କୋଟି ଟଙ୍କାର ପୁଞ୍ଜିଗତ ବ୍ୟୟ ବରାଦ କରିଚନ୍ତି। ସବୁ ଟ୍ରେନ୍‌ରେ ୱାଇଫାଇ, ସିସିଟିଭି ଓ ଅନ୍ୟାନ୍ୟ ଆଧୁନିକ ସେବା ଯୋଗାଣର ଲକ୍ଷ୍ୟ ରଖାଯାଇଛି। ପଚିଶ ହଜାରରୁ ଅଧିକ ଯାତ୍ରୀଙ୍କ ଆତଯାତ ହେଉଥିବା ସବୁ ଷ୍ଟେସନରେ ଏସ୍କାଲେଟର ବ୍ୟବସ୍ଥା କରିବାକୁ ରେଳମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ଏହାଛଡ଼ା ୧୨ହଜାର ୱାଗନ, ୫୧୬୦ ଡବା (କୋଚ୍) ଓ ୭୦୦ ଇଞ୍ଜିନ୍ କିଣିବାକୁ ସରକାର ସ୍ଥିର କରିଛନ୍ତି। ସେହିଭଳି ରେଳ ସୁରକ୍ଷା, ଟ୍ରାକ୍‌ର ରକ୍ଷଣାବେକ୍ଷଣ, କୁହୁଡ଼ି ପ୍ରତିରୋଧୀ ବ୍ୟବସ୍ଥା ଓ ଆଧୁନିକ ଜ୍ଞାନକୌଶଳର ଉପଯୋଗ ପାଇଁ ନିଷ୍ପତ୍ତି ନିଆଯାଇଛି।

ମନ୍ତ୍ରଣାଳୟ ପକ୍ଷରୁ ୬୦୦ ବୃହତ୍ ରେଳଷ୍ଟେସନର ଉନ୍ନୟନ କାର୍ଯ୍ୟ ହାତକୁ ନିଆଯାଇଥିବାବେଳେ ବେଙ୍ଗାଲୁରୁ ମେଟ୍ରୋ ପ୍ରକଳ୍ପ ପାଇଁ ୧୭୧୦ହଜାର କୋଟି ଏବଂ ମୁମ୍ବଇ ସବ୍ ଅର୍ବାନ ରେଳ ପ୍ରକଳ୍ପ ନିମନ୍ତେ ୧୧ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଅତି ଦ୍ରୁତଗାମୀ ରେଳ ପ୍ରକଳ୍ପ ପାଇଁ ଆବଶ୍ୟକ ଲୋକଶକ୍ତି ସକାଶେ ବଡ଼ୋଦରାଠାରେ ଏକ ତାଲିମ ପ୍ରତିଷ୍ଠାନ ନିର୍ମାଣ କରାଯାଉଛି। ଆସନ୍ତା ବର୍ଷ ୩୬ହଜାର କିଲୋମିଟର ରେଳପଥର ନବୀକରଣ ଲକ୍ଷ୍ୟ ସହିତ ଦୁଇ ବର୍ଷ ମଧ୍ୟରେ ୪୨୬୭ଟି ଜଗୁଆଳି ବିହୀନ ଲେଭଲ କ୍ରସିଂର ଉଚ୍ଛେଦ ପାଇଁ ରେଳ ମନ୍ତ୍ରଣାଳୟ ନିଷ୍ପତ୍ତି ନେଇଛି। ୨୦୧୭-୧୮ ବର୍ଷରେ ୪୦୦୦ କିମି ରେଳପଥର ବିଦ୍ୟୁତ୍‌କରଣ ସମ୍ପୂର୍ଣ୍ଣ କରିବା ସହିତ ପୂର୍ବ ଓ ପଶ୍ଚିମ ଉତ୍ସର୍ଗୀକୃତ ଫ୍ରେଟ୍ କରିଡର କାର୍ଯ୍ୟ ପୂରା ଦମ୍‌ରେ ଚାଲିଛି।

ରେଳବାଇର ଆହ୍ୱାନ : ଦେଶରେ ରେଳ ବିକାଶ କାର୍ଯ୍ୟ ଦ୍ରୁତ ଗତିରେ ଚାଲିଥିଲେ ମଧ୍ୟ ଏହାର ନିରନ୍ତର ଅଭିବୃଦ୍ଧିରେ କେତେକ ସମସ୍ୟା ରହିଛି। ସେଗୁଡ଼ିକ ନିମ୍ନରେ ଉଲ୍ଲେଖ କରାଯାଇଛି।

୧) ମନ୍ଥରତା : ଦେଶର ବିଭିନ୍ନ ରେଳପଥରେ ଯାତ୍ରୀ ଓ ମାଲ୍ ପରିବହନ ଚାପ ବଢ଼ିଥିଲେ ମଧ୍ୟ ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଓ ସଂପ୍ରସାରଣ ବ୍ୟବସ୍ଥା ପର୍ଯ୍ୟାପ୍ତ ହୋଇପାରିନାହିଁ। ସ୍ୱାଧୀନତା ପରେ ଭାରତୀୟ ରେଳବାଇରେ ମାତ୍ର ୧୦ହଜାର କିଲୋମିଟର ନୂଆ ଟ୍ରାକ୍ ଯୋଡ଼ାଯାଇଛି। ଏହି ସମୟ ମଧ୍ୟରେ ଚୀନ୍‌ରେ ୫୦ହଜାର କିମି ନୂଆ ରେଳପଥ ନିର୍ମାଣ କରାଯାଇଛି।

ସେହିଭଳି ମୋଟ୍ ରେଳପଥର ଦୋହରାକାର୍ଯ୍ୟ ବା ଦୁଇରୁ ଅଧିକ ଟ୍ରାକ୍ ନିର୍ମାଣ କ୍ଷେତ୍ରରେ ଭାରତର ଉପଲବ୍ଧି ମନ୍ଥର। ତିନିଶହ ବର୍ଷ ମଧ୍ୟରେ ଏହି କାମରେ ମାତ୍ର ୫୨ ଶତାଂଶ ପ୍ରଗତି ଘଟିଛି। ଅନ୍ୟ ଅର୍ଥରେ ଭାରତର ମୋଟ୍ ରେଳପଥର ମାତ୍ର ୩୨.୩୨ ଭାଗ ଦୋହରା ବା ତତୁର୍ଦ୍ଧ୍ୱ ଟ୍ରାକ୍ ହୋଇଛି। ମନ୍ଥର ସଂପ୍ରସାରଣ ଯୋଗୁଁ ବର୍ତ୍ତମାନର ରେଳ ଭିତ୍ତିଭୂମି ପ୍ରବଳ ଚାପର ସମ୍ମୁଖୀନ। ଏକ ତଥ୍ୟ ଅନୁସାରେ ରେଳବାଇର ୧୨୧୯ ସେକ୍‌ସନ୍ ମଧ୍ୟରୁ ୪୦ ଶତାଂଶ ସେକ୍‌ସନ୍‌ରେ ଥିବା ରେଳ ବ୍ୟବସ୍ଥା ତାହାର ଦକ୍ଷତାର ଶତପ୍ରତିଶତଠାରୁ ଅଧିକ

ଉପଯୋଗ ହେବା ସହ ପ୍ରବଳ ଚାପର ସମ୍ମୁଖୀନ।

୨) ଦୁର୍ଘଟଣା : ଭାରତରେ ରେଳ ଦୁର୍ଘଟଣାର ସଂଖ୍ୟା ବିଶ୍ୱର ଅନ୍ୟାନ୍ୟ ଦେଶ ତୁଳନାରେ ଅଧିକ। ଦୁର୍ଘଟଣା କର୍ମଚାରୀଙ୍କ ତ୍ରୁଟି ଓ କର୍ତ୍ତବ୍ୟରେ ଅବହେଳା ଯୋଗୁଁ ଘଟିଥାଏ। ଦୁର୍ବଳ ଭିତ୍ତିଭୂମି ମଧ୍ୟ ଏହାର ଆଉ ଏକ ବଡ଼ କାରଣ।

୩) ବିନା ଟିକଟ ଯାତ୍ରୀ : ରେଳବାଇର ଆଉ ଏକ ବଡ଼ ସମସ୍ୟା ହେଲା ବିନା ଟିକଟ ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧି। ଏହାଫଳରେ ରେଳବାଇର କ୍ଷତି ଘଟିଥାଏ ଓ ଟିକଟ କିଣିଥିବା ଯାତ୍ରୀ ଅସୁବିଧାରେ ପଡ଼ନ୍ତି। ଏକ ହିସାବ ଅନୁସାରେ ପ୍ରତିବର୍ଷ ବିନା ଟିକଟ ଯାତ୍ରୀଙ୍କ ଯୋଗୁଁ ଭାରତୀୟ ରେଳବାଇ ପ୍ରାୟ ପାଞ୍ଚକୋଟି ଟଙ୍କାର କ୍ଷତି ସହିଥାଏ।

୪) ବିତ୍ତୀୟ ସମସ୍ୟା : ଗରିବ ଲୋକଙ୍କ ପରିବହନ ଆବଶ୍ୟକତା ପୂରଣ ପାଇଁ ରେଳବାଇ କାର୍ଯ୍ୟ କରିବ ନା, ନିଜେ ଏକ ସ୍ୱୟଂସମ୍ପୂର୍ଣ୍ଣ ଆତ୍ମନିର୍ଭରଶୀଳ ପ୍ରତିଷ୍ଠାନରେ ପରିଣତ ହେବ ସେହି ଦ୍ୱନ୍ଦ୍ୱରେ ରହିଛି। ଜନତାଙ୍କ ପରିବହନ ଆବଶ୍ୟକତାକୁ ସରକାର ଅଗ୍ରାଧିକାର ଦେଉଥିବାରୁ ଭଡ଼ା ବୃଦ୍ଧି ସହଜରେ କରାଯାଇପାରେନା। ଅନେକ ସମୟରେ ଅଣ ବ୍ୟାବସାୟିକ କାରଣରୁ ନୂଆ ରେଳପଥ ନିର୍ମାଣ ଓ ନୂଆ ଟ୍ରେନ୍ ଚଳାଚଳ କରାଇବାକୁ ସରକାର ବାଧ୍ୟ ହୋଇଥାନ୍ତି। ଫଳରେ ରେଳବାଇର ଆର୍ଥିକ ଚାପ ବଢ଼େ। ଦୀର୍ଘ କାଳ ଧରି ମାହାସୁଲ ଓ ଯାତ୍ରୀ ଭଡ଼ା ଅପରିବର୍ତ୍ତିତ ରହିବାରୁ କେନ୍ଦ୍ରୀୟ ବଜେଟ ଉପରେ ଚାପ ପଡ଼ିଥାଏ। ମଝିରେ ମଝିରେ ମାହାସୁଲ ଭଡ଼ା ବଢୁଥିଲେ ମଧ୍ୟ ଖର୍ଚ୍ଚ ଅନୁପାତରେ ତାହା ଯଥେଷ୍ଟ ନୁହେଁ। ଏବେ ସରକାର ପ୍ରିମିୟମ ଟ୍ରେନ୍‌ଗୁଡ଼ିକର ଭଡ଼ାବୃଦ୍ଧି ପାଇଁ ଯେଉଁ ନିଷ୍ପତ୍ତି ନେଉଛନ୍ତି ତାହା ଠିକଣା ଦିଗରେ ଠିକଣା ପଦକ୍ଷେପ। ତେବେ ମାଲ ପରିବହନ ବୃଦ୍ଧି ଯେଉଁ ପରିମାଣରେ ବଢ଼ିଛି ତାହା ରେଳବାଇ ପାଇଁ ମୁଣ୍ଡବିନ୍ଧାର କାରଣ ହୋଇଛି।

୫) ପରିଚାଳନା ଦକ୍ଷତା : ଭାରତୀୟ ରେଳବାଇର କର୍ମଚାରୀ ସଂଖ୍ୟା ପ୍ରାୟ ୧୩ ଲକ୍ଷ। ଏହା ଏକ ବିରାଟ ଲୋକନିଯୁକ୍ତିକାରୀ ସଂସ୍ଥା। ଏଥିରେ ଏକାଧିକ ଶକ୍ତିଶାଳୀ ଶ୍ରମିକ ସଂଗଠନ ରହିଛି। ଏହି ସଂଗଠନଗୁଡ଼ିକ ବିଭିନ୍ନ ଶାଖା ପ୍ରଶାଖାରେ ବିଭକ୍ତ। ରେଳବାଇର କୌଣସି ଏକ ନିଷ୍ପତ୍ତିକୁ କାର୍ଯ୍ୟକାରୀ କରିବା ପାଇଁ ସବୁ ସ୍ତରରେ ଶ୍ରମିକ କର୍ମଚାରୀମାନଙ୍କ ସମ୍ମତି ମିଳିବା ପାଇଁ ବାଧା ବିଘ୍ନ ଘଟେ ଓ ବିଳମ୍ବ ହୁଏ। ଫଳରେ ସଂସ୍ଥାର ପରିଚାଳନା ଦକ୍ଷତା ପ୍ରଭାବିତ ହୋଇଥାଏ। ସପ୍ତମ ବେତନ ଆୟୋଗଙ୍କ ସୁପାରିଶ କାର୍ଯ୍ୟକାରୀ ହେବାପରେ ରେଳବାଇ କର୍ମଚାରୀ ଓ ପେନ୍‌ସନ୍ ଭୋଗୀଙ୍କ ପାଇଁ ବାର୍ଷିକ ୨୮ ହଜାର କୋଟି ଟଙ୍କାର ବ୍ୟୟ ବୋଝ ସରକାରଙ୍କ ଉପରେ ପଡୁଛି। ହେଲେ ଯେଉଁ ପରିମାଣର ଅର୍ଥ ସରକାର କର୍ମଚାରୀଙ୍କ ବାବଦରେ ବ୍ୟୟ କରୁଛନ୍ତି ଆନୁପାତିକ ଭାବେ ତାହାର ସୁଫଳ ରେଳବାଇକୁ ମିଳୁନାହିଁ।

୬) ଅର୍ଥ ଓ ହିସାବ : ଭାରତୀୟ ରେଳବାଇର ରାଜସ୍ୱ ବ୍ୟୟ ବିପୁଳ। ତେଣୁ ପୁଞ୍ଜିଗତ ବ୍ୟୟ (ବିକାଶ ମୂଳକ କାର୍ଯ୍ୟ) ପାଇଁ ଏହା ପାଖରେ ଅର୍ଥର ବିଶେଷ ଅଭାବ ଥାଏ। ପୁଞ୍ଜିଗତ ବ୍ୟୟ



ପାଇଁ ଭାରତୀୟ ରେଳବାଇକୁ ନିଜସ୍ୱ ଉତ୍ସରୁ ଅଧିକ ସମ୍ବଳ ସଂଗ୍ରହ କରିବାର ଆବଶ୍ୟକତା ରହିଛି। ଏହାଛଡ଼ା ଅଣ ସରକାରୀ କ୍ଷେତ୍ରରୁ ସମ୍ବଳ ସଂଗ୍ରହ ପାଇଁ ଏହାକୁ ଉଦ୍ୟମ କରିବାକୁ ପଡ଼ିବ। ରେଳବାଇ ଯଦି ଏକ ସୁସ୍ଥ ନିଗମରେ ପରିଣତ ହୋଇପାରିବ ତେବେ ଯାଇ ଏହା ସମ୍ଭବ ହେବ। କାରଣ ଏକ ଉତ୍ତମ ବାଲାନ୍ସସିଟି (ଆୟ ବ୍ୟୟ ବିବରଣୀ)କୁ ଆଧାର କରି ରେଳବାଇ ବଜାରରୁ ଋଣ ଉଠାଇ ପାରିବ। ୨୦୧୯ ସୁଦ୍ଧା ରେଳବାଇରେ ୮.୫୬ଲକ୍ଷ କୋଟି ଟଙ୍କାର ପୁଞ୍ଜି ନିବେଶ ପାଇଁ ମନ୍ତ୍ରଣାଳୟ ଉଦ୍ୟମ କରୁଛି।

୭) ପୁରୁଣା ଟ୍ରାକ୍, ଇଞ୍ଜିନ ଓ ଡବା :

ଭାରତୀୟ ରେଳବାଇର ପ୍ରମୁଖ ସମସ୍ୟା ହେଲା ଏହାର ପୁରୁଣାକାଳିଆ ଟ୍ରାକ୍, ରେଳ ଇଞ୍ଜିନ, ଡବା ଓ ୱାଗନ। ଏହା ଯୁଗ ଉପଯୋଗୀ ମଧ୍ୟ ନୁହେଁ। ପୁରୁଣା ଟ୍ରାକ୍ ଯୋଗୁଁ ମଧ୍ୟ ବଡ଼ଧରଣର ଟ୍ରେନ୍ ଦୁର୍ଘଟଣା ଅଧିକ ଘଟୁଛି। ପୁରୁଣା ଟ୍ରାକ୍, ଇଞ୍ଜିନ ଓ ଡବା ଯୋଗୁଁ ମଧ୍ୟ ଟ୍ରେନ୍‌ର ବେଗକୁ ସ୍ୱାଭାବିକଠାରୁ କମ୍ ରଖାଯାଉଛି। ପ୍ରତ୍ୟେକ ନୂଆ ଟାଇମ୍ ଟେବୁଲରେ ସବୁ ଦେଶରେ ପ୍ରାୟତଃ ଟ୍ରେନ୍‌ର ବେଗ ବୃଦ୍ଧି ପାଏ; କିନ୍ତୁ ଭାରତରେ ଠିକ୍ ତାହାର ଓଲଟା ହେଉଛି।

୮) ଆଧୁନିକ ପରିଚାଳନାର ଅଭାବ :

ଭାରତୀୟ ରେଳବାଇରେ ଆଧୁନିକ ପରିଚାଳନା ବ୍ୟବସ୍ଥାର ଅଭାବ ରହିଛି। ରେଳବାଇ ଆବଶ୍ୟକ ପ୍ରୋତ୍ସାହନ ଯୋଗାଣରେ ବିଫଳ ହେଉଥିବାରୁ ଯୋଗ୍ୟ, ପ୍ରତିଭାସମ୍ପନ୍ନ କର୍ମଚାରୀ ଏଥିରେ ଯୋଗଦେଉନାହାନ୍ତି। ଏହା ମଧ୍ୟ ଟାରିଫ (ଶୁଳ୍କ)ର ଆବଶ୍ୟକ ଅର୍ଥନୈତିକ ବିଶ୍ଳେଷଣ କରି ଭଡ଼ା ନିର୍ଦ୍ଧାରଣ ଯୋଜନା କରେନାହିଁ।

୯) ପୁରୁଣାକାଳିଆ ଜ୍ଞାନକୌଶଳ :

ଭାରତୀୟ ରେଳବାଇର ଇଞ୍ଜିନ ଓ ଡବା ଆଦି (ରୋଲିଂ ଷ୍ଟକ୍)ର ଜ୍ଞାନକୌଶଳ ଅତି ପୁରୁଣାକାଳିଆ। ଏହି ବ୍ୟବସ୍ଥା ଅତି ଅଧିକ ଲୋକଶକ୍ତି ଉପରେ ନିର୍ଭରଶୀଳ। ଟେକ୍‌ନୋଲୋଜି ଅପ୍‌ଗ୍ରେଡେସନ୍ ସହିତ ଲୋକଶକ୍ତିର ବିକାଶ ସମାନୁପାତିକ ଭାବେ ହୁଏନାହିଁ। ଏହା ଫଳରେ ଭାରତୀୟ ରେଳବାଇ କ୍ରମବର୍ଦ୍ଧିଷ୍ଣୁ ପରିବହନ ଚାହିଦା ପୂରଣ କରିବାରେ ବିଫଳ ହେଉଛି ଫଳରେ ରେଳବାଇର ଟ୍ରାଫିକ୍ ପରିମାଣରେ ଉନ୍ନତି ଆସୁନାହିଁ ଏବଂ ଏହାର କାରବାର ବିଶେଷ ଲାଭଜନକ ହେଉନାହିଁ।

୧୦) ପରିବର୍ତ୍ତନ ସମସ୍ୟା :

ଭାରତରେ ପୁରୁଣାକାଳିଆ ଓ ପୁରୁଣା ରେଳଇଞ୍ଜିନ୍, ୱାଗନ ଓ ଅନ୍ୟାନ୍ୟ ଯନ୍ତ୍ରପାତି ଆଦିକୁ ବଦଳାଇବା ସହଜ ନୁହେଁ, ଏହାକୁ ପରିବର୍ତ୍ତନ କରିବାର ପ୍ରୟାସରେ ବହୁ ଗୁରୁତର ସମସ୍ୟା ସୃଷ୍ଟି ହେଉଛି।

୧୧) ସିଙ୍ଗଲ ଲାଇନ୍ ସମସ୍ୟା :

ଭାରତର ଅଧିକାଂଶ ରେଳପଥ ଗୋଟିକିଆ ବା ସିଙ୍ଗଲ ଲାଇନ୍। ଏହା ଫଳରେ ଉଭୟ ରେଳବାଇ ଓ ଯାତ୍ରୀ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହୁଅନ୍ତି। ଡବଲ ଲାଇନଦ୍ୱାରା ଏକ୍ଷେତ୍ରର ଅନେକ ସମସ୍ୟା ଦୂର ହୋଇପାରିବ। ସେଥିପାଇଁ ଅର୍ଥର ଯଥେଷ୍ଟ ଆବଶ୍ୟକତା ରହିଛି।

୧୨) ସ୍ୱଳ୍ପ ପୁଞ୍ଜିନିବେଶ :

ରେଳବାଇରେ ଆବଶ୍ୟକତା ଅନୁସାରେ ଯେତେ ଅର୍ଥ ବା ପୁଂଜି ନିବେଶ ହେବା କଥା ତାହା ହେଉନାହିଁ। ଏଥିଯୋଗୁଁ ରେଳବାଇ ପଛରେ ପଡ଼ିଯାଉଛି। ଏ କ୍ଷେତ୍ରର ଅଭାବ ଅସୁବିଧା ସମ୍ପର୍କରେ ବିଭିନ୍ନ କମିଟି ଉଲ୍ଲେଖ କରି ପ୍ରତିକାର ପାଇଁ ସୁପାରିଶ କରିଛନ୍ତି। ଜାତୀୟ ପରିବହନ ନୀତି କମିଟି, ରେଳ ଟାରିଫ ଅନୁସନ୍ଧାନ କମିଟି ଏବଂ ରେଳବାଇ ସଂସ୍କାର କମିଟି ଏ ନେଇ ରିପୋର୍ଟମାନ ମଧ୍ୟ ଦେଇଛନ୍ତି।

୧୩) ସଡ଼କ ପରିବହନ ସହିତ ପ୍ରତିଯୋଗିତା :

ସଡ଼କ ପରିବହନ ସହିତ ରେଳବାଇର ପ୍ରତିଯୋଗିତା ବଢୁଛି। ଉଭୟ ଯାତ୍ରୀ ଓ ମାଲ ପରିବହନ କ୍ଷେତ୍ରରେ ଏହା ଅନୁଭୂତ ହେଉଛି। ସଡ଼କ ଓ ରେଳ ପରିବହନ ମଧ୍ୟରେ ସମନ୍ୱୟର ଅଭାବ ଯୋଗୁଁ ରେଳବାଇର ଆୟ ହ୍ରାସ ପାଉଛି। ଏହାର ପ୍ରଭାବ ମଧ୍ୟ ରେଳବାଇର ଯାତ୍ରୀ ପରିବହନ ଉପରେ ପଡୁଛି।

ଭାରତୀୟ ରେଳବାଇ ବିଶ୍ୱର ଅନ୍ୟତମ ସର୍ବବୃହତ୍ ରେଳବ୍ୟବସ୍ଥାର ମାନ୍ୟତା ଲାଭ କରିଥିବାବେଳେ ଏହା ଗୋଟିଏ ପରିଚାଳନା ବ୍ୟବସ୍ଥା ଅଧୀନରେ ରହିଛି। ଏହା ସତ୍ତ୍ୱେ ଭାରତୀୟ ରେଳବାଇର ପ୍ରଗତି ନ'ହେବା ନିଶ୍ଚୟ ଚିନ୍ତାଜନକ।

ଆୟ ପରିମାଣ : ଭାରତୀୟ ରେଳବାଇର ଯାତ୍ରୀ ପରିବହନ ସଂଖ୍ୟା ୨୦୧୭ ଏପ୍ରିଲ ନଭେମ୍ବର ମଧ୍ୟରେ ୦.୬୮ ଶତାଂଶ ବୃଦ୍ଧି ପାଇ ୫୫୪୩.୧୫ ନିୟୁତରେ ପହଞ୍ଚିଥିଲା। ସେହିଭଳି ରେଳବାଇର ମୋଟ ରାଜସ୍ୱ ଏହି ସମୟ ମଧ୍ୟରେ ବର୍ଷକୁ ବର୍ଷ ଭିତ୍ତିରେ ୫.୬୮ ଶତାଂଶ ହାରରେ ବୃଦ୍ଧି ପାଇ ୧୦୯, ୨୦୯.୧୫କୋଟି ଟଙ୍କା ହୋଇଥିଲା। ଯାତ୍ରୀ ଭଡ଼ା ବାବଦ ଆୟରେ ୫.୨୪ ଶତାଂଶ ଅଭିବୃଦ୍ଧି ଘଟି ତାହା ୩୨,୩୭୦.୫୪ କୋଟି ହୋଇଥିବାବେଳେ ମାଲପରିବହନ ବାବଦ ଆୟ ୮.୦୧ ଶତାଂଶ ବଢ଼ି ଏହି ସମୟରେ ୭୧,୧୬୮.୬୭କୋଟି ଟଙ୍କାରେ ପହଞ୍ଚିଥିଲା।

ନିବେଶ / ବିକାଶ : ଏପ୍ରିଲ ୨୦୦୦ ରୁ ସେପ୍ଟେମ୍ବର ୨୦୧୭ ମଧ୍ୟରେ ରେଳବାଇର ବିଭିନ୍ନ କ୍ଷେତ୍ରରେ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜିନିବେଶ ପରିମାଣ ଥିଲା ୮୯୬.୯୯ ନିୟୁତ ଡଲାର।

ଏସବୁକୁ ଦେଖିଲେ କୁହାଯାଇପାରେ ଯେ ଭାରତୀୟ ରେଳବାଇର ଅଭିବୃଦ୍ଧି ହାର ସୁସ୍ଥ ରହିଛି। ଆସନ୍ତା ପାଞ୍ଚ ବର୍ଷରେ ଭାରତୀୟ ରେଳ ବଜାରର ଆକାର ବିଶ୍ୱର ତୃତୀୟ ସର୍ବବୃହତ୍ ହେବ। ଏହା ବିଶ୍ୱ ବଜାରର ୧୦ ଶତାଂଶ ହାସଲ କରିବ। ଦେଶର ସର୍ବବୃହତ୍ ନିଯୁକ୍ତିଦାତା ଭାରତୀୟ ରେଳବାଇ ୧୦ ଲକ୍ଷ ନିଯୁକ୍ତି ସୃଷ୍ଟି କରିପାରେ ବୋଲି ରେଳବାଇ ମନ୍ତ୍ରୀ ପୀୟୂଷ ଗୋଏଲ କହିଛନ୍ତି।

ଏଠାରେ ସୂଚନାଯୋଗ୍ୟ ଯେ ରେଳବାଇ ଦେଶର ତିନି ଭାଗରେ ଉତ୍ସର୍ଗୀକୃତ ଫ୍ରେଟ୍ କରିଡର ନିର୍ମାଣ କରିବାକୁ ନିଷ୍ପତ୍ତି ନେଇଛି।

ଏଥିପାଇଁ ସରକାର ୩,୩୦,୦୦୦କୋଟି ଟଙ୍କା ଖର୍ଚ୍ଚ କରିବାକୁ ଯୋଜନା କରୁଛନ୍ତି। ଭିତ୍ତିଭୂମି ସୁବିଧାସୁଯୋଗର ବିକାଶ ପାଇଁ ରେଳବାଇ ମଧ୍ୟ ୟୁରୋପୀୟ ରେଳନିୟନ୍ତ୍ରଣ ବ୍ୟବସ୍ଥାକୁ କାର୍ଯ୍ୟକାରୀ କରିବା ସହ ଏବାବଦରେ ବିପୁଳ ଅର୍ଥ ବ୍ୟୟ କରିବାକୁ ଯୋଜନା କରୁଛି।

**ସୁପାରିଶ ଓ ଆବଶ୍ୟକ ସଂସ୍କାର, ଅର୍ଥନୈତିକ ସର୍ଭେ ରିପୋର୍ଟ :**

ରେଳ ପରିବହନକୁ ଆକର୍ଷଣୀୟ କରିବା ସହ ପରିବହନରେ ରେଳବାଇର କ୍ରମକ୍ଷୟିଷ୍ଣୁ ଅଂଶକୁ ରୋକିବା ପାଇଁ ୨୦୧୭ ଅର୍ଥନୈତିକ ସର୍ଭେ ରିପୋର୍ଟରେ କେତେକ ପ୍ରସ୍ତାବ ଓ ସୁପାରିସ କରାଯାଇଛି। ଏଥିରେ ଟାରିଫ୍ (ଶୁଳ୍କ)କୁ ଯୁକ୍ତିଯୁକ୍ତ କରିବା ସହ ଷ୍ଟେସନରୁ ଷ୍ଟେସନ ଭିତ୍ତିରେ ଭଡ଼ା ହାର ନିର୍ଦ୍ଧାରଣ, ଲୁହା ପଥର ରପ୍ତାନୀ ଉପରେ ଦ୍ୱୈତ ମାହାସୁଲ ବ୍ୟବସ୍ଥାର ପ୍ରତ୍ୟାହାର ଏବଂ କୋଇଲା ପରିବହନରେ ମାହାସୁଲର ଯୁକ୍ତିଯୁକ୍ତକରଣ ଆଦି ଅନ୍ତର୍ଭୁକ୍ତ।

ମାହାସୁଲ ବାବଦ ଆୟ ବୃଦ୍ଧି ପାଇଁ ରେଳବାଇ ପକ୍ଷରୁ ସାମଗ୍ରୀର ପୁନଃ ଶ୍ରେଣୀ ବିଭାଗ କରାଯାଇଛି। କଣ୍ଟେନର ସେବାର ପ୍ରଚଳନ ସହିତ ସ୍ୱୟଂକ୍ରିୟ ମାହାସୁଲ ରିଆତି ଯୋଜନା ଅଧିକ ଉଦାର ହୋଇଛି। ମେରି ଗୋ ରାଉଣ୍ଡ ନୀତିକୁ କାର୍ଯ୍ୟକାରୀ କରାଯିବା ସହିତ ଖୋଲା ଓ ଫ୍ଲାଟ ୱାଗନରେ ସାମଗ୍ରୀ ଲୋଡିଂ ପାଇଁ ରିଆତି ପ୍ରଦାନ କରାଯାଉଛି। ସର୍ବନିମ୍ନ ଦୂରତ୍ୱ ପାଇଁ ନୂତନ ଭଡ଼ା ବ୍ୟବସ୍ଥା ସହ ରୋଲ୍ଅନ୍ ରୋଲ୍ ଅଫ୍ ସେବା, ରେଳପରିବହନରେ ଡିଜିଟାଲ ପେମେଣ୍ଟ ବ୍ୟବସ୍ଥା ପ୍ରବର୍ତ୍ତନ ହୋଇଛି।

**ଷ୍ଟେସନ ଆଧୁନିକୀକରଣ:**

୨୦୧୮ ଅର୍ଥନୈତିକ ସର୍ଭେରେ ଷ୍ଟେସନ ଆଧୁନିକୀକରଣ ଅଗ୍ରାଧିକାର ପାଇଛି। ଏହା ପଛରେ ଅଣଭଡ଼ା ରାଜସ୍ୱ ଆୟର ବଡ଼ ଲକ୍ଷ୍ୟ ରହିଛି। ଏଥିରେ ଷ୍ଟେସନରେ ଖୁଚୁରା ବିକ୍ରୟ କେନ୍ଦ୍ର (ଦୋକାନ), ବ୍ୟାବସାୟିକ କେନ୍ଦ୍ର ଓ ଆତିଥ୍ୟ ବ୍ୟବସ୍ଥା ଖୋଲିବାର ଲକ୍ଷ୍ୟ ରଖାଯାଇଛି। ଯାତ୍ରୀଙ୍କ ସୁବିଧା ପାଇଁ ଡିଜିଟାଲ ସାଇନେଜ, ଏସ୍କାଲେଟର / ଏଲିଭେଟର ବ୍ୟବସ୍ଥା, ସ୍ୱୟଂକ୍ରିୟ ଟିକଟ ବିକ୍ରୟ କେନ୍ଦ୍ର, ଏକ୍‌ଜିକ୍ୟୁଟିଭ ଲାଉଞ୍ଜ, ଲଗେଜ ସ୍କ୍ରିନିଂ ମେସିନ୍, ୱାକ୍‌ୱେ, ଷ୍ଟେସନର ଚଟାଣ ଓ ଛାତକୁ ଅଧିକ ଆକର୍ଷଣୀୟ କରିବା, ମାଗଣା ଓ ଦେୟଯୁକ୍ତ ୱାଇଫାଇ ବ୍ୟବସ୍ଥା ଯୋଗାଣ ଆଦି ଅନ୍ତର୍ଭୁକ୍ତ।

ନିରାପତ୍ତା, ବିଶ୍ୱବ୍ୟାଙ୍କ ରିପୋର୍ଟ : ରେଳବାଇ ପକ୍ଷରୁ ନିରାପତ୍ତା କ୍ଷେତ୍ରରେ ଏକାଧିକ ସୁପାରିଶକୁ କାର୍ଯ୍ୟକାରୀ କରାଯାଉଛି। ବିଶ୍ୱବ୍ୟାଙ୍କର ରେଳବାଇ ନିରାପତ୍ତା ସୁପାରିସ ଓ ଅନିଲ କାକୋଡକର କମିଟି ସୁପାରିସ ସେଥିମଧ୍ୟରୁ ଅନ୍ୟତମ। ବିଶ୍ୱବ୍ୟାଙ୍କ ସୁପାରିସ ଅନୁସାରେ ଦୁର୍ଘଟଣା ରୋକିବାକୁ ଟ୍ରେନ୍‌ରେ 'ଡିଚ୍‌ଲାଇଟ' ବ୍ୟବହାର କରିବା ଆରମ୍ଭ ହୋଇଛି। ଏହି 'ବତି' (ଲାଇଟ୍) ଦ୍ୱାରା ଗୋଧୂଳି ସମୟରେ ଚତୁଃପାର୍ଶ୍ୱ ଭଲ ଭାବେ ଦେଖି ହେବ ଏବଂ ଚାଳକ ଦୂରସ୍ଥାନକୁ ଭଲରେ ଦେଖିପାରିବେ। ସେହିଭଳି ଟ୍ରେନ୍ ଲାଇନରେ କାମ କରୁଥିବା ଲୋକଙ୍କୁ ଯେପରି ଦୂରରୁ ଭଲଭାବେ ଦେଖିହେବ ସେଥିପାଇଁ ନୂତନ ଧରଣର ବସ୍ତ୍ର ବ୍ୟବହାର କରାଯାଉଛି। ସେଭଳି ବସ୍ତ୍ରରେ ତିଆରି ପୋଷାକ ପିନ୍ଧିବା କର୍ମଚାରୀଙ୍କ ପାଇଁ ବାଧ୍ୟତାମୂଳକ ହୋଇଛି। ସବୁ ଟ୍ରେନ୍‌ରେ ଅଗ୍ନିନିର୍ବାପକ ଯନ୍ତ୍ର ଲଗାଯିବାର ବ୍ୟବସ୍ଥା ସହ ଅନ୍ୟାନ୍ୟ ନିରାପତ୍ତା ବ୍ୟବସ୍ଥାମାନ ଗ୍ରହଣ କରାଯାଉଛି। ରେଳ ସୁରକ୍ଷା ପାଇଁ ଏକ ସ୍ୱାଧୀନ ନିୟାମକ ବ୍ୟବସ୍ଥା ସୃଷ୍ଟି କରାଯିବ। ଏହା ରେଳ ସୁରକ୍ଷା ଆୟୋଗଙ୍କ କ୍ଷମତାକୁ ଅଧିକ ମଜବୁତ କରିବ।

**କାକୋଡ଼କର କମିଟି ରିପୋର୍ଟ :** ସେହିଭଳି ଅନିଲ କାକୋଡ଼କର କମିଟି ରେଳ ସୁରକ୍ଷା ସମ୍ପର୍କରେ ଯେଉଁ ୧୦୬ଟି ସୁପାରିସ କରିଛନ୍ତି ତାହା ସାଧାରଣ ସୁରକ୍ଷା, ସଂଗଠନାତ୍ମକ ଢାଞ୍ଚା, ନିରାପତ୍ତା ବ୍ୟବସ୍ଥାର ଦକ୍ଷତା ବୃଦ୍ଧି, ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଖାଲିଥିବା କର୍ମଚାରୀ ପଦ ପୂରଣ, ସିଗ୍‌ନାଲିଂ, ଟ୍ରାକ୍, ଟ୍ରେନ୍ ଓ ରକ୍ଷଣାବେକ୍ଷଣ ଆଦି ବିଭିନ୍ନ ଭାଗରେ ବିଭକ୍ତ। ଏସବୁକୁ ପର୍ଯ୍ୟାୟକ୍ରମେ କାର୍ଯ୍ୟକାରୀ କରିବାକୁ ରେଳବାଇ ଉଦ୍ୟମ କରୁଛି। ଇତିମଧ୍ୟରେ ରେଳବାଇ ୬୮ଟି ସୁପାରିସକୁ ସମ୍ପୂର୍ଣ୍ଣ ଭାବେ ଗ୍ରହଣ କରିଛି। ଅବଶିଷ୍ଟ ମଧ୍ୟରୁ ୧୯ଟିକୁ ଆଂଶିକ ଗ୍ରହଣ କରିଥିବା ବେଳେ ବାକି ୧୯ଟିକୁ ଗ୍ରହଣ କରିନାହିଁ। ଗୃହୀତ ହୋଇଥିବା ପ୍ରସ୍ତାବଗୁଡ଼ିକ ମଧ୍ୟରୁ ୨୨ଟି କାର୍ଯ୍ୟକାରୀ ହୋଇଥିବାବେଳେ ଅନ୍ୟ ୨୦ଟି ଅନ୍ତିମ ପର୍ଯ୍ୟାୟରେ ରହିଛି।

**ଦୂରଦୃଷ୍ଟି:** ଆଧୁନିକୀକରଣ କ୍ଷେତ୍ରରେ ରେଳବାଇ ଯେଉଁ ଅର୍ଥାଭାବର ସମ୍ମୁଖୀନ ହୋଇଛି ତାହାକୁ ଦୂର କରିବା ପାଇଁ ଭାରତ ସରକାର ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏଲ୍ଏଚ୍‌ବି କୋଚ୍ କ୍ରୟ/ନିର୍ମାଣ, ଅଲଟ୍ରାସାଉଣ୍ଡ ପଦ୍ଧତିରେ ରେଳଧାରଣାର ସ୍ଥିତି ପରୀକ୍ଷା ପାଇଁ ସରକାର ଅର୍ଥ ଯୋଗାଉଛନ୍ତି। ରେଳବାଇର ପରିବର୍ଦ୍ଧିତ ଆବଶ୍ୟକତା ପୂରଣ ପାଇଁ ସ୍ୱତନ୍ତ୍ର ରେଳବଜେଟକୁ ଉଚ୍ଛେଦ କରାଯାଇ ଏହାକୁ କେନ୍ଦ୍ରୀୟ ବଜେଟ ସହ ମିଶାଇ ଦିଆଯାଇଛି। ସରକାର ଜାପାନର ଶିଙ୍କାନସେନ୍ ମଡେଲକୁ ଅନୁଧ୍ୟାନ କରି ତାହାକୁ ରେଳବାଇରେ ଉପଯୋଗ କରିବାକୁ ପ୍ରୟାସ କରୁଛନ୍ତି।

ଆବଶ୍ୟକ ସଂସ୍କାର ସହ ରେଳବାଇକୁ ସରକାର ଦେଶର ଏକ ସଫଳ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ପରିଣତ କରିବାକୁ ପ୍ରୟାସୀ। ଏଥିରେ ଚାଲିଥିବା ଅମଲାତାନ୍ତ୍ରିକ ବ୍ୟବସ୍ଥାର ଅବସାନ ଘଟାଇ ଏହାକୁ ଅଧିକ ମୁକ୍ତ ଓ ସମାବେଶୀ କରିବାକୁ ଉଦ୍ୟମ କରାଯାଉଛି। ଦୁର୍ଘଟଣା ସଂଖ୍ୟା ଯଥେଷ୍ଟ ହ୍ରାସ କରିବା ସହ ଏଥିପାଇଁ ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ଏବଂ ଏ କ୍ଷେତ୍ରରେ ନିୟମିତ ସମୀକ୍ଷା ଓ ଅନୁଧ୍ୟାନ ଅଗ୍ରାଧିକାର ପାଇଛି। ରେଳବାଇରେ ସ୍ୱଚ୍ଛତା ରକ୍ଷା ଏକ ବଡ଼ପ୍ରସଙ୍ଗ। ଟ୍ରେନ୍‌ରୁ ଯାତ୍ରୀଙ୍କ ମଳମୂତ୍ର ସିଧାସଳଖ ଟ୍ରାକ୍ ଉପରେ ଯେପରି

ନ'ପଡ଼େ ସେଥିପାଇଁ କ୍ରମଶଃ ବିଭିନ୍ନ ଟ୍ରେନ୍‌ରେ ବାୟୋ ଟଏଲେଟ ବ୍ୟବସ୍ଥା କରାଯାଉଛି। ରେଳଧାରଣା ଓ ଷ୍ଟେସନ ଆଖପାଖକୁ ଜବରଦଖଲରୁ ମୁକ୍ତ କରିବା ସହ ରେଳସଂସ୍କାର କ୍ଷେତ୍ରରେ ବିବେକ ଦେବରାୟ, ଅନିଲ କାକୋଡକର, ସାମ୍ ପ୍ରିତ୍ରୋଡ଼ା କମିଟି ସୁପାରିସକୁ ସରକାର ଗ୍ରହଣ କରୁଛନ୍ତି। ଏଥିରେ ସିଗ୍‌ନାଲ ବ୍ୟବସ୍ଥାର ଉନ୍ନତି, ସେତୁ ଓ ଟ୍ରାକ୍‌ର ନିରାପତ୍ତା, ଜଗୁଆଳି ବିହୀନ ଲେଭଲ କ୍ରସିଂର ଉଚ୍ଛେଦ ଆଦି ଅନ୍ୟତମ।

**ଉପସଂହାର:**

ଗଣ ପରିବହନ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିବା ଭାରତୀୟ ରେଳ ଦେଶର ସାମାଜିକ ଓ ଆର୍ଥିକ ବିକାଶରେ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରୁଛି। ଏହାସତ୍ତ୍ୱେ ଗତ ୨୦ବର୍ଷ ମଧ୍ୟରେ ରେଳବାଇର ବିକାଶ ସନ୍ତୋଷଜନକ ହୋଇନାହିଁ। ଏବେ ଯାତ୍ରୀ ସୁବିଧା ବୃଦ୍ଧି କରିବା ରେଳବାଇର ପ୍ରଥମ ଆବଶ୍ୟକତା। ଏହାଛଡ଼ା ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାର ବିକେନ୍ଦ୍ରୀକରଣ, ଜାତୀୟ ସ୍ୱାର୍ଥ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପସମୂହର ତୁରନ୍ତ କାର୍ଯ୍ୟକାରିତା ଓ ନିର୍ମାଣ ଶେଷ, ଏକକ ହିସାବ ବ୍ୟବସ୍ଥାର ପ୍ରଚଳନ ଓ ଉତ୍ତମ ସେବା ଯୋଗାଣ ଉପରେ ରେଳବାଇକୁ ଅଗ୍ରାଧିକାର ଦେବାକୁ ପଡ଼ିବ। ଏହାଦ୍ୱାରା ଅଭିବୃଦ୍ଧି ବଢ଼ିବ ଓ ରେଳବାଇର ଆର୍ଥିକ ସ୍ଥିତି ସୁଧୁରିବ। ନୂଆଭାରତରେ ରେଳବାଇର ଦାୟିତ୍ୱ ଓ କର୍ତ୍ତବ୍ୟ ବଢ଼ିବ। ସେଥିପାଇଁ ଏହାକୁ ସମୟ ଉପଯୋଗୀ ହେବାକୁ ହେବ। ଲକ୍ଷ୍ୟ ପଥରେ ଠିକଣା ଭାବେ ଅଗ୍ରସର ହେଲେ ଏହା ହାସଲ କରିବା ଅସମ୍ଭବ ନୁହେଁ।

## ଉତ୍ତରପୂର୍ବାଞ୍ଚଳ ପାଇଁ ୨୦୧୮-୧୯ ବଜେଟରେ ସ୍ୱତନ୍ତ୍ର ଦୃଷ୍ଟି

**ମୋଟ ବ୍ୟୟବରାଦ:**

- ଉତ୍ତରପୂର୍ବାଞ୍ଚଳ ରାଜ୍ୟସମୂହର ବିକାଶ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ପାଇଁ ୨୦୧୮-୧୯ କେନ୍ଦ୍ରୀୟ ବଜେଟରେ ମୋଟ୍ ୪୭,୯୯୪.୮୮କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି। ଗତବର୍ଷ ଏହିସବୁ ରାଜ୍ୟ ପାଇଁ ୪୦,୯୭୧.୬୯ କୋଟି ଟଙ୍କାର ବଜେଟ ବ୍ୟୟ ବରାଦ ହୋଇଥିଲା। ଏଥର ବଜେଟରେ ଏହି ଅଞ୍ଚଳ ପାଇଁ ଯେଉଁ ୭୦୨୩.୧୯ କୋଟି ଟଙ୍କା ଅଧିକ ବ୍ୟୟ ବରାଦ ହୋଇଛି ତାହା ସ୍ୱାଧୀନତା ପରେ ସର୍ବାଧିକ।
- ଏହା ବାଦ ଉତ୍ତରପୂର୍ବାଞ୍ଚଳ ବିକାଶ ମନ୍ତ୍ରଣାଳୟ ବଜେଟରେ ଏଥର ମଧ୍ୟ ବ୍ୟୟ ବରାଦ ବଢ଼ିଛି। ୨୦୧୭-୧୮ରେ ଏହା ୨୭୩୭କୋଟି ଟଙ୍କା ଥିବାବେଳେ ୨୦୧୮-୧୯ରେ ଏହା ୩୦୬୦କୋଟି ଟଙ୍କା କରାଯାଇଛି।
- ଉତ୍ତରପୂର୍ବାଞ୍ଚଳ ପାଇଁ ପ୍ରତ୍ୟକ୍ଷ ଅନୁଦାନ (ଗ୍ରାଣ୍ଟ ଇନ୍ ଏଡ୍) ପରିମାଣକୁ ଏଥର ବଜେଟରେ ୧୪୪୯.୮୩ କୋଟି ଟଙ୍କାରୁ ୧୬୩୮.୨୭କୋଟି ଟଙ୍କାକୁ ବୃଦ୍ଧି କରାଯାଇଛି।
- ସଂପୃକ୍ତ ଅଞ୍ଚଳ ପାଇଁ ପୁଞ୍ଜିଗତ ବ୍ୟୟ ବରାଦ ୪୨୦ ଟଙ୍କାରୁ ୭୦୦କୋଟି ଟଙ୍କା ହୋଇଛି।
- ଉତ୍ତରପୂର୍ବାଞ୍ଚଳରେ ଭିତ୍ତିଭୂମି କ୍ଷେତ୍ରର ବିକାଶ ପାଇଁ ବଜେଟ ବ୍ୟୟ ବରାଦ ଏଥର ଉଲ୍ଲେଖନୀୟ ଭାବେ ବଢ଼ିଛି। ଏହାଫଳରେ ଏହି ଅଞ୍ଚଳର ଯୋଗାଯୋଗ ବ୍ୟବସ୍ଥାରେ ଯଥେଷ୍ଟ ଉନ୍ନତି ଆସିବ। ଏହାଦ୍ୱାରା ସେହି ଅଞ୍ଚଳର ଆର୍ଥିକ ବିକାଶ ପ୍ରକ୍ରିୟା ତ୍ୱରାନ୍ୱିତ ହେବ।

**ରେଳବାଇ:**

- ଉତ୍ତରପୂର୍ବାଞ୍ଚଳରେ ରେଳ ବିକାଶ ପାଇଁ ଏଥର ବଜେଟରେ ଅଧିକ ଅର୍ଥ ବରାଦ କରାଯାଇଛି। ଏଥିରେ ୨୦ଟି ବୃହତ୍ ରେଳ ପ୍ରକଳ୍ପ ରହିଚି ଯେଉଁଥିରେ ୧୩ଟିରେ ନୂଆ ରେଳପଥ ନିର୍ମାଣ, ଗେଜ୍ ପରବିର୍ତ୍ତନ, ଦୋହରା ରେଳପଥ ନିର୍ମାଣ, ଷ୍ଟେସନ ସଂପ୍ରସାରଣ ଆଦି କାର୍ଯ୍ୟ ଅନ୍ତର୍ଭୁକ୍ତ।
- ରେଳ ପ୍ରକଳ୍ପରେ ଅରୁଣାଚଳ ପ୍ରଦେଶ ସବୁଠୁ ଅଧିକ ଉପକୃତ ହେବ। ଏହି ରାଜ୍ୟ ଦେଇ ତିନିଟି ରେଳପଥ ଚୀନ ସୀମା ପର୍ଯ୍ୟନ୍ତ ସଂପ୍ରସାରିତ ହେବାର କାର୍ଯ୍ୟକ୍ରମ ରହିଛି।
- ପ୍ରଥମଥର ପାଇଁ ଉତ୍ତରପୂର୍ବାଞ୍ଚଳର ସବୁ ରାଜ୍ୟ ରେଳ ମାନଚିତ୍ରରେ ସ୍ଥାନ ପାଇବ। ୨୦୧୪ ପର୍ଯ୍ୟନ୍ତ ଏକଥା କଳ୍ପନାତୀତ ଥିଲା।
- ଗତ ଚାରିବର୍ଷ ମଧ୍ୟରେ ଏ ଅଞ୍ଚଳରେ ରେଳସେବାର ପ୍ରସାର ପାଇଁ ସରକାର ୫୮୮୬ କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି। ୨୦୧୯ସୁଦ୍ଧା ଉତ୍ତରପୂର୍ବାଞ୍ଚଳରେ ବିଭିନ୍ନ ରେଳ ପ୍ରକଳ୍ପରେ କେନ୍ଦ୍ର ସରକାର ୪୦ ହଜାର କୋଟି ଟଙ୍କାର ନିବେଶ କରିବାକୁ ଲକ୍ଷ୍ୟ ରଖିଛନ୍ତି। ସେଥିମଧ୍ୟରୁ ଜାପାନ ଓ କେତେକ ଘରୋଇ ସଂସ୍ଥାଙ୍କ ପୁଞ୍ଜିନିବେଶ ପ୍ରସ୍ତାବ ଅନ୍ତର୍ଭୁକ୍ତ।
- ଗତ ତିନିବର୍ଷ ମଧ୍ୟରେ ଉତ୍ତରପୂର୍ବାଞ୍ଚଳରେ ୯୭୦ କିମି ରେଳପଥର ଗେଜ୍ ପରିବର୍ତ୍ତନ କାମ ସମ୍ପୂର୍ଣ୍ଣ ହୋଇଛି। ଏହା ଫଳରେ ସେ ଅଞ୍ଚଳରେ ଥିବା ସବୁ ମିଟର ଗେଜ୍ ରେଳପଥ ବ୍ରଡ୍ ଗେଜରେ ପରିବର୍ତ୍ତନ ହେବା କାମ ସରିଛି।
- ଅଗରତାଲା-ଅଖଉରା (ବାଂଲାଦେଶ) ରେଳ ସଂଯୋଗ କାର୍ଯ୍ୟ ଏବେ ଟେଣ୍ଡର ସ୍ତରରେ ରହିଛି।

**ବାଉଁଶ:**

- ବାଉଁଶ ଉତ୍ତରପୂର୍ବାଞ୍ଚଳର ଅର୍ଥନୀତିରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ। ଏହା ମୂଳତଃ ତୃଣଜାତିର; ହେଲେ ଦୀର୍ଘ ୯୦ ବର୍ଷ ଧରି ଏହା ସେହି ଅଞ୍ଚଳରେ ବୃକ୍ଷର ମାନ୍ୟତା ସରକାରୀ ଭାବେ ପାଇଥିବାରୁ ଏହାର ବ୍ୟବସାୟିକ ବ୍ୟବହାର ଓ କଟେଇ ଉପରେ କଟକଣା ଥିଲା। ଦେଶର ମୋଟ୍ ବାଉଁଶ ସମ୍ପଦର ୬୭ଭାଗ ଉତ୍ତରପୂର୍ବାଞ୍ଚଳରେ ରହିଛି। ଏବେ ଏହା ତୃଣର ମାନ୍ୟତା ପାଇବାରୁ ଏହାର ବ୍ୟାବସାୟିକ ଉପଯୋଗ ହୋଇପାରିବ।
- ଏଥର ବଜେଟରେ ବାଉଁଶ କ୍ଷେତ୍ରର ବିକାଶ ଏବଂ ତାହାର ବ୍ୟାବସାୟିକ ଉପଯୋଗ ପାଇଁ ପ୍ରଥମ କରି କେତେକ ପଦକ୍ଷେପ ଗ୍ରହଣ କରାଯାଇଛି।

- ଜାତୀୟ ବାଉଁଶ ମିଶନର ପୁନର୍ବିନ୍ୟାସ ପାଇଁ ୧୨୯୦ କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଏହା ଫଳରେ ବାଉଁଶଭିତ୍ତିକ ଉଦ୍ୟୋଗର ବିକାଶ ପାଇଁ ବାଟ ଖୋଲିଛି ।

**ଉଡ଼ାଣ:**

- ଉତ୍ତରପୂର୍ବାଞ୍ଚଳରେ ସ୍ଥଳ ଓ ଜଳ ଯୋଗାଯୋଗ ବ୍ୟବସ୍ଥା ଭୌଗୋଳିକ କାରଣରୁ ଅନୁନ୍ନତ । ତେଣୁ ଏହି ଅଞ୍ଚଳକୁ ବିମାନ ସେବା ଯୋଗାଯୋଗର ଏକ ଗ୍ରହଣଯୋଗ୍ୟ ବିକଳ୍ପ । ୨୦୧୮-୧୯ ବଜେଟରେ ଏହି ଅଞ୍ଚଳକୁ ବିମାନ ସେବା ଯୋଗାଣ କ୍ଷେତ୍ରରେ ଅଗ୍ରାଧିକାର ପ୍ରଦାନ ବ୍ୟବସ୍ଥା ଅବ୍ୟାହତ ରହିଛି ।

- ଅର୍ଥ ମନ୍ତ୍ରଣାଳୟ ପକ୍ଷରୁ ସେ ଅଞ୍ଚଳରେ ୫୦ଟି ବିମାନ ବନ୍ଦରର ପୁନରୁଦ୍ଧାର ଓ ବିକାଶ ପାଇଁ ଚଳିତ ଆର୍ଥିକ ବର୍ଷ ନିମନ୍ତେ ୧୦୧୪.୦୯କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି । ଆଞ୍ଚଳିକ ଯୋଗାଯୋଗ କାର୍ଯ୍ୟକ୍ରମରେ ଏହି ବିମାନ ସଂଯୋଗ ଅଗ୍ରାଧିକାର ପାଇଛି । ୨୦୧୭-୧୮ ବର୍ଷରେ ଏବାବଦରେ ଯେଉଁ ଅର୍ଥ ବରାଦ ହୋଇଥିଲା ସରକାର ୨୦୧୮ ବଜେଟରେ ତାହାର ୧୦ ଗୁଣରୁ ଅଧିକ ବୃଦ୍ଧି କରିଛନ୍ତି ।

- ଆଞ୍ଚଳିକ ସଂଯୋଗ ଯୋଜନାରେ ଏହି ଅଞ୍ଚଳରେ ୩୨୫ ବିମାନ ପଥ ମଧ୍ୟରୁ ୧୨୯ଟିକୁ (୪୦ ଶତାଂଶ) ମଞ୍ଜୁରୀ ପ୍ରଦାନ କରାଯାଇ ବିମାନ ଚଳାଚଳ ପାଇଁ ଅନୁମତି ଦିଆଯାଇଛି । ପାର୍ବତ୍ୟାଞ୍ଚଳ ଓ ସାମରିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ ଇଲାକାଗୁଡ଼ିକ ସହ ଆକାଶପଥ ସଂଯୋଗ ଏହି ଯୋଜନାର ପ୍ରମୁଖ ଲକ୍ଷ୍ୟ ।

- ଉତ୍ତରପୂର୍ବାଞ୍ଚଳରେ ବିମାନ ସେବାର ପ୍ରସାର ସେ ଅଞ୍ଚଳର ପର୍ଯ୍ୟଟନ ଶିଳ୍ପକୁ ପ୍ରୋତ୍ସାହିତ କରିବ । ଏହାଛଡ଼ା ଏହି ଅଗମ୍ୟ ଅଞ୍ଚଳରେ ବାଣିଜ୍ୟ ବ୍ୟବସାୟର ମଧ୍ୟ ପ୍ରସାର ଘଟିବ ।

**ସଡ଼କପଥ:**

- ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ସଡ଼କପଥର ବିକାଶ ପାଇଁ କେନ୍ଦ୍ର ସରକାର ୨୦୧୪ରୁ ଗୁରୁତ୍ୱ ଦେଇଆସୁଛନ୍ତି । ଇତିମଧ୍ୟରେ ସେସବୁ ରାଜ୍ୟରେ ୧୦,୫୦୦ କିଲୋମିଟର ନୂଆ ସଡ଼କ ତିଆରି ହୋଇଛି । ୨୦୧୯ସୁଦ୍ଧା ଆହୁରି ଅଧିକ ସଡ଼କ ନିର୍ମିତ ହେବ ।

- କେନ୍ଦ୍ର ସଡ଼କ ଓ ଜାତୀୟ ରାଜପଥ ମନ୍ତ୍ରୀ ନୀତିନ ଗଡ଼କରିଙ୍କ ଅନୁସାରେ ଉତ୍ତରପୂର୍ବାଞ୍ଚଳରେ ନୂଆ ସଡ଼କ, ସେତୁ ଓ ତତ୍‌ସଂଲଗ୍ନ କାର୍ଯ୍ୟପାଇଁ ୨୦୧୪ରୁ ୨୦୧୯ ମଧ୍ୟରେ ସରକାର ଯେଉଁ ଅର୍ଥରାଶୀ ନିବେଶ କରିଛନ୍ତି ଓ କରିବାକୁ ନିଷ୍ପତ୍ତି ନେଇଛନ୍ତି ତାହାର ମୋଟ୍ ପରିମାଣ ୨ ଲକ୍ଷ କୋଟି ଟଙ୍କା ।

- ଏଥିରେ ବ୍ରହ୍ମପୁତ୍ର ପାର୍ଶ୍ୱରେ ୧୩୦୦ କିମି ଲମ୍ବର ଏକ୍ସପ୍ରେସ୍ ସଡ଼କ ପ୍ରକଳ୍ପ ଅନ୍ତର୍ଭୁକ୍ତ । ଏହାର ନିର୍ମାଣ ପାଇଁ ୪୦ହଜାର କୋଟି ଟଙ୍କାର ବ୍ୟୟ ବରାଦ ହୋଇଛି । ଏହାଛଡ଼ା ଟ୍ରାନ୍ସ ଅରୁଣାଚଳ ହାଇୱେ ପାଇଁ ୫୫ ହଜାର କୋଟି ଟଙ୍କାର ବ୍ୟୟ ବରାଦ କରାଯାଇଛି ।

- ଭାରତମାଳା ପରିଯୋଜନାରେ ଉତ୍ତରପୂର୍ବାଞ୍ଚଳ ୫୩୦୧ କିମି ସଡ଼କପଥର ବିକାଶ ଯୋଜନା ଅନୁମୋଦନ ଲାଭ କରିଛି । ସେଥିମଧ୍ୟରୁ ୩୨୪୬ କିମି ସଡ଼କକୁ ଅର୍ଥନୈତିକ କରିଡରରେ ପରିଣତ କରାଯିବ ।

- ଇତିମଧ୍ୟରେ ୯.୧୫ କିମି ଦୈର୍ଘ୍ୟ ବିଶିଷ୍ଟ ଢୋଲା-ସାଦିଆ ସେତୁ ଜାତି ଉଦ୍ଦେଶ୍ୟରେ ଅର୍ପିତ ହୋଇଛି । ଏହା ଫଳରେ ଆସାମ ଓ ଅରୁଣାଚଳପ୍ରଦେଶ ମଧ୍ୟରେ ସିଧାସଳଖ ସଡ଼କ ସଂଯୋଗ ସ୍ଥାପନ ହୋଇପାରିଛି ।

- ଭାରତ-ମ୍ୟାଁମାର-ଥାଇଲାଣ୍ଡ ତ୍ରିପାକ୍ଷିକ ରାଜପଥ ନିର୍ମାଣ ପାଇଁ ଇତିମଧ୍ୟରେ କାର୍ଯ୍ୟାଦେଶ ପ୍ରଦାନ କରାଯାଇଛି । ୨୦୧୭ ଡିସେମ୍ବରରେ ଏହି କାର୍ଯ୍ୟାଦେଶ ମିଳିବା ପରେ ନିର୍ମାଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ଉଦ୍ୟମ ଆରମ୍ଭ ହୋଇଛି ।

**ଶକ୍ତି କ୍ଷେତ୍ର:**

- ଉତ୍ତରପୂର୍ବାଞ୍ଚଳରେ କାର୍ଯ୍ୟକାରୀ ହେଉଥିବା ଶକ୍ତି ପ୍ରକଳ୍ପ ପାଇଁ କେନ୍ଦ୍ର ସରକାର ୧୨୯୨କୋଟି ଟଙ୍କାର ବ୍ୟୟ ବରାଦ କରିଛନ୍ତି । ଏହାଛଡ଼ା ସେହି ଅଞ୍ଚଳର ଶକ୍ତି କ୍ଷେତ୍ର ପାଇଁ ପୁଞ୍ଜିଗତ ବ୍ୟୟ ବରାଦ ପରିମାଣ ୨୬୭.୪୫କୋଟି ଟଙ୍କା ବୃଦ୍ଧି କରାଯାଇଛି । ଏହା ବାହାରେ ସେହି ଅଞ୍ଚଳର ବିଭିନ୍ନ ଜଳବିଦ୍ୟୁତ୍ ପ୍ରକଳ୍ପରେ କେନ୍ଦ୍ର ସରକାର ୫୪ହଜାର କୋଟି ଟଙ୍କା ନିବେଶ କରିଛନ୍ତି । ଏଥିମଧ୍ୟରୁ ଅଧିକାଂଶ ପ୍ରକଳ୍ପ ସିକ୍କିମ୍ ଓ ଅରୁଣାଚଳପ୍ରଦେଶରେ କାର୍ଯ୍ୟକାରୀ ହେଉଛି ।

- ଉତ୍ତରପୂର୍ବାଞ୍ଚଳରେ ସୌରଶକ୍ତି ଉତ୍ପାଦନ ପାଇଁ ବିଭିନ୍ନ ପ୍ରକଳ୍ପକୁ ଗତ ଦୁଇ ବର୍ଷରେ ୨୩୪ କୋଟି ଟଙ୍କା ଯୋଗାଇ ଦିଆଯାଇଛି ।

**ଜଳପଥର ବିକାଶ:**

- ଅନ୍ତର୍ଦେଶୀୟ ଜଳପଥର ବିକାଶ ପାଇଁ ଉତ୍ତର-ପୂର୍ବାଞ୍ଚଳରେ ବିଭିନ୍ନ ପ୍ରକଳ୍ପ ହାତକୁ ନିଆଯାଇଛି । ବାରକ ନଦୀରେ ଜାହାଜ ଚଳାଚଳ ବ୍ୟବସ୍ଥା ପାଇଁ ସଂପୃକ୍ତ ଜଳପଥର ବିକାଶ କାର୍ଯ୍ୟ ଦୁଇ ପର୍ଯ୍ୟାୟରେ ସମ୍ପନ୍ନ କରାଯିବ । ଏଥିପାଇଁ ସରକାର କାର୍ଯ୍ୟ ଆରମ୍ଭ କରିଛନ୍ତି ।

- ପ୍ରଥମ ପର୍ଯ୍ୟାୟରେ ଭାଙ୍ଗା ଓ ସିଲଚର ମଧ୍ୟରେ ୭୧କିମି ଜଳପଥର ବିକାଶ କରାଯିବ । ଏହାଛଡ଼ା କରିମଗଞ୍ଜ-ବଦରପୁର ଜଳପଥର ବିଭିନ୍ନ ଟର୍ମିନାଲ (କ୍ଷୁଦ୍ର ନଦୀ ବନ୍ଦର)ର ଉନ୍ନତୀକରଣ କାର୍ଯ୍ୟ ହାତକୁ ନିଆଯିବ ।

- ବାରକ ନଦୀର ପ୍ରଥମ ପର୍ଯ୍ୟାୟ ଖନନ (ଡ୍ରେଜିଂ) କାର୍ଯ୍ୟ ୨୦୧୭ ନଭେମ୍ବରରେ ଆରମ୍ଭ ହୋଇଛି ।

- ଦ୍ୱିତୀୟ ପର୍ଯ୍ୟାୟରେ ସିଲଚର-ଲକ୍ଷୀପୁର ୫୦ କିମି ନଦୀ ଶଯ୍ୟାର ବିକାଶ କାମ ହାତକୁ ନିଆଯିବ । ଏଥିରେ ସିଲଚର ଓ ଲକ୍ଷୀପୁରର ନୂଆ ଟର୍ମିନାଲ ତିଆରି କରାଯିବ ।

**ଉପସଂହାର:**

- ସରକାରଙ୍କ ପ୍ରାଚ୍ୟାଭିମୁଖୀ (ଆକ୍ଟ ଇଷ୍ଟ) ନୀତିକୁ ୨୦୧୮ ବଜେଟ ପ୍ରତିଫଳିତ କରୁଛି । ଉତ୍ତରପୂର୍ବାଞ୍ଚଳ ବିକାଶ ପାଇଁ ଯୋଗାଯୋଗ ଓ ସଂଯୋଗ ଭଳି ମୌଳିକ ଆବଶ୍ୟକତାକୁ ପୂରଣ କରିବା ପାଇଁ ପ୍ରୟାସ ଆରମ୍ଭ ହୋଇଛି ।

- ଏହି ଅଞ୍ଚଳରେ ପୁଞ୍ଜିନିବେଶ ଏକଦା ଏକ ସ୍ୱପ୍ନ ଥିଲା । ଏବେ ତାହା ସମ୍ଭାବନାର ରୂପ ନେଇ ବାସ୍ତବତା ଆଡ଼କୁ ଅଗ୍ରସର ହେଉଛି । ଖୁବ୍ ଶୀଘ୍ର ଏହା ବାସ୍ତବତାର ରୂପ ନେବ ।

- ଉତ୍ତରପୂର୍ବାଞ୍ଚଳ ସହ ଅବଶିଷ୍ଟ ଭାରତର ଉତ୍ତମ ସଂଯୋଗ ଘଟିଲେ ଏହା ଦକ୍ଷିଣପୂର୍ବ ଏସିଆ ସହିତ ଭାରତକୁ ପ୍ରବେଶ ପଥ ସୃଷ୍ଟି କରିବ । ଏହା ହେଲେ ସଂପୃକ୍ତ ଅଞ୍ଚଳର ଭାଗ୍ୟ ବଦଳିଯିବ ।

**ଲେଖିକା ଶଶିକଳା ପୁଷ୍ପା ରାଜ୍ୟ ସଭାର ଜଣେ ସଦସ୍ୟା । ଡକ୍ଟର ରାମସ୍ୱାମୀ ରେଳବାଇ ଡିଭିଜନାଲ ୟୁଜର୍ସ କମିଟିର ଜଣେ ସଦସ୍ୟ ।**

# ଉତ୍ତର-ପୂର୍ବାଞ୍ଚଳ ରାଜ୍ୟ ସମୂହ: ସାମାଜିକ ସାଂସ୍କୃତିକ ନିସଙ୍ଗତାର ଅସଲ କାହାଣୀ

● ଡକ୍ଟର ସରୋଜ କୁମାର ରଥ, ● ପ୍ରଫେସର ଅରୁଣ କୁମାର ଆଚାର୍ଯ୍ୟ

ବ୍ରିଟିଶ୍ ଲୋକସେବା ଅଧିକାରୀ ଆଲେକ୍‌ଜାଣ୍ଡର ମ୍ୟାକେଞ୍ଜିଙ୍କ ଦ୍ୱାରା ନାମକରଣ କରାଯାଇଥିବା 'ଉତ୍ତର ପୂର୍ବ ସୀମାନ୍ତ' ଭାବରେ ଖ୍ୟାତ ଅଞ୍ଚଳ ଭାରତର ଆଠଗୋଟି ରାଜ୍ୟ ଯଥା: ଅରୁଣାଚଳ ପ୍ରଦେଶ, ଆସାମ, ମଣିପୁର, ମେଘାଳୟ, ମିଜୋରାମ, ନାଗାଲ୍ୟାଣ୍ଡ, ସିକ୍କିମ୍ ଏବଂ ତ୍ରିପୁରାକୁ ନେଇ ଗଠିତ। ଆସାମ ଏବଂ ଏହା ସହିତ ସଂଲଗ୍ନ ପାହାଡ଼ିଆ ଅଞ୍ଚଳ ତଥା ମଣିପୁର ଏବଂ ତ୍ରିପୁରା ଭଳି ସାମନ୍ତ ରାଜ୍ୟଗୁଡ଼ିକୁ ମିଶାଇ ୧୮୮୪ ମସିହାରେ ତାଙ୍କର 'ଭାରତର ଉତ୍ତର ପୂର୍ବ ସୀମାନ୍ତ ଅଞ୍ଚଳ' ପୁସ୍ତକରେ ଆଲେକ୍‌ଜାଣ୍ଡର ମ୍ୟାକେଞ୍ଜି ପ୍ରଥମ ଥର ପାଇଁ 'ଉତ୍ତର- ପୂର୍ବ ସୀମାନ୍ତ' ରାଜ୍ୟ ବୋଲି ଉଲ୍ଲେଖ କଲେ। ବେଙ୍ଗଲ ବା ବଙ୍ଗଳାର ଉତ୍ତର- ପୂର୍ବ ସୀମାନ୍ତ ଅଞ୍ଚଳ ଶବ୍ଦଟି ବେଳେବେଳେ ଏକ ସୀମାରେଖାକୁ ସୂଚାଇବା ପାଇଁ ଏବଂ ବେଳେବେଳେ ସାଧାରଣତଃ ଏକ ପ୍ରଣାଳୀ ଗଳି ଅଞ୍ଚଳ ସମ୍ବନ୍ଧରେ ବର୍ଣ୍ଣନା କରିବା ପାଇଁ ବ୍ୟବହାର କରା ଯାଇଥାଏ। ପରବର୍ତ୍ତୀ ଅର୍ଥରେ ଦେଖିଲେ ଏହା ଆସାମ ଉପତ୍ୟକାର ସମଗ୍ର ଉତ୍ତର, ପୂର୍ବ ଏବଂ ଦକ୍ଷିଣ ପାର୍ବତ୍ୟାଞ୍ଚଳକୁ ବୁଝାଇବା ସଙ୍ଗେ ସଙ୍ଗେ ବଙ୍ଗଳା ଏବଂ ସ୍ୱାଧୀନ ରାଷ୍ଟ୍ର ବର୍ମା ଭିତରେ ଅବସ୍ଥିତ ପଶ୍ଚିମର ଉଚ୍ଚ ପର୍ବତମାଳା ଭିତର ଦେଇ ଲମ୍ବି ଯାଇଥିବା ଅଙ୍କାବଙ୍କା ଅଞ୍ଚଳ ସହିତ ସମଗ୍ର ଇଲାକାକୁ ବୁଝାଏ।

କେତେକ ସମସାମୟିକ ଐତିହାସିକ ପାଶ୍ଚାତ୍ୟ ଜଗତରୁ ଏହି ଅଞ୍ଚଳର 'ଉଲ୍ଲେଖନୀୟ ବିଚ୍ଛିନ୍ନତା' ସମ୍ପର୍କରେ କହିବା ସହିତ ଯୁକ୍ତି ଦର୍ଶାଇଥାନ୍ତି ଯେ କେବଳ ଇଂରାଜୀ ଶିକ୍ଷାର ପ୍ରଚଳନ ଫଳରେ ଏହି ଅଞ୍ଚଳର ବିଚ୍ଛିନ୍ନତା ବା ନିଃସଙ୍ଗତାର ଅନ୍ତ ହେଲା। ଉତ୍ତର ପୂର୍ବାଞ୍ଚଳର 'ବିଚ୍ଛିନ୍ନତା, ନିଃସଙ୍ଗତା, ସ୍ୱତନ୍ତ୍ରତା ଏବଂ ଭିନ୍ନତା' ଭଳି କଥାଗୁଡ଼ିକ ମୂଳତଃ 'ପାଶ୍ଚାତ୍ୟ ଛାପା ସଂସ୍କୃତିର ପ୍ରଚଳନ'ର ପ୍ରଭାବରୁ ସୃଷ୍ଟି ହୋଇଛି। ପ୍ରାଚୀନ କାଳରେ ଆସାମକୁ ଶାସନ କରୁଥିବା ରାଜବଂଶଗୁଡ଼ିକର ଇତିହାସ ସମ୍ପର୍କରେ ଗଭୀର ଜ୍ଞାନ ଥିଲା ଏବଂ ସେମାନେ ବୁରଞ୍ଜି ବା କାଳଖଣ୍ଡର କ୍ରମାନ୍ୱୟଭିତ୍ତିକ ବିବରଣୀମାନ ରଖୁଥିଲେ, ତେବେ ଶହ ଶହ ବର୍ଷ ଧରି ଅନେକଗୁଡ଼ିଏ ମୌଖିକ ଇତିହାସ ମଧ୍ୟ ରହିଥିଲା। ମୌଖିକରୁ ସାହିତ୍ୟିକ ସଂସ୍କୃତିକୁ ରୂପାନ୍ତରିତ ହେବା ଫଳରେ ଉତ୍ତର ପୂର୍ବାଞ୍ଚଳର ବେଶ୍ କିଛି ଇତିହାସ ଓ ପରମ୍ପରା କ୍ଷୟ ହୋଇଗଲା। ପଢ଼ିବା ଓ ଲେଖିବା ବିଦ୍ୟାର ପ୍ରଚଳନ ହେବା ଫଳରେ ଉତ୍ତର ପୂର୍ବାଞ୍ଚଳର ଅଧିବାସୀମାନେ ମୌଖିକ ପରମ୍ପରାଗୁଡ଼ିକୁ କେବଳ 'ଅବାସ୍ତବ, ଖାପଛଡ଼ା ଏବଂ ମନଗଢ଼ା କାହାଣୀ' ବୋଲି ବିଶ୍ୱାସ କରିବାକୁ ବାଧ୍ୟ ହେଲେ।

ତେଣୁ ସେମାନଙ୍କ ଇତିହାସରୁ ବଞ୍ଚିତ ହୋଇ ଉତ୍ତର ପୂର୍ବାଞ୍ଚଳର ଅଧିବାସୀମାନେ ଆମେରିକୀୟ ମିଶନ ଏବଂ ବ୍ରିଟିଶ୍ ଉପନିବେଶବାଦୀ ଆକ୍ରମଣ ସେମାନଙ୍କୁ ଯାହା ଶିକ୍ଷା ଦେଲା, ସେସବୁରେ ବିଶ୍ୱାସ କରିବାକୁ ଏକ ପ୍ରକାର ବାଧ୍ୟ ହେଲେ। ଉପନିବେଶବାଦୀମାନଙ୍କ ଦ୍ୱାରା ଠିକ୍ ବୋଲି କୁହାଯାଇଥିବା ତଥ୍ୟାବଳୀ ଏବଂ ପାଶ୍ଚାତ୍ୟ ଅଧିବାସୀଙ୍କ ଦ୍ୱାରା ଲିଖିତ ବିବରଣୀ ବ୍ୟତୀତ ଆଉ ଯାହାକିଛି ରହିଲା, ସେସବୁ ଅତୀତର ମିଥ୍ୟା ଏବଂ ମନଗଢ଼ା କଥା ବୋଲି ସେମାନଙ୍କର ଧାରଣା ହେଲା। ଏହା ହିଁ ପ୍ରମୁଖ କାରଣ ଯେଉଁଥିପାଇଁ ଏବେ ବି ଅନେକେ ଉତ୍ତର- ପୂର୍ବ ଭାରତକୁ ସାମ୍ପ୍ରଦାୟିକତା ଦୃଷ୍ଟିରୁ ବିଦେଶୀ, ଧାର୍ମିକ କାରଣରୁ ଭିନ୍ନ ଏବଂ ରାଜନୀତିକ- ସାମାଜିକ ଦୃଷ୍ଟିରୁ ଭାରତର ଅବଶିଷ୍ଟ ରାଜ୍ୟମାନଙ୍କଠାରୁ ଅଲଗା ବୋଲି ବିଚାର କରନ୍ତି। ଏହି ବୁଝାମଣା ସମ୍ପୂର୍ଣ୍ଣ ଭାବରେ 'ଭୁଲ୍ ତଥ୍ୟ, ଏହି ଅଞ୍ଚଳ ସମ୍ବନ୍ଧରେ ବୁଝାମଣାର ଅଭାବ ଏବଂ 'ସମ୍ରାଟଙ୍କ ଉପନିବେଶ' ଷଡ଼ଯନ୍ତ୍ର ଉପରେ ପର୍ଯ୍ୟବସିତ।

ମଧ୍ୟ- ଭାରତ ସହିତ ଆସାମର ଅବିଚ୍ଛେଦ୍ୟ ସମ୍ପର୍କ ରହିଥିବା ସମ୍ବନ୍ଧରେ ଏହାର ସାଧାସିଧା ସରଳ ଇତିହାସ କହିଥାଏ। ଉଦାହରଣ ସ୍ୱରୂପ, ସ୍ୱାଧୀନତା ପୂର୍ବରୁ ତ୍ରିପୁରାର ଶେଷ ଶାସକ ରାଣୀ କାଞ୍ଚନ ପ୍ରଭା ଦେବୀ ମଧ୍ୟପ୍ରଦେଶର ରେବା ରାଜ୍ୟର ରାଜକୁମାରୀ ଥିଲେ ଯିଏକି ତ୍ରିପୁରାର ଶାସକଙ୍କୁ ବିବାହ କରିଥିଲେ। କାଞ୍ଚନ ପ୍ରଭା ଦେବୀ ହିଁ ଭାରତ ସହିତ ତ୍ରିପୁରାର ମିଶ୍ରଣ ହେବା ସମ୍ପର୍କିତ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଦକ୍ଷିଣ ଭାରତ, ବିହାର, ଓଡ଼ିଶା ଏବଂ ମଧ୍ୟ- ଭାରତ ସହିତ ଉତ୍ତର ଭାରତର ବ୍ୟବସାୟ ବାଣିଜ୍ୟ ସମ୍ପର୍କ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ରହି ଆସିଛି।

# ବିଲୟର ଦସ୍ତାବିଜ

# ତ୍ରିପୁରା ରାଜ୍ୟ

ଏତଦ୍ୱାରା ଭାରତୀୟ ସ୍ୱାଧୀନତା ଆଇନ୍, ୧୯୪୭, ଅନୁସାରେ ଅଗଷ୍ଟ ମାସ ପନ୍ଦର ତାରିଖ/ ଦିବସଠାରୁ ଭାରତ ନାମରେ ଏକ ସ୍ୱାଧୀନ ରାଷ୍ଟ୍ର ପ୍ରତିଷ୍ଠିତ ହେବ ଏବଂ ଭାରତ ସରକାର ଆଇନ୍, ୧୯୩୫ ସେହିଭଳି ନିଷ୍କାସନ, ଯୋଗ, ମିଶ୍ରଣ ଏବଂ ପରିବର୍ତ୍ତନ ହେବ ଯେଉଁଭଳି ଭାବରେ ଗଭର୍ଣ୍ଣର ଜେନେରାଲ ତାଙ୍କର ଆଦେଶ ବଳରେ ନିର୍ଦ୍ଦିଷ୍ଟ ଭାବରେ ଉଲ୍ଲେଖ କରିବେ, ତାହା ଭାରତ ରାଷ୍ଟ୍ର ପ୍ରତି ପ୍ରଯୁଜ୍ୟ ହେବ;

ଏବଂ ଏତଦ୍ୱାରା ଭାରତ ସରକାର ଆଇନ୍, ୧୯୩୫ ଯେପରି ଭାବରେ ଗଭର୍ଣ୍ଣର ଜେନେରାଲଙ୍କଦ୍ୱାରା ଗ୍ରହଣ କରାଯାଇଛି, ତାହା ଉଲ୍ଲେଖ କରେ ଯେ ଏକ ଭାରତୀୟ ରାଜ୍ୟ ବିଲୟ ଦସ୍ତାବିଜ ଦ୍ୱାରା ସେହି ରାଜ୍ୟର ଶାସକଙ୍କ ଦ୍ୱାରା ସମାହିତ ହୋଇ ଭାରତ ରାଷ୍ଟ୍ରରେ ଯୋଗ ହୋଇ ପାରିବ:

ବର୍ତ୍ତମାନ ତେଣୁ

ମଦୀୟ ମହାରାଣୀ କାଞ୍ଚନ ପ୍ରଭା ଦେବୀ, କାଉନ୍‌ସିଲ୍ ଅଫ୍ ରିଜେନ୍ସିର ପ୍ରେସିଡେଣ୍ଟ୍ ତ୍ରିପୁରାର ନାବାଳକ ଶାସକଙ୍କ ପକ୍ଷରୁ ଉପରୋକ୍ତ ରାଜ୍ୟରେ ତଥା ରାଜ୍ୟ ଉପରେ ମଦୀୟ ସାର୍ବଭୌମ କ୍ଷମତାକୁ କାର୍ଯ୍ୟକାରୀ କରିବାକୁ ଯାଇ ଏହି ମୋର ବିଲୟ ଦସ୍ତାବିଜକୁ ସମ୍ପନ୍ନ କରୁଛି ଏବଂ

୧. ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ରାଷ୍ଟ୍ର ଗଠନର ଉଦ୍ଦେଶ୍ୟ ନିମନ୍ତେ ଭାରତର ଗଭର୍ଣ୍ଣର ଜେନେରାଲ, ରାଷ୍ଟ୍ରର ବ୍ୟବସ୍ଥାପିକା, ସଂଘୀୟ କୋର୍ଟ/ ବିଚାରାଳୟ ଏବଂ ଅନ୍ୟ ଯେ କୌଣସି ଅନୁଷ୍ଠାନ ପ୍ରତିଷ୍ଠା ହେବ ମୋର ଏହି ବିଲୟ ଦସ୍ତାବିଜଦ୍ୱାରା ସଂଯୁକ୍ତ ହେବି, କିନ୍ତୁ ତାହା ତହିଁରେ ଉଲ୍ଲିଖିତ ସର୍ତ୍ତାବଳୀ ଅନୁସାରେ ହେବ ଏବଂ କେବଳ ରାଷ୍ଟ୍ରର ଉଦ୍ଦେଶ୍ୟରେ ହେଉଥିବ, ତ୍ରିପୁରା ରାଜ୍ୟ (ଏହା ପରଠାରୁ 'ଏହି ରାଜ୍ୟ' ଭାବରେ କୁହାଯିବ) ସମ୍ପର୍କରେ କାର୍ଯ୍ୟକାରୀ ହେବ ଯେଉଁ କାର୍ଯ୍ୟାବଳୀ ସେମାନଙ୍କଦ୍ୱାରା ଭାରତ ସରକାର ଆଇନ୍, ୧୯୩୫ ବଳରେ ବା ଦ୍ୱାରା ପ୍ରଦାନ କରାଯିବ ଯାହା ୧୯୪୭ ଅଗଷ୍ଟ ମାସ ୧୫ ତାରିଖଠାରୁ ଭାରତ ରାଷ୍ଟ୍ରରେ ଲାଗୁ ହେବ (ଯେଉଁ ଆଇନ୍ ବଳବତ୍ତର ରହିବ, ଏହା ପରଠାରୁ ତାହା 'ଆଇନ୍' ଭାବରେ ପରିଗଣିତ ହେବ)।

୨. ମୁଁ ଏତଦ୍ୱାରା ଗ୍ରହଣ କରି ନେଉଛି ଯେ ଆଇନ୍‌ର ବ୍ୟବସ୍ଥାଗୁଡ଼ିକୁ ଏହି ରାଜ୍ୟ ମଧ୍ୟରେ ମଦୀୟ ଏହି ବିଲୟ ଦସ୍ତାବିଜ ଦ୍ୱାରା ଯେତେଦୂର ସେଗୁଡ଼ିକ ପ୍ରଯୁଜ୍ୟ ହେବ, ଯଥାଯଥ କାର୍ଯ୍ୟକାରୀ କରାଯିବ।

୩. ଏଥିପାଇଁ ନିର୍ଦ୍ଦିଷ୍ଟ ଭାବରେ ଲିଖିତ ଅନୁସୂଚୀରେ ବର୍ଣ୍ଣିତ ବିଷୟବସ୍ତୁଗୁଡ଼ିକୁ ସେହିସବୁ ବିଷୟବସ୍ତୁ ଭାବରେ ମୁଁ ଗ୍ରହଣ କରି ନେଉଛି ଯେଉଁଗୁଡ଼ିକ ରାଷ୍ଟ୍ରର ବ୍ୟବସ୍ଥାପିକା ଏହି ରାଜ୍ୟ ପାଇଁ ଆଇନ୍ ଭାବରେ ପ୍ରଣୟନ କରିବେ।

୪. ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ମୁଁ ଏହି ପ୍ରତିଶ୍ରୁତି ଭିତ୍ତିରେ ଭାରତ ରାଷ୍ଟ୍ର ସହିତ ଯୋଗ ହେଉଛି କି ଯଦି ଗଭର୍ଣ୍ଣର ଜେନେରାଲ ଏବଂ ଏହି ରାଜ୍ୟର ଶାସକଙ୍କ ଭିତରେ ଯଦି ଏକ ଚୁକ୍ତିନାମା ସ୍ୱାକ୍ଷରିତ ହୁଏ ଯଦ୍ୱାରା ଏହି ରାଜ୍ୟର ପ୍ରଶାସନ ସମ୍ବନ୍ଧିତ ଯେ କୌଣସି ପ୍ରକାରର କାର୍ଯ୍ୟାବଳୀକୁ ନେଇ ରାଷ୍ଟ୍ରର ବ୍ୟବସ୍ଥାପିକା ପ୍ରଣୟନ କରେ, ତାହା ଏହି ରାଜ୍ୟର ଶାସକଙ୍କ ଦ୍ୱାରା କାର୍ଯ୍ୟକାରୀ କରାଯିବ, ତା'ପରେ ଯେ କୌଣସି ପ୍ରକାରର ଚୁକ୍ତିପତ୍ର ଏହି ଦସ୍ତାବିଜର ଏକ ଅଂଶ ଭାବରେ ପରିଗଣିତ କରାଯିବ ଏବଂ ବୁଝାଯିବ ଓ ତଦନୁଯାୟୀ କାର୍ଯ୍ୟକାରୀ କରାଯିବ।

୫. ମଦୀୟ ଏହି ବିଲୟ ଦସ୍ତାବିଜର କୌଣସି ସର୍ତ୍ତ କୌଣସି ସଂଶୋଧନ ଦ୍ୱାରା କିମ୍ବା ଭାରତୀୟ ସ୍ୱାଧୀନତା ଆଇନ୍, ୧୯୪୭ଦ୍ୱାରା ସେ ପର୍ଯ୍ୟନ୍ତ ପରିବର୍ତ୍ତନ କରାଯିବ ନାହିଁ, ଯେ ପର୍ଯ୍ୟନ୍ତ ସେହି ସଂଶୋଧନ ଏହି ଦସ୍ତାବିଜର ଏକ ପରିପୂରକ ଅଂଶ ଭାବରେ ମୋ ଦ୍ୱାରା ଗୃହୀତ ହୋଇନାହିଁ।

୬. ଏହି ଦସ୍ତାବିଜର କୌଣସି ନିୟମ ରାଷ୍ଟ୍ରର ବ୍ୟବସ୍ଥାପିକାକୁ ଏହି ରାଜ୍ୟ ପାଇଁ କୌଣସି ଜମି ଅଧିଗ୍ରହଣ ନିମନ୍ତେ ଆଇନ୍ ପ୍ରଣୟନ କରିବାକୁ ଅଧିକୃତ କରିବ ନାହିଁ ଯାହା ବାଧ୍ୟତାମୂଳକ ଭାବରେ ଯେ କୌଣସି ପ୍ରକାରର ଉଦ୍ଦେଶ୍ୟ ନେଇ ଜମି ଅଧିଗ୍ରହଣ କରିବାକୁ କ୍ଷମତା ପ୍ରଦାନ କରୁଥିବ, କିନ୍ତୁ ମୁଁ ଏତଦ୍ୱାରା ସ୍ୱୀକାର କରୁଛି ଯେ ଯଦି ଏହି ରାଜ୍ୟ ପାଇଁ ପ୍ରଯୁଜ୍ୟ ହେଉଥିବା ରାଷ୍ଟ୍ରର ଆଇନ୍ ବଳରେ ରାଷ୍ଟ୍ର କୌଣସି ଉଦ୍ଦେଶ୍ୟରେ ଜମି ଅଧିଗ୍ରହଣ କରିବାକୁ ଉଚିତ ମନେକରେ, ତା'ହେଲେ ମୁଁ ସେମାନଙ୍କ ଅନୁରୋଧରେ ସେମାନଙ୍କ ଖର୍ଚ୍ଚରେ ଜମି ଅଧିଗ୍ରହଣ କରିବି କିମ୍ବା ଯଦି ସେହି ଜମି ମୋର ହୋଇଥାଏ, ତା'ହେଲେ ଯାହା ଉଭୟ ପକ୍ଷଙ୍କ ବୁଝାମଣାରେ ସ୍ଥିର ହେବ, ସେହି ସର୍ତ୍ତ ଅନୁସାରେ ଭାରତର ମୁଖ୍ୟ ବିଚାରପତିଙ୍କଦ୍ୱାରା ନିଯୁକ୍ତ ଜଣେ ମଧ୍ୟସ୍ଥିଙ୍କ ଦ୍ୱାରା ସ୍ଥିରୀକୃତ ଏକ ଚୁକ୍ତିନାମା ବଳରେ ହସ୍ତାନ୍ତର କରିବି।

୭. ଏହି ଦସ୍ତାବିଜର କୌଣସି ଆଇନ/ ସର୍ତ୍ତ କୌଣସି ପ୍ରକାରେ ଭବିଷ୍ୟତର ଯେ କୌଣସି ପ୍ରକାରର ସମ୍ବିଧାନକୁ ଗ୍ରହଣ କରିବା ନିମନ୍ତେ ପ୍ରତିଶ୍ରୁତିବଦ୍ଧ ହେବାକୁ ବାଧ୍ୟ କରିବ ନାହିଁ କିମ୍ବା ମୋର ଇଚ୍ଛାଧୀନ କ୍ଷମତାକୁ ଭାରତ ସରକାରଙ୍କର ସେପରି କୌଣସି ଭବିଷ୍ୟତର ସମ୍ବିଧାନ ଅଧୀନରେ ଜଳାଞ୍ଜଳି ଦେବାକୁ ବାଧ୍ୟ କରିବ ନାହିଁ।

୮. ଏହି ଦସ୍ତାବିଜର କୌଣସି ନିୟମ ରାଜ୍ୟ ଭିତରେ ଏବଂ ରାଜ୍ୟ ଉପରେ ମୋର ସାର୍ବଭୌମ କ୍ଷମତାକୁ ବଜାୟ ରଖିବାରେ ପ୍ରଭାବିତ ବା ଏହି ଦସ୍ତାବିଜ ଅଧୀନରେ ଥିବା ବ୍ୟବସ୍ଥା ଅନୁସାରେ ମୋ ଦ୍ୱାରା ବର୍ତ୍ତମାନ ରାଜ୍ୟର ଶାସକ ଭାବରେ ଉପଭୋଗ କରାଯାଉଥିବା କୌଣସି କ୍ଷମତାର ପ୍ରୟୋଗ, କର୍ତ୍ତୃତ୍ୱ ବା ଅଧିକାର କିମ୍ବା ଏହି ରାଜ୍ୟରେ ବର୍ତ୍ତମାନ ପ୍ରଚଳିତ କୌଣସି ଆଇନକୁ ସୁରକ୍ଷିତ କରିବ ନାହିଁ।

୯. ମୁଁ ଏତଦ୍ୱାରା ଘୋଷଣା କରୁଅଛି ଯେ ଏହି ରାଜ୍ୟ ପକ୍ଷରୁ ମୁଁ ଏହି ଦସ୍ତାବିଜକୁ ସମ୍ପାଦନ କରୁଅଛି ଏବଂ ଏହି ଦସ୍ତାବିଜରେ ମୋତେ କିମ୍ବା ରାଜ୍ୟର ଶାସକଙ୍କ ପାଇଁ ଯେ କୌଣସି ପ୍ରକାରର ପ୍ରସଙ୍ଗ ଉଲ୍ଲେଖ କରାଯାଇଛି, ତହିଁରେ ମୋର ଉତ୍ତରାଧିକାରୀ ଏବଂ ସେମାନଙ୍କର ଉତ୍ତରାଧିକାରୀମାନଙ୍କୁ ଅନ୍ତର୍ଭୁକ୍ତ କରାଯାଇଛି ବୋଲି ବୁଝାଯିବ।

ମୋର ନିଜସ୍ୱ ସ୍ୱାକ୍ଷରରେ ଅଦ୍ୟ ଅଗଷ୍ଟ ମାସ ତ୍ରୟୋଦଶ ଦିବସ, ଉଣେଇଶ ଶହ ସତଚାଳିଶରେ ସମ୍ପାଦିତ।

**ସ୍ୱାକ୍ଷର/- କାଞ୍ଚନ ପ୍ରଭା ଦେବୀ**
**ତ୍ରିପୁରାର ମହାରାଣୀ**
**ପ୍ରେସିଡେଣ୍ଟ, କାଉନ୍‌ସିଲ୍ ଅଫ୍ ରିଜେନ୍ସି**

**ତ୍ରିପୁରା ରାଜ୍ୟ**

---

ମୁଁ ଏତଦ୍ୱାରା ମିଶ୍ରଣ ଦସ୍ତାବିଜକୁ ଗ୍ରହଣ କରୁଅଛି।
ତାରିଖ ଅଦ୍ୟ ଷୋଡ଼ଶ ଦିବସ ଅଗଷ୍ଟ, ଉଣେଇଶ ଶହ ସତଚାଳିଶ।

ସ୍ୱାକ୍ଷର/-

ମୋହର **(ଗଭର୍ଣ୍ଣର ଜେନେରାଲ ଅଫ୍ ଇଣ୍ଡିଆ)**

ବିଚିତ୍ର ଭୌଗୋଳିକ ଅବସ୍ଥିତି ଏହି ଅଞ୍ଚଳର ସୀମାକୁ ପାଞ୍ଚଗୋଟି ବିଦେଶୀ ଶକ୍ତି ଯଥା ଚୀନ୍, ମିଆଁମାର, ବାଂଲାଦେଶ, ଭୁଟାନ୍ ଏବଂ ନେପାଳ ପ୍ରତି ଉନ୍ମୁକ୍ତ ରଖିଛି। ଭାରତ ସହିତ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଏକ ଛୋଟ ଭୂଭାଗକୁ ଛାଡ଼ିଦେଲେ ଏହି ପାଞ୍ଚଗୋଟିଯାକ ଦେଶ ଏହି ଅଞ୍ଚଳକୁ ଘେରି ରହିଛନ୍ତି। ପ୍ରାଗ୍‌ଜ୍ୟୋତିଷପୁର, କାମରୂପ ଏବଂ ଆସାମ ନାମରେ ଐତିହାସିକ ଭାବରେ ବିଦିତ ଏହି ଅଞ୍ଚଳ ହଜାର ହଜାର ବର୍ଷ ଧରି ସନାତନ ଧର୍ମ ଦର୍ଶନ ଏବଂ ହିନ୍ଦୁ ଜୀବନଧାରାରେ ଜଡ଼ିତ ହୋଇ ରହି ଆସିଛି। ଆସାମ ସମ୍ବନ୍ଧରେ ଏକ ସ୍ୱଳ୍ପବିଦିତ କଥା ହେଉଛି, ଭାରତୀୟ ପ୍ରଦେଶମାନଙ୍କ ଭିତରେ ଏହା ହେଉଛି ଏକମାତ୍ର ପ୍ରଦେଶ ଯାହା ଭାରତରେ ସମଗ୍ର ଇସ୍‌ଲାମ୍ ରାଜୁତି ଭିତରେ ସଫଳତାର ସହିତ ଇସ୍‌ଲାମ୍ ଆକ୍ରମଣକୁ ପରାସ୍ତ କରି ଆସିଥିଲା।

**ଉତ୍ତରପୂର୍ବ ଭାରତ: ଏକ ଐତିହାସିକ ବିବରଣୀ**

ଭାରତର ଉତ୍ତର ପୂର୍ବ ଅଞ୍ଚଳ ଐତିହାସିକ ଭାବରେ ପ୍ରାଗ୍‌ଜ୍ୟୋତିଷପୁର, ଆସାମ ଏବଂ କାମରୂପ ନାମକ ତିନିଗୋଟି ନାମରେ ଚିହ୍ନଟ କରାଯାଇଥାଏ। ମୌଖିକ ଇତିହାସ ଛଡ଼ା ଆସାମ ସମ୍ବନ୍ଧରେ କାଳିକା ପୁରାଣ, ବିଷ୍ଣୁ ପୁରାଣ ଏବଂ ଯୋଗିନୀ ତନ୍ତ୍ରରେ ମଧ୍ୟ ଉଲ୍ଲେଖ ଥିବା ଜଣାପଡ଼େ। ପୁରାଣ ଏବଂ ତନ୍ତ୍ରଶାସ୍ତ୍ରଗୁଡ଼ିକ ଆସାମକୁ କାମରୂପ ଭାବରେ ବର୍ଣ୍ଣନା କରିଥିବା ବେଳେ ମହାଭାରତରେ ଏହି ପ୍ରଦେଶକୁ ପ୍ରାଗ୍‌ଜ୍ୟୋତିଷପୁର ଭାବରେ ବର୍ଣ୍ଣନା କରାଯାଇଛି। ଆସାମ ସମ୍ବନ୍ଧରେ ଲିଖିତ ଇତିହାସ ନିଦାନପୁରରୁ ପ୍ରାପ୍ତ ତାମ୍ରପତ୍ର କପର ପ୍ଲେଟ୍‌ସ୍ ଗ୍ରାଣ୍ଟ୍ ଏବଂ ଦୁବି ପତ୍ରରେ ଉଲ୍ଲିଖିତ ତଥ୍ୟଗୁଡ଼ିକ ଉନ୍ମୋଚିତ ହେବାପରେ ମିଳିବାକୁ ଆରମ୍ଭ ହୁଏ। ନିଧାନପୁର ତାମ୍ରପତ୍ର ଫଳକ (ନିଧାନପୁର କପର ପ୍ଲେଟ୍‌ସ୍ ଗ୍ରାଣ୍ଟ୍) ଆସାମର ଇତିହାସ ଭାବରେ ପୁରାଣର କାହାଣୀଠାରୁ ଲିଖିତ (ରେକର୍ଡଭୁକ୍ତ) ଇତିହାସ ପର୍ଯ୍ୟନ୍ତ ବିବରଣୀକୁ ବିଚାରକୁ ନେଇଛି। ସାତଗୋଟି ତାମ୍ରପତ୍ର ଏବଂ ଗୋଟିଏ ଫଳକର ସମାହାରରେ ଗଠିତ ନିଧାନପୁର ତାମ୍ରପତ୍ର ଫଳକ ୧୯୧୨ ମସିହାରେ ବର୍ତ୍ତମାନ ବାଂଲାଦେଶରେ ଅବସ୍ଥିତ ସିଲ୍‌ହଟ୍‌ର ପାନ୍‌କାଖଣ୍ଡା ପ୍ରଗଣା ଅନ୍ତର୍ଗତ ନିଧାନପୁର ଗ୍ରାମରେ ଜଣେ ଚାଷୀଦ୍ୱାରା ଆବିଷ୍କୃତ ହୋଇଥିଲା। ଚାଷୀଟି ସେହି ତାମ୍ରପତ୍ରଗୁଡ଼ିକୁ ଗୋଟି ଗୋଟି କରି ଭିନ୍ନ ଭିନ୍ନ ଲୋକଙ୍କୁ ବିକ୍ରି କରି ଦେଇଥିଲା, କିନ୍ତୁ ସୌଭାଗ୍ୟବଶତଃ ପଦ୍ମନାଥ ଭଟ୍ଟାଚାର୍ଯ୍ୟ ପ୍ରଥମ, ଦ୍ୱିତୀୟ, ତୃତୀୟ, ଷଷ୍ଠ, ସପ୍ତମ ଏବଂ ଆଉ ଗୋଟିଏ ପତ୍ର ଉଦ୍ଧାର କରିଥିଲେ ଯାହା ଚତୁର୍ଥ କିମ୍ବା ପଞ୍ଚମ ହୋଇପାରେ ଏବଂ ଏ ସମ୍ବନ୍ଧରେ ବିଭିନ୍ନ ମୁଖପତ୍ରମାନଙ୍କରେ ଆଲୋଚନା କରିଥିଲେ। ଶେଷରେ ସେ କାମରୂପ ଶାସନାବଳୀରେ ଖୋଦେଇ ଲେଖାକୁ ସମ୍ପାଦନା କରିଥିଲେ। ଖ୍ରୀଷ୍ଟପର ଚତୁର୍ଥ ଶତାବ୍ଦୀଠାରୁ ଆରମ୍ଭ ହୋଇଥିବା ନିଧାନପୁର ତାମ୍ରପତ୍ର ଫଳକ ବର୍ମନ୍ ରାଜବଂଶର ବଂଶାନୁକ୍ରମିକ ବିବରଣୀକୁ ବର୍ଣ୍ଣନା କରିଥାଏ ଯାହା ଖ୍ରୀଷ୍ଟାବ୍ଦ ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତ ଚାଲୁ ରହିଥିଲା। ବାଣଭଟ୍ଟଙ୍କ 'ହର୍ଷ ଚରିତ' ଏବଂ ହୁଏନ୍‌ସାଂଙ୍କ 'ସି-ୟୁ-କି' ଆସାମର ସପ୍ତମ ଶତାବ୍ଦୀ ପର୍ଯ୍ୟନ୍ତର ଇତିହାସକୁ ବର୍ଣ୍ଣନା କରିଥାଏ।

କୋଚ ବଂଶାବଳୀ ସହିତ ରତ୍ନ ପାଲ ଏବଂ ଧରମ ପାଲଙ୍କ ତାମ୍ରପତ୍ର ଖୋଦେଇ ତ୍ରୟୋଦଶ ଶତାବ୍ଦୀ ପର୍ଯ୍ୟନ୍ତ ଶାସକମାନଙ୍କ ବିଷୟରେ ରହିଥିବା ଐତିହାସିକ ଶୂନ୍ୟସ୍ଥାନକୁ ପୂରଣ କରିଥିଲା। ୧୨୨୮ ଖ୍ରୀଷ୍ଟାବ୍ଦରେ ଆହୋମ୍ ରାଜାମାନେ ଯେତେବେଳେ କୋଚ ରାଜାମାନଙ୍କଠାରୁ ଏହି ଇଲାକାକୁ ଅକ୍ତିଆର କରିନେଲେ, ସେମାନେ ଏହି ଅଞ୍ଚଳକୁ ଆସାମ ନାମରେ ଡାକିବାକୁ ଆରମ୍ଭ କଲେ। ଆହୋମ୍‌ମାନେ ଇତିହାସ ସମ୍ବନ୍ଧରେ ସର୍ବାଧିକ ସଚେତନ ଥିବା ବଂଶଧର ଥିଲେ ଯେଉଁମାନଙ୍କ ନିକଟରେ ଉଚ୍ଚ ମାନର ଇତିହାସ ଜ୍ଞାନ ଭର୍ତ୍ତିହୋଇ ଥିଲା। ଆହୋମ୍ ପୂଜାରୀ ଏବଂ ପ୍ରତିଷ୍ଠିତ ପରିବାରମାନଙ୍କ ନିକଟରେ ବୁରଞ୍ଜି ବା ବଂଶାବଳୀମାନ ରହିଥିଲା ଯେଉଁସବୁରେ ସମୟାନୁସାରେ ସଦ୍ୟତମ ବିବରଣୀମାନ ସ୍ଥାନିତ କରାଯାଉଥିଲା। ସେଗୁଡ଼ିକ ଗଛର ଛାଲିରୁ ପ୍ରସ୍ତୁତ ଆୟତାକାର ପଟି ଉପରେ ଲେଖା ଯାଉଥିବା ସହିତ ଅତ୍ୟନ୍ତ ଯତ୍ନ ସହକାରେ ସଂରକ୍ଷିତ କରି ରଖା ଯାଉଥିଲା ଏବଂ ପିଢ଼ି ପରେ ପିଢ଼ି ବାପ ହାତରୁ ପୁଅ ହାତକୁ ହସ୍ତାନ୍ତରିତ ହେଉଥିଲା।

ମୌଖିକ ଇତିହାସ ଆସାମ ଶବ୍ଦକୁ ସଂସ୍କୃତ ଶବ୍ଦ 'ଅସମ' ଅର୍ଥାତ୍ 'ଯାହା ସମାନ ନୁହେଁ'ର ଅପଭ୍ରଂଶ ରୂପେ ବର୍ଣ୍ଣନା କରେ। ଆସାମର ପ୍ରଖ୍ୟାତ ସନ୍ଥ ତଥା ସାମାଜିକ- ଧାର୍ମିକ ସଂସ୍କାରକ ଶଙ୍କରଦେବ ଷୋଡ଼ଶ ଶତାବ୍ଦୀର ପ୍ରାରମ୍ଭିକ ଭାଗରେ ଆସାମୀ ଭାଷାରେ ଲିଖିତ ତାଙ୍କର ଭାଗବତ ପୁରାଣ ଗ୍ରନ୍ଥରେ ଆସାମ ନାମଟିକୁ ଲୋକପ୍ରିୟ କରାଇ ଥିଲେ। ଆବହମାନ କାଳରୁ ହିନ୍ଦୁ ଜୀବନଧାରା ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଆସାମ ହେଉଛି ଭାରତର ଏକମାତ୍ର ପ୍ରଦେଶ ଯାହା କେବେହେଲେ ଆକ୍ରମଣକାରୀ ମୁସଲମାନମାନଙ୍କ ନିକଟରେ ଆତ୍ମସମର୍ପଣ କରିନାହିଁ। ତ୍ରୟୋଦଶ ଶତାବ୍ଦୀରେ ବଖ୍‌ତିଆର୍ ଖିଲ୍‌ଜୀ ଆସାମକୁ ନିଜ ଶାସନାଧୀନ କରିବାକୁ ଉଦ୍ୟମ କରିଥିଲେ, କିନ୍ତୁ କୋଚ ରାଜାଙ୍କ ହାତରେ ଶୋଚନୀୟ ଭାବେ ପରାଜୟ ବରଣ କରିଥିଲେ। ବଖ୍‌ତିଆର୍ ଖିଲ୍‌ଜୀଙ୍କ ସେନାବାହିନୀକୁ ହତ୍ୟା କରାଗଲା ଏବଂ ହାତଗଣତି ମାତ୍ର କେତେଜଣ ସେନାଧକ୍ଷଙ୍କ ସହିତ ଖିଲ୍‌ଜୀ ସୌଭାଗ୍ୟବଶତଃ ନିଜର ଜୀବନ ବଞ୍ଚାଇ ପଛଘୁଞ୍ଚା ଦେଇ ବଙ୍ଗଳାର ସମତଳ ନିରାପଦ ସ୍ଥଳକୁ ଫେରି ଆସିବାରେ ସମର୍ଥ ହୋଇଥିଲେ। ଇତିହାସର ପୁନରାବୃତ୍ତି ହୋଇଥିଲା ୧୮୮୩ରେ ଯେତେବେଳେ ମୋଗଲ ସେନାଧକ୍ଷ ମିର୍ ଜୁମ୍‌ଲା ଆସାମ ଆକ୍ରମଣ କରିଥିଲେ ଏବଂ ତାଙ୍କୁ ମଧ୍ୟ ଖିଲ୍‌ଜୀଙ୍କ ଦଶା ଭୋଗିବାକୁ ହୋଇଥିଲା। ମିର୍ ଜୁମ୍‌ଲା

କେବଳ ଯେ ଆହୋମ୍ ରାଜା ଜୟଧ୍ୱଜ ସିଂହଙ୍କଠାରୁ ଶୋଚନୀୟ ଭାବେ ପରାଜୟ ବରଣ କରିଥିଲେ, ତା' ନୁହେଁ, ବରଂ ଏହି ଆହୋମ୍ ରାଜାଙ୍କ ସହିତ ଭବିଷ୍ୟତରେ କେବେ ଶତ୍ରୁତା ଆଚରଣ କରିବେ ନାହିଁ ବୋଲି ଏକ ସନ୍ଧି କରିବାକୁ ବାଧ ହୋଇଥିଲେ। ମିର୍ ଜୁମ୍‌ଲାଙ୍କ ଦରବାରୀ ଐତିହାସିକ ଲେଖିଥିଲେ ଯେ 'ଦିଲ୍ଲୀ ଦରବାର ଇତିହାସରେ ଏଭଳି ଘଟଣା ପୂର୍ବରୁ କେବେହେଲେ ଘଟି ନଥିଲା।' ଆକ୍ରମଣକାରୀ ମୁସଲମାନ ତଥା ସେମାନଙ୍କର ସମଧର୍ମୀମାନଙ୍କ ପାଇଁ ଆସାମ ସଦାସର୍ବଦା ଆକ୍ରମଣ ସୀମା ବାହାରେ ରହିଥିଲା। ଏହି ପ୍ରଦେଶ ପ୍ରାଚୀନ ଭାରତର ମୂଳକେନ୍ଦ୍ର ସହିତ ନିବିଡ଼ ଭାବରେ ଯୋଡ଼ି ହୋଇ ରହିଥିଲା ଏବଂ 'ଆଫଗାନିସ୍ତାନ ଓ କେନ୍ଦ୍ର ଏସିଆର ହାତଗଣତି କେତେଜଣ ଆକ୍ରମଣକାରୀ ଇସ୍‌ଲାମ୍ ଶାସକମାନଙ୍କ ହାତରେ ମୁଣ୍ଡ ନୁଆଁଇ ଥିବା ତଥା ଦାସତ୍ୱକୁ ସ୍ୱୀକାର କରି ନେଇଥିବା ଉତ୍ତର ଭାରତୀୟ ପ୍ରବୃତ୍ତି'କୁ ପ୍ରତିହତ କରିଥିଲା। ଉଦାହରଣ ସ୍ୱରୂପ, ଦିଲ୍ଲୀର ଚୌହ୍ୱାନ୍ ଶାସକ ପୃଥ୍ୱୀ ଚୌହାନ୍ ଦ୍ୱାଦଶ ଶତାବ୍ଦୀରେ ମହମ୍ମଦ ଘୋରୀଙ୍କୁ ଦୁଇଥର ପରାସ୍ତ କରିଥିଲେ, କିନ୍ତୁ ଦୁଇଥରଯାକ ସେ ଏହି ମୁସଲମାନ ଶାସକଙ୍କୁ କ୍ଷମା କରି ଦେଇଥିଲେ। ତୃତୀୟ ଥର ଯେତେବେଳେ ଘୋରୀ ବିଜୟ ଲାଭ କଲେ, ସେ ତତ୍‌କ୍ଷଣାତ୍ ପୃଥ୍ୱୀ ଚୌହାନ୍‌ଙ୍କୁ ହତ୍ୟା କରିଥିଲେ। ଅଧିକ ଶକ୍ତି ସାମର୍ଥ୍ୟ ଓ ଯୁଦ୍ଧ ପ୍ରସ୍ତୁତି ଥିବା ସତ୍ତ୍ୱେ ଇସ୍‌ଲାମୀୟ ଶାସକମାନଙ୍କ ନିକଟରେ ମୁଣ୍ଡ ନୁଆଁଇବାର ମନୋଭାବ ଉତ୍ତର ଭାରତର ରହିଥିଲା।

୧୨୦୫ରେ ତାଙ୍କର ଅସଫଳ ଆକ୍ରମଣ କାଳରେ ଯେଉଁ ମୁସଲମାନମାନେ ବଖ୍‌ତିଆର୍ ଖିଲ୍‌ଜୀଙ୍କ ସହିତ ଥିଲେ, ସେମାନେ ସ୍ଥାନୀୟ ଜନଜାତି ସମ୍ପ୍ରଦାୟମାନଙ୍କ ପକ୍ଷରୁ ଏପରି ଶତ୍ରୁତାପୂର୍ଣ୍ଣ ବିରୋଧର ସମ୍ମୁଖୀନ ହୋଇଥିଲେ

ମଧ୍ୟ- ଭାରତ ସହିତ ଆସାମର ଅବିଚ୍ଛେଦ୍ୟ ସମ୍ପର୍କ ରହିଥିବା ସମ୍ବନ୍ଧରେ ଏହାର ସାଧାସିଧା ସରଳ ଇତିହାସ କହିଥାଏ। ଉଦାହରଣ ସ୍ୱରୂପ, ସ୍ୱାଧୀନତା ପୂର୍ବରୁ ତ୍ରିପୁରାର ଶେଷ ଶାସକ ରାଣୀ କାଞ୍ଚନ ପ୍ରଭା ଦେବୀ ମଧ୍ୟପ୍ରଦେଶର ରେବା ରାଜ୍ୟର ରାଜକୁମାରୀ ଥିଲେ ଯିଏକି ତ୍ରିପୁରାର ଶାସକଙ୍କୁ ବିବାହ କରିଥିଲେ। କାଞ୍ଚନ ପ୍ରଭା ଦେବୀ ହିଁ ଭାରତ ସହିତ ତ୍ରିପୁରାର ମିଶ୍ରଣ ହେବା ସମ୍ପର୍କିତ ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ଦକ୍ଷିଣ ଭାରତ, ବିହାର, ଓଡ଼ିଶା ଏବଂ ମଧ୍ୟ- ଭାରତ ସହିତ ଉତ୍ତର ଭାରତର ବ୍ୟବସାୟ ବାଣିଜ୍ୟ ସମ୍ପର୍କ ପ୍ରାଚୀନ କାଳରୁ ଆଜି ପର୍ଯ୍ୟନ୍ତ ରହି ଆସିଛି।

ବିଚିତ୍ର ଭୌଗୋଳିକ ଅବସ୍ଥିତି ଏହି ଅଞ୍ଚଳର ସୀମାକୁ ପାଞ୍ଚଗୋଟି ବିଦେଶୀ ଶକ୍ତି ଯଥା ଚୀନ୍, ମିଆଁମାର, ବାଂଲାଦେଶ, ଭୁଟାନ୍ ଏବଂ ନେପାଳ ପ୍ରତି ଉନ୍ମୁକ୍ତ ରଖିଛି। ଭାରତ ସହିତ ସମ୍ପର୍କ ସ୍ଥାପନ କରିବା ନିମନ୍ତେ ଏକ ଛୋଟ ଭୂଭାଗକୁ ଛାଡ଼ିଦେଲେ ଏହି ପାଞ୍ଚଗୋଟିଯାକ ଦେଶ ଏହି ଅଞ୍ଚଳକୁ ଘେରି ରହିଛନ୍ତି। ପ୍ରାଗ୍‌ଜ୍ୟୋତିଷପୁର, କାମରୂପ ଏବଂ ଆସାମ ନାମରେ ଐତିହାସିକ ଭାବରେ ବିଦିତ ଏହି ଅଞ୍ଚଳ ହଜାର ହଜାର ବର୍ଷ ଧରି ସନାତନ ଧର୍ମ ଦର୍ଶନ ଏବଂ ହିନ୍ଦୁ ଜୀବନଧାରାରେ ଜଡ଼ିତ ହୋଇ ରହି ଆସିଛି। ଆସାମ ସମ୍ବନ୍ଧରେ ଏକ ସ୍ୱଳ୍ପବିଦିତ କଥା ହେଉଛି, ଭାରତୀୟ ପ୍ରଦେଶମାନଙ୍କ ଭିତରେ ଏହା ହେଉଛି ଏକମାତ୍ର ପ୍ରଦେଶ ଯାହା ଭାରତରେ ସମଗ୍ର ଇସ୍‌ଲାମ୍ ରାଜୁତି ଭିତରେ ସଫଳତାର ସହିତ ଇସ୍‌ଲାମ୍ ଆକ୍ରମଣକୁ ପରାସ୍ତ କରି ଆସିଥିଲା।

ଯେ ସେଠାରେ ନିଜର କୌଣସି ପଦଚିହ୍ନ ଛାଡ଼ିବା ଆଗରୁ ଯଥାଶୀଘ୍ର ନିଜର ସୈନ୍ୟସାମନ୍ତ ଓ ଅନୁଗାମୀମାନଙ୍କୁ ନେଇ ପଛଘୁଞ୍ଚା ଦେଇ ଫେରି ଆସିବାକୁ ଖିଲ୍‌ଜୀଙ୍କୁ ବାଧ କରିଥିଲା। ଉପରବର୍ଣ୍ଣିତ ତଥ୍ୟ ମୁତାବକ ଖିଲ୍‌ଜୀଙ୍କ ବିଫଳ ଅଭିଯାନ ଔରଙ୍ଗଜେବ୍‌ଙ୍କ ଦୁର୍ଦ୍ଦାନ୍ତ ସେନାପତି ମିର୍ ଜୁମ୍‌ଲାଙ୍କୁ ମିଶାଇ ଆହୁରି ଅନେକ କ୍ରମାନ୍ୱୟ ଅସଫଳ ଆକ୍ରମଣକାରୀଙ୍କ ଦ୍ୱାରା ଅନୁସୃତ ହୋଇଥିଲା, ଯେଉଁମାନେ ସମସ୍ତେ ଆସାମରେ ବିଫଳତାର ସ୍ୱାଦ ଚାଖିଥିଲେ। ତେବେ ଏତେବେଳକୁ କିଛି ମୁସଲମାନ ସୈନିକ ସେମାନଙ୍କ ପରାଜିତ ନେତାମାନଙ୍କ ସହିତ ପ୍ରତ୍ୟାବର୍ତ୍ତନ କରିବା ପରିବର୍ତ୍ତେ ଆସାମର ସ୍ଥାୟୀ ବାସିନ୍ଦା ହୋଇ ରହି ଯିବାକୁ ପସନ୍ଦ କରିଥିଲେ। ଏହି ଲୋକମାନେ ସ୍ଥାନୀୟ ଆସାମୀ ଝିଅମାନଙ୍କୁ ବିବାହ କଲେ ଯେଉଁମାନଙ୍କ ମଧ୍ୟରୁ କେତେକଙ୍କ ସମ୍ପର୍କୀୟମାନେ ମଧ୍ୟ ଇସ୍‌ଲାମ୍ ଧର୍ମକୁ ଧର୍ମାନ୍ତରିତ ହେଲେ।

ଏହି ମୁସଲମାନମାନେ ଯେଭଳି ସୁନ୍ଦର ଭାବରେ ସ୍ଥାନୀୟ ସଂସ୍କୃତିକୁ ଗ୍ରହଣ କରିନେଲେ, ତାହା ମିର୍ ଜୁମ୍‌ଲାଙ୍କ ଦରବାରୀ ଐତିହାସିକ ସିହାବୁଦ୍ଦିନ୍ ତାଲିସ୍‌ଙ୍କୁ ଉତ୍ସାହିତ କରିଥିଲା ଉଲ୍ଲେଖ କରିବାକୁ ଯେ 'ଆସାମରେ ଥିବା ସ୍ଥାନୀୟ ମୁସଲମାନମାନେ କେବଳ ନାମରେ ମୁସଲମାନ ବ୍ୟତୀତ ଅନ୍ୟ କିଛି ନୁହନ୍ତି। ସେମାନଙ୍କର ହୃଦୟ ମୁସଲମାନମାନଙ୍କ ସହିତ ସମ୍ପର୍କ ରକ୍ଷା କରିବା ଅପେକ୍ଷା ଆସାମର ଅଧିବାସୀମାନଙ୍କ ସହିତ ମିଶିବାକୁ ଅଧିକ ବ୍ୟାକୁଳ। ଏହାପରେ ସପ୍ତଦଶ ଶତାବ୍ଦୀର ମଧ୍ୟଭାଗ ବେଳକୁ ଆଜାନ୍ ଫକୀର ନାମରେ ଖ୍ୟାତ ଜଣେ ମୁସଲମାନ ସନ୍ଥ ହଜ୍‌ରତ୍ ଶାହ ମିଲନ୍ ଆସାମ ଆସିଲେ। କୁହାଯାଏ ଯେ ଜଣେ ଫକୀର (ଚେରମୂଳି ଚିକିତ୍ସକ/ ଗୁଣିଆ) ଏବଂ ସୁଫି ସନ୍ଥ ହୋଇ ମଧ୍ୟ ଇସ୍‌ଲାମ୍ ଧର୍ମକୁ ଆସାମରେ ପ୍ରତିଷ୍ଠିତ କରାଇବାରେ ସେ ସଫଳ ହୋଇଥିଲେ।

ମୋଗଲ-ବ୍ରିଟିଶ୍ ଯୁଗରେ ଆସାମ, ସିଲ୍‌ହଟ୍, ମଣିପୁର ଏବଂ ଆସାମ ନାମକ ତିନିଗୋଟି ଅଞ୍ଚଳରେ ବିଭକ୍ତ ହୋଇଥିଲା। ଏହି ତିନିଗୋଟିଯାକ ଅଞ୍ଚଳ ପୃଥକ୍ ପୃଥକ୍ ଭାବରେ ବିଭିନ୍ନ ବିଦେଶୀ ଶାସକ ଯଥା ମୋଗଲ, ବର୍ମା ଏବଂ ବ୍ରିଟିଶରମାନଙ୍କ ସହିତ ଯୋଗସୂତ୍ର ରକ୍ଷା କରିଥିଲେ। ବଙ୍ଗଳାର ଅବଶିଷ୍ଟାଂଶ ସହିତ ସିଲ୍‌ହଟ୍ ବ୍ରିଟିଶରମାନଙ୍କ ହାତକୁ ୧୭୬୫ରେ ଚାଲି ଯାଇଥିଲା। ମୋଗଲ ଶାସନ ସମୟରେ, ବିଶେଷତଃ ୧୭୦୦ ଖ୍ରୀଷ୍ଟାବ୍ଦର ପ୍ରାକ୍ ଭାଗରେ ଏହି ଅଞ୍ଚଳ ପ୍ରଥମେ ମୁସଲମାନମାନଙ୍କ ସହିତ ସମ୍ପର୍କ ସ୍ଥାପନ କରିଥିଲା। ଆବୁଲ୍ ଫାଜଲ୍‌ଙ୍କର ଆଇନ୍- ଇ- ଆକବରୀ ଉଲ୍ଲେଖ କରେ ଯେ ସିଲ୍‌ହଟ୍ ଏକ ସ୍ୱାଧୀନ ଅଞ୍ଚଳ ଥିଲା। କୁହାଯାଏ, ଔରଙ୍ଗଜେବ୍‌ଙ୍କ ଶାସନ କାଳ (୧୬୪୮-୧୭୦୭)ରେ ସିଲ୍‌ହଟ୍‌ର ରାଜା ଗୋବିନ୍ଦଙ୍କୁ ଦିଲ୍ଲୀ ଡକା ଯାଇଥିଲା ଏବଂ ସେଠାରେ ସେ ଜଣେ ମୁସଲମାନ ହୋଇ ଯାଇଥିଲେ। ରାଜା ଗୋବିନ୍ଦଙ୍କ ଧର୍ମାନ୍ତରଣ ପରେ କିଛି ମୁସଲମାନ ସିଲ୍‌ହଟ୍‌ରେ ସ୍ଥାୟୀ ଭାବରେ ବସବାସ କରିବାକୁ ଲାଗିଲେ ଏବଂ ତାହା ହିଁ ଆସାମ ଓ ଏହାର ଆଖପାଖ ଅଞ୍ଚଳରେ ଇସ୍‌ଲାମ୍‌ମାନଙ୍କ ଉପସ୍ଥିତିର ପ୍ରାରମ୍ଭ ଥିଲା।

୧୭୫୭ରେ ପଲାସୀ ଯୁଦ୍ଧ ପରେ ଯେତେବେଳେ ବଙ୍ଗଳାରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀ ଏହାର ପ୍ରଶାସନକୁ ପ୍ରତିଷ୍ଠା କଲା ଏବଂ ୧୮୨୬ରେ ୟାଣ୍ଡାବୋ ଚୁକ୍ତି ପରେ ଯେତେବେଳେ ଆସାମ, କମ୍ପାନୀର ସୁରକ୍ଷା ଅଧିକାର ଭିତରକୁ ଆସିଲା, ଦୁଇ ପ୍ରଦେଶର ମୁସଲମାନମାନେ ନିୟମିତ ଭାବରେ ପରସ୍ପର ସହିତ ସମ୍ବନ୍ଧ ସ୍ଥାପନ କଲେ। ବଙ୍ଗଳାରୁ ବେଶ୍ କିଛି ସଂଖ୍ୟକ ମୁସଲମାନ ଆସାମକୁ ସ୍ଥାନାନ୍ତରିତ ହୋଇ ଗଲେ ଏବଂ ଏହି ପ୍ରଦେଶରେ ସ୍ଥାୟୀ ଭାବରେ ବସବାସ କଲେ। ନୂଆ ହୋଇ ସ୍ଥାୟୀ ବସବାସ ଆରମ୍ଭ କରିଥିବା ମୁସଲମାନମାନେ ଆର୍ଥିକ ପରିସ୍ଥିତିରେ ଉନ୍ନତି ଘଟାଇବା ପାଇଁ ବଙ୍ଗଳାରେ ଥିବା ସେମାନଙ୍କ ସମ ଧର୍ମାବଲମ୍ବୀମାନଙ୍କୁ ଆସାମ ଆସି ସେଠାରେ ସ୍ଥାୟୀ ଭାବରେ ବସବାସ କରିବା ପାଇଁ ଉତ୍ସାହିତ କଲେ।

୧୭୫୫ରୁ ୧୮୨୬ ମଧ୍ୟରେ ମଣିପୁର ଏବଂ ଆସାମ ନିରନ୍ତର ଭାବରେ ବର୍ମା ଆକ୍ରମଣର ଶିକାର ହୋଇଥିଲା। ୧୮୨୪ରେ ଆହୋମ୍ ରାଜବଂଶର ପୁରନ୍ଦର ସିଂହ ବର୍ମା ସେନାବାହିନୀ ଆକ୍ରମଣକୁ ସାମ୍ନା କରିଥିଲେ। ଆସାମକୁ ବର୍ମା ଆକ୍ରମଣରୁ ବଞ୍ଚାଇବା ପାଇଁ ଏହି ଆହୋମ୍ ରାଜା ବ୍ରିଟିଶ୍ ପଲିଟିକାଲ ଅଫିସର ଡେଭିଡ୍ ସ୍କଟ୍‌ଙ୍କ ସହିତ ବୁଝାମଣା ଆରମ୍ଭ କଲେ। ତେବେ ନିଜର ସ୍ୱାଧୀନତାକୁ ଜଳାଞ୍ଜଳି ଦେବା ପାଇଁ ସେ କୁଣ୍ଠିତ ଥିଲେ। ବ୍ରିଟିଶରମାନଙ୍କ ପ୍ରଭାବକୁ ଏଡ଼ାଇବା ଆସାମ ପକ୍ଷେ ସମ୍ଭବପର ନଥିଲା ଏବଂ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ସହାୟତାରେ ପ୍ରଥମ ଆଙ୍ଗ୍ଲୋ- ବର୍ମିଜ୍ ଯୁଦ୍ଧ ୨୪ ଫେବ୍ରୁଆରୀ, ୧୮୨୬ରେ ୟାଣ୍ଡାବୋ ଚୁକ୍ତି ସ୍ୱାକ୍ଷରିତ ହେବା ପରେ ହିଁ ସମାପ୍ତ ହୋଇଥିଲା। ଚୁକ୍ତି ଅନୁସାରେ ବର୍ମୀୟମାନେ ଆସାମ ବ୍ୟାପାରରେ ହସ୍ତକ୍ଷେପ କରିବେ ନାହିଁ ବୋଲି ରାଜି ହେଲେ ଏବଂ ମଣିପୁରର ରାଜା ଗମ୍ଭୀର ସିଂହଙ୍କୁ ରାଜାର ମାନ୍ୟତା ଦେଲେ।

ବ୍ରିଟିଶରମାନଙ୍କ ସହିତ ବୁଝାମଣା କରି ଯଦିଓ ଆସାମ ନିଜର ସୀମାକୁ ବର୍ମିଜ୍‌ମାନଙ୍କ ଆକ୍ରମଣରୁ ବଞ୍ଚାଇ ପାରିଲା, ତେବେ ୟାଣ୍ଡାବୋ ଚୁକ୍ତି ଏଠାରେ ଅନ୍ୟ ଏକ ବିଦେଶୀ ଶକ୍ତି, ଖ୍ରୀଷ୍ଟଧର୍ମାବଲମ୍ବୀ ବ୍ରିଟିଶ୍ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ହାତମୁଠାକୁ ଶକ୍ତ କଲା ଅର୍ଥାତ୍ ବ୍ରିଟିଶ୍ ଶାସନ ପ୍ରତିଷ୍ଠା କଲା। କମ୍ପାନୀ ପଶ୍ଚିମ ଆସାମକୁ ନିୟନ୍ତ୍ରଣକୁ ନେଇଗଲା। ଯଦିଓ କମ୍ପାନୀ ଆହୋମ୍ ରାଜାଙ୍କୁ ତାଙ୍କର ଶାସନ ଚଳାଇ ରଖିବା ନିମନ୍ତେ ଅନୁମତି ଦେଲା, କିନ୍ତୁ ଆହୋମ୍‌ର ରାଜଧାନୀରେ ଜଣେ ପଲିଟିକାଲ ଏଜେଣ୍ଟ୍ ଅବସ୍ଥାପିତ କରି ଏଠାରେ ଏହାର ପରୋକ୍ଷ ନିୟନ୍ତ୍ରଣ ଆରମ୍ଭ ହେଲା। ଗୋବିନ୍ଦ ଚନ୍ଦ୍ରଙ୍କୁ କାଚାର ରାଜା ରୂପେ ପୁନଃ ଅବସ୍ଥାପିତ କରାଗଲା ଯିଏକି ୧୮୨୪, ମାର୍ଚ୍ଚ ୬ ତାରିଖରେ ସ୍ୱାକ୍ଷରିତ ବଦରପୁର ଚୁକ୍ତି ବଳରେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର ବଶ୍ୟତା ସ୍ୱୀକାର କଲେ ଏବଂ ବାର୍ଷିକ ୧୦,୦୦୦ ଟଙ୍କା ପେସ୍‌କିସ୍ ଦେବାକୁ ରାଜିହେଲେ। ୧୮୩୨ରେ କମ୍ପାନୀ ପୁରନ୍ଦର ସିଂହଙ୍କୁ ଉପର ଆସାମର ରାଜା ଭାବରେ ପୁନଃ ଅବସ୍ଥାପିତ କଲା। ଆସାମ ଉପରେ କ୍ରମେ କ୍ରମେ ଇଷ୍ଟ୍ ଇଣ୍ଡିଆ କମ୍ପାନୀର କବ୍‌ଜା ଦୃଢ଼ୀଭୂତ ହେବାକୁ ଲାଗିଲା।

୧୮୩୮ ସୁଦ୍ଧା ଉପର ଖାସି ପାର୍ବତ୍ୟାଞ୍ଚଳ, ଜଇନ୍ତିଆ ରାଜ୍ୟ, କାଚାର, ଗାରୋ ପାବ୍ୟତ୍ୟାଞ୍ଚଳ ଏବଂ ଖାମ୍‌ତିସ୍‌କୁ ମିଶାଇ ଉପର ଆସାମର ସମସ୍ତ ଅଞ୍ଚଳ କମ୍ପାନୀ ଅଧୀନକୁ ଚାଲି ଆସିଲା। ୧୮୩୮ରେ ଏହି ପ୍ରଦେଶକୁ ବଙ୍ଗଳା ପ୍ରେସିଡେନ୍ସିର ଏକ ଅଂଶ କରି ଦିଆଗଲା। ୧୮୭୪ ବେଳକୁ ବଙ୍ଗଳାଠାରୁ ଆସାମକୁ ଅଲଗା କରି ଦିଆଗଲା ଏବଂ 'ଉତ୍ତର- ପୂର୍ବ ସୀମାନ୍ତ ଅଣ- ନିୟନ୍ତ୍ରିତ ପ୍ରଦେଶ' (ନର୍ଥ- ଇଷ୍ଟ୍ ଫ୍ରଣ୍ଟିୟର୍ ନନ୍- ରେଗୁଲେସନ୍ ପ୍ରୋଭିନ୍ସ) ବା ଆସାମ ଚିଫ୍- କମିଶନରସିପ୍ ଗଠନ କରାଗଲା। ପ୍ରେସିଡେନ୍ସିଗୁଡ଼ିକ ସରକାରର କେନ୍ଦ୍ରବିନ୍ଦୁ ଭଳି କାର୍ଯ୍ୟ କରିବାର ଧାରଣା ନେଇ ବ୍ରିଟିଶ୍ ଶାସନ ଆରମ୍ଭ ହେଲା। ୧୮୩୪ରେ ଏକ ଲେଜିସ୍‌ଲେଟିଭ୍ କାଉନ୍‌ସିଲ୍ ଗଠିତ ହେବା ପର୍ଯ୍ୟନ୍ତ ସରକାରଙ୍କ ପାଇଁ ଏକ ତଥାକଥିତ 'ରେଗୁଲେସନ୍‌ସ୍' ବା ନିୟମାବଳୀ ପ୍ରଣୟନ କରିବା ନିମନ୍ତେ ଏହାର ଗଭର୍ଣ୍ଣର ଏବଂ କାଉନ୍‌ସିଲ୍‌ଙ୍କ ଅଧୀନରେ ପ୍ରତ୍ୟେକ ପ୍ରେସିଡେନ୍ସି କ୍ଷମତାପ୍ରାପ୍ତ ଥିଲା। ତେଣୁ ଯେଉଁ ସୀମା ବା ପ୍ରଦେଶ ଏକ ପ୍ରେସିଡେନ୍ସି ସହିତ ଜୟଲାଭ କରି ଅଧିକାର ବା ଚୁକ୍ତିଦ୍ୱାରା ଯୋଗ କରାଯାଉଥିଲା,

ତାହା ଉକ୍ତ ପ୍ରେସିଡେନ୍ସିର ତତ୍କାଳୀନ ନିୟମାବଳୀ ଅଧୀନରେ ରହୁଥିଲା । ତେବେ ଯେଉଁସବୁ ପ୍ରଦେଶଗୁଡ଼ିକ ଅକ୍ତିଆର କରା ଯାଇଥିଲା, କିନ୍ତୁ ଉପରୋକ୍ତ ତିନିଗୋଟି ପ୍ରଦେଶ ମଧ୍ୟରୁ କୌଣସିଟି ସହିତ ମିଶା ଯାଇ ନଥିଲା, ସେଗୁଡ଼ିକର କର୍ମଚାରୀମାନଙ୍କୁ ଗଭର୍ଣ୍ଣର ଜେନେରାଲଙ୍କ ମର୍ଜି ଅନୁସାରେ ବେତନ ପ୍ରଦାନ କରାଯାଉଥିଲା ଏବଂ ସେଗୁଡ଼ିକ ବଙ୍ଗଳା, ମାଡ୍ରାସ ବା ବମ୍ବେ ପ୍ରେସିଡେନ୍ସିର ବିଦ୍ୟମାନ ନିୟମାବଳୀ ଅନୁସାରେ ଶାସିତ ହେଉ ନଥିଲେ । ଏଭଳି ପ୍ରଦେଶଗୁଡ଼ିକ 'ଅଣ-ନିୟମାବଳୀଭୁକ୍ତ ପ୍ରଦେଶ' (ନନ୍- ରେଗୁଲେସନ୍ ପ୍ରୋଭିନ୍ସେସ୍) ଭାବରେ ପରିଚିତ ହେଲେ ଏବଂ ୧୮୩୩ ପର୍ଯ୍ୟନ୍ତ ଏଭଳି ସ୍ଥାନଗୁଡ଼ିକରେ ଲେଜିସ୍ଲେଟିଭ୍ ପାୱାର ବା ବ୍ୟବସ୍ଥାପିକା କ୍ଷମତା ଦେବା ପାଇଁ କୌଣସି ବ୍ୟବସ୍ଥା ନଥିଲା ।

୧୯୦୫- ୧୯୧୧ ଭିତରେ ବଙ୍ଗ ବିଭାଜନ ସମୟରେ ଆସାମକୁ ପୂର୍ବ ବଙ୍ଗ ଏବଂ ଆସାମ ନାମକ ନବଗଠିତ ପ୍ରଦେଶ ଭିତରେ ରଖାଗଲା । ୧୯୧୨ରେ ବଙ୍ଗ ବିଭାଜନ ଶେଷ ହେବା ପରେ ଆସାମ ଏକ ସ୍ୱତନ୍ତ୍ର ପ୍ରଦେଶ ହେଲା ।

ଆସାମର ଅବିକଶିତ ଉପତ୍ୟକା ଏବଂ ପାର୍ବତ୍ୟାଞ୍ଚଳଗୁଡ଼ିକ ମୁସଲମାନ କୃଷକମାନଙ୍କୁ ତଥା ବସତି ସ୍ଥାପନ କରିଥିବା ଲୋକମାନଙ୍କୁ ଆକୃଷ୍ଟ କରିବା ସହିତ ଗ୍ରହଣ କରି ନେଇଥିଲା ଯେଉଁମାନଙ୍କର ଏହି ପ୍ରଦେଶରେ ଇସ୍‌ଲାମ୍ ଧର୍ମର ଅଭିବୃଦ୍ଧି ପାଇଁ ଅବଦାନ ରହିଥିଲା । ଆସାମରେ ମୁସଲମାନମାନଙ୍କର ସଂଖ୍ୟା ଏତେ ବୃଦ୍ଧି ପାଇଲା ଯେ ପରବର୍ତ୍ତୀ ସମୟରେ ୧୯୩୭ ବିଧାନସଭା ନିର୍ବାଚନ ମୁସଲିମ୍ ଲିଗ୍ ନେତା ମହମ୍ମଦ ସାଦୁଲ୍ଲାଙ୍କ ନେତୃତ୍ୱରେ ଏକ ମେଣ୍ଟ ସରକାରକୁ ନିର୍ବାଚିତ କଲା । ମହମ୍ମଦ ସାଦୁଲ୍ଲା ୧ ଏପ୍ରିଲ ୧୯୩୭ରୁ ୧୦ ସେପ୍ଟେମ୍ବର ୧୯୩୮; ୧୭ ନଭେମ୍ବର ୧୯୩୯ରୁ ୨୫ ଡିସେମ୍ବର ୧୯୪୧ ଏବଂ ୨୪ ଅଗଷ୍ଟ ୧୯୪୨ରୁ ୧୧ ଫେବ୍ରୁଆରୀ ୧୯୪୬ ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ହୋଇଥିଲେ । ଅଲ୍ ଇଣ୍ଡିଆ ମୁସ୍‌ଲିମ୍ ଲିଗ୍‌ର ଲାହୋରଠାରେ ୨୩ ମାର୍ଚ୍ଚ, ୧୯୪୦ରେ ଅନୁଷ୍ଠିତ ବାର୍ଷିକ ଅଧିବେଶନରେ ସାଦୁଲ୍ଲା ଥିଲେ କାର୍ଯ୍ୟକାରିଣୀ କମିଟି ବା ଏକ୍‌ଜିକ୍ୟୁଟିଭ୍ କମିଟିର ଜଣେ ସଦସ୍ୟ ଏବଂ ଲିଗ୍‌ର 'ପାକିସ୍ତାନ ରିଜୋଲ୍ୟୁସନ୍'କୁ ପାରିତ କରାଇ ଥିଲେ ।

ସାର୍ ମହମ୍ମଦ ସାଦୁଲ୍ଲାଙ୍କ ମୁସ୍‌ଲିମ୍ ଲିଗ୍ ମନ୍ତ୍ରିମଣ୍ଡଳ କାଳରେ ରାଜନୀତିକ କାରଣରୁ ମୁସଲମାନମାନଙ୍କୁ ବଙ୍ଗଳାରୁ ଆସାମକୁ ସ୍ଥାନାନ୍ତରିତ କରିବା ନିମନ୍ତେ ଏକ ବିଧିବଦ୍ଧ ଉଦ୍ୟମ କରାଯାଇଥିଲା । ୧୯୪୩ ଡିସେମ୍ବରରେ ତତ୍କାଳୀନ ଭାଇସ୍‌ରୟ ଲର୍ଡ୍ ୱାଭେଲ୍ ଗସ୍ତ କରିବା ପରେ ଭାଇସ୍‌ରୟସ୍ ଜର୍ଣ୍ଣାଲ ବା ମୁଖପତ୍ରରେ ଲେଖିଥିଲେ "ମୁଖ୍ୟ ରାଜନୀତିକ ସମସ୍ୟା ହେଉଛି, ମୁସଲମାନ ମନ୍ତ୍ରୀମାନଙ୍କର 'ଅଧିକ ଖାଦ୍ୟ ଉତ୍ପାଦନ କର' ସ୍ଲୋଗାନ୍ ଦେଇ ଚାଷ ହେଉ ନଥିବା ସରକାରୀ ଜାଗାଗୁଡ଼ିକରେ ସ୍ଥାନାନ୍ତରଣକୁ ବଢ଼ାଇବା ଯେତେବେଳେ କି ସେମାନେ ପ୍ରକୃତରେ ଯାହା ଚାହାନ୍ତି, ତାହା ହେଉଛି, ମୁସଲମାନମାନଙ୍କ ସଂଖ୍ୟା ବୃଦ୍ଧି କରିବା ।"

ବିଭାଜନ ପରେ ସାଦୁଲ୍ଲା ଆସାମରେ ରହିବାକୁ ନିଷ୍ପତ୍ତି ନେଲେ ଏବଂ ସେ ହେଉଛନ୍ତି ଉତ୍ତର ଭାରତର ଏକମାତ୍ର ସଦସ୍ୟ ଯିଏକି ୧୯୪୭ର ସମ୍ବିଧାନ ସଭାର ଡ୍ରାଫ୍ଟିଂ କମିଟିକୁ ନିର୍ବାଚିତ ହୋଇଥିଲେ ।

୬-୭ ଜୁଲାଇ ୧୯୪୭ରେ ଭାରତ ସରକାର ସିଲ୍‌ହଟ୍‌ର ଭବିଷ୍ୟତ ନିର୍ଦ୍ଧାରଣ କରିବାକୁ ସିଲ୍‌ହଟ୍ ଗଣଭୋଟ୍ ଅନୁଷ୍ଠିତ କରାଇବାକୁ ନିଷ୍ପତ୍ତି ନେଲେ । ଭୋଟରମାନଙ୍କୁ ଭୋଟ୍‌ରେ ଦୁଇଗୋଟି ବିକଳ୍ପ ଦିଆଗଲା- ହୁଏତ ସେମାନେ ଭାରତ ନଚେତ୍ ପାକିସ୍ତାନ ପକ୍ଷରେ ରହିବେ । ମୁସଲମାନ ବହୁଳ ଜିଲ୍ଲା ସିଲ୍‌ହଟ୍ ପାକିସ୍ତାନ ସପକ୍ଷରେ ନିଷ୍ପତ୍ତି ନେଲା । ମୋଟ ୪୨୩,୬୬୦ କାଏମ୍ ଭୋଟ୍ ଭିତରୁ ୫୬.୫୬ ପ୍ରତିଶତ ପାକିସ୍ତାନ ପକ୍ଷରେ ରହିବା ପାଇଁ ଭୋଟ୍ ଦେଇଥିଲେ ଯେତେବେଳେ କି ୪୩.୪୪ ପ୍ରତିଶତ ଭାରତରେ ରହିବାକୁ ନିଷ୍ପତ୍ତି ନେଇଥିଲେ । ଜୁନ୍ ୩ ୧୯୪୭ରେ ଭାଇସ୍‌ରୟ ମାଉଣ୍ଟବ୍ୟାଟେନ୍ ଘୋଷଣା କଲେ ଯେ, 'ଯଦିଓ ଆସାମ ହେଉଛି ମୁଖ୍ୟତଃ ଏକ ଅଣ- ମୁସଲମାନ ପ୍ରଦେଶ, ବଙ୍ଗ ପ୍ରଦେଶ ସହିତ ଯୋଡ଼ା ଯାଇଥିବା ସିଲ୍‌ହଟ୍ ଜିଲ୍ଲା ମୁଖ୍ୟତଃ ମୁସଲମାନ ବହୁଳ । ଆସାମ ପ୍ରଦେଶର ଅବଶିଷ୍ଟାଂଶ ଯେମିତି ହେଲେ ବି ଭାରତରେ ରହିବ ।'

ସିଲ୍‌ହଟ୍ ଗଣଭୋଟ୍ ପଛରେ ଏକ ବିଚିତ୍ର ପୃଷ୍ଠଭୂମି ରହିଥିଲା । ହିନ୍ଦୁ- ବହୁଳ ଆସାମରେ ସିଲ୍‌ହଟ୍ କେବଳ ମୁସଲମାନ ବହୁଳ ଅଞ୍ଚଳ ନଥିଲା, ବରଂ ମୁସଲମାନ ଅଧିବାସୀମାନେ ସିଲ୍‌ହଟି ଭାଷା କହୁଥିଲେ । ବୁଦ୍ଧିଜୀବୀମାନଙ୍କ ଦ୍ୱାରା ଯୁକ୍ତି ଦର୍ଶା ଯାଇଥାଏ ଯେ, ଯେହେତୁ ସିଲ୍‌ହଟ୍‌ର ମୁସଲମାନମାନେ ମୁସ୍‌ଲିମ୍ ଲିଗ୍ ସମର୍ଥକ ଥିଲେ, ଆସାମରେ କଂଗ୍ରେସ ଦଳର ସ୍ଥିତିକୁ ସୁଦୃଢ଼ କରିବା ଉଦ୍ୟମରେ କଂଗ୍ରେସ ନେତାମାନେ ସିଲ୍‌ହଟ୍‌ର ସଂଖ୍ୟାଧିକ ମୁସଲମାନମାନଙ୍କୁ ପୂର୍ବ ପାକିସ୍ତାନକୁ ଚତୁରତାର ସହିତ ହସ୍ତାନ୍ତରିତ କରି ଦେଇଥିଲେ । କ୍ୟାବିନେଟ୍ ମିଶନ ସହିତ ଆଲୋଚନା କାଳରେ କଂଗ୍ରେସ ନେତା ଗୋପିନାଥ ବର୍ଦ୍ଦୋଲୋଇ ତାଙ୍କର 'ସିଲ୍‌ହଟ୍‌କୁ ପୂର୍ବ ବଙ୍ଗକୁ ହସ୍ତାନ୍ତର' କରିବାର ଇଚ୍ଛା ବ୍ୟକ୍ତ କରିଥିଲେ ।

ଚତୁର୍ଥ ଶତାବ୍ଦୀରୁ ଭାରତର ସ୍ୱାଧୀନତା ପର୍ଯ୍ୟନ୍ତ ଆସାମ ଚାରିଗୋଟି ମୁଖ୍ୟ ରାଜବଂଶଦ୍ୱାରା ଶାସିତ ହେଉଥିଲା । ମାଟିର ସନ୍ତାନ ନହୋଇ ଏବଂ ସ୍ଥାନୀୟ ଜନସାଧାରଣ, ପାହାଡ଼ିଆ ଜନଜାତି ଲୋକ ତଥା ପଡ଼ୋଶୀ ପ୍ରଦେଶମାନଙ୍କର ପୂର୍ଣ୍ଣ ସମର୍ଥନ ନ ପାଇ ଏତେ ଦୀର୍ଘ କାଳ ପର୍ଯ୍ୟନ୍ତ ଏହି ରାଜ୍ୟକୁ ଶାସନ କରିବା ଅସମ୍ଭବ ।

ସ୍ୱାଧୀନତା ସମୟରେ 'ଉତ୍ତର ପୂର୍ବ' ମୁଖ୍ୟତଃ ଆସାମ ଏବଂ ସାମନ୍ତ ରାଜ୍ୟ ମଣିପୁର ଓ ତ୍ରିପୁରାକୁ ବୁଝାଉ ଥିଲା । ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ୨୫ଟିଯାକ ଖାସି ରାଜ୍ୟ ୧୯୪୬ରେ ସେମାନଙ୍କ ନିଜସ୍ୱ ଇଚ୍ଛାରେ ଏକ

| କ୍ର. ସଂ | ସାମନ୍ତ ରାଜ୍ୟମାନଙ୍କ ନାମ | ନଥିପତ୍ରର ବିସ୍ତୃତ ବିବରଣୀ |
|---|---|---|
| ୧ | ଆସାମ | ଆସାମ |
| | | ମଣିପୁର |
| | | ସିକ୍କିମ୍ |
| ୨ | ବଙ୍ଗଳା | ତ୍ରିପୁରା |
| | | କୁଚବିହାର |
| ୩ | ଖାସି ପାର୍ବତ୍ୟାଂଚଳ | ଭୋଓ୍ୱାଲ ରାଜ୍ୟ |
| | ରାଜ୍ୟ ସମୂହ | ଚେରା ରାଜ୍ୟ |
| | | ଦ୍ୱାର ଙ୍ଗ୍ୟାତନ୍‌ମେନ୍ ରାଜ୍ୟ |
| | | ଜିରାଙ୍ଗ ରାଜ୍ୟ |
| | | କ୍ଷିରିଅମ୍ ରାଜ୍ୟ |
| | | ଲିନିଓଙ୍ଗ୍ ରାଜ୍ୟ |
| | | ମହରମ୍ ରାଜ୍ୟ |
| | | ମାଲାଇ ସୋହମଲ୍ ରାଜ୍ୟ |
| | | ମଦନ୍ ରାଜ୍ୟ |
| | | ମାଓ୍ୱିଆଙ୍ଗ୍ ରାଜ୍ୟ |
| | | ମଲଙ୍ଗ୍ ରାଜ୍ୟ |
| | | ମଫ୍ଲାଙ୍ଗ୍ ରାଜ୍ୟ |
| | | ମର୍ସିଁନ୍‌ରାମ୍ ରାଜ୍ୟ |
| | | ମିଲିଏମ୍ ରାଜ୍ୟ |
| | | ମିରିଆନ୍ ରାଜ୍ୟ |
| | | ନାଙ୍ଗ୍‌ଖ୍ଲା ରାଜ୍ୟ |
| | | ନାଙ୍ଗ୍‌ଲ୍ୱାଇ ରାଜ୍ୟ |
| | | ନୋବୋସୋଫୋ ରାଜ୍ୟ |
| | | ନାଙ୍ଗ୍‌ସ୍‌ପୁଙ୍ଗ୍ ରାଜ୍ୟ |
| | | ନୋଙ୍ଗ୍‌ଷ୍ଟେଇନ୍ ରାଜ୍ୟ |
| | | ପାମ୍‌ସାନୁଗୁଟ୍ ରାଜ୍ୟ |
| | | ରାମ୍ବ୍ରାଇ ରାଜ୍ୟ |
| | | ଶେଲ୍ଲା କନ୍‌ଫେଡେରେସି ରାଜ୍ୟ |
| | | ସୋହିଓଙ୍ଗ୍ ରାଜ୍ୟ |

ଉତ୍ସ: ନ୍ୟାସନାଲ ଆର୍କାଇଭସ୍ ଅଫ୍ ଇଣ୍ଡିଆ (ରାଷ୍ଟ୍ରୀୟ ଅଭିଲେଖାଗାର)

ଖାସି ସଂଘ ଗଠନ କରିଥିଲେ।

ଭାରତର ସ୍ୱାଧୀନତା ସମୟରେ ବିଚ୍ଛିନ୍ନ ହେବା ବା ସ୍ୱତନ୍ତ୍ରତାର କୌଣସି ଆଲୋଚନା ହୋଇ ନଥିଲା ଏବଂ ପରବର୍ତ୍ତୀ ସମୟରେ ଭାରତ ସହିତ ଉତ୍ତର ପୂର୍ବ ସାମନ୍ତ ରାଜ୍ୟଗୁଡ଼ିକର ମିଶ୍ରଣ ହୋଇଥିଲା। ଭାରତର ଏକ ପ୍ରାଣୋଚ୍ଛଳ ଅଞ୍ଚଳ ଭାବରେ 'ଉତ୍ତର ପୂର୍ବ ରାଜ୍ୟ ସମୂହ' ଆଦୌ କୌଣସି ସମସ୍ୟା ବା ଦ୍ୱିତୀୟ ଚିନ୍ତା ବିନା ଭାରତ ସହିତ ମିଶ୍ରଣର ଚୁକ୍ତିରେ ସ୍ୱାକ୍ଷର କରିଥିଲେ। ବିଚ୍ଛିନ୍ନତାବାଦର କୌଣସି ତରଙ୍ଗ ନଥିଲା କି ସ୍ୱାଧୀନ ରହିବା ପାଇଁ ସେମାନଙ୍କର କିଛି ସିଦ୍ଧାନ୍ତ ନଥିଲା। ୧୩ ଅଗଷ୍ଟ ୧୯୪୭ରେ ତ୍ରିପୁରା ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲା ଏବଂ ତା'ର ତିନିଦିନ ପରେ ଗଭର୍ଣ୍ଣର ଜେନେରାଲ ଲର୍ଡ୍ ମାଉଣ୍ଟବ୍ୟାଟେନ୍ ଏହି ମିଶ୍ରଣକୁ ୧୬ ଅଗଷ୍ଟ ୧୯୪୭ରେ ଗ୍ରହଣ କରିନେଲେ। ୨୧ ସେପ୍ଟେମ୍ବର ୧୯୪୯ରେ ମହାରାଜା ବୁଦ୍ଧଚନ୍ଦ୍ର ତାଙ୍କର ରାଜ୍ୟକୁ ଭାରତ ସହିତ ମିଶାଇବା ପାଇଁ ଏକ ମିଶ୍ରଣ ଚୁକ୍ତିରେ ସ୍ୱାକ୍ଷର କଲେ।

ଖାସି ରାଜ୍ୟମାନଙ୍କ ସଂଘ ଭାରତୀୟ ରାଷ୍ଟ୍ରସଂଘ ସହିତ ମିଶିବା ନିମନ୍ତେ ୮ ଅଗଷ୍ଟ ୧୯୪୭ରେ ଏକ ପ୍ରତିରକ୍ଷା/ ଗମନାଗମନ ବା ବାର୍ତ୍ତା ବିନିମୟ ଏବଂ ବିଦେଶ ନୀତି ନାମକ ତିନିଗୋଟି ସର୍ତ୍ତରେ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ। ପଚିଶଟି ରାଜ୍ୟରୁ କୋଡ଼ିଏଟି ଭାରତ ସପକ୍ଷରେ ମିଶ୍ରଣ ଚୁକ୍ତିରେ ୧୫ ଡିସେମ୍ବର ୧୯୪୭ରେ ସ୍ୱାକ୍ଷର କଲେ, ନୋବୋସୋଫୋ ୧୧ ଜାନୁଆରୀ ୧୯୪୮ରେ ସ୍ୱାକ୍ଷର କଲା, ମଲଙ୍ଗ୍ ୧୦ ମାର୍ଚ୍ଚ ୧୯୪୮ରେ, ରାମ୍ବ୍ରାଇ ୧୭ ମାର୍ଚ୍ଚ ୧୯୪୮ ଏବଂ ନଙ୍ଗ୍‌ଷ୍ଟୋଇନ୍ ୧୯ ମାର୍ଚ୍ଚ ୧୯୪୮ରେ। ୨୧ ସେପ୍ଟେମ୍ବର ୧୯୪୯ରେ ମହାରାଜା ବୁଦ୍ଧଚନ୍ଦ୍ର ତାଙ୍କର ରାଜ୍ୟକୁ ଭାରତ ସହିତ ମିଶାଇବା ନିମନ୍ତେ ଏକ ଚୁକ୍ତିପତ୍ରରେ ସ୍ୱାକ୍ଷର କଲେ। ଖାସି ପାର୍ବତ୍ୟାଞ୍ଚଳଗୁଡ଼ିକର ମିଶ୍ରଣ ଚୁକ୍ତି ଗଭର୍ଣ୍ଣର ଜେନେରାଲଙ୍କ ଦ୍ୱାରା ୧୭ ଅଗଷ୍ଟ ୧୯୪୮ରେ ଗୃହୀତ ହେଲା।

ରାଜନୀତି, ଉପନିବେଶବାଦୀ ଚିନ୍ତନ, ନିହିତ ସ୍ୱାର୍ଥ ଏବଂ ଐତିହାସିକ ଉଦାସୀନତା ବିଚ୍ଛିନ୍ନ ହେବାର ତର୍କକୁ ସୃଷ୍ଟି କରିଛି। ଉତ୍ତର ପୂର୍ବ ଭାରତର ବିଚ୍ଛିନ୍ନତାର ତ୍ରୁଟି ଏକ ସୁସ୍ଥ ସାମ୍ରାଜ୍ୟବାଦଭିତ୍ତିକ ଯୁକ୍ତି ହେବା ଅପେକ୍ଷା ଅଧିକ ପରିମାଣରେ ଏକ ପ୍ରରୋଚିତ ରାଜନୀତିକ- ବୌଦ୍ଧିକ ବିଷୟବସ୍ତୁ।

ଶ୍ରୀ ରଥ ଦିଲ୍ଲୀ ବିଶ୍ୱବିଦ୍ୟାଳୟରେ ଆସିଷ୍ଟାଣ୍ଟ ପ୍ରଫେସର ଭାବରେ ଏବଂ ଶ୍ରୀ ଆଚାର୍ଯ୍ୟ ମେକ୍ସିକୋସ୍ଥିତ ନିଉଭୋ ଲିଅନ୍ ଅଟୋନୋମସ୍ ବିଶ୍ୱବିଦ୍ୟାଳୟ ଅଧୀନସ୍ଥ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ୍ ସାଇନ୍ସ ରିସର୍ଚ୍ଚରେ ପ୍ରଫେସର ଭାବରେ କାର୍ଯ୍ୟରତ।

# ମୁଖ୍ୟଧାରାରେ ଉତ୍ତର-ପୂର୍ବାଞ୍ଚଳ

● ଏସ୍.ଜେ. ଚିରୁ

ମୁଖ୍ୟ ଧାରାରେ ଉତ୍ତର ପୂର୍ବାଞ୍ଚଳକୁ ସାମିଲ୍ କରିବା କେମିତି ? ଦେଶର ଉତ୍ତର ପୂର୍ବାଞ୍ଚଳର ସମ୍ପର୍କରେ ଏହି ପ୍ରଶ୍ନଟିକୁ ବାରମ୍ବାର ପଚରା ଯାଇଥାଏ। ନୀତି ନିର୍ଦ୍ଧାରକ ବିଦ୍ୱାନ, ସାମ୍ବାଦିକ ଏବଂ ମୋର କେତେଜଣ ବନ୍ଧୁ ସମସ୍ତେ ମୋତେ ଏହି ପ୍ରଶ୍ନଟିକୁ ପଚାରିଛନ୍ତି। ଏହି ପ୍ରଶ୍ନଟି ଉତ୍ତର-ପୂର୍ବାଞ୍ଚଳକୁ ନେଇ ଆମ ମନରେ ଥିବା ପୂର୍ବ ଧାରଣାଗୁଡ଼ିକୁ ମିଥ୍ୟା ପ୍ରମାଣିତ କରିଥାଏ। ଏଥିରେ ସନ୍ଦେହ ନାହିଁ ଯେ ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନେ ଏହି ପ୍ରଶ୍ନଟିକୁ ପସନ୍ଦ କରନ୍ତି ନାହିଁ। ଅନେକ ଥର ଏହି ପ୍ରଶ୍ନଟିର ଉତ୍ତର ଖୋଜିବାବେଳେ ମୁଁ ବିସ୍ମିତ ହୋଇଥାଏ ଏବଂ 'ମୁଖ୍ୟ ଧାରା'ର ପ୍ରକୃତ ଅର୍ଥ ଜାଣିବାକୁ ପ୍ରୟାସ କରିଥାଏ। ଭାରତ ଏଭଳି ଏକ ଦେଶ ଯେଉଁଠାରେ ବିଭିନ୍ନ ଜାତି, ଧର୍ମ, ଭାଷା, ସଂସ୍କୃତି ଏବଂ କଳାର ସମାହାର ପରିଲକ୍ଷିତ ହୁଏ। ସେହି ଦୃଷ୍ଟିରୁ ଜଣେ ହୁଏତ ଯୁକ୍ତି ଦର୍ଶାଇପାରେ ଯେ ଯେହେତୁ ଉତ୍ତର-ପୂର୍ବାଞ୍ଚଳ ମଧ୍ୟ ଏହି ଦେଶର ଏକ ଅବିଚ୍ଛେଦ୍ୟ ଅଙ୍ଗ, ତେଣୁ ଉତ୍ତର-ପୂର୍ବାଞ୍ଚଳକୁ ମୁଖ୍ୟ ସ୍ରୋତରେ ସାମିଲ୍ କରିବା କଥାଟି ସେମିତି ଠିକ୍ ଯେମିତି ଦକ୍ଷିଣ ଭାରତ କିମ୍ବା ସୌରାଷ୍ଟ୍ର କିମ୍ବା ପଞ୍ଜାବ କିମ୍ବା ଓଡ଼ିଶାକୁ ମୁଖ୍ୟ ଧାରାରେ ସାମିଲ୍ କରିବା କଥା। ତେବେ ଉତ୍ତର-ପୂର୍ବାଞ୍ଚଳକୁ ଦେଶର ମୁଖ୍ୟ ଧାରାରେ ସାମିଲ୍ କରିବାକୁ ନେଇ ଜନସାଧାରଣରେ ଏକ ପ୍ରକାରର ନିର୍ଦ୍ଦିଷ୍ଟ ଧାରଣା ସୃଷ୍ଟି ହୋଇଛି। ଯେଉଁଥିପାଇଁ ଏହି ପ୍ରସଙ୍ଗଟିର ପରୀକ୍ଷଣ ଆବଶ୍ୟକ।

**ମୁଖ୍ୟଧାରା ସମ୍ପର୍କିତ ଧାରଣା:**

ଭାରତର ମୁଖ୍ୟ ସ୍ରୋତରେ ଥାଏ କ'ଣ ଏବଂ ଉତ୍ତର-ପୂର୍ବାଞ୍ଚଳକୁ ସେହି ମୁଖ୍ୟଧାରା-ବହିଃର୍ଭୁତ ବୋଲି ବିଚାର କରାଯାଏ କାହିଁକି ? ଭାରତୀୟ ସମ୍ବିଧାନରେ ଭାରତର ରାଜନୈତିକ ନୀତି, ଶାସନ ପ୍ରଣାଳୀ, ସରକାରଙ୍କ କ୍ଷମତା ଏବଂ କର୍ତ୍ତବ୍ୟ, ନାଗରିକଙ୍କ ଅଧିକାର ଏବଂ କର୍ତ୍ତବ୍ୟ ଏବଂ ଆମେ ନିଜେ ନିଜକୁ କିପରି ଭାବେ ପରିଚାଳିତ କରିବା ଓ ପ୍ରଗତି ହାସଲ କରିବା ସେ ସମ୍ପର୍କରେ ମଧ୍ୟ ବିଭିନ୍ନ ନୀତି ନିର୍ଦ୍ଦେଶିକାଗୁଡ଼ିକ ଲିପିବଦ୍ଧ ହୋଇ ରହିଛି। ଭାରତୀୟ ସମ୍ବିଧାନ ପୁଣି ରାଜନୈତିକ ଏକତ୍ରୀକରଣ, ସାମାଜିକ ଅର୍ଥନୈତିକ ବିକାଶ ଓ ନାଗରିକମାନଙ୍କ ସ୍ୱାଧୀନତା ଏବଂ କର୍ତ୍ତବ୍ୟକୁ ନେଇ ବିଭିନ୍ନ ଲକ୍ଷ୍ୟ ନିର୍ଦ୍ଧାରିତ କରିଛି। ଏହି ଦୃଷ୍ଟିରୁ ମୁଖ୍ୟଧାରାର ଅର୍ଥ ହେଉଛି, ଏକ ନିର୍ଦ୍ଦିଷ୍ଟ ଅଞ୍ଚଳ ଏହିସବୁ ସାମ୍ବିଧାନିକ ଆଶା, ଆକାଂକ୍ଷା ଓ ଆଦେଶଗୁଡ଼ିକୁ କେତେ ମାତ୍ରାରେ କାର୍ଯ୍ୟକ୍ଷମ କରିପାରିଛି।

ଏହି ସଂଜ୍ଞା ଆଧାରରେ ଆମେ ଦୃଢ଼ନିଶ୍ଚିତ ଭାବେ କହିପାରିବା ଯେ ଦେଶର ପ୍ରତ୍ୟେକ ଅଞ୍ଚଳ ବିଭିନ୍ନ ମାତ୍ରାରେ ଭାରତୀୟ ମୁଖ୍ୟ ସ୍ରୋତରେ ସମ୍ମିଳିତ ହୋଇଛନ୍ତି। ଉଦାହରଣସ୍ୱରୂପ ଶିକ୍ଷା କ୍ଷେତ୍ରରେ ଉନ୍ନତ ସାକ୍ଷରତା ହାର ଯୋଗୁଁ ଦେଶର ବହୁ ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଉତ୍ତର ପୂର୍ବାଞ୍ଚଳ ଭଲ ଭାବେ ମୁଖ୍ୟ ଧାରାରେ ସାମିଲ୍ ହୋଇପାରିଛି। ତେବେ ଯଦି ଆମେ ରେଳ ରାସ୍ତା ଯୋଗାଯୋଗ, ଶକ୍ତି ଉତ୍ପାଦନ, ଉଦ୍ୟୋଗିକ ବିକାଶ ଆଦି ଭିତ୍ତିଭୂମି ସୁବିଧା ସୁଯୋଗକୁ ବିଚାରକୁ ନେବା ତେବେ ଆମେ ଜାଣିପାରିବା ଯେ ଦେଶର ପୂର୍ବାଞ୍ଚଳରେ ଏହିସବୁ ବିଷୟ ଆଶାନୁରୂପ ଭାବେ ବିକଶିତ ହୋଇପାରିନାହିଁ। ଏତଦ୍‌ବ୍ୟତୀତ ସାମାଜିକ, ରାଜନୈତିକ ପୃଷ୍ଠଭୂମିରେ ଦେଶର ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନଙ୍କର ଅନ୍ୟମାନଙ୍କଠାରୁ ପୃଥକୀକରଣ ହୋଇଛି ବୋଲି ବେଳେବେଳେ ବିଚାର କରାଯାଏ ଏବଂ ଉତ୍ତର ପୂର୍ବାଞ୍ଚଳର ଗୋଟିଏ ରାଜ୍ୟକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଉଗ୍ରବାଦ ପ୍ରଭାବିତ ହୋଇଥିଲେ ସୁଦ୍ଧା ଏଭଳି ଏକ ଧାରଣାକୁ ସହଜରେ ପ୍ରତିହତ କରଯାଇପାରେନାହିଁ। ତେବେ ଉତ୍ତର ପୂର୍ବାଞ୍ଚଳର ଜନସାଧାରଣ ହେଉଛନ୍ତି ଆମ ଦେଶର ସ୍ୱାଭିମାନୀ ନାଗରିକ ଏବଂ ତାଙ୍କର ସେହି ସ୍ୱାଭିମାନକୁ ପ୍ରଶ୍ନ କରିବା ଅର୍ଥ ହେଉଛି, ସେମାନଙ୍କ ଅବସ୍ଥିତିକୁ ଗ୍ରହଣ ନକରିବା। ଯଦ୍ଦ୍ୱାରା ଆହୁରି ପୃଥକୀକରଣ ହୋଇପାରେ। ବାସ୍ତବରେ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନଙ୍କ ବ୍ୟାପକ ଦେଶାନ୍ତରୀକରଣ ଯୋଗୁଁ ଆମକୁ ଏଭଳି ଏକ ସୁଯୋଗ ମିଳିଥାଏ। ଯଦ୍ଦ୍ୱାରା ଦେଶର ଅନ୍ୟ ନାଗରିକଙ୍କ ସହିତ ଏହି ଅଞ୍ଚଳର ଅଧିବାସୀମାନଙ୍କ ମିଳାମିଶାର ସ୍ତର ଆଦି ବିଷୟ ଉପରେ ଅନୁସନ୍ଧାନ କରାଯାଇପାରେ।

**ଦେଶାନ୍ତରୀକରଣର ପରିଦୃଶ୍ୟ:**

ଗତ ତିନିଦଶନ୍ଧି ଭିତରେ ଉତ୍ତର-ପୂର୍ବାଞ୍ଚଳ ଅଧିବାସୀମାନଙ୍କ ଦେଶର ଅନ୍ୟାନ୍ୟ ଅଞ୍ଚଳକୁ ଦେଶାନ୍ତରୀକରଣ କରିବା ଘଟଣା ଉଲ୍ଲେଖନୀୟ ଭାବେ ବୃଦ୍ଧି ପାଇଛି। ଉଚ୍ଚଶିକ୍ଷା ଏବଂ ନିଯୁକ୍ତି ସନ୍ଧାନରେ ଏହା ହୋଇଛି ବୋଲି ବିଶ୍ୱାସ କରାଯାଏ। ତେବେ ଏଥିଯୋଗୁଁ ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନଙ୍କ ସହିତ ଅନ୍ୟମାନଙ୍କ ମିଳାମିଶା ଏବଂ ଆଦାନପ୍ରଦାନ ବ୍ୟବସ୍ଥା ସମ୍ପର୍କିତ ବିଭିନ୍ନ ପ୍ରଶ୍ନ ମଧ୍ୟ ଉପସ୍ଥାପିତ ହୋଇଛି।

୧୯୮୦ ଦଶକ ପର୍ଯ୍ୟନ୍ତ ଉତ୍ତର-ପୂର୍ବାଞ୍ଚଳର ମୁଖ୍ୟତଃ ଛାତ୍ରଗୋଷ୍ଠୀ ଦିଲ୍ଲୀ ଭଳି ଦେଶର ବଡ଼ ବଡ଼ ସହରକୁ ଦେଶାନ୍ତରୀକରଣ କରିଛନ୍ତି। ସେମାନଙ୍କର ଉଦ୍ଦେଶ୍ୟ ଉଚ୍ଚଶିକ୍ଷା ବୋଲି ଜଣାପଡ଼ିଛି। ତେଣୁ ନିର୍ଦ୍ଦିଷ୍ଟ ଶିକ୍ଷା ସମାପ୍ତ କଲାପରେ ଏହି ଛାତ୍ରଛାତ୍ରୀମାନଙ୍କ ମଧ୍ୟରୁ ଅଧିକାଂଶ ନିଜ ନିଜ ରାଜ୍ୟକୁ ପ୍ରତ୍ୟାବର୍ତ୍ତନ କରିଛନ୍ତି। ପରେ ଦେଶାନ୍ତରୀକରଣର ଏହି ସ୍ୱରୂପରେ ପରିବର୍ତ୍ତନ ଘଟିଥିଲା। ସେତେବେଳେ ଏହି ଅଞ୍ଚଳର ଅନେକ ଅଧିବାସୀ କେବଳ ଶିକ୍ଷା ପାଇଁ ନୁହେଁ ବରଂ ନିଯୁକ୍ତି ସୁଯୋଗ ପାଇବା ଆଶାରେ ଦେଶର ଅନ୍ୟତ୍ର ମଧ୍ୟ ନିଜର ଜୀବନଜୀବିକା ନିର୍ବାହ ପାଇଁ ଆଗ୍ରହ ପ୍ରକାଶ କରିଛନ୍ତି। ଏହି ଘଟଣାଟି ପ୍ରଯୁକ୍ତିବିଦ୍ୟା ବିପ୍ଳବ ସମୟରେ ଅଧିକ ମାତ୍ରାରେ ପରିଦୃଶ୍ୟ ହୋଇଥିଲା। ଏହାର କାରଣ ହେଉଛି ଯେ ସୂଚନା ଓ ପ୍ରଯୁକ୍ତିବିଦ୍ୟା ସମ୍ପର୍କିତ ଅନେକ କଲ୍ ସେଣ୍ଟର ସ୍ଥାପିତ ହେଲା, ଯେଉଁଥିପାଇଁ ଅଧିକରୁ ଅଧିକ ଇଂରାଜୀ କହିପାରୁଥିବା ଯୁବପିଢ଼ିଙ୍କ ଆବଶ୍ୟକତା ପଡ଼ିଲା। ଏହି ଦୃଷ୍ଟିରୁ ଅନେକ ଯୁବକଯୁବତୀ ଉତ୍ତର-ପୂର୍ବାଞ୍ଚଳରୁ ଦେଶାନ୍ତରୀକରଣ କରି ବିଭିନ୍ନ ସ୍ଥାନରେ ବସବାସ କରିବା ଆରମ୍ଭ କଲେ। ଏମାନଙ୍କୁ ଦେଖି ଉତ୍ତର ପୂର୍ବାଞ୍ଚଳର ଅନ୍ୟ ଲୋକମାନେ ମଧ୍ୟ ଅନ୍ୟାନ୍ୟ କ୍ଷେତ୍ରରେ ନିଯୁକ୍ତି ସୁଯୋଗ ଆଶାରେ ଦେଶାନ୍ତରୀକରଣ କଲେ। ବିମାନ ପରିଚାରିକା, ସହାୟକ, ବିକ୍ରେତା ଏବଂ ହୋଟେଲ୍ ଆଦିରେ ନିଯୁକ୍ତି ପାଇ ଉତ୍ତର-ପୂର୍ବାଞ୍ଚଳର ଶିକ୍ଷିତ ଯୁବକଯୁବତୀମାନେ ଦେଶର ଅନ୍ୟ ଅଞ୍ଚଳରେ ବସବାସ କରିବାକୁ ଲାଗିଲେ। ଧୀରେ ଧୀରେ କେବଳ ଦିଲ୍ଲୀ ନୁହଁ ବରଂ ବେଙ୍ଗାଲୁରୁ, ପୁଣେ, ଚେନ୍ନାଇ, କୋଲ୍‌କାତା ଓ ମୁମ୍ବାଇ ସମେତ ଛୋଟ ଛୋଟ ସହରରେ ମଧ୍ୟ ସେମାନଙ୍କ ଉପସ୍ଥିତି ଦୃଷ୍ଟିଗୋଚର ହେବାକୁ ଲାଗିଲା। ଏତଦ୍‌ବ୍ୟତୀତ ଉତ୍ତର-ପୂର୍ବାଞ୍ଚଳର ଅନେକ ଅଧିବାସୀ ଦେଶର ଅନ୍ୟ ସ୍ଥାନକୁ ଦେଶାନ୍ତରୀକରଣ କରି ମୁଖ୍ୟତଃ ଦକ୍ଷିଣ ଭାରତରେ ବିଭିନ୍ନ ନିର୍ମାଣ କାର୍ଯ୍ୟ, ଚା' ବଗିଚା ଆଦିରେ କାର୍ଯ୍ୟ କରିବା ଆରମ୍ଭ କଲେ।

**ଦେଶାନ୍ତରୀକରଣର ବିଭିନ୍ନ ଉପାଦାନ:** ଆମ ଦେଶର ବିଶାଳ ଆକାରକୁ ଲକ୍ଷ୍ୟକଲେ ଜଣାଯାଏ ଯେ ଉତ୍ତର ପୂର୍ବାଞ୍ଚଳର ଅଧିବାସୀମାନଙ୍କ ଦ୍ୱାରା ଯେଉଁ ଦେଶାନ୍ତରୀକରଣ ହୁଏ ସେହି ସଂଖ୍ୟା ସେତେ ଗୁରୁତ୍ୱପୂର୍ଣ୍ଣ ନୁହଁ। ତେବେ ଉତ୍ତର-ପୂର୍ବାଞ୍ଚଳ ଦୃଷ୍ଟିରୁ ଏବଂ ଦେଶାନ୍ତରୀକରଣର ଆକାର ଏବଂ ବେଗ ପରିପ୍ରେକ୍ଷୀରେ ଏହି ପ୍ରସଙ୍ଗଟି ଯଥେଷ୍ଟ ଗୁରୁତ୍ୱ ବହନ କରେ।

ଶୁକ୍ଲା କମିଟି ଆଧାରରେ ଉତ୍ତର-ପୂର୍ବାଞ୍ଚଳର ଚାରୋଟି ପ୍ରମୁଖ ସମସ୍ୟାକୁ ଚିହ୍ନଟ କରାଯାଇଛି। ସେଗୁଡ଼ିକ ହେଲା- ସର୍ବନିମ୍ନ ଆବଶ୍ୟକତାର ଅଭାବ, ଭିତ୍ତିଭୂମିର ଅଭାବ, ସମ୍ବଳ ଅଭାବ ଏବଂ ଦେଶର ଅନ୍ୟମାନଙ୍କ ସହ ଉତ୍ତର ପୂର୍ବାଞ୍ଚଳ ଅଧିବାସୀମାନଙ୍କ ବୁଝାମଣାର ଅଭାବ। ଏହି ଅଭାବଗୁଡ଼ିକର ସିଧାସଳଖ ପ୍ରଭାବ ଯୋଗୁଁ ଆହୁରି ଅନ୍ୟାନ୍ୟ ସମସ୍ୟା ମଧ୍ୟ ଉପୁନ୍ନ ହୁଏ। ଏଭଳି ମୂଲ୍ୟାଙ୍କନ ଦ୍ୱାରା ଆମେ ଉତ୍ତର ପୂର୍ବାଞ୍ଚଳ ସମ୍ପର୍କିତ ପ୍ରଶ୍ନଗୁଡ଼ିକର ସମ୍ୟକ୍ ଉତ୍ତର ପାଇପାରିବା ବୋଲି ଆଶା କରାଯାଏ। ଉପରବର୍ଣ୍ଣିତ ବିଭିନ୍ନ 'ଅଭାବ'ଗୁଡ଼ିକ ମଧ୍ୟରୁ ପ୍ରଥମ ତିନୋଟି ଅଭାବର ପ୍ରଭାବ ଯୋଗୁଁ

ଦେଶର ପ୍ରତ୍ୟେକ ଅଞ୍ଚଳ ବିଭିନ୍ନ ମାତ୍ରାରେ ଭାରତୀୟ ମୁଖ୍ୟ ସ୍ରୋତରେ ସମ୍ମିଳିତ ହୋଇଛନ୍ତି। ଉଦାହରଣସ୍ୱରୂପ ଶିକ୍ଷା କ୍ଷେତ୍ରରେ ଉନ୍ନତ ସାକ୍ଷରତା ହାର ଯୋଗୁଁ ଦେଶର ବହୁ ଅନ୍ୟାନ୍ୟ ଅଞ୍ଚଳ ଅପେକ୍ଷା ଉତ୍ତର ପୂର୍ବାଞ୍ଚଳ ଭଲ ଭାବେ ମୁଖ୍ୟ ଧାରାରେ ସାମିଲ୍‌ହୋଇପାରିଛି। ତେବେ ଯଦି ଆମେ ରେଳ ରାସ୍ତା ଯୋଗାଯୋଗ, ଶକ୍ତି ଉତ୍ପାଦନ, ଉଦ୍ୟୋଗିକ ବିକାଶ ଆଦି ଭିତ୍ତିଭୂମି ସୁବିଧା ସୁଯୋଗକୁ ବିଚାରକୁ ନେବା ତେବେ ଆମେ ଜାଣିପାରିବା ଯେ ଦେଶର ପୂର୍ବାଞ୍ଚଳରେ ଏହିସବୁ ବିଷୟ ଆଶାନୁରୂପ ଭାବେ ବିକଶିତ ହୋଇପାରିନାହିଁ। ଏତଦ୍‌ବ୍ୟତୀତ ସାମାଜିକ, ରାଜନୈତିକ ପୃଷ୍ଠଭୂମିରେ ଦେଶର ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନଙ୍କର ଅନ୍ୟମାନଙ୍କଠାରୁ ପୃଥକୀକରଣ ହୋଇଛି ବୋଲି ବେଳେବେଳେ ବିଚାର କରାଯାଏ ଏବଂ ଉତ୍ତର ପୂର୍ବାଞ୍ଚଳର ଗୋଟିଏ ରାଜ୍ୟକୁ ଛାଡ଼ି ଅନ୍ୟ ସମସ୍ତ ରାଜ୍ୟ ଉଗ୍ରବାଦ ପ୍ରଭାବିତ ହୋଇଥିଲେ ସୁଦ୍ଧା ଏଭଳି ଏକ ଧାରଣାକୁ ସହଜରେ ପ୍ରତିହତ କରଯାଇପାରେନାହିଁ। ତେବେ ଉତ୍ତର ପୂର୍ବାଞ୍ଚଳର ଜନସାଧାରଣ ହେଉଛନ୍ତି ଆମ ଦେଶର ସ୍ୱାଭିମାନୀ ନାଗରିକ ଏବଂ ତାଙ୍କର ସେହି ସ୍ୱାଭିମାନକୁ ପ୍ରଶ୍ନ କରିବା ଅର୍ଥ ହେଉଛି, ସେମାନଙ୍କ ଅବସ୍ଥିତିକୁ ଗ୍ରହଣ ନକରିବା।



ସେଠାକାର ସାମାଜିକ, ଅର୍ଥନୈତିକ ଜୀବନରେ ଏଭଳି ଆନ୍ଦୋଳନ ସୃଷ୍ଟି ହୁଏ, ଯଦ୍ଦ୍ୱାରା ଦେଶାନ୍ତରୀକରଣ ଘଟିଥାଏ। ଅନ୍ୟ ଅର୍ଥରେ ଏହିସବୁ ଅଭାବ ଯୋଗୁଁ ସେଠାକାର ଅଧିବାସୀମାନେ ଦେଶର ଅନ୍ୟ ଅଞ୍ଚଳକୁ ଆସି ବସବାସ କରିବା ପାଇଁ ଏକ ପ୍ରକାରର ବାଧ ହୋଇଥାନ୍ତି। ଏହି ଅଭାବଗୁଡ଼ିକ ମଧ୍ୟରୁ ପ୍ରମୁଖ ଅଭାବଟି ହେଉଛି, ଗୁଣାତ୍ମକ ଶିକ୍ଷା ଭିତ୍ତିଭୂମିର ଅଭାବ। ଏଥିଯୋଗୁଁ ପିତାମାତା ଅଭିଭାବକମାନେ ପୁଅ ଝିଅଙ୍କ ଉନ୍ନତ ଶିକ୍ଷା ପାଇଁ ସେମାନଙ୍କୁ ଉତ୍ତର-ପୂର୍ବାଞ୍ଚଳ ବାହାରକୁ ପଠାଇବା ପାଇଁ ବାଧ ହୋଇଥାନ୍ତି। ଏତଦ୍‌ବ୍ୟତୀତ ସେଠାକାର ଉଗ୍ରବାଦ ଏବଂ ସାମାଜିକ, ରାଜନୈତିକ ଅସ୍ଥିରତା ଯୋଗୁଁ ମଧ୍ୟ ଅନେକ ସମ୍ପୃକ୍ତ ଅଞ୍ଚଳରେ ନରହି ଦେଶାନ୍ତରୀକରଣ କରିବାକୁ ମନ ବଳାଇଥାନ୍ତି।

ଅନ୍ୟପକ୍ଷରେ ଉଚ୍ଚଶିକ୍ଷା ପାଇଁ ଉତ୍ତର-ପୂର୍ବାଞ୍ଚଳର ଅଧିକାଂଶ ଛାତ୍ରଛାତ୍ରୀ ଦିଲ୍ଲୀ ଓ କୋଲ୍‌କାତା ଭଳି ବଡ଼ବଡ଼ ସହରକୁ ଅଧିକ ପସନ୍ଦ କରିଥାନ୍ତି। ଅନେକ ଛାତ୍ରଛାତ୍ରୀ, ଯେଉଁମାନେ ବିଭିନ୍ନ ଉଚ୍ଚପଦସ୍ଥ ସରକାରୀ ଚାକିରି, ବ୍ୟାଙ୍କର, ଓକିଲ ଆଦି ହେବାକୁ ଚାହାନ୍ତି ସେମାନେ ମଧ୍ୟ ଏହିଭଳି ସହରକୁ ଚାଲି ଆସିଥାନ୍ତି।

**ପ୍ରବାସୀର ଜୀବନ:**

ଉତ୍ତର-ପୂର୍ବାଞ୍ଚଳରୁ ଦେଶାନ୍ତରୀକରଣ ଯୋଗୁଁ ଅନେକ ସହରଗୁଡ଼ିକର ମହାବିଦ୍ୟାଳୟ କ୍ୟାମ୍ପସ୍, କଲ୍ ସେଣ୍ଟର, ବଡ଼ ବଡ଼ ହୋଟେଲ୍, ମଲ୍ ଏବଂ ସ୍ପା ଆଦିରେ ସେମାନଙ୍କ ଉପସ୍ଥିତି ଅଧିକରୁ ଅଧିକ ଦୃଷ୍ଟିଗୋଚର ହୁଏ। ତେବେ ଏକ ଛୋଟ ଅଞ୍ଚଳରୁ ଆସି ବଡ଼ ବଡ଼ ସହରର ପରିସ୍ଥିତି ସହିତ ଖାପଖୁଆଇବାକୁ ନେଇ ଉତ୍ତର-ପୂର୍ବାଞ୍ଚଳର ଏଭଳି ଅଧିବାସୀମାନଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼େ। ଏଭଳି ଅଧିକାଂଶ ପ୍ରବାସୀ ଛାତ୍ରଛାତ୍ରୀ ଛୋଟ ଛୋଟ ଗାଁ ଏବଂ ସହରରୁ ଆସିଥିବା ଯୋଗୁଁ ସେମାନଙ୍କ ପାଇଁ ମଧ୍ୟ ଖାପଖୁଆଇ ଚଳିବାରେ ଅସୁବିଧା ଦେଖାଦିଏ। ସମ୍ପୂର୍ଣ୍ଣ ଭାବେ ଏକ ନୂତନ ପରିବେଶରେ ନିଜକୁ ପାଇ ସେମାନେ କେବଳ ନିଜ ଉପରେ ହିଁ ନିର୍ଭର କରିବାକୁ ବାଧ ହୋଇଥାନ୍ତି। ଅନ୍ୟପକ୍ଷରେ ଏଭଳି ଏକାକୀପଣରୁ ମୁକ୍ତିପାଇବାକୁ ଯାଇ ସେମାନେ ନିଜ ଅଞ୍ଚଳର ଅନ୍ୟାନ୍ୟମାନଙ୍କ ସହିତ ସମ୍ପର୍କ ଯୋଡ଼ନ୍ତି ଏବଂ ଏହିଭଳି ଭାବେ ଏକ ପ୍ରକାରର ଦଳଗତ ଜୀବନ ନିର୍ବାହ କରନ୍ତି। ସେମାନଙ୍କ ଶାରିରୀକ ଗଠନ ଏବଂ ସାମାଜିକ ଚଳଣି ଯୋଗୁଁ ସେମାନେ ଅନ୍ୟମାନଙ୍କ ଠାରୁ ବାରିହୋଇପଡନ୍ତି। ଏହାଦ୍ୱାରା ସେମାନଙ୍କ ବିରୋଧରେ ଜାତିଗତ ଆକ୍ରମଣ ଓ ବଳାତ୍କାର, ଏପରିକି ହତ୍ୟା ଆଦି ଘଟଣା ମଧ୍ୟ ସଂଗଠିତ ହୁଏ। ଦିଲ୍ଲୀ ଏବଂ ବେଙ୍ଗାଲୁରୁ ସହରରେ ଏଭଳି କେତେକ ଘଟଣା ଲୋକଲୋଚନକୁ ଆସିଛି। ଏତଦ୍‌ବ୍ୟତୀତ ଉତ୍ତର-ପୂର୍ବାଞ୍ଚଳରୁ ହେଉଥିବା ମାନବ ଚାଲାଣକୁ ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ ପାଇଛି। ଏଭଳି ଏକ ପୃଷ୍ଠଭୂମିରେ 'ବୁଝାମଣାର ଅଭାବ' ଯୋଗୁଁ ଉତ୍ତର ପୂର୍ବାଞ୍ଚଳ ଅଧିବାସୀଙ୍କ ସହ ଅନ୍ୟମାନଙ୍କ ବୁଝାମଣାର ବ୍ୟବଧାନ ଆହୁରି ଅଧିକ ବୃଦ୍ଧି ପାଇବାର ଆଶଙ୍କା ସୃଷ୍ଟି ହୋଇଛି।

**ପ୍ରବାସୀମାନଙ୍କ ସୁରକ୍ଷା**

ଗତ ୨୦୧୪ ମସିହା ସେପ୍ଟେମ୍ବର ମାସରେ ଅରୁଣାଚଳ ପ୍ରଦେଶର ଜନୈକା ୧୯ ବର୍ଷ ବୟସ୍କା ଛାତ୍ରୀ ନିଡୋ ତାନିଆଙ୍କ ହତ୍ୟା ଘଟଣା ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଘଟଣା ଥିଲା। ଏହି ଘଟଣା ପରେ ଉତ୍ତର-ପୂର୍ବାଞ୍ଚଳର ପ୍ରବାସୀମାନଙ୍କ ସୁରକ୍ଷାକୁ ନେଇ ଉଭୟ ରାଜ୍ୟ ସରକାର ଓ କେନ୍ଦ୍ର ସରକାର ଚିନ୍ତିତ ହୋଇପଡ଼ିଲେ। ଦେଶର ବିଭିନ୍ନ ଅଞ୍ଚଳରେ ରହୁଥିବା ଉତ୍ତର-ପୂର୍ବାଞ୍ଚଳର ପ୍ରବାସୀମାନଙ୍କ ସୁରକ୍ଷା ଓ ଅନ୍ୟାନ୍ୟ ସୁବିଧାକୁ ସୁନିଶ୍ଚିତ କରିବା ପାଇଁ କେନ୍ଦ୍ର ସରକାର ବେଜ୍‌ବରୁଆ କମିଟି ଗଠନ କଲେ। ଏହା ପଛର ଉଦ୍ଦେଶ୍ୟ ଥିଲା ବିଶେଷ ଭାବେ ମେଟ୍ରୋପଲିଟାନ୍ ସହର ଭିତରେ ରହୁଥିବା ଉତ୍ତର-ପୂର୍ବାଞ୍ଚଳର ପ୍ରବାସୀମାନଙ୍କ ସୁରକ୍ଷା ଏବଂ ସ୍ୱାର୍ଥକୁ ନେଇ ବିଭିନ୍ନ ଉପାୟ ବାହାର କରିବା। ଯଦିଓ ଅନେକଙ୍କ ମତରେ ଏହାଏକ ବିଳମ୍ବିତ ପଦକ୍ଷେପ ଥିଲା, ତଥାପି ଏହାଦ୍ୱାରା କମିଟି ସମ୍ପୃକ୍ତ ପ୍ରସଙ୍ଗରେ ସରକାରଙ୍କୁ ବିଭିନ୍ନ ସୁପାରିସ କରିବା ପାଇଁ ସୁଯୋଗ ପାଇଲେ। ଏହାପରେ ଦେଶର ଅନେକ ସହରରେ କଲ୍ୟାଣ କମିଟିଗୁଡ଼ିକ ଗଠନ ହେଲା। ଉତ୍ତର-ପୂର୍ବାଞ୍ଚଳ ପ୍ରବାସୀମାନଙ୍କ ସୁରକ୍ଷା ଓ ସ୍ୱାର୍ଥକୁ ନେଇ ଏହି କମିଟିଗୁଡ଼ିକ ସ୍ଥାନୀୟ ପ୍ରଶାସନ ସହିତ ମିଶି କାର୍ଯ୍ୟ କରିବା ଆରମ୍ଭ କଲେ। ବେଜ୍‌ବରୁଆ କମିଟି ଦେଇଥିବା ବିଭିନ୍ନ ସୁପାରିସଗୁଡ଼ିକର ସମ୍ପୂର୍ଣ୍ଣ କାର୍ଯ୍ୟାନ୍ୱୟନ ଦ୍ୱାରା ଉତ୍ତର ପୂର୍ବାଞ୍ଚଳ ପ୍ରବାସୀମାନେ ଭୋଗ କରୁଥିବା ଅନେକ ସମସ୍ୟାର ସମାଧାନ ହୋଇପାରିବ ନିଶ୍ଚୟ। ତେବେ କେବଳ ଏଭଳି ସୁରକ୍ଷାଗତ ବ୍ୟବସ୍ଥା ଦ୍ୱାରା ପ୍ରବାସୀମାନଙ୍କ ବିରୋଧରେ ହିଂସାତ୍ମକ ଘଟଣାଗୁଡ଼ିକର ପରିସମାପ୍ତି ଘଟିବ ନାହିଁ। ତଥାପି ଏହାଦ୍ୱାରା ଆଇନ୍ ଭଙ୍ଗକାରୀମାନଙ୍କୁ ଏକ ପ୍ରକାରର ଭୟ ନିଶ୍ଚିତ ରହିବ।

ଦ୍ୱିତୀୟରେ ଉତ୍ତର-ପୂର୍ବାଞ୍ଚଳ ଅଧିବାସୀ ଓ ଦେଶର ଅନ୍ୟାନ୍ୟ ଅଞ୍ଚଳର ଅଧିବାସୀଙ୍କ ମଧ୍ୟରେ ଥିବା ବୁଝାମଣାର ଅଭାବକୁ ନେଇ ଏକ ସଚେତନତା ସୃଷ୍ଟି କରାଯାଇପାରିବ। ସେମାନଙ୍କ ମଧ୍ୟରେ ଅଧିକରୁ ଅଧିକ ପାରସ୍ପରିକତା ସୃଷ୍ଟି ହେଲେ ଓ ଭାବଗତ ଆଦାନ ପ୍ରଦାନ ଘଟଣା ବୃଦ୍ଧି ପାଇଲେ ଏହି ବୁଝାମଣାର ଅଭାବକୁ ଦୂରୀଭୂତ କରାଯାଇପାରିବ। ତେବେ ଉତ୍ତର-ପୂର୍ବାଞ୍ଚଳର ପ୍ରବାସୀମାନଙ୍କ ସୁରକ୍ଷା ପାଇଁ କେବଳ ଆଇନ୍ ଉପରେ ନିର୍ଭର କଲେ ଚଳିବ ନାହିଁ। କାରଣ ଏହାଦ୍ୱାରା ଉପରବର୍ଣ୍ଣିତ 'ଅଭାବ' ଆହୁରି ଅଧିକ ବ୍ୟାପକ ହେବାର ଆଶଙ୍କା ରହିଛି। ତେଣୁ କୌଣସି ବିଷୟରେ ଏକ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟିହେବା ପୂର୍ବରୁ ବିହିତ ବ୍ୟବସ୍ଥା ଗ୍ରହଣ କରିବା ଉଚିତ୍। ଏହି ପ୍ରସଙ୍ଗରେ ସାମାଜିକ ସଂଗଠନ ଏବଂ ପରିବର୍ତ୍ତନ ସୃଷ୍ଟିକାରୀ ଅନୁଷ୍ଠାନ ଏବଂ ବ୍ୟକ୍ତିବିଶେଷଙ୍କ ସାହାଯ୍ୟ ନେବା ଅତ୍ୟନ୍ତ ଆବଶ୍ୟକ। ଏହି ପ୍ରକ୍ରିୟାରେ ସରକାର କେବଳ ଏକ ସାହାଯ୍ୟକାରୀ ଭୂମିକାରେ ଅବତୀର୍ଣ୍ଣ ହେବା ଆବଶ୍ୟକ। ଏପର୍ଯ୍ୟନ୍ତ ଏଭଳି ହୋଇପାରିନାହିଁ।

ଏଭଳି ପରିସ୍ଥିତି ସୃଷ୍ଟିହେବା ଆବଶ୍ୟକ। ଯଦ୍ଦ୍ୱାରା ଦେଶର ଯେକୌଣସି ଅଞ୍ଚଳରେ ମଧ୍ୟ ପ୍ରବାସୀମାନଙ୍କ ସୁରକ୍ଷାକୁ ନେଇ ଏକ ବ୍ୟବସ୍ଥା ତିଆରି ହୋଇପାରିବ।

ନିକଟ ଭବିଷ୍ୟତରେ ମଧ୍ୟ ଉତ୍ତର-ପୂର୍ବାଞ୍ଚଳରୁ ଦେଶାନ୍ତରୀକରଣ ଅବ୍ୟାହତ ରହିବ। ବେଜ୍‌ବରୁଆ କମିଟି ସୁପାରିସଗୁଡ଼ିକୁ ଲାଗୁ କରିବା ଏବଂ ପାରସ୍ପରିକ ସମ୍ମାନ ଏବଂ ବୁଝାମଣାକୁ ନେଇ ଏକ ସୁରକ୍ଷିତ ସାମାଜିକ ବାତାବରଣ ସୃଷ୍ଟି ପାଇଁ ଆଗୁଆ ପଦକ୍ଷେପ ନିଆଗଲେ ଏହା ଭବିଷ୍ୟତ ପିଢ଼ି ପାଇଁ ଅତ୍ୟନ୍ତ ଉପାଦେୟ ହୋଇପାରିବ।

**ଆଗକୁ ରାସ୍ତା:**

ଗତ ୨୫ ବର୍ଷ ମଧ୍ୟରେ ଭାରତୀୟ ଅର୍ଥନୀତି ଅନେକ ପ୍ରଗତି ହାସଲ କରି ବର୍ତ୍ତମାନ ଏକ ଅର୍ଥନୈତିକ ଶକ୍ତି ଭାବେ ଉଭା ହୋଇଛି। ଅଧିକରୁ ଅଧିକ ଅର୍ଥନୈତିକ ସୁବିଧା ସୃଷ୍ଟି ସହିତ ଦେଶର ବିଭିନ୍ନ ଅଞ୍ଚଳର ଜନସାଧାରଣ ଭାରତର ଏହି ଆର୍ଥିକ ସଫଳ କାହାଣୀର ଅଂଶବିଶେଷ ହେବା ପାଇଁ ମନ ବଳାଇବେ। ଏହି ପୃଷ୍ଠଭୂମିରେ ଦେଶର ଉତ୍ତର ପୂର୍ବାଞ୍ଚଳର ଅଧିକରୁ ଅଧିକ ଛାତ୍ରଛାତ୍ରୀ ମଧ୍ୟ ଦେଶାନ୍ତରୀକରଣର ଆବଶ୍ୟକତା ଅନୁଭବ କରିବେ, ଯାହା ବେଶ୍ ମଙ୍ଗଳସୂଚକ।

ତେବେ ଦେଶାନ୍ତରୀକରଣର ଏକ ଦୁଃଖଦ ଦିଗ ହେଉଛି ବିଭିନ୍ନ ବିଯୁକ୍ତାତ୍ମକ କାରଣରୁ ହେଉଥିବା ଦେଶାନ୍ତରୀକରଣ। ଏହି କାରଣଗୁଡ଼ିକ ମଧ୍ୟରେ ରହିଛି ଉତ୍ତମ ଶିକ୍ଷା ଭିତ୍ତିଭୂମିର ଅଭାବ, ଅବକ୍ଷୟିଷ୍ଣୁ ସାର୍ବଜନୀନ ସ୍ୱାସ୍ଥ୍ୟ ସେବା, ସରକାରୀ ସମ୍ବଳ ଅଭାବ, ଅର୍ଥନୈତିକ ସୁଯୋଗରେ ସ୍ଥାଣୁତା, ଉଗ୍ରବାଦ ଏବଂ ଅଶକ୍ତିଶାଳୀ ପ୍ରଶାସନ। ଏସବୁ କାରଣ ଯୋଗୁଁ ସମ୍ପୃକ୍ତ ଅଞ୍ଚଳର ବିକାଶ ବାଧାପ୍ରାପ୍ତ ହେଉଛି। ଏହା କୌଣସି ଅଞ୍ଚଳ ପାଇଁ ଶୁଭଙ୍କର ନୁହେଁ ଯଦି ସେଠାକାର ପ୍ରବାସୀମାନଙ୍କ ମଧ୍ୟରେ ଅଧିକାଂଶ ହେଉଛନ୍ତି ଛାତ୍ରଛାତ୍ରୀ। ଦିନ ଥିଲା ଉତ୍ତର-ପୂର୍ବାଞ୍ଚଳର



ସିଲଂ ଭଳି ସ୍ଥାନ ସମଗ୍ର ଦେଶର ଶିକ୍ଷା ମାନଚିତ୍ରରେ ଏକ ପ୍ରମୁଖ ସ୍ଥାନ ଅଧିକାର କରିଥିଲା। ତେବେ ବର୍ତ୍ତମାନ ସେହି ସ୍ଥାନ ଦିଲ୍ଲୀ, ଚେନ୍ନାଇ, ପୁଣେ, କୋଲ୍‌କାତା ଏବଂ ମୁମ୍ବାଇ ଭଳି ସହର ଅଧିକାର କରିନେଇଛନ୍ତି। ଏହିସବୁ ସହରରେ ଜୀବନଧାରଣ କରିବା ଅତ୍ୟନ୍ତ ମହଙ୍ଗା। ଯଦ୍ଦ୍ୱାରା ଏଠିକାର ଶିକ୍ଷା ବ୍ୟବସ୍ଥା ମଧ୍ୟ ଖର୍ଚ୍ଚ ସାପେକ୍ଷ। ଉତ୍ତର ପୂର୍ବାଞ୍ଚଳରେ ପର୍ଯ୍ୟଟନ ସମ୍ପର୍କିତ ସୁଯୋଗ ସୃଷ୍ଟିରେ ଶିଥିଳତା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରର ସ୍ଥାଣୁତା ଯୋଗୁଁ ଉତ୍ତର ପୂର୍ବାଞ୍ଚଳରୁ ଅଧିକ ଦେଶାନ୍ତରୀକରଣ ଘଟଣା ସଂଗଠିତ ହେଉଛି। ଏସବୁ ଘଟଣା ଦ୍ୱାରା ଉତ୍ତର ପୂର୍ବାଞ୍ଚଳର ପ୍ରଗତି ବାଧାପ୍ରାପ୍ତ ହେଉଛି।

ଉତ୍ତର-ପୂର୍ବାଞ୍ଚଳର ବିଭିନ୍ନ ବିକାଶ ପ୍ରସଙ୍ଗର ଅନୁଧ୍ୟାନ ପାଇଁ ଏବଂ ସେଗୁଡ଼ିକୁ ତ୍ୱରାନ୍ୱିତ କରିବା ପାଇଁ କେନ୍ଦ୍ରରେ ଉତ୍ତର-ପୂର୍ବାଞ୍ଚଳ ବିଭାଗ ଏବଂ ଉତ୍ତର-ପୂର୍ବାଞ୍ଚଳ ପରିଷଦ ଗଠନ କଲାଭଳି ବିଭିନ୍ନ ପଦକ୍ଷେପ ନିଆଯାଇଛି। ସମ୍ପୃକ୍ତ ଅଞ୍ଚଳରେ ସଡ଼କ, ରେଳ ଏବଂ ଜଳପଥ ସମେତ ଆକାଶ ମାର୍ଗରେ ଗମନାଗମନ ଏବଂ ଯୋଗାଯୋଗ ସୁବିଧା ସୃଷ୍ଟି ଉପରେ କେନ୍ଦ୍ର ସରକାର ଗୁରୁତ୍ୱ ପ୍ରଦାନ କରିଛନ୍ତି। ଏତଦ୍‌ବ୍ୟତୀତ ସେହି ଅଞ୍ଚଳରେ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ମଧ୍ୟ କେନ୍ଦ୍ର ସରକାର ବିଭିନ୍ନ ଯୋଜନା ପ୍ରସ୍ତୁତ କରିଛନ୍ତି। ସରକାରଙ୍କ 'ଲୁକ୍ ଇଷ୍ଟ୍' ନୀତି ଦ୍ୱାରା ସମ୍ପୃକ୍ତ ଅଞ୍ଚଳର ଏକ ବିରାଟ ପରିବର୍ତ୍ତନ ସମ୍ଭବ ହୋଇପାରିବ ବୋଲି ଆଶା କରାଯାଏ। ଏହାଦ୍ୱାରା ଦେଶର ଉତ୍ତର-ପୂର୍ବାଞ୍ଚଳ ଭାରତର ପୂର୍ବରେ ଥିବା ଦେଶ ଏବଂ ଭାରତ ଭୂ-ଖଣ୍ଡ ମଧ୍ୟରେ କେବଳ ଏକ ମାଧ୍ୟମ ହୋଇ ରହିବ ନାହିଁ ବରଂ ଏହି ଅଞ୍ଚଳ ବିକାଶର ଯାତ୍ରାରେ ମଧ୍ୟ ଏକ ପ୍ରମୁଖ ଅଂଶୀଦାର ହୋଇପାରିବ।

ଦେଶର ଉତ୍ତର-ପୂର୍ବାଞ୍ଚଳକୁ ନେଇ ସୃଷ୍ଟି ହୋଇଥିବା ଅଧିକ ଉତ୍ସାହ ଓ ଆଗ୍ରହକୁ ବିଭିନ୍ନ ଯୋଜନା ଓ ନୀତି ମାଧ୍ୟମରେ ପରିବର୍ତ୍ତିତ କରିବାର ଅବକାଶ ଆସିଛି।

ପ୍ରଧାନମନ୍ତ୍ରୀଙ୍କ ଭାଷାରେ, "ସମସ୍ତ ଅଞ୍ଚଳର ବିକାଶ ହେଲେ ଯାଇ ଭାରତ ବିକଶିତ ହୋଇପାରିବ। ଉତ୍ତର-ପୂର୍ବାଞ୍ଚଳ ବିକଶିତ ନହୋଇପାରିବାର କୌଣସି କାରଣ ମୁଁ ଦେଖୁନାହିଁ।" ଏହିଭଳି ସକାରାତ୍ମକ ଦୃଷ୍ଟିଭଙ୍ଗୀକୁ ଉତ୍ତର-ପୂର୍ବାଞ୍ଚଳର ଅଧିବାସୀମାନେ ଗ୍ରହଣ କରିନେବା ଉଚିତ୍। ଯଦ୍ଦ୍ୱାରା ଦେଶର ଉତ୍ତର-ପୂର୍ବାଞ୍ଚଳ ଏପର୍ଯ୍ୟନ୍ତ ଯେଉଁ ପ୍ରଗତି ହାସଲ କରିପାରିନାହିଁ ତାହା ଅନାୟାସରେ ସମ୍ଭବ ହୋଇପାରିବ।

ବୋଧହୁଏ ସେତେବେଳେ 'ଉତ୍ତର-ପୂର୍ବାଞ୍ଚଳକୁ ମୁଖ୍ୟଧାରାରେ ସାମିଲ୍ କରିବା କେମିତି ?' ଭଳି ପ୍ରଶ୍ନ ଅପ୍ରାସଙ୍ଗିକ ହୋଇଯିବ।

**ଲେଖକ ହେଉଛନ୍ତି ତାମିଲ୍‌ନାଡୁ ସରକାରଙ୍କ ଅଧିନସ୍ଥ କୃଷି ବିପଣନ ଏବଂ କୃଷି ବ୍ୟବସାୟ ବିଭାଗର ଆୟୁକ୍ତ।**


# ଶିକ୍ଷା ପାଇଁ ବଜେଟ୍ ଆବଣ୍ଟନ


● ଶୈଳେନ୍ଦର ଶର୍ମା ● ଡକ୍ଟର ଶଶିରଞ୍ଜନ ଝା

ଭାରତୀୟ ଶିକ୍ଷା ଦୃଶ୍ୟପଟରେ ବର୍ତ୍ତମାନ ବ୍ୟାପକ ସଂସ୍କାର ପରିଲକ୍ଷିତ ହେଉଛି। ଗୋଟିଏ ପଟେ ପରାମର୍ଶ-କୈନ୍ଦ୍ରିକ ନୂତନ ଶିକ୍ଷାନୀତି ନିର୍ଦ୍ଧାରଣ ପାଇଁ ପ୍ରୟାସ ଚାଲିଛି ଓ ଅନ୍ୟପଟେ ଉଚ୍ଚମାନର ଶିକ୍ଷାନୁଷ୍ଠାନଗୁଡ଼ିକର ସମ୍ପ୍ରସାରଣ ଓ ସଶକ୍ତିକରଣ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି। (ଆଇଆଇଟି, ଆଇଆଇଏମ୍, କେନ୍ଦ୍ରୀୟ ବିଦ୍ୟାଳୟ, ଉଚ୍ଚଶିକ୍ଷା ଓ ଅନୁସନ୍ଧାନ ସମ୍ପର୍କିତ ଅନେକ ବିଧେୟକ ଓ ସଂଶୋଧନ ବିଧେୟକ ପ୍ରସ୍ତୁତ କରାଯାଇଛି।) ତେବେ ଶିକ୍ଷା କ୍ଷେତ୍ରରେ ଏବେ ମଧ୍ୟ ଭିତ୍ତିଭୂମି, ଶିକ୍ଷକ, ନୀତି ଓ ସମ୍ବଳ ଆଦିର ଅଭାବ ପରିଲକ୍ଷିତ ହେଉଛି।

ନିକଟ ଅତୀତରେ ଉପସ୍ଥାପିତ କେନ୍ଦ୍ର ବଜେଟ୍ କିନ୍ତୁ ଗତ ଦଶବର୍ଷ ଭିତରର ସବୁ ବଜେଟ୍ ଅପେକ୍ଷା ଭିନ୍ନ। ଏଥରର ବଜେଟ୍‌ରେ ଶିକ୍ଷା ଉପରେ ଯଥେଷ୍ଟ ଗୁରୁତ୍ୱ ଦିଆଯାଇଛି। ଏଥିରେ 'ଶିକ୍ଷା', 'ଶୈକ୍ଷିକ', 'ଶିକ୍ଷକ', 'ଶିକ୍ଷକମାନେ' ଭଳି ଶବ୍ଦଗୁଡ଼ିକୁ ପ୍ରାୟ ୩୫ ଥର ବ୍ୟବହାର କରାଯାଇଛି। ଯାହାକି ବୋଧହୁଏ ଗତ ୧୦ ବର୍ଷ ଭିତରେ ସର୍ବାଧିକ। ଏଥିରୁ ଶିକ୍ଷା ଉପରେ ଏଥରର ବଜେଟ୍ ଦେଇଥିବା ଗୁରୁତ୍ୱ ସ୍ୱଷ୍ଟ ଭାବେ ଅନୁମେୟ। ଶିକ୍ଷା ପ୍ରତି ଏକ ସର୍ବାଙ୍ଗୀନ ଦୃଷ୍ଟିଭଙ୍ଗୀ ସମ୍ପର୍କରେ ବଜେଟ୍ ଭାଷଣରୁ ସ୍ପଷ୍ଟ ଭାବେ ବୁଝାପଡୁଛି। ଏହାଦ୍ୱାରା ବ୍ୟବସ୍ଥାଗତ ଚିନ୍ତନ-ମନ୍ଥନ ତ୍ୱରାନ୍ୱିତ ହୋଇପାରିବ। ବିଦ୍ୟାଳୟ ଶିକ୍ଷା କ୍ଷେତ୍ରରେ ସଂହତି ଆଣିବା ଉପରେ କରାଯାଉଥିବା ପ୍ରୟାସ ଏହାର ଏକ ପ୍ରମାଣ। ବଜେଟ୍ ଭାଷଣରେ ଆଉ ମଧ୍ୟ ଅପ୍ରଶିକ୍ଷିତ ଶିକ୍ଷକଙ୍କୁ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱ ଦିଆଯାଇଛି, ଯାହା 'ଶିକ୍ଷକକୁ ନେଇ ଶିକ୍ଷା' ଉକ୍ତିଟିକୁ ଚରିତାର୍ଥ କରେ। ତେଣୁ ଚଳିତଥର ଶିକ୍ଷା ପାଇଁ ବଜେଟ୍ ଆବଣ୍ଟନ କେବଳ ଏକ ଆର୍ଥିକ ବିନିଯୋଗ ନୁହଁ ବରଂ ଏହା ହେଉଛି ସମ୍ବଳ ବିନିଯୋଗ ଓ ଉପଲବ୍ଧ ସମ୍ବଳର ପ୍ରକୃଷ୍ଟ ଉପାଦେୟତା ପାଇଁ ଏକ ପ୍ରୟାସ। ଅନେକଦିନ ଧରି ସର୍ବଶିକ୍ଷା ଅଭିଯାନ ଭଳି କାର୍ଯ୍ୟକ୍ରମ ପାଇଁ ନିରବଚ୍ଛିନ୍ନ ପୁଞ୍ଜି ଯୋଗାଣ ପରେ, ବର୍ତ୍ତମାନ ସମୟ ଆସିଛି ଶିକ୍ଷାର ଉପଯୁକ୍ତ ମାନ ସୃଷ୍ଟି ପାଇଁ ଅର୍ଥ ବିନିଯୋଗ କରିବା ସକାଶେ।

ଶିକ୍ଷା ଅଧିକାର ଆଇନର ଧାରା ୧୨(୧)(ଗ) ଅନୁଯାୟୀ ଗରିବ ଶ୍ରେଣୀର ଛାତ୍ରଛାତ୍ରୀଙ୍କ ପାଇଁ ଅନୁଦାନ ପାଉନଥିବା ବେସରକାରୀ ବିଦ୍ୟାଳୟଗୁଡ଼ିକରେ ମଧ୍ୟ ୨୫% ସ୍ଥାନ ସଂରକ୍ଷିତ କରାଯିବା ବାଞ୍ଛନୀୟ। ଏହି କାରଣ ସହିତ ଅନ୍ୟକେତେକ କାରଣ ଯୋଗୁଁ ସରକାରୀ ବିଦ୍ୟାଳୟ ଅପେକ୍ଷା ବେସରକାରୀ ବିଦ୍ୟାଳୟଗୁଡ଼ିକରେ ବିଦ୍ୟାର୍ଥୀ ପଞ୍ଜୀକରଣ ବୃଦ୍ଧି ପାଇଛି। ସରକାରୀ ବିଦ୍ୟାଳୟଗୁଡ଼ିକର ଛାତ୍ରଛାତ୍ରୀ ପଞ୍ଜୀକରଣ ଓ ପୁଞ୍ଜି ପ୍ରାବଧାନର ଏକ ସମ୍ୟକ ବିଶ୍ଳେଷଣରୁ ଜଣାପଡ଼େ ଯେ ସର୍ବଶିକ୍ଷା ଅଭିଯାନ ଓ ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଅଧିନରେ ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ଅର୍ଥ ଆବଣ୍ଟନ ବୃଦ୍ଧି ପାଇଛି। ଏହା ନିମ୍ନରେ ଏକ ଚାର୍ଟ ମାଧ୍ୟମରେ ପ୍ରଦର୍ଶିତ ହୋଇଛି।



ଏଥର ବଜେଟ୍ ଭାଷଣରେ ଶିକ୍ଷା ସମ୍ପର୍କିତ କେନ୍ଦ୍ର ପ୍ରାୟୋଜିତ ଯୋଜନାଗୁଡ଼ିକର ଯୁକ୍ତିଯୁକ୍ତକରଣ କରିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏହା ନିଶ୍ଚିତ ଭାବରେ ଏକ ବଡ଼ ଓ ବଳିଷ୍ଠ ପଦକ୍ଷେପ। ବର୍ତ୍ତମାନ ପ୍ରଚଳିତ ଏକାଧିକ ଶିକ୍ଷା ଯୋଜନାଗୁଡ଼ିକର ସମ୍ମିଶ୍ରଣ ଏକ ଯୁକ୍ତିସଂଗତ ଆବଶ୍ୟକତା। ପରସ୍ପର ମଧ୍ୟରେ ସମନ୍ୱୟନ ନଥିବା ଦୃଷ୍ଟିରୁ ଏହି ଯୋଜନାଗୁଡ଼ିକ ନିସଙ୍ଗ ଭାବେ ପରିଚାଳିତ ହୁଅନ୍ତି ଓ ବ୍ୟବସ୍ଥାଗତ ଶିଥିଳତାକୁ ଜନ୍ମ ଦିଅନ୍ତି। ଏହାଦ୍ୱାରା ବିଭିନ୍ନ ଯୋଜନାଗୁଡ଼ିକର କ୍ରିୟାନ୍ୱୟନ କ୍ଷେତ୍ରରେ ପରିଚାଳନାଗତ ପୁନରାବୃତ୍ତିର ଏକ ଗୋଳମାଳିଆ ପରିସ୍ଥିତି ସୃଷ୍ଟି ହୁଏ ଓ ଏହା ଯୋଜନାଗୁଡ଼ିକ ପାଇଁ ପରସ୍ପର ମଧ୍ୟରେ ଅର୍ଥ ଆବଣ୍ଟନ କରିବା ପ୍ରକ୍ରିୟାରେ ଅଯଥା ଅନ୍ତରାୟ ସୃଷ୍ଟି କରେ। ତଳ ସ୍ତରରେ ଭିନ୍ନ ଭିନ୍ନ ଯୋଜନା ପାଇଁ ମିଳୁଥିବା ଅର୍ଥ ଅଦଳବଦଳ ହୋଇପାରେ ନାହିଁ। କୌଣସି ଗୋଟିଏ ଯୋଜନାରେ କୌଣସି ନିର୍ଦ୍ଦିଷ୍ଟ କାର୍ଯ୍ୟ ପାଇଁ ଅର୍ଥ ଖର୍ଚ୍ଚ ହୋଇପାରୁନଥିଲେ ମଧ୍ୟ ଏହି ଅର୍ଥକୁ ଅନ୍ୟ ଏକ ଯୋଜନା ଅଧିନରେ ଅତ୍ୟନ୍ତ ଆବଶ୍ୟକ କାର୍ଯ୍ୟ ପାଇଁ ସେହି ଅବ୍ୟବହୃତ ଅର୍ଥ ପ୍ରଦାନ କରିବାର ବ୍ୟବସ୍ଥା ନାହିଁ। ଫଳରେ କୌଣସି ଯୋଜନାରେ ବଳକା ପରିସ୍ଥିତି ଥିବାବେଳେ ଅନ୍ୟ ଯୋଜନାରେ ଅଭାବୀ ପରିସ୍ଥିତି ସୃଷ୍ଟିହୁଏ। ସଂସ୍ଥାଗତ ସ୍ତରରେ ଏଭଳି ପରିସ୍ଥିତି ଆହୁରି ବିଷମ ରୂପ ଧାରଣ କରେ। ପ୍ରଥମରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠ୍ୟକ୍ରମ ଥିବା କୌଣସି ସରକାରୀ ବିଦ୍ୟାଳୟକୁ ସର୍ବଶିକ୍ଷା ଅଭିଯାନ, ରାଷ୍ଟ୍ରୀୟ ମାଧ୍ୟମିକ ଶିକ୍ଷା ଅଭିଯାନ ଓ ମଧ୍ୟାହ୍ନଭୋଜନ ଭଳି ବିଭିନ୍ନ ଯୋଜନା ପାଇଁ ଭିନ୍ନ ଭିନ୍ନ ନିୟମ ପାଳନ କରିବାକୁ ପଡ଼ିଥାଏ। ଏପରିକି ପ୍ରତ୍ୟେକ ଯୋଜନା ପାଇଁ ପୃଥକ୍ ପୃଥକ୍ ବ୍ୟୟ ତାଲିକା ପ୍ରସ୍ତୁତ କରିବାକୁ ପଡ଼େ ଓ ପୃଥକ୍ କର୍ତ୍ତୃପକ୍ଷଙ୍କୁ ଅଲଗା ଅଲଗା ଭାବେ ପରିଚାଳନାଗତ ସୂଚନା ପ୍ରଦାନ କରିବାକୁ ପଡ଼ିଥାଏ। ବିଦ୍ୟାଳୟ ସ୍ତରରୁ ସବୁଠାରୁ ଉଚ୍ଚ ମାନବସମ୍ବଳ ମନ୍ତ୍ରଣାଳୟ ସ୍ତର ପର୍ଯ୍ୟନ୍ତ ଏଭଳି ଢ଼ାଞ୍ଚାଗତ ଏକାଧିକତା ଦେଖିବାକୁ ମିଳେ।

ଚଳିତଥର ବଜେଟ୍‌ରେ ଆଦିବାସୀ ଅଞ୍ଚଳରେ ଶିକ୍ଷାର ବିକାଶ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଏହାର ଅର୍ଥ ହେଉଛି, ଉତ୍ତର ପୂର୍ବାଞ୍ଚଳ ସମେତ ଦେଶର ବିଭିନ୍ନ ଅଞ୍ଚଳରେ ଶିକ୍ଷା ବ୍ୟବସ୍ଥାର ସଶକ୍ତିକରଣ କରିବା। ବଜେଟ୍ ଭାଷଣରେ ଏହା ମଧ୍ୟ କୁହାଯାଇଛି ଯେ ପ୍ରତ୍ୟେକ ଜିଲ୍ଲାରେ ଗୋଟିଏ ଲେଖାଏଁ ସରକାରୀ ଭେଷଜ ମହାବିଦ୍ୟାଳୟ ପ୍ରତିଷ୍ଠା କରାଯିବ। ଆଉ ମଧ୍ୟ ଆଦିବାସୀ ଛାତ୍ରଛାତ୍ରୀଙ୍କ ବିଦ୍ୟାଳୟ ଉପସ୍ଥାନ ସୁନିଶ୍ଚିତ କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ଆହୁରି ବଳିଷ୍ଠ କରିବା ସକାଶେ ବଜେଟ୍‌ରେ କୁହାଯାଇଛି। ଏଥିପାଇଁ ଉତ୍ତର ପୂର୍ବାଞ୍ଚଳର ବିଦ୍ୟାର୍ଥୀମାନଙ୍କ ସମେତ ଅନ୍ୟାନ୍ୟ ଆଦିବାସୀ ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାକ୍ ମେଟ୍ରିକ୍ ଓ ମେଟ୍ରିକ୍ ପରବର୍ତ୍ତୀ ଛାତ୍ରବୃତ୍ତି ଆବଣ୍ଟନ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଯଥାକ୍ରମେ ୨୦ ଲକ୍ଷ ଓ ୧୯ ଲକ୍ଷ ଆଦିବାସୀ ଛାତ୍ରଛାତ୍ରୀ ଉପକୃତ ହେବେ। ବଜେଟ୍ ଆବଣ୍ଟନ ବ୍ୟତିରେକ ଆଦିବାସୀ ଛାତ୍ରଛାତ୍ରୀଙ୍କ ଶିକ୍ଷା ଆହରଣ ଉପରେ ମଧ୍ୟ ଏଥିରେ ଗୁରୁତ୍ୱ ଦିଆଯାଇଛି। କାରଣ ଉତ୍ତର-ପୂର୍ବାଞ୍ଚଳ ଭଳି ଅଞ୍ଚଳରେ ଅନେକ ଛାତ୍ରଛାତ୍ରୀ ଶିକ୍ଷାର ସର୍ବନିମ୍ନ ଗ୍ରହଣୀୟ ସ୍ତରକୁ ହାସଲ କରିବା ପୂର୍ବରୁ ବିଦ୍ୟାଳୟ ପରିତ୍ୟାଗ କରିଥାନ୍ତି।

**ଆଗକୁ ରାସ୍ତା:**

ଇତିହାସକୁ ଦେଖିଲେ ଜଣାପଡ଼େ ଯେ ଶିକ୍ଷା ପାଇଁ ଅର୍ଥ ବ୍ୟୟ କରିବାରେ ଭାରତର ଦୃଷ୍ଟିଭଙ୍ଗୀ ସବୁବେଳେ ରକ୍ଷଣଶୀଳ ରହିଆସିଛି। ଏବେ ମଧ୍ୟ ଏହା ଅବ୍ୟାହତ ରହିଛି। ଜାତୀୟ ଶିକ୍ଷାନୀତି ବଳରେ ଶିକ୍ଷାକ୍ଷେତ୍ର ପାଇଁ ବ୍ୟୟ ଭାର ବଢ଼ିବାର ସମ୍ଭାବନା ଅଛି। ଏତଦ୍‌ବ୍ୟତୀତ ଔଦ୍ୟୋଗିକ ସାମାଜିକ ସୁରକ୍ଷା ଆଦି ବ୍ୟବସ୍ଥା ଦ୍ୱାରା ମଧ୍ୟ ଶିକ୍ଷା କ୍ଷେତ୍ରକୁ ଅଧିକ ଅର୍ଥ ଆସିପାରିବ। ତେବେ ଏହି କ୍ଷେତ୍ର ପାଇଁ ଆବଶ୍ୟକ ସହଯୋଗ ସକାଶେ କେନ୍ଦ୍ର ଓ ରାଜ୍ୟ ସରକାରଗୁଡ଼ିକ ଆନ୍ତର୍ଜାତିକ ସହାୟତା ପାଇଁ ପ୍ରଚେଷ୍ଟା କରିବା ଉଚିତ୍। ଡିଏଫ୍ଆଇଡି, ବିଶ୍ୱବ୍ୟାଙ୍କ୍ ଓ ଏଡିବି ଭଳି ଅନ୍ତରାଷ୍ଟ୍ରୀୟ ସହଯୋଗୀ ସଂସ୍ଥା କେବଳ ଆର୍ଥିକ ଅନୁଦାନ ଦେଇନଥାନ୍ତି ବରଂ କାର୍ଯ୍ୟକ୍ରମର ଉତ୍ତମ ପରିଚାଳନା ସମ୍ପର୍କରେ ସେମାନଙ୍କର ଆନ୍ତର୍ଜାତିକ ଅନୁଭୂତି ମଧ୍ୟ ବାଣ୍ଟିଥାନ୍ତି। ଆଉମଧ୍ୟ ସେମାନେ ପ୍ରଯୁକ୍ତିବିଦ୍ୟାଜନିତ ସହାୟତା ଓ ଦକ୍ଷତା ବୃଦ୍ଧି ସହଯୋଗ ପ୍ରଦାନ କରିଥାନ୍ତି।

ଭିନ୍ନ ଭିନ୍ନ ଶିକ୍ଷା ଯୋଜନାଗୁଡ଼ିକର ଏକତ୍ରୀକରଣ ଦ୍ୱାରା ବହୁ ଉପଯୋଗୀ କାର୍ଯ୍ୟ ହୋଇପାରିବ। ଏହାଦ୍ୱାରା ଆବଣ୍ଟିତ ଅର୍ଥର ସବିଶେଷ ଉପଯୋଗ, ନିଜ ନିଜ ପସନ୍ଦ ମୁତାବକ ଆବଶ୍ୟକତା ପୂରଣ ପାଇଁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳକୁ ସୁଯୋଗ, ଉତ୍ତମ ପରିଚାଳନା ଓ ତଦାରଖ ସୁବିଧା, ପ୍ରଶାସନିକ ପ୍ରୟାସ ଓ ଖର୍ଚ୍ଚ ହ୍ରାସ, ଅର୍ଥ ପ୍ରବାହରେ ନମନୀୟତା ଓ ଆର୍ଥିକ ନିୟନ୍ତ୍ରଣ ଏବଂ ସଂଯୋଗ ପାଇଁ ଆନୁଷ୍ଠାନିକ ବ୍ୟବସ୍ଥା ଆଦି ହାସଲ କରାଯାଇପାରିବ।

ବୈଶ୍ୱିକ ସ୍ତରରେ ପ୍ରତିଯୋଗିତାକ୍ଷମ ହେବା ପାଇଁ ଭାରତକୁ ଶିକ୍ଷାର ପରିଣାମ ଉପରେ ଧ୍ୟାନ ଦେବା ବାଞ୍ଛନୀୟ। ଏଥିରେ ଜାତୀୟ ଶିକ୍ଷାନୀତିକୁ ବିଭିନ୍ନ ବିଷୟ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଏଥିରେ ବିଦ୍ୟାଳୟର ଆକାର, ସେଗୁଡ଼ିକର ଆର୍ଥିକ କ୍ଷମତା, ଶିକ୍ଷକମାନଙ୍କ ବୃତ୍ତିଗତ ବିକାଶ ଓ ଶୈକ୍ଷିକ ମାନର ଆକଳନ ଆଦି ବିଷୟ ଅନ୍ତର୍ଭୁକ୍ତ। ଏହି ନୀତି ଆହୁରି ମଧ୍ୟ ସ୍ଥାନୀୟ ଓ ଆନୁଷ୍ଠାନିକ ସ୍ତରରେ ନିଷ୍ପତ୍ତି ଗ୍ରହଣ କରିବାର କ୍ଷମତା ପ୍ରଦାନ କରିବା ଉଚିତ୍। ଏସବୁ ହେଲେ ଯାଇ ଏକ ସଫଳ ଶୈକ୍ଷିକ ସଂସ୍କାରର କ୍ରିୟାନ୍ୱୟନ ପାଇଁ ବାଟ ସୁଗମ ହୋଇପାରିବ।

ଆଗାମୀ ଦିନଗୁଡ଼ିକରେ ଏହି ନୂତନ ନୀତି କିପରି ପରିଚାଳନା କରାଯିବ ତାହା ଦେଖିବାକୁ ବାକି ରହିଲା। ତେବେ ଏହାକୁ ସର୍ବାଧିକ ପ୍ରଭାବଶାଳୀ କରିବା ପାଇଁ ଏକ ସତର୍କତାମୂଳକ ତଦାରଖ ବ୍ୟବସ୍ଥା ଯେ ଅପରିହାର୍ଯ୍ୟ, ଏଥିରେ ସନ୍ଦେହ ନାହିଁ।

ଆଇପିଇ ଗ୍ଲୋବାଲ୍ ଲିମିଟେଡ୍ ସଂସ୍ଥାରେ ଶ୍ରୀଯୁକ୍ତ ଶର୍ମା ଉପାଧ୍ୟକ୍ଷ ଏବଂ ଡକ୍ଟର ଝା ଜଣେ ବରିଷ୍ଠ ପ୍ରବନ୍ଧକ ଭାବେ କାର୍ଯ୍ୟରତ।

## ଆପଣ ଜାଣନ୍ତି କି ?

# ଆନ୍ତର୍ଜାତିକ ସୌର ସଂଗଠନ

ସୌର ଶକ୍ତି ଉତ୍ସ ସମୃଦ୍ଧ ପୃଥିବୀର ବିଭିନ୍ନ ଦେଶ ଦ୍ୱିପାକ୍ଷିକ ଓ ବହୁପାକ୍ଷିକ ସଂଗଠନ, ଉଦ୍ୟୋଗ ଏବଂ ଅନ୍ୟାନ୍ୟ ସମ୍ପୃକ୍ତ ସଂସ୍ଥା ଏବଂ ବ୍ୟକ୍ତିବିଶେଷଙ୍କ ସକାଶେ ଆନ୍ତର୍ଜାତିକ ସୌର ସଂଗଠନ ସ୍ଥାପିତ ହୋଇଛି। ଏହି ଉତ୍ସର୍ଗୀକୃତ ମଞ୍ଚ ସହାୟତାରେ ସେମାନେ ସ୍ୱଚ୍ଛ, ସୁରକ୍ଷିତ ଏବଂ ସୁବିଧାରେ ମିଳିପାରୁଥିବା ସୌର ଶକ୍ତି ବିନିଯୋଗ କରି ନିଜ ନିଜର ଶକ୍ତି ଆବଶ୍ୟକତାକୁ ପୂରଣ କରିପାରିବେ। ପୂର୍ବରୁ ଏ ସମ୍ପର୍କିତ କୌଣସି ନିର୍ଦ୍ଦିଷ୍ଟ ସଂସ୍ଥା ନଥିଲା। ବିଶେଷଭାବେ କର୍କଟକ୍ରାନ୍ତି ଏବଂ ମକରକ୍ରାନ୍ତି ମଧ୍ୟରେ ରହିଥିବା ଦେଶଗୁଡ଼ିକ ସମୃଦ୍ଧ ସୌର ଉତ୍ସ ଭାବେ ପରିଚିତ। ଏହି ଦେଶଗୁଡ଼ିକର ଭୌଗୋଳିକ ଅବସ୍ଥିତି ଯୋଗୁଁ ସେଠାରେ ପର୍ଯ୍ୟାପ୍ତ ମାତ୍ରାରେ ସୂର୍ଯ୍ୟକିରଣ ଉପଲବ୍ଧ ହୋଇଥାଏ। ଏହି ଦେଶଗୁଡ଼ିକରେ ବର୍ଷକୁ ପ୍ରାୟ ୩୦୦ ଦିନ ସ୍ୱଚ୍ଛ ଏବଂ ସ୍ୱଷ୍ଟ ସୂର୍ଯ୍ୟ କିରଣ ପଡ଼ିଥାଏ। ଅନ୍ୟପକ୍ଷରେ ଏହି ଦେଶଗୁଡ଼ିକ ସମେତ ବିଶ୍ୱର ଆହୁରି ଅନ୍ୟାନ୍ୟ ଦେଶ ମଧ୍ୟ ଶକ୍ତି ପରିଚାଳନା କ୍ଷେତ୍ରରେ ବିଭିନ୍ନ ଅଭାବର ସମ୍ମୁଖୀନ ହୋଇଥାନ୍ତି। ଏହା ସହିତ ଏହି ଦେଶଗୁଡ଼ିକର ଅଧିକାଂଶ ଲୋକସଂଖ୍ୟା କୃଷି ଉପରେ ନିର୍ଭରଶୀଳ ଥିବାରୁ ଏମାନଙ୍କ ପାଇଁ ସୌରଶକ୍ତି ଏକ ବିକଳ୍ପ ଶକ୍ତି ଉତ୍ସ ଭାବେ ପରିଗଣିତ ହୋଇଥାଏ। ବିଶ୍ୱରେ ବର୍ତ୍ତମାନ ଶକ୍ତି ସମ୍ପର୍କିତ ସମାନୁପାତ, ଶସ୍ତା ଏବଂ ସୁରକ୍ଷିତ ଶକ୍ତିର ଉପଲବ୍ଧତା ସୁନିଶ୍ଚିତ କରିବାକୁ ଏହି ଆନ୍ତର୍ଜାତିକ ସୌର ସଂଗଠନ କାର୍ଯ୍ୟ କରିବ। ଏହି ସଂସ୍ଥାରେ ବିଶ୍ୱର ଅନେକ ସୌର ଶକ୍ତି ଉତ୍ସ ସମୃଦ୍ଧ ଦେଶଗୁଡ଼ିକ ସଦସ୍ୟ ଭାବେ ରହିଛନ୍ତି। ବିଭିନ୍ନ ଦେଶରେ ଥିବା ଶକ୍ତି ସମ୍ପର୍କିତ ଆବଶ୍ୟକତାକୁ ଅନୁଧ୍ୟାନ କରି ସୌର ଶକ୍ତି ଉତ୍ପାଦନ ଏବଂ ପରିଚାଳନା ଦ୍ୱାରା ସେଗୁଡ଼ିକର ଆବଶ୍ୟକତାକୁ ପୂରଣ କରିବା ଦିଗରେ ଏହି ସଂଗଠନ ମାର୍ଗଦର୍ଶକ ରୂପେ ଦାୟିତ୍ୱ ନିର୍ବାହ କରିବ। ଶକ୍ତି ପରିଚାଳନା କ୍ଷେତ୍ରରେ ବର୍ତ୍ତମାନ ଆନ୍ତର୍ଜାତିକ ନବୀକରଣୀୟ ଶକ୍ତି ସଂସ୍ଥା, ନବୀକରଣ ଶକ୍ତି ଏବଂ ଶକ୍ତି ଦକ୍ଷତା ସହଭାଗିତା ଆନ୍ତର୍ଜାତିକ ଶକ୍ତି ସଂସ୍ଥା, ଏକବିଂଶ ଶତାବ୍ଦୀ ପାଇଁ ନବୀକରଣୀୟ ଶକ୍ତି ନୀତି ବ୍ୟବସ୍ଥା, ମିଳିତ ଜାତିସଂଘର ବିଭିନ୍ନ ସଂସ୍ଥା ଓ ଅନେକ ଦ୍ୱି-ପାକ୍ଷିକ ସଂସ୍ଥାଗୁଡ଼ିକ କାର୍ଯ୍ୟ କରୁଛନ୍ତି। ତେବେ ସୌରଶକ୍ତି ସମ୍ପର୍କିତ ଏହି ନୂତନ ସଂଗଠନ ଶକ୍ତି ଦିଗରେ କାମ କରୁଥିବା ପୂର୍ବୋକ୍ତ ସଂଗଠନଗୁଡ଼ିକ ସହ ମିଶି ବିକଳ୍ପ ଶକ୍ତି ସମ୍ପର୍କରେ ନିଜର ସହଭାଗିତା ପ୍ରଦାନ କରିବ।

୨୦୧୫ ମସିହା ନଭେମ୍ବର ୩୦ ତାରିଖ ଦିନ ପ୍ୟାରିସ୍‌ଠାରେ ଅନୁଷ୍ଠିତ ମିଳିତ ଜାତିସଂଘ ଜଳବାୟୁ ପରିବର୍ତ୍ତନ ବୈଠକ ସମୟରେ ଆନ୍ତର୍ଜାତିକ ସୌର ସଂଗଠନର ଉଦ୍‌ଘାଟନ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦି ଏବଂ



ଫ୍ରାନ୍ସର ରାଷ୍ଟ୍ରପତି ଫ୍ରାଙ୍କୋଇସ୍ ହଲାଣ୍ଡେଙ୍କ ଦ୍ୱାରା କରାଯାଇଥିଲା। ୨୦୩୦ ମସିହା ସୁଦ୍ଧା ଏକ ଟିଡବ୍ଲ୍ୟୁ ସୌରଶକ୍ତି ଉତ୍ପାଦନ କରିବା ପାଇଁ ଆନ୍ତର୍ଜାତିକ ସୌର ସଂଗଠନ ଲକ୍ଷ୍ୟ ନିର୍ଦ୍ଧାରିତ କରିଛି। ତେବେ ଏହି ଲକ୍ଷ୍ୟ ହାସଲ ପାଇଁ ଏକ ଟ୍ରିଲିଅନ୍ ଡଲାର୍ ଆବଶ୍ୟକ ହେବ ବୋଲି ଫ୍ରାନ୍ସର ବର୍ତ୍ତମାନ ରାଷ୍ଟ୍ରପତି ଇମାନୁଏଲ୍ ମ୍ୟାକ୍‌ରନ୍ ମତବ୍ୟକ୍ତ କରିଛନ୍ତି। ଏହି ସଂଗଠନର ଭାରତ ହେଉଛି ଏକ ସଂସ୍ଥାପକ ସଦସ୍ୟ। ଏହି ଦୃଷ୍ଟିରୁ ଭାରତର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ଆନ୍ତର୍ଜାତିକ ସୌର ସଂଗଠନ ଏଭଳି ବିଶ୍ୱର ପ୍ରଥମ ସଂଗଠନ, ଯାହାର ଏକ ସଚିବାଳୟ ଭାରତରେ ସ୍ଥାପନ କରାଯାଇଛି। ସୂଚନାଯୋଗ୍ୟ, ୨୦୨୨ ମସିହା ସୁଦ୍ଧା ୧୦୦ ଗିଗାୱାଟ୍ ସୌରଶକ୍ତି ଉତ୍ପାଦନର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିବା ବେଳେ ଭାରତରେ ଏହି ଲକ୍ଷ୍ୟର ଏକ ଦଶମାଂଶ ସୌରଶକ୍ତି ଉତ୍ପାଦନ କରାଯାଇପାରିବାର କ୍ଷମତା ରହିଛି।

ଏହି ସଂଗଠନରେ ସଦସ୍ୟ ହେବା ପାଇଁ ଯୋଗ୍ୟ ବିଶ୍ୱର ୧୨୧ଟି ଦେଶ ମଧ୍ୟରୁ ଅନେକ କର୍କଟ କ୍ରାନ୍ତି ଏବଂ ମକର କ୍ରାନ୍ତି ମଧ୍ୟରେ ଅଛନ୍ତି।

ବର୍ତ୍ତମାନ ସୁଦ୍ଧା ୫୬ଟି ଦେଶ ଏହି ସଂଗଠନ ସହିତ ଚୁକ୍ତିବଦ୍ଧ ହୋଇସାରିଛନ୍ତି। ଅଷ୍ଟ୍ରେଲିଆ, ବାଂଲାଦେଶ, କାମ୍ବୋଡ଼ିଆ, ବ୍ରାଜିଲ୍, ବୁର୍କିନାଫାସୋ, କାବୋଭେର୍ଦେ, ବେନିନ୍, ଚାଦ୍, ଚିଲି, କୋମୋରୋସ୍, କୋଷ୍ଟାରିକା, କୋଟେଡିଆଇଭୋର, କ୍ୟୁବା, ଜିବୌଟି, ଡୋମିନିକ୍ ଗଣରାଷ୍ଟ୍ର, କଙ୍ଗୋ, ବିଷୁବମଣ୍ଡଳୀୟ ଗିନି, ଇଥୋପିଆ, ଫିଜି, ଫ୍ରାନ୍ସ, ଗାମ୍ବିଆ, ଗାବନ୍, ଘାନା, ଗିନି, ଗିନିବିସାଉ, ଗୋୟାନା, ଭାରତ, କିରିବଟି, ଲାଇବେରିଆ, ମାଡାଗାସ୍କର, ମାଲାୱି, ମାଲି, ମରିସସ୍, ମୁଜାମ୍ବିକ୍, ନାଉରୁ, ନାଇଜର୍, ନାଇଜେରିଆ, ପେରୁ,

ରୁଆଣ୍ଡା, ସାଓଟମେ, ସେନେଗାଲ୍, ସିଚେଲେସ, ସୋମାଲିଆ, ଦକ୍ଷିଣ ସୁଦାନ, ଶ୍ରୀଲଙ୍କା, ସୁଦାନ, ସୁରିନାମ୍, ତାଞ୍ଜାନିଆ, ଟୋଗୋ, ଟୋଙ୍ଗା, ଟୁଭାଲୁ, ୟୁଏଇ, ଉଗାଣ୍ଡା, ଭାନୁଆଟୁ, ଭେନିଜୁଏଲା ଏବଂ ୟେମେନ୍ ଭଳି ରାଷ୍ଟ୍ର ଏହି ସଂଗଠନର ସଦସ୍ୟ ଅଛନ୍ତି।

ଆନ୍ତର୍ଜାତିକ ସୌର ସଂଗଠନର ଉଦ୍ଦେଶ୍ୟ

ଏହି ସଂଗଠନର ଉଦ୍ଦେଶ୍ୟ ହେଉଛି ସଦସ୍ୟ ଦେଶଗୁଡ଼ିକ ନିଜ ନିଜ ଶକ୍ତି ଆବଶ୍ୟକତାକୁ ଦୃଷ୍ଟିରେ ରଖି ସୌରଶକ୍ତି ଉତ୍ପାଦନ ଦିଗରେ କାର୍ଯ୍ୟ କରିବା।

୧. ବିଭିନ୍ନ କାର୍ଯ୍ୟକ୍ରମ ଏବଂ ପଦକ୍ଷେପ ମାଧ୍ୟମରେ ସଦସ୍ୟ ଦେଶଗୁଡ଼ିକ ସ୍ୱେଚ୍ଛାକୃତ ଭାବେ ସୌରଶକ୍ତିର ଉତ୍ପାଦନ ଏବଂ ବିତରଣ ଉପରେ କାମ କରିବା ସହ ଏ ସମ୍ପର୍କିତ ପ୍ରଯୁକ୍ତିବିଦ୍ୟାର ବିକାଶ, ନୂତନ ଚିନ୍ତାଧାରା, ଗବେଷଣା ଏବଂ ଦକ୍ଷତା ବୃଦ୍ଧିକୁ ନେଇ ମଧ୍ୟ ଧ୍ୟାନ ଦେବେ।

୨. ଏହି ପ୍ରଚେଷ୍ଟାରେ ସଦସ୍ୟ ଦେଶଗୁଡ଼ିକ ନିଜ ନିଜ ମଧ୍ୟରେ ସହଯୋଗ ସ୍ଥାପନ କରିବେ ଏବଂ ସମସ୍ତ ପକ୍ଷଙ୍କୁ ସୁହାଇଲା ଭଳି ଏକ ବ୍ୟବସ୍ଥା ବିକାଶ କରିବା ପାଇଁ କାର୍ଯ୍ୟ କରିବେ।

୩. ଯେଉଁ ସୌରଶକ୍ତି ଉପକରଣଗୁଡ଼ିକ ସମସ୍ତଙ୍କୁ ଉପଯୋଗୀ ହୋଇପାରିବ ସେ ସମ୍ପର୍କିତ ସୂଚନା ଆଦାନପ୍ରଦାନ ପାଇଁ ମଧ୍ୟ ଦେଶଗୁଡ଼ିକ କାର୍ଯ୍ୟ କରିବେ।

**ସଂସ୍ଥା ଦ୍ୱାରା ଅପେକ୍ଷିତ ବିଭିନ୍ନ କାର୍ଯ୍ୟକ୍ରମ**

ସଦସ୍ୟ ଦେଶଗୁଡ଼ିକ ସହଯୋଗ ଭିତ୍ତିରେ ବିଭିନ୍ନ ପ୍ରକଳ୍ପ ଏବଂ କାର୍ଯ୍ୟକ୍ରମ ହାତକୁ ନେବେ। ଏହା ସହିତ ସରଳ ଏବଂ ଆକଳନ କରାଯାଇପାରୁଥିବା ସୌରଶକ୍ତି ଉତ୍ପାଦନ, ବିତରଣ ଏବଂ ଉପଯୋଗର ଲକ୍ଷ୍ୟ ଧାର୍ଯ୍ୟ କରିବେ। ଏହି ସଂଗଠନର ସଚିବାଳୟ, ଦୁଇଜଣ ସଦସ୍ୟ କିମ୍ବା ଦୁଇରୁ ଅଧିକ ସଦସ୍ୟ କୌଣସି ନୂତନ କାର୍ଯ୍ୟକ୍ରମ ପାଇଁ ପ୍ରସ୍ତାବ ଦେଇପାରିବେ। ବିଭିନ୍ନ କାର୍ଯ୍ୟକ୍ରମର ସମନ୍ୱୟ ପାଇଁ ସଚିବାଳୟ କାର୍ଯ୍ୟ କରିବ।

**ବର୍ତ୍ତମାନ ପର୍ଯ୍ୟନ୍ତ ପ୍ରଗତି**

୨୦୧୬ ଜୁନ୍ ୩୦ ତାରିଖ ଦିନ ସୌରଶକ୍ତି ପାଇଁ ପୁଞ୍ଜିଲଗାଣ ସକାଶେ ଆନ୍ତର୍ଜାତିକ ସୌର ସଂଗଠନ ବିଶ୍ୱ ବ୍ୟାଙ୍କ୍ ସହିତ ଏକ ବୁଝାମଣା କରିଛି। ଏ ଦୃଷ୍ଟିରୁ ୨୦୩୦ ମସିହା ସୁଦ୍ଧା ପ୍ରାୟ ୧ ହଜାର ବିଲିଅନ୍ ଆମେରିକୀୟ ଡଲାର ଆବଶ୍ୟକ ହେଉଥିବାରୁ ଏହାର ଅଧିକାଂଶ ଭାଗ ବିଶ୍ୱ ବ୍ୟାଙ୍କ୍ ଯୋଗାଇ ଦେବା ପାଇଁ ପ୍ରଚେଷ୍ଟା କରିବ। ଏହି ପୁଞ୍ଜି ବ୍ୟୟରେ ସୌରଶକ୍ତିର ବ୍ୟାପକ ଉତ୍ପାଦନ ଏବଂ ବିତରଣ ହୋଇପାରିବ ବୋଲି ଆଶା କରାଯାଉଛି।

ଗତ ଜାନୁଆରୀ ମାସରେ ଆବୁଧାବିଠାରେ ଅନୁଷ୍ଠିତ ବିଶ୍ୱ ଭବିଷ୍ୟତ ଶକ୍ତି ବୈଠକରେ ଭାରତ ଘୋଷଣା କରିସାରିଛି ଯେ ବିଭିନ୍ନ ସୌର ପ୍ରକଳ୍ପଗୁଡ଼ିକର ପୁଞ୍ଜି ଆବଶ୍ୟକତାକୁ ଦୃଷ୍ଟିରେ ରଖି ଭାରତ ୩୫୦ ନିୟୁତ ଡଲାରର ଏକ ପାଣ୍ଠି ସ୍ଥାପନ କରିବ।



## ସାମ୍ପ୍ରତିକୀ

# ନୂଆ ଓଡିଶା ବିନା ନୂଆ ଭାରତ ସମ୍ଭବ ନୁହେଁ - ଧର୍ମେନ୍ଦ୍ର ପ୍ରଧାନ




ନୂଆ ଓଡିଶା ବିନା ନୂଆ ଭାରତ ସମ୍ଭବ ନୁହେଁ ବୋଲି ସାମାଜିକ ସଙ୍ଗଠନ କଳିଙ୍ଗ ସଂସ୍କୃତି ଓ ଐତିହ୍ୟ ସୁରକ୍ଷା ମଞ୍ଚ (କାପୋକ) ଦ୍ୱାରା ଆୟୋଜିତ ଭବ୍ୟ ଉତ୍କଳ ଦିବସ ସମାରୋହରେ ଉଦବୋଧନ ଦେଇ କହିଛନ୍ତି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଓଡିଶାକୁ ଗର୍ବିତ କରିଥିବା ଅନେକ ପ୍ରତିଭା ମଧ୍ୟରେ ଚଳିତ ବର୍ଷ ଜାନୁଆରୀ ୨୬ ଦେଶର ଇଣ୍ଡିଆ ଗେଟ ପ୍ୟାରେଡରେ ଯୋଗ ଦେଇଥିବା ସୀମା ଭବାନୀ ଦଳର ଛଅ ଓଡିଆ ଝିଅଙ୍କୁ ଶ୍ରୀ ପ୍ରଧାନ ଭୂୟସୀ ପ୍ରଶଂସା କରିଥିଲେ।

ସାଧାରଣ ଓଡିଆ ଘରର ଝିଅ ହୋଇ ରାଜଧାନୀର ରାଜରାସ୍ତାରେ ଏହି ଝିଅମାନେ ଓଡିଆ ସୌର୍ଯ୍ୟ ପ୍ରଦର୍ଶନ କରିଛନ୍ତି ବୋଲି କହି ଶ୍ରୀ ପ୍ରଧାନ ସେମାନଙ୍କୁ ଅଭିନନ୍ଦନ ଜଣାଇଥିଲେ। ୨୦୨୨ ଭାରତର ସ୍ୱାଧୀନତାର ୭୫ ବର୍ଷ ଓ ୨୦୩୬ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନର ୧୦୦ ବର୍ଷ ବିକାଶର ଅନେକ ମାପଦଣ୍ଡରେ ଓଡିଶାକୁ ଆଗେଇ ନେବାକୁ ଏକ ସୁଯୋଗ ସୃଷ୍ଟି କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି ।

ସେ କହିଛନ୍ତି, ଯେ ଓଡିଆ ଜାତି ମହା ଜାତୀୟତାବାଦରେ ବିଶ୍ୱାସ ରଖୁଥିବା ଓ ଇତିହାସରେ ଅନନ୍ୟ ଛାପ ଛାଡିଥିବା ଏକ ଜାତି । ଏକ ବିଂଶ ଶତାବ୍ଦୀରେ ଓଡିଆ ମାନେ ନିଜ ପାଇଁ କୀର୍ତିମାନ ସ୍ଥାପନ କରିବା ସହ ଓଡିଶାକୁ ପୃଥିବୀରେ ଏକ ଅଗ୍ରଣୀ ଭୂଖଣ୍ଡ ଭାବରେ ଗଢିବାରେ ସଫଳ ହେବେ ବୋଲି ଶ୍ରୀ ପ୍ରଧାନ ଦୃଢତା ପ୍ରକାଶ କରିଛନ୍ତି।

# ସୌଭାଗ୍ୟ ଯୋଜନାର ସଫଳ କ୍ରିୟାନ୍ୱୟନ ପାଇଁ ସ୍କିଲ ଇଣ୍ଡିଆ ଶକ୍ତି ମନ୍ତ୍ରଣାଳୟର ସହଯୋଗ

ଦେଶର ପ୍ରତ୍ୟେକ ଘରେ ବିଜୁଳି ପହଞ୍ଚାଇବାକୁ ସୁନିଶ୍ଚିତ କରିବାକୁ ଆରମ୍ଭ କରାଯାଇଥିବା ଉଚ୍ଚାଭିଳାଷୀ ପ୍ରଧାନମନ୍ତ୍ରୀ ସହଜ ବିଜୁଳି ହରଘର ଯୋଜନା (ସୌଭାଗ୍ୟ) ପାଇଁ ଗତ ମାର୍ଚ୍ଚ ୨୭ ତାରିଖ ଦିନ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରଣାଳୟ ଓ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ସହଯୋଗୀ ହୋଇଛନ୍ତି। ଏହା ଦ୍ୱାରା ଗ୍ରାମାଂଚଳର ଯୁବକମାନଙ୍କର ସଶକ୍ତିକରଣ ହେବା ସହ ତାଙ୍କର ବିକାଶ ହୋଇ ପାରିବ ।

ସୌଭାଗ୍ୟ ଯୋଜନାରେ ୧୬ ହଜାର ୩୨୦ କୋଟି ଟଙ୍କା ବ୍ୟୟରେ ଦେଶର ସମସ୍ତ ଘରକୁ ବିଜୁଳି ପହଂଚାଇବାକୁ ଲକ୍ଷ୍ୟ ରଖା ଯାଇଛି । ଏହି ଯୋଜନାରେ ୧୨ ହଜାର ୩୨୦ କୋଟି ଟଙ୍କା କେନ୍ଦ୍ର ସରକାର ବଜେଟରେ ଆବଂଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ବିଦ୍ୟୁତ ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ରାଜକୁମାର ସିଂହ ଉପସ୍ଥିତ ଥିଲେ ।

ଏତେ ବଡ ଯୋଜନାର ସଫଳ କାର୍ଯ୍ୟାନ୍ୱୟନ ପାଇଁ ବହୁ ସଂଖ୍ୟାରେ ଦକ୍ଷ ମାନବ ସମ୍ବଳର ଆବଶ୍ୟକତା ରହିଛି । ଏହି ଯୋଜନାର ସଫଳ କ୍ରିୟାନ୍ୱୟନକୁ ସହଯୋଗ କରିବା ପାଇଁ ଛଅଟି ରାଜ୍ୟ ଓଡିଶା, ଆସାମ, ବିହାର, ମଧ୍ୟପ୍ରଦେଶ, ଝାଡଖଣ୍ଡ ଓ ଉତର ପ୍ରଦେଶରେ ତାଲିମ କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଛି । ଲାଇନମ୍ୟାନ ଡିଷ୍ଟ୍ରିବ୍ୟୁସନ ( ବହୁ ଦକ୍ଷତା ବିଶିଷ୍ଟ) ଓ ଟେକ୍ନିକାଲ ହେଲପର ଭାବେ ଏହି ଛଅଟି ରାଜ୍ୟରୁ ୪୭ ହଜାର ଯୁବକ ଓ ସମଗ୍ର ଦେଶରୁ ୫୫ ହଜାରରୁ ଉର୍ଧ ଯୁବକଙ୍କୁ ତାଲିମ ପ୍ରଦାନ କରାଯିବାର ଆକଳନ କରା ଯାଇଛି ।

ଏହି ଶୁଭାରମ୍ଭ କାର୍ଯ୍ୟକ୍ରମ ଭିଡିଓ କନଫ୍ରେନ୍ସିଂ ଜରିଆରେ ହୋଇଥିଲା । ଏଥିରେ ଉପରୋକ୍ତ ରାଜ୍ୟର ଶ୍ରମ ଓ ଦକ୍ଷତା ବିକାଶ ମନ୍ତ୍ରୀ ମାନେ ସାମିଲ ହେବା ସହ ସ୍ଥାନୀୟ ଆହ୍ୱାନ ବିଷୟରେ ଆଲୋଚନା କରିଥିଲେ।


ଏହି ଯୋଜନା ସମଗ୍ର ଦେଶରେ ଲାଗୁ ହେବାକୁ ଥିବା ବେଳେ ୨ ଶହଟି ଜିଲ୍ଲାର ଯୁବକମାନଙ୍କ ଦକ୍ଷତା ବିକାଶ ଉପରେ ବିଶେଷ ଧ୍ୟାନ ଦିଆ ଯିବ । ଜିଲ୍ଲା ସ୍ତରରେ ବିକେନ୍ଦ୍ରୀକରଣ ଭିତିରେ ଦକ୍ଷତା ବିକାଶ ତାଲିମ ଦିଆଯିବ । ଜିଲ୍ଲା ସ୍ତରରେ ଥିବା ଆଇଟିଆଇ ଭିତିଭୂମି ତଥା ରାଜ୍ୟର ବିଜୁଳି ବିତରଣ ବ୍ୟବସ୍ଥା ପାଇଁ ଥିବା ଭିତିଭୂମିକୁ ଦକ୍ଷତା ବିକାଶ ପାଇଁ ବ୍ୟବହାର କରାଯିବ।

ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ଯେ ଦେଶର ସାମାଜିକ-ଆର୍ଥିକ ବିକାଶ ପାଇଁ ବିଜୁଳିର ଗୁରୁତ୍ୱପୂର୍ଣ ଭୂମିକା ରହିଛି । ସେ କହିଛନ୍ତି ଯେ ଆଜିର ଏହି ଘୋଷଣା ଦେଶର ବିକାଶରେ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିବ। ସେ କହିଛନ୍ତି ଯେ ସୌଭାଗ୍ୟ ଯୋଜନାରେ ୧୬ ହଜାର କୋଟି ଟଙ୍କା ବ୍ୟୟ ହେବ । ଏଥିରେ ଦକ୍ଷ ମାନବ ସମ୍ବଳ ପାଇଁ ରୋଜଗାରର ସୁବିଧା ମିଳିବ ବୋଲି ସେ ଆଶା ପ୍ରକାଶ କରିଛନ୍ତି।

# ଇଣ୍ଡିଆ ୨୦୧୮ ଉନ୍ମୋଚିତ

ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ପ୍ରକାଶନ ବିଭାଗ ଦ୍ୱାରା ପ୍ରକାଶିତ ସମ୍ମାନଜନକ ଇଣ୍ଡିଆ/ଭାରତ-୨୦୧୮ ସଂସ୍କରଣକୁ କେନ୍ଦ୍ର ସୂଚନା ଓ ପ୍ରସାରଣ ମନ୍ତ୍ରୀ ଶ୍ରୀମତୀ ସ୍ମୃତି ଜୁବିନ୍ ଇରାନୀ ଗତ ଫେବ୍ରୁଆରୀ ୨୭ ତାରିଖ ଦିନ ଉନ୍ମୋଚିତ କରିଛନ୍ତି। ଏହି ପୁସ୍ତକଟିର ଇ-ସଂସ୍କରଣକୁ ମଧ୍ୟ ସେ ଉନ୍ମୋଚିତ କରିଥିଲେ। ବିଭିନ୍ନ ବିକାଶମୂଳକ ସୂଚନାରେ ଭରପୁର ଏହି ବାର୍ଷିକ ପ୍ରକାଶନ ଚଳିତବର୍ଷ ୬୨ତମ ବର୍ଷରେ ପଦାର୍ପଣ କରିଛି। ଏଥିରେ ଦେଶର ବିକାଶର ବିଭିନ୍ନ ଦିଗ ସମ୍ପର୍କିତ ସୂଚନାବଳୀ ରହିଥାଏ। ଗ୍ରାମାଞ୍ଚଳଠାରୁ ସହର ପର୍ଯ୍ୟନ୍ତ, ଉଦ୍ୟୋଗଠାରୁ ଭିତ୍ତିଭୂମି ପର୍ଯ୍ୟନ୍ତ, ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟାଠାରୁ ମାନବ ସମ୍ବଳ ବିକାଶ ପର୍ଯ୍ୟନ୍ତ, କଳା ଓ ସଂସ୍କୃତି, ନୀତି ଓ ଅର୍ଥନୀତି, ସ୍ୱାସ୍ଥ୍ୟ ଓ ପ୍ରତିରକ୍ଷା, ଶିକ୍ଷା ଓ ଯୋଗାଯୋଗ- ଏହିସବୁ ସମ୍ପର୍କିତ ତଥ୍ୟାବଳୀ ଏହି ପୁସ୍ତକରେ ସମାହିତ ହୋଇଥାଏ। ଆଉ ମଧ୍ୟ କେନ୍ଦ୍ର ସରକାରଙ୍କ ବିଭିନ୍ନ ଧ୍ୱଜାଧାରୀ କାର୍ଯ୍ୟକ୍ରମ ସମ୍ପୃକ୍ତ ବର୍ଷର ପ୍ରମୁଖ ଘଟଣାବଳୀ ଏବଂ ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ସମ୍ପର୍କରେ ଗୁରୁତ୍ୱପୂର୍ଣ୍ଣ ପରିସଂଖ୍ୟାନ ମଧ୍ୟ ସଂକଳିତ ହୋଇଥାଏ।






ଏହି ପୁସ୍ତକଟିର ଇଲେକ୍ଟ୍ରୋନିକ୍ ସଂସ୍କରଣଟିକୁ ମଧ୍ୟ ଅତ୍ୟନ୍ତ ଗୁରୁତ୍ୱର ସହ ଇ-ପିୟୁବି ଫର୍ମାଟ୍‌ରେ ପ୍ରସ୍ତୁତ କରାଯାଇଛି। ଏଥିଯୋଗୁଁ ଏହାକୁ ଟାବ୍‌ଲେଟ୍, କମ୍ପ୍ୟୁଟର ଓ ସ୍ମାର୍ଟଫୋନ୍ ଜରିଆରେ ମଧ୍ୟ ପାଇହେବ। ଏହି ଇ-ବୁକ୍ ସଂସ୍କରଣଟିକୁ ବିଭିନ୍ନ ଆନ୍ତର୍ଜାତିକ ମାପଦଣ୍ଡ ଅନୁସାରେ ମୁଖ୍ୟ ପୁସ୍ତକଟିର ଅବିକଳ ରୂପ ଭାବରେ ପ୍ରସ୍ତୁତ କରାଯାଇଛି। ସହଜ ବ୍ୟବହାର ପାଇଁ ଏଥିରେ ହାଇପରଲିଙ୍କ୍, ହାଇଲାଇଟିଂ, ବୁକ୍‌ମାର୍କିଂ ଭଳି ବିଭିନ୍ନ ଉପାଦେୟ ବ୍ୟବସ୍ଥାମାନ ରହିଛି।

ପୁସ୍ତକ ଉନ୍ମୋଚନ ଅବସରରେ ଶ୍ରୀମତୀ ସ୍ମୃତି ଜୁବିନ୍ ଇରାନୀ କହିଛନ୍ତି ଯେ ଯେଉଁ ବ୍ୟକ୍ତିମାନେ ବିଭିନ୍ନ ସୂଚନା ପାଇଁ ଇଣ୍ଟରନେଟ୍ ଉପରେ ନିର୍ଭର କରିଥାନ୍ତି, ସେମାନଙ୍କ ପାଇଁ ଇଣ୍ଡିଆ/ଭାରତ-୨୦୧୮ ସଂସ୍କରଣଟି ବେଶ୍ ଉପାଦେୟ ହୋଇପାରିବ। ପ୍ରଶାସନ ସମ୍ବନ୍ଧୀୟ ଗବେଷଣାତ୍ମକ କାର୍ଯ୍ୟ ପାଇଁ ଏବଂ ଛାତ୍ରଛାତ୍ରୀଙ୍କ ପାଇଁ ମଧ୍ୟ ଏହି ପୁସ୍ତକ ଲାଭଦାୟକ ହୋଇପାରିବ।

ପ୍ରକାଶିତ ପୁସ୍ତକଟିର ମୂଲ୍ୟ ୩୫୦ ଟଙ୍କା ରଖାଯାଇଛି। ଏହାକୁ ପ୍ରକାଶନ ବିଭାଗର ୮ଟିଯାକ ବିକ୍ରି କେନ୍ଦ୍ର ଏବଂ ତିନୋଟି ଆଞ୍ଚଳିକ କାର୍ଯ୍ୟାଳୟରୁ କିଣାଯାଇପାରିବ। ଏତଦ୍‌ବ୍ୟତୀତ ବିଭାଗ ଦ୍ୱାରା ଅଧୀକୃତ ବିଭିନ୍ନ ଏଜେଣ୍ଟମାନଙ୍କ ଠାରୁ ମଧ୍ୟ ପାଠକମାନେ ଏହି ପୁସ୍ତକଟିକୁ କିଣିପାରିବେ। ଏତଦ୍‌ବ୍ୟତୀତ ଅନ୍‌ଲାଇନ୍ ଜରିଆରେ ପାଠକ/ପାଠିକାମାନେ ସିଧାସଳଖ ଭାବେ ଭାରତକୋଷ୍ ପୋର୍ଟାଲ୍‌ରୁ କିମ୍ବା ବିଭାଗର ୱେବ୍‌ସାଇଟ୍ www.publicatiosndivision.nic.inରୁ ପ୍ରାପ୍ତ କରିପାରିବେ। ଏହି ପୁସ୍ତକର ଇ-ସଂସ୍କରଣର ମୂଲ୍ୟ ୨୬୩ ଟଙ୍କା ରଖାଯାଇଛି, ଯାହା ଆମାଜନ୍ ଏବଂ ଗୁଗୁଲ୍ ପ୍ଲେ-ବୁକ୍‌ସ ଭଳି ଇ-କମର୍ସ ପ୍ଲାଟ୍‌ଫର୍ମ ମାଧ୍ୟମରେ ଉପଲବ୍ଧ ହେଉଛି।

**YOJANA (Odia) : Monthly** **April 2018** **RNI No. 57203/93**
**ISSN 0971-8346** **Total Number of Pages (56)**

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିକ୍ଷା, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

**ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?**

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

## ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ Employment News ବିକ୍ରେତା ।

## "ଯୋଜନା"ର ଗ୍ରାହକ ଦେୟ

* ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

## ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash